78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୫୨ ● କଟକ ● ରବିବାର ● ୨୭ ଜୁଲାଇ-୨୦୨୫ ● କର୍କଟ-୧୬ ● ସାଲ୍-୧୪୩୧

CUTTACK ● SUNDAY ● 27 JULY-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


# ଉତ୍ତର ଓଡ଼ିଶାରେ ବନ୍ୟା

## ବୈତରଣୀ ଓ ଜଳକା ଉବୁଟୁବୁ, ଆତଙ୍କରେ ନଦୀକୂଳିଆ ଲୋକେ

**ଭୁବନେଶ୍ୱର,ଭଦ୍ରକ, ଧାମନଗର, ଧୂଷୁରୀ, (ପିପିଏସ୍):** ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିଛି। ପ୍ରଭାବରେ ବୈତରଣୀ ଏବଂ ଜଳକା ନଦୀ ଫୁଲି ଉଠିବା ସହ ବନ୍ୟା ସ୍ଥିତି ଉପୁଜିଛି। ବିଶେଷ କରି ବୈତରଣୀରେ ବନ୍ୟା ସ୍ଥିତି ଉପୁଜିଛି। ଆଗାମୀ ଦିନରେ ସୁବର୍ଣ୍ଣରେଖାରେ ମଧ୍ୟ ବନ୍ୟା ସ୍ଥିତି ଉପୁଜିବ। ଶନିବାର ସନ୍ଧ୍ୟା ୬ଟା ବେଳର ତଥ୍ୟ ଅନୁସାରେ ବୈତରଣୀରେ ଆନନ୍ଦପୁରଠାରେ ଜଳସ୍ତର ବର୍ତ୍ତମାନ ୩୯.୧୬ ରହିଛି। ଯାହା କି ବିପଦସଙ୍କେତ ଉର୍ଦ୍ଧ୍ୱରେ ରହିଛି। ସେହିପରି ଆଖୁଆପାଦରେ ମଧ୍ୟ ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଏ ନେଇ ଶନିବାର ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ସୂଚନା ଦେଇଛନ୍ତି।



ବୈତରଣୀରେ ବନ୍ୟା ପାଇଁ ଯାଜପୁର ଏବଂ ଭଦ୍ରକ ଜିଲ୍ଲା ପ୍ରଭାବିତ ହେବେ। ବିଶେଷ ଭାବରେ ଧାମନଗର, ଚାନ୍ଦବାଲି, ଯାଜପୁର ଦଶରଥପୁର ପ୍ରଭାବିତ ହେବ। ସେପଟେ ସୁବର୍ଣ୍ଣରେଖାରେ ଜଳସ୍ତର ମଧ୍ୟ ରାତିରେ ବିପଦସଙ୍କେତ ଅତିକ୍ରମ କରିବ। ତେବେ ଶନିବାର ବଢ଼ି ରବିବାର ରାତି ସୁଦ୍ଧା ବିପଦସଂକେତ ସ୍ତରକୁ ଖସିବ। ଅନ୍ୟପକ୍ଷରେ ଶନିବାର ଆଉ ବିଶେଷ ବର୍ଷା ହୋଇନଥିବାରୁ ଆଗକୁ ଜଳସ୍ତର ହ୍ରାସପାଇବ। ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। ସେପଟେ ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ସ୍ଥିତିନାହିଁ। ହୀରାକୁଦ ଜଳଭଣ୍ଡାରରେ ୨୦ଟି ଗେଟ୍ ଖୋଲା ରହିଛି। ୫ ଲକ୍ଷ ୨୩ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୩ ଲକ୍ଷ ୩୮ ହଜାର କ୍ୟୁସେକ ଜଳ ନିଷ୍କାସନ ହେଉଛି। ସୁବର୍ଣ୍ଣରେଖା ରାଜଘାଟରେ ୭.୮୬ ମିଟର ରହିଛି; ଯାହା ବିପଦ ସଙ୍କେତଠାରୁ ଯଥେଷ୍ଟ କମ୍ ଅଛି । ଜଳକାରେ ୭.୧୩ ମିଟର ରହିଛି, କିନ୍ତୁ ଜଳସ୍ତର ହ୍ରାସପାଉଛି। ରେଙ୍ଗାଲିରେ ୩ ଗେଟ୍ ଖୋଲା ଅଛି। ଜଳଭଣ୍ଡାରରେ ୫ହଜାର ୩୦୦କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୪ ହଜାର କ୍ୟୁସେକ ଜଳ ନିଷ୍କାସନ ହେଉଛି। ବିପଦ ସଙ୍କେତ ପାଖାପାଖି ପ୍ରବାହିତ ହେଉଛି ବୁଢ଼ାବଳଙ୍ଗ। ଜଳକା ନଦୀର ଜଳସ୍ତର ବିପଦ ସଂକେତ ଉପରେ ପହଞ୍ଚି ସାରିଛି। ବନ୍ୟା ସ୍ଥିତିର ମୁକାବିଲା ପାଇଁ ଆଗୁଆ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ। ଚଳିତ ବର୍ଷ ବୈତରଣୀ ନଦୀରେ ଦ୍ୱିତୀୟ ଥର ଆସିଛି ବନ୍ୟାଜଳ । ଆଖୁଆପଦା ନିକଟରେ ବିପଦ ସଙ୍କେତ ଟପିଯାଇଛି ନଦୀର ଜଳସ୍ତର। ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଡାକିଛନ୍ତି ଭଦ୍ରକ ଜିଲ୍ଲାପାଳ। ବୈତରଣୀ ନଦୀ ଫୁଲିଲେ ଜିଲ୍ଲାର ଦୁଇଟି ବ୍ଲକ୍ ଭଣ୍ଡାରିପୋଖରୀ ଓ ଧାମନଗର ବିଶେଷ ପ୍ରଭାବିତ ହେବ। ସେଥିପାଇଁ ଏ ଦୁଇ ବ୍ଲକ୍‌ରେ ଆଗୁଆ ଲୋକଙ୍କୁ ମାଇକ୍ ଯୋଗେ ସଚେତନତା କରିବା ସହ ନିକଟସ୍ଥ ସ୍କୁଲ ଘର ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯିବ। ଏଥିପାଇଁ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । କେନ୍ଦୁଝରେ ଆନନ୍ଦପୁର ନିକଟରେ ବି ବିପଦ ସଂକେତ ପାର୍ କରିଛି ବୈତରଣୀ ଜଳସ୍ତର। ଚମ୍ପୁଆରେ ୯୭.୨୦ ମିଲିମିଟର ବର୍ଷା ହେବା ବୈତରଣୀ ବିପଦର କାରଣ ପାଲଟିଛି। ଫଳରେ ତଳିଆ ଅଞ୍ଚଳରେ ଦେଖାଦେଇଛି ବନ୍ୟା ଆଶଙ୍କା। ସେହିପରି ଜଳକା ନଦୀରେ ଆସିଛି ତୃତୀୟ ବନ୍ୟା। ମଥାନୀଠାରେ ଜଳସ୍ତର ବିପଦ ସଙ୍କେତ ଟପିଛି । ନଦୀ କୂଳ ଲଂଘିବା ଫଳରେ ୨୫ରୁ ଅଧିକ ଗାଁ ଜଳବନ୍ଦୀ ହୋଇଛନ୍ତି।

### ଯାଜପୁର, ଭଦ୍ରକ ଓ ବାଲେଶ୍ୱରକୁ ଆଲର୍ଟ

ବସ୍ତା ବ୍ଲକର ମଥାନୀ, ବାହାର୍ଦା, କୁଡ଼ିଆ, ଦୁଧ ହଂସା, ବାସୁ ଚକୁରାଇ, ଦରଡା, ମୁକୁଲିସି, ସଦାନନ୍ଦପୁର, ବ୍ରାହ୍ମଣଦା ଏବଂ ସଦର ବ୍ଲକର ଶ୍ରୀରାମପୁର ଓ ରସଲପୁର ପଞ୍ଚାୟତରେ ବନ୍ୟା ଆଶଙ୍କା ଦେଖାଦେଇଛି। ସେପଟେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ବଡାମପୁର ନଦୀର ଆଡ଼ିବନ୍ଧ ଭାଙ୍ଗି ଯିବାରୁ ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଚାଷ ପାଇଁ ତଳି ପକାଇଥିବା ବ୍ଲକର ତିନିଟି ପଞ୍ଚାୟତ ରାଘବପୁର, ବଡ଼ାମପୁର ଓ ତୁଟାପୋଡ଼ାର ଶହ ଶହ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। କେତେକ ସ୍ଥାନରେ ରାସ୍ତା ଧୋଇଯାଇଛି, କେତେକ ଗାଁରେ ପାଣି ପଶିଛି। ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବଡ଼ସାହି ବ୍ଲକ୍ ଅଧିନରେ ଥିବା ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀରେ ଜଳସ୍ତର ବଢିବାରେ ଲାଗିଛି। ଆଦିଡିହା ଗାଁକୁ ଯାତାୟାତ ଠପ୍ ହୋଇଯାଇଛି। ଗଙ୍ଗାହାର ନଦୀ ଉପରେ ଥିବା ଖଡିକାପଦା ପୋଲ ଏବଂ ଆଦିଡିହା ପୋଲ ଉପରେ ବି ବନ୍ୟାଜଳ ପ୍ରବାହିତ ହେଉଛି।

## ସଂସଦୀୟ କାର୍ଯ୍ୟରେ ଅସାଧାରଣ ଦକ୍ଷତା

# ଶ୍ରୀ ମହତାବଙ୍କୁ ସଂସଦରତ୍ନ ପୁରସ୍କାର



**ନୂଆଦିଲ୍ଲୀ,(ପିପିଏସ୍):** ସଂସଦୀୟ କାର୍ଯ୍ୟରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ ପାଇଁ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ଦେଶର ୧୭ଜଣ ସାଂସଦଙ୍କୁ ନୂଆଦିଲ୍ଲୀରେ ଚଳିତବର୍ଷର 'ସଂସଦରତ୍ନ ପୁରସ୍କାର' ପ୍ରଦାନ କରାଯାଇଛି। କେନ୍ଦ୍ର ସଂସଦୀୟ ବ୍ୟାପାର ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ କୀରନ୍ ରିଜିଜୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ତେବେ ଦୀର୍ଘକାଳୀନ ଏବଂ ନିରନ୍ତର ସଂସଦୀୟ ଅବଦାନ ପାଇଁ ଯେଉଁ ଚାରିଜଣ ସାଂସଦଙ୍କୁ ସ୍ୱତନ୍ତ୍ର ସଂସଦରତ୍ନ ପୁରସ୍କାର ପ୍ରଦାନ କରାଯାଇଛି, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ଶ୍ରୀ ମହତାବ। ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ପକ୍ଷରୁ 'ସଂସଦୀୟ ଗଣତନ୍ତ୍ର ପ୍ରତି ଅବଦାନ' କ୍ଷେତ୍ରରେ ସାଂସଦ ଭର୍ତ୍ତୃହରି ମହତାବ, ଏନ୍. କେ. ପ୍ରେମଚନ୍ଦ୍ରନ୍, ସୁପ୍ରିୟା ସୁଲେ ଏବଂ ଶ୍ରୀରଙ୍ଗ ଆପ୍ପା ବରଣେଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଏହି ସଦସ୍ୟମାନେ ୧୬ତମ ଏବଂ ୧୭ତମ ଲୋକସଭାରେ ନିରନ୍ତର ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଚଳିତ କାର୍ଯ୍ୟକାଳରେ ସମାନ ଭାବରେ ସକ୍ରିୟ ଭାବରେ କାର୍ଯ୍ୟ କରିଚାଲିଛନ୍ତି। ସ୍ମରଣଯୋଗ୍ୟ ଯେ ଶ୍ରୀ ମହତାବ ୫ମ ଥର ପାଇଁ 'ସଂସଦରତ୍ନ' ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ବରୁ ୨୦୧୭ରୁ ୨୦୨୦ପର୍ଯ୍ୟନ୍ତ ଲଗାତାର ୪ବର୍ଷ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ମହତାବ ସଂସଦରତ୍ନ ପୁରସ୍କାର ଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶା ପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି।

### ୫ମଥର ପାଇଁ ହେଲେ ପୁରସ୍କୃତ

# ସଫେଇ କର୍ମଚାରୀଙ୍କୁ ମିଳିବ ୧୦ ଲକ୍ଷର ଜୀବନବୀମା

**ଭୁବନେଶ୍ୱର,(ପିପିଏସ୍):** ସଫେଇ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏକ ବଡ଼ ଘୋଷଣା କରିଛନ୍ତି। ଏଣିକି ସଫେଇ କର୍ମଚାରୀ ୧୦ଲକ୍ଷର ଜୀବନବୀମା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକସେବା ଭବନରେ 'ଗରିମା' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ସବୁ ସୁରକ୍ଷା ସତ୍ତ୍ୱେ କର୍ମକ୍ଷେତ୍ରରେ ମୃତ୍ୟୁହେଲେ ପରିବାରକୁ ୩୦ ଲକ୍ଷ ମିଳିବ। ସମସ୍ତ ସଫେଇ କର୍ମଚାରୀଙ୍କୁ ସରକାର ମୋବାଇଲ୍ ଦେବେ। ସହରୀ ପିଏମ୍ ଆବାସ ଯୋଜନାରେ ସଫେଇ କର୍ମୀଙ୍କୁ ଛାତ ଘର ମଧ୍ୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ଟେକ୍ସଟାଇଲ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ସରକାରୀ ଭତ୍ତା ମାସକୁ ୧ହଜାର ଟଙ୍କା ବୃଦ୍ଧି କରିଥିଲେ। ଏହାଦ୍ୱାରା



ସରକାରଙ୍କ ପକ୍ଷରୁ ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ।

## କଟକରେ ବେଆଇନ ବନ୍ଧୁକ କାରବାର

# ୬ଜଣଙ୍କୁ ବାନ୍ଧିଲା ପୁଲିସ୍

**କଟକ,(ପିପିଏସ୍):** ଆନ୍ତଃରାଜ୍ୟ ହାର୍ଡକୋର ଅପରାଧୀ ତଥା ବନ୍ଧୁକ ବେପାରୀ କାଦୁଆ ଓରଫ ଦେବଦତ୍ତ ସିଂ ବେହେରା ଓ ୫ସହଯୋଗୀଙ୍କୁ କଟକ କମିଶନରେଟ୍ ପୁଲିସ୍ ଗିରଫ କରିଛି। ମାଲଗୋଦାମ ଅଞ୍ଚଳରେ ବନ୍ଧୁକ କାରବାର କରୁଥିବା ସମୟରେ ଅତର୍କିତ ଚଢ଼ଉ କରିଥିଲା ପୁଲିସ୍ ଓ ସ୍ପେଶାଲ ସ୍କ୍ୱାଡ୍। ଫଳରେ ଏହି ୬ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ୍ ସଫଳ ହୋଇଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ୫ବନ୍ଧୁକ, ୧୩ ଅଫୁଟା ଗୁଳି ଓ ତିନୋଟି ମୋବାଇଲ ଜବତ କରିଛି ପୁଲିସ୍।

# ଦୁଇ ଟ୍ରକ୍ ମୁହାଁମୁହିଁ: ୩ ମୃତ

**ନୟାଗଡ଼,(ପିପିଏସ୍):** ୫୭ନମ୍ବର ଜାତୀୟ ରାଜପଥ ଟାକେରା ନିକଟରେ ଭୟାବହ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣଙ୍କୁ ସଂକଟାପନ୍ନ ଅବସ୍ଥାରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶନିବାର ସନ୍ଧ୍ୟାରେ ନୟାଗଡ଼ ପଟରୁ ଗୋଟିଏ ଟ୍ରକ୍ ଯାଉଥିବା ବେଳେ ବିପରୀତ ଦିଗରୁ ଆଉ ଏକ ଟ୍ରକ୍ ଆସୁଥିଲା। ଏତିକିବେଳେ ଏକ ବାଇକ୍ ମଝିରେ ପଶିଯିବାରୁ ଉଭୟ ଟ୍ରକ୍ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇ ରାସ୍ତା ତଳକୁ ଖସି ଚୁରମାର ହୋଇଯାଇଥିଲା। ଦଶପଲ୍ଲା ପୁଲିସ, ଅଗ୍ନିଶମବାହିନୀ ଓ ୧୦୮ ଆମ୍ବୁଲାନ୍ସ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲା ବେଳେ କଟର ସାହାଯ୍ୟରେ କାଟି ବାକି ମୃତଦେହକୁ ଉଦ୍ଧାର କରାଯିବାକୁ ଉଦ୍ୟମ କରାଯାଉଛି।

# ଦୁଇ ଦିନ ଭିତରେ ରାଜ୍ୟ ବିଜେପିର ନୂଆ ଟିମ୍!

**ଭୁବନେଶ୍ୱର,(ପିପିଏସ୍):** ଗଠନ ହେବ ରାଜ୍ୟ ବିଜେପିର ନୂଆ ଟିମ୍। ଦଳୀୟ ସଂଗଠନରୁ ନେଇ ବୋର୍ଡ ନିଗମରେ ନୂଆ ଲୋକଙ୍କୁ ନିଯୁକ୍ତି ମିଳିବ। ମନ୍ତ୍ରିମଣ୍ଡଳର ବି ସମ୍ପ୍ରସାରଣ ହେବ। ଏଥିପାଇଁ ବେଶ୍ କିଛି ହେବ ଚାଲିଥିବା ଚର୍ଚ୍ଚା ଆଲୋଚନା ବାବଦରେ ଶନିବାର ସ୍ପଷ୍ଟ କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। କହିଛନ୍ତି, ସବୁ ପାଇଁ ପ୍ରକ୍ରିୟା ଚାଲିଛି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମୁଖ୍ୟମନ୍ତ୍ରୀଙ୍କ କାମ। ଏ ନେଇ ସଂସଦୀୟ ବୋର୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଯୋଗ୍ୟତା, ଦକ୍ଷତା ଏବଂ ଅଭିଜ୍ଞତା ଆଧାରରେ ଲୋକଙ୍କୁ ସୁଯୋଗ ମିଳିବ। ବଡ଼ କଥା ହେଲା ଦିନେ ଦୁଇ ଦିନ ଭିତରେ ରାଜ୍ୟ ବିଜେପିର ନୂଆ ଟିମ୍ ଘୋଷଣା ହେବ। ଦଳୀୟ ସମ୍ବିଧାନ ଅନୁସାରେ ଏଥିରେ ୨୫% ନୂଆ ଚେହେରାଙ୍କୁ ସୁଯୋଗ ମିଳିବ। ପ୍ରଥମେ ସଂଗଠନ, ବୋର୍ଡ ନିଗମ ପରେ ହେବ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ। ରାଜ୍ୟ କମିଟି, ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ଗଠନ କାମ ସାରିବା ନେଇ ଦିଲ୍ଲୀରେ ରାଜ୍ୟର ଦଳୀୟ ସାଂସଦ, ସଭାପତି ଓ ପ୍ରଭାରୀଙ୍କ ଉପସ୍ଥିତିରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଚର୍ଚ୍ଚାହେଇଛି।



## ବଳଙ୍ଗା ପୀଡ଼ିତାଙ୍କୁ ନେଇ ବଢୁଛି ଟେନ୍‌ସନ

# ବୟାନରେ ରହୁନି ତାଳମେଳ

**ଭୁବନେଶ୍ୱର,(ପିପିଏସ୍):** ବଳଙ୍ଗା ପୀଡ଼ିତାଙ୍କ ବୟାନକୁ ନେଇ ଅଡୁଆରେ ପୁଲିସ। ଗୋଟିଏ ପଟେ ବଳଙ୍ଗା ଘଟଣାରେ ରାଜ୍ୟ ଉଠୁଛି ପଡୁଛି; ଅନ୍ୟପଟେ ନାବାଳିକା ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁନଥିବା ସୂଚନା ମିଳିଛି। ପୀଡ଼ିତା ଭୁବନେଶ୍ୱର ଏମ୍ସରେ ଦେଇଥିବା ବୟାନ ଓ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନ ଭିତରେ ଫରକ୍ ଥିବା ସୂଚନା ମିଳିଛି। ସେଥିପାଇଁ ପୁଣିଥରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଇପାରେ ପୀଡ଼ିତାଙ୍କ ବୟାନ ରେକର୍ଡ। ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଘଟିଥିବା ବର୍ବର କାଣ୍ଡ ଆଜି ବି ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ନାବାଳିକାଙ୍କୁ ଦିନ ଦ୍ୱିପ୍ରହରରେ କିରୋସିନି ଢାଳି ଜାଳିଦେବା ଘଟଣା ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। ସେହିଦିନ ନାବାଳିକାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିଲେ ହେଁ ସେ କଥାବାର୍ତ୍ତା କରୁଥିଲେ। ଏଥିପାଇଁ ତାଙ୍କର ଭୁବନେଶ୍ୱର ଏମ୍ସରେ ବୟାନ ରେକର୍ଡ କରାଯାଇଥିଲା। ଏହାପରେ ଅଧିକା ଚିକିତ୍ସା ପାଇଁ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲେ। ଅନ୍ୟପଟେ ତଦନ୍ତଭାର ନେଇଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କ ବୟାନ ସାରି ରେକର୍ଡ ପାଇଁ ଦିଲ୍ଲୀ ଏମ୍ସରେ ପହଞ୍ଚିଥିଲେ। ହେଲେ ପୀଡ଼ିତା ଭୁବନେଶ୍ୱର ଏମ୍ସ ଓ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନ ମେଳ ଖାଉନଥିବା ସୂଚନା ମିଳିଛି। ତେଣୁ ପୀଡ଼ିତା ଏବେ ସୁସ୍ଥ ହେଉଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତୃତୀୟ ଥର ପାଇଁ ଦିଲ୍ଲୀରେ ପୁଲିସ ବୟାନ ରେକର୍ଡ ପାଇଁ ଯୋଜନା ରଖିଛି। ଦିଲ୍ଲୀରୁ ଫେରିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ସହ ଏନେଇ ଆଲୋଚନା କରିଛନ୍ତି ପୁରୀ ଏସ୍‌ପି ପିନାକ ମିଶ୍ର। ବଳଙ୍ଗା ଥାନାରେ କ୍ରାଇମବ୍ରାଞ୍ଚ ଟିମ୍ ସହ ଏସ୍‌ପି ବିଚାରବିମର୍ଶ ବିମର୍ଶ କରିଛନ୍ତି। ତେବେ ବଳଙ୍ଗା ପୀଡ଼ିତା ବୟାନ ବଦଳାଉଥିବା ପ୍ରସଙ୍ଗରେ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି ଏସ୍‌ପି। ସେ କହିଛନ୍ତି, ସବୁ ଦିଗରୁ ତଦନ୍ତ ଜାରି ରହିଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ମିଳିଛି। ଖୁବ୍‌ଶୀଘ୍ର ନିଷ୍କର୍ଷରେ ପହଞ୍ଚିବୁ। ଯଦି ପ୍ରକୃତରେ ପୀଡ଼ିତାଙ୍କର ତୃତୀୟ ଥର ବୟାନ ରେକର୍ଡ କରାଯାଏ, ତେବେ ଏହି ତୃତୀୟ ବୟାନ ହିଁ ଫିଟାଇପାରେ ବଳଙ୍ଗା ନିଆଁର ରହସ୍ୟ।



❑ ଭୁବନେଶ୍ୱର ଓ ଦିଲ୍ଲୀ ଏମ୍ସ ବୟାନ ମେଳଖାଉନି

❑ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ହେବ ବୟାନ ରେକର୍ଡ

## ଧ୍ୱନିପ୍ରତିଧ୍ୱନି

### ସଂସଦୀୟ ଗଣତନ୍ତ୍ରର ପ୍ରଥମ ସର୍ତ୍ତ

## ବାଟେଘାଟେ



ପୁଳା ପୁଳା ଟଙ୍କା ସୁନା ବାହାରୁଛି
ହାକିମ ପିଅନ ଘରୁ
କୁବେର ଦେବତା ବ୍ୟସ୍ତ ବିବ୍ରତ
କରିବେ ଏହାଙ୍କୁ ଗୁରୁ
ଚାକିରିଟା କରୁକରୁ
ଫାଇଲି କାମରେ ମୂଳଚାଲ ହୋଇ
ଲାଞ୍ଚ ଖିଆ ହୁଏ ସୁରୁ
ଦୁର୍ନୀତି ତଳୁ ଉପରୁ
ଦୁହାଁଳିଆ ବିଭାଗରେ ଯେତେଛନ୍ତି
ଭିଜିଲାନ୍ସ ଯାଇ ଧରୁ -ରାହୀ

## ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ: ବଦଳିବ ନକ୍ସା !

# ସବୁ ଟେଣ୍ଡର ବାତିଲକଲା ଦିଲ୍ଲୀ ମେଟ୍ରୋ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ଦୀର୍ଘ ୮ମାସରୁ ଅଧିକ ସମୟ ଧରି ବନ୍ଦ ପଡ଼ିଥିବା 'ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଜୁଲାଇ ୨୫ତାରିଖରେ ସମସ୍ତ ଟେଣ୍ଡରକୁ ବାତିଲ କରିଦେଇଛି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଦର୍ଶାଇ ଏହି ଟେଣ୍ଡରଗୁଡ଼ିକୁ ବାତିଲ କରାଯାଇଥିବାବେଳେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀ 'ସୈଗଲ୍ ଇଣ୍ଡିଆ' ଓ ରଞ୍ଜିତ୍ ବିଲଡକନ୍ ସମେତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ନିଜର କ୍ଷତି ଭରଣା ପାଇଁ ଆଇନଗତ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି । ଏପଟେ ରାଜ୍ୟର ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ବ୍ୟାପକ କରି କେନ୍ଦ୍ର ସରକାରଙ୍କ ସହଭାଗିତାରେ କାର୍ଯ୍ୟାନ୍ୱୟନ ନିମନ୍ତେ ପଦକ୍ଷେପ ନେଉଥିବା ଜଣାପଡ଼ିଛି। ପ୍ରାୟ ୬୨୫୬ କୋଟି ଟଙ୍କାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଫେଜ-୧ କାର୍ଯ୍ୟ ସମ୍ପାଦନ ନିମନ୍ତେ ଚୁକ୍ତିବଦ୍ଧ ହୋଇଥିବା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଜୁଲାଇ ୨୫ତାରିଖରେ ସମସ୍ତ ଟେଣ୍ଡର ବାତିଲ କରିଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ,ରଞ୍ଜିତ ବିଲଡକନ୍ , ସାଇଷ୍ଟ୍ରା ଏମଭିଏ କନସଲଟାଣ୍ଟ ଇଣ୍ଡିଆ, ଆଇସିଟି, ଏମଆଇଏ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡକୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରିଦିଆଯାଇଛି। ରଞ୍ଜିତ ବିଲଡକନ୍ ସଂସ୍ଥାକୁ କ୍ୟାପିଟାଲ ହସ୍ପିଟାଲ ଛକରୁ କିଟ୍ ଛକ ପର୍ଯ୍ୟନ୍ତ କାର୍ଯ୍ୟକୁ ୨ଟି ପର୍ଯ୍ୟାୟରେ ୧୧୮୭ କୋଟି ଟଙ୍କାର ଟେଣ୍ଡରର କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ସୈଗଲ ଇଣ୍ଡିଆକୁ କିଟ୍ ଛକରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ୮୯୯କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ସେହିପରି ସାଇଷ୍ଟ୍ରା ଏମଭିଏ କନସଲଟିଂ ଇଣ୍ଡିଆକୁ ୧୦୧୨କୋଟି ଟଙ୍କାର, ଏମଆଇଏ କନଷ୍ଟ୍ରକ୍ସନକୁ ୭୯.୭୫କୋଟି ଟଙ୍କାର ଓ ଆଇସିଟିକୁ ୧୩.୦୪କୋଟି ଟଙ୍କାର ଟେଣ୍ଡର କାର୍ଯ୍ୟାଦେଶ ଦିଲ୍ଲୀ ମେଟ୍ରୋ ରେଳ ନିଗମ ଦ୍ୱାରା ପ୍ରଦାନ କରାଯାଇଥିଲା। ସୈଗଲ ଇଣ୍ଡିଆ ନିଜଆଡୁ ସବଲେଟ୍ ମାଧ୍ୟମରେ ସିଭିଲ୍ ୱାର୍କ ନିମନ୍ତେ ୩୦୨.୮୨କୋଟି ଟଙ୍କାର ଟେଣ୍ଡର ଆଇଏଲଆଣ୍ଡଏଫଏସ୍ ଇଞ୍ଜିନିୟରିଂ ନାମକ ସଂସ୍ଥାକୁ ମଧ୍ୟ ଦେଇଥିଲା । ତେଣୁ ଅଚାନକ ଏହି ଟେଣ୍ଡରଗୁଡ଼ିକ ବାତିଲ ହେବାପରେ ସମ୍ପୃକ୍ତ କମ୍ପାନୀଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୈଗଲ ଇଣ୍ଡିଆ ମଧ୍ୟ ଏହି ଟେଣ୍ଡର ବାତିଲକୁ ନେଇ କଡ଼ା ଆପତ୍ତି ଉଠାଇବା ସହ କ୍ଷତିପୂରଣ ନିମନ୍ତେ ଖୁବଶୀଘ୍ର କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସୂଚନା ଦେଇଛି। ବିଜେଡି ସରକାର ଦ୍ୱାରା ଆରମ୍ଭ ହୋଇଥିବା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରାଜ୍ୟର ବିଜେପି ସରକାର ପ୍ରାରମ୍ଭିକ ପର୍ଯ୍ୟାୟରେ ସକରାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିରେ ସଂଶୋଧନ କରିବାର ସଙ୍କେତ ଦେଇଥିଲା। ମନ୍ତ୍ରୀମାନେ ଏହାକୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ହାଇକୋର୍ଟ ଛକ ପର୍ଯ୍ୟନ୍ତ ବଢ଼ାଇବେ ବୋଲି କେତେବେଳେ କହିଲେ ତ କେବେପୁଣି ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ଆଦି କହି ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ମାତ୍ର ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ମନ୍ତ୍ରିସ୍ତରୀୟ କମିଟି ଗଠନ ହୋଇ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ଅଗ୍ରଗତିକୁ ନେଇ ଆଲୋଚନା ହୋଇଥିଲା। ଗତ ସପ୍ତାହରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିସ୍ତରୀୟ କମିଟି ବୈଠକରେ ଏହି ପ୍ରକଳ୍ପକୁ ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପ୍ରକଳ୍ପକୁ ୫ପର୍ଯ୍ୟାୟରେ ପୂରଣ କରିବାକୁ ସ୍ଥିରୀକୃତ ହୋଇଛି।






# ଟି ଟାଇମ୍
## ପ୍ରଜାତନ୍ତ୍ର



୨୭.୭.୨୦୨୫




## ଜାତୀୟ ମାତାପିତା ଦିବସ

ମାତାପିତା ଏବଂ ପିଲାଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ସମ୍ପର୍କକୁ ଅଧିକ ସ୍ୱତନ୍ତ୍ର କରିବା ପାଇଁ ପ୍ରତିବର୍ଷ ଲୋକମାନେ ମାତାପିତା ଦିବସ ପାଳନ କରିଥାନ୍ତି। ମାତାପିତା ସେମାନଙ୍କ ପିଲାମାନଙ୍କୁ ଛୋଟରୁ ବଡ଼ ହେବା ପର୍ଯ୍ୟନ୍ତ ପ୍ରତିପୋଷଣ କରନ୍ତି, ପ୍ରତ୍ୟେକ କ୍ଷେତ୍ରରେ ନିଜ ପିଲାଙ୍କ ପାଖରେ ଠିଆ ହୁଅନ୍ତି। ସେମାନଙ୍କୁ ଏହା ହୃଦୟଙ୍ଗମ କରିବା ପାଇଁ ଏହି ଦିନ ପାଳନ କରାଯାଏ।

ଜାତୀୟ ମାତାପିତା ଦିବସରେ ଆମେ ଆମର ମାତାପିତାଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବଳିଦାନ ଏବଂ ଭଲ ପାଇବାକୁ ମନେ ରଖିଥାଉ। ଏହି ଦିନରେ ସେମାନଙ୍କୁ ଧନ୍ୟବାଦ ଦେଉଛୁ। ଯଦି ଆମେ ଏହି ଦିବସର ଇତିହାସ ବିଷୟରେ କହିବା ତେବେ ଏହା ୧୯୭୩ରେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ଦକ୍ଷିଣ କୋରିଆରେ ପାଳନ କରାଯାଇଥିଲା। କିନ୍ତୁ ଏହା ପରେ ୧୯୯୪ରେ ଆମେରିକାରେ ପାଳନ କରାଯାଇଥିଲା।

ଯେଉଁଦିନ ଆମେରିକାରେ ଜାତୀୟ ମାତାପିତା ଦିବସ ପାଳନ କରାଯାଇଥିଲା ସେହିଦିନ ଜୁଲାଇର ଚତୁର୍ଥ ରବିବାର ଥିଲା। ତେଣୁ ଅନେକ ଦେଶରେ ଜୁଲାଇର ଚତୁର୍ଥ ରବିବାରରେ ଜାତୀୟ ମାତାପିତା ଦିବସ ପାଳନ କରାଯାଏ। ଆମ ଦେଶରେ ମଧ୍ୟ ଜୁଲାଇ ୪ର୍ଥ ରବିବାର ଆଜିର ଦିନରେ ପାଳନ କରାଯାଉଛି।

ମାତାପିତାମାନେ ନିଜ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି, କେବଳ ଏତିକି ନୁହେଁ, ସେମାନେ ନିଜ ପିଲାମାନଙ୍କ ପାଇଁ ବହୁତ ବଳିଦାନ ଦିଅନ୍ତି। ମାତାପିତାମାନେ ବହୁତ କଠିନ ପରିଶ୍ରମ କରନ୍ତି ଏବଂ ନିଜ ପିଲାମାନଙ୍କର ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରନ୍ତି, ତେଣୁ ଏହି ଦିନ ପିଲାମାନଙ୍କର କର୍ତ୍ତବ୍ୟ ହେଉଛି ମାତାପିତାଙ୍କ ସେବା କରିବା। କେବଳ ଏହି ଗୋଟିଏ ଦିନ ନୁହେଁ, ପିଲାମାନେ ମାତାପିତା ବଞ୍ଚିଥିବା ଯାଏ ସେବା କରିବା ଉଚିତ୍। ତେବେ ଯାଇ ମାତାପିତାଙ୍କ ଜୀବନ ସାର୍ଥକ ହୋଇଥାଏ।

## ଶ୍ରାବଣ ମାସରେ ଭୁଲ୍‌ରେ ବି ଖାଆନ୍ତୁ ନାହିଁ ଏହି ୪ ଜିନିଷ



ପବିତ୍ର ଶ୍ରାବଣ ମାସ ଆରମ୍ଭ ହୋଇଛି। ଏହି ମାସର ଆଧ୍ୟାତ୍ମିକ ଏବଂ ଧାର୍ମିକ ମହତ୍ତ୍ୱ ଅଛି, ଏହି ମାସ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ମାସରେ ଆମର ମେଟାବୋଲିଜିମ ଧୀର ରହିଥାଏ। ତେଣୁ କିଛି ଖାଦ୍ୟ ପଦାର୍ଥ ପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଆଜି ଆମେ ଆପଣଙ୍କୁ ଏପରି ୪ଟି ଜିନିଷ କହିବାକୁ ଯାଉଛୁ, ଯାହାକୁ ଏହି ମାସରେ ଖାଇବା ଉଚିତ ନୁହେଁ।

ପତ୍ରଯୁକ୍ତ ପନିପରିବା ଖାଆନ୍ତୁ ନାହିଁ: ପାଳଙ୍ଗ, ମେଥି ଏବଂ ସୋରିଷ ପରି ପତ୍ରଯୁକ୍ତ ପନିପରିବା ସ୍ୱାସ୍ଥ୍ୟକର ହୋଇପାରେ, କିନ୍ତୁ ଶ୍ରାବଣ ମାସରେ ଏଡାଇବା ଉଚିତ। ଶ୍ରାବଣରେ ବର୍ଷାରେ ଏହି ପନିପରିବା ଉପରେ କୀଟପତଙ୍ଗ ହେବା ଆରମ୍ଭ କରନ୍ତି, ଯାହା ପେଟ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ। ଯଦି ଆପଣ ସବୁଜ ପନିପରିବା ଖାଉଛନ୍ତି, ତେବେ ସେଗୁଡ଼ିକୁ ଗରମ ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ।

କ୍ଷୀରଜାତ ଦ୍ରବ୍ୟ: ଶ୍ରାବଣ ମାସରେ ଭଗବାନ ଶିବଙ୍କୁ କ୍ଷୀର ଅର୍ପଣ କରିବା ଉଚିତ, କିନ୍ତୁ ଏହି କ୍ଷୀର ପିଇବା ଉଚିତ ନୁହେଁ। ଏହି ମାସରେ କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚିପାରେ। କାରଣ ଗାଈ ଏବଂ ମଇଁଷି ଯେଉଁ ଚାରା ଖାଆନ୍ତି ସେଥିରେ କିଛି କ୍ଷତିକାରକ କୀଟପତଙ୍ଗ ମଧ୍ୟ ଥାଇପାରେ। ଯାହା ସେମାନଙ୍କ କ୍ଷୀରକୁ ମଧ୍ୟ ପ୍ରଭାବିତ କରିପାରେ। ତେଣୁ, ସେଗୁଡ଼ିକୁ ଖାଇବାରୁ ଦୂରେଇ ରହିବା ଉଚିତ।

ମାଂସ: ଆପଣ ପ୍ରାୟତଃ ଶୁଣିଥିବେ ଯେ ଶ୍ରାବଣ ମାସ ଆରମ୍ଭ ହେବା ମାତ୍ରେ ମାଂସର ବିକ୍ରୟ ହ୍ରାସ ପାଏ। ଏହାର ଧାର୍ମିକ ଗୁରୁତ୍ୱ ରହିବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ସହିତ ମଧ୍ୟ ଜଡିତ। ଏହି ମାସରେ ଆପଣଙ୍କ ପାଚନ ଶକ୍ତି ଦୁର୍ବଳ ହୋଇଯାଏ, ଯାହା ଯୋଗୁଁ ମାଂସ ହଜମ କରିବା ବହୁତ କଷ୍ଟକର ହୋଇଯାଏ। ତେଣୁ, ମାଂସ ଖାଇବା ଉଚିତ ନୁହେଁ।

ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟ: ଶ୍ରାବଣ ମାସରେ ଖୋଲା ସ୍ଥାନରେ ବାହାରେ ରଖାଯାଇଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। କାରଣ ଏହି ଋତୁରେ ବ୍ୟାକ୍ଟେରିଆ ଏବଂ ଭାଇରସ ହେବାର ଆଶଙ୍କା ବହୁତ ବଢ଼ିଯାଏ। ଯାହା ଫଳରେ ଖୋଲା ଖାଦ୍ୟ ଖାଇବା ଦ୍ୱାରା ସଂକ୍ରମଣର ଆଶଙ୍କା ବଢ଼ିଯାଏ।

## 'ବିଗ୍ ବସ୍ ୧୯'ର ପ୍ରତିଯୋଗୀ ମୀରା ଦେବସ୍ଥଳେ



ଭାରତର ସବୁଠୁ ବଡ଼ ଓ ହିଟ୍ ରିୟଲିଟି ଶୋ' 'ବିଗ୍ ବସ୍'। ସବୁ ବର୍ଷ ଭଳି ଏ ଥର ବି ଶୋ'କୁ ନେଇ ଜୋର୍ଦାର କ୍ରେଜ୍ ଦେଖିବାକୁ ମିଳୁଛି । 'ବିଗ୍ ବସ୍-୧୯'ର ଔପଚାରିକ ଘୋଷଣା ପୂର୍ବରୁ ଶୋ'କୁ ନେଇ ଅନେକ ଖବର ସାମ୍ନାକୁ ଆସୁଛି। ଶୋ'ର ପ୍ରତିଯୋଗୀଙ୍କୁ ନେଇ ମଧ୍ୟ ଅନେକ ଷ୍ଟାର୍ଙ୍କ ନାଁ ଚର୍ଚ୍ଚାରେ ରହିଛି । ଏହି କ୍ରମରେ ଚର୍ଚ୍ଚା ହେଉଛି, ଲୋକପ୍ରିୟ ଟିଭି ଅଭିନେତ୍ରୀ ମୀରା ଦେବସ୍ଥଳେ 'ବିଗ୍ ବସ୍-୧୯'ରେ ଆସିପାରନ୍ତି । 'ଉଡ଼ାନ' ଫେମ୍ ମୀରାଙ୍କ ନାଁ ଶୋ' ପାଇଁ ଚୂଡ଼ାନ୍ତ ହୋଇଥିବା ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି। ଏହି ଖବର ଶୁଣି ମୀରାଙ୍କ ଫ୍ୟାନ୍ ଖୁବ୍ ଉତ୍ସାହିତ ।

ତେବେ ମୀରା ଏ ବିଷୟରେ ସ୍ପଷ୍ଟ କରିନାହାନ୍ତି । ୨୯ ବର୍ଷୀୟା ମୀରା ୨୦୧୪ରେ ଅଭିନୟ ଦୁନିଆରେ ଏଣ୍ଟ୍ରି କରିଥିଲେ । ସର୍ବପ୍ରଥମେ ସେ 'ସସୁରାଲ ସିମର୍ କା' ଧାରାବାହିକରେ ଆସିଥିଲେ । କିନ୍ତୁ ୨୦୧୬ର ଧାରାବାହିକ 'ଉଡ଼ାନ୍'ରୁ ତାଙ୍କୁ ଖ୍ୟାତି ମିଳିଲା । ଏଥିରେ ଚକୋର ଭୂମିକା ଜରିଆରେ ସେ ଘରେ ଘରେ ପରିଚିତ ହୋଇଥିଲେ । ଏହି ଧାରାବାହିକ ତାଙ୍କ କ୍ୟାରିଅର୍‌ର ମୁଖ୍ୟ ଟର୍ନିଂ ପଏଣ୍ଟ୍ ହେଲା । ତା'ପରେ ସେ 'ବିଦ୍ୟା', 'ଗୁଡ୍ ସେ ମିଠା ଇଶ୍କ' ସମେତ ଅନେକ ଧାରାବାହିକରେ ଆସିଲେ । କିନ୍ତୁ ସେସବୁକୁ 'ଉଡ଼ାନ୍' ଭଳି ସଫଳତା ମିଳିଲା ନାହିଁ । ଏବେ ଯଦି ସେ ସଲମାନଙ୍କ 'ବିଗ୍ ବସ୍୧୯'ରେ ସାମିଲ ହୁଅନ୍ତି, ତାଙ୍କ କ୍ୟାରିଅର୍ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ମୋଡ଼ ହେବ । 'କୁଣ୍ଡଲୀ ଭାଗ୍ୟ' ଫେମ୍ ଶ୍ରଦ୍ଧା ଆର୍ଯ୍ୟା ଓ ଅଭିନେତା ଧୀରଜ ଧୂପରଙ୍କୁ ମଧ୍ୟ 'ବିଗ୍ ବସ୍-୧୯' ଅଫର୍ ମିଳିଥିବା ଚର୍ଚ୍ଚା ହେଉଛି । ଧନଶ୍ରୀ ବର୍ମାଙ୍କ ବିଗ୍ ବସ୍ ଏଣ୍ଟ୍ରି ଖବର ମଧ୍ୟ ରହିଛି । ଆସନ୍ତା ଅଗଷ୍ଟରେ ଶୋ' ଆରମ୍ଭ ହେବ ବୋଲି କୁହାଯାଉଛି । କିନ୍ତୁ ଅଦ୍ୟାବଧି କୌଣସି ପ୍ରୋମୋ ଆସିନାହିଁ ।

## ଆଜିର ରାଶିଫଳ

ମେଷ ରାଶି: ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ନ ଥିଲେ ମଧ୍ୟ ବାଧ୍ୟବାଧକତାରେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ପଡିବ। ଶୁକ୍ର ପ୍ରଭାବରେ ଋଣ ପରିଶୋଧର ଦୁଶ୍ଚିନ୍ତା ବୃଦ୍ଧି ପାଇବ। ବନ୍ଧୁ ଓ ସହକର୍ମୀଙ୍କ ସମାଲୋଚନା ଯୋଗୁ ଅସନ୍ତୁଷ୍ଟ ରହିବେ।

ବୃଷ ରାଶି: ଚନ୍ଦ୍ରଙ୍କ ପ୍ରଭାବରେ ସମ୍ପର୍କୀୟଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସୂଚନା ରହିଛି। ବାଧ୍ୟ ବାଧକତାରେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ସାମୟିକ ଅଶାନ୍ତିର କାରଣ ହୋଇପାରେ।

ମିଥୁନ ରାଶି: ବିଭିନ୍ନ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କର୍ମ ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ଆପଣଙ୍କ ପରୋପକାର ପ୍ରବୃତ୍ତି କାର୍ଯ୍ୟାବଳୀର ପଡୋଶୀ ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇଯିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ନିକଟସ୍ଥ ବନ୍ଧୁମାନେ ଏହି ଦିଗରେ ସାହାଯ୍ୟ କରିପାରନ୍ତି।

କର୍କଟ ରାଶି: ପରିବାରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେବା ସକାଶେ ଆଦେଶନାମା ମିଳିପାରେ। ବହୁଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିବେ।

ସିଂହ ରାଶି: ଆମତ୍ରୀୟମାନଙ୍କ ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି।

କନ୍ୟା ରାଶି: ବିଭିନ୍ନ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ପାଇବା ଦୁରୂହ ହେବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଯାନବାହନ, ବିବାଦୀୟ ସ୍ଥାନ ଏବଂ ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ। କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

ତୁଳା ରାଶି: ଉପରିସ୍ଥ କର୍ମଚାରୀଙ୍କ ସହଯୋଗ ହେତୁ ସରକାରୀ ସାହାଯ୍ୟ ସହଜ ହୋଇପାରେ। କେତେକ କ୍ଷେତ୍ରରେ ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁ ଓ ପରିଜନଙ୍କ ସହିତ ଦୂରଯାତ୍ରାଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

ବିଛା ରାଶି: କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନ ନେଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନ୍ସନ ବଢିପାରେ। ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି। ମାଲିମକଦ୍ଦମା, ନିର୍ମାଣ, ମାଙ୍ଗଳିକ କାମ ପ୍ରଭୃତିରେ ସଫଳତା ପାଇବେ।

ଧନୁ ରାଶି: ପୂର୍ବପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସାମାନ୍ୟ ବିଳମ୍ବରେ ସୁଫଳ ମିଳିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

ମକର ରାଶି: ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଦୂରରେ ଥିବା ପ୍ରିୟଜନଙ୍କ ସ୍ମୃତିଚାରଣ କରି ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି। ରାଶିର ଗୁଣଧର୍ମାନୁସାରେ ଥଣ୍ଡାଜନିତ ରୋଗପୀଡା ପାଇବେ। ସଭାସମିତି, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ସଫଳତା ହାସଲ କରିବେ।

କୁମ୍ଭ ରାଶି: ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା ମନକୁ ବିକ୍ଷିପ୍ତକରି ରଖିବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲ ହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି।

ମୀନ ରାଶି: ପାରିବାରିକ ସମସ୍ୟା ସମାଧାନର ଚିନ୍ତାକରି ଦୁର୍ଭାବନା ବଢିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରି ପାରିବେନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କ୍ରନିକ୍ ରୋଗପୀଡା ହେତୁ କର୍ମକ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟିହେବ।

## କାନ୍ଦିଲା ପିଲାକୁ ବୁଝାଇବା କଷ୍ଟ ହେଉଛି କି



ଛୋଟ ପିଲାମାନେ କାନ୍ଦିବା ଏକ ସାଧାରଣ କଥା। କିନ୍ତୁ ଯେତେବେଳେ କୌଣସି କାରଣ ବିନା ପିଲା କାନ୍ଦିବା ଆରମ୍ଭ କରେ, ଏହା ବାପାମାଆଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଏ। ବେଳେବେଳେ ଏହି କାନ୍ଦିବା ସେମାନଙ୍କର ଶାରୀରିକ କିମ୍ବା ମାନସିକ ସ୍ଥିତିକୁ ଦର୍ଶାଇଥାଏ ଏବଂ ବେଳେବେଳେ ଏହା କେବଳ ଧ୍ୟାନ ଆକର୍ଷଣ କରିବା ପାଇଁ ହୋଇଥାଏ। ପିଲାମାନଙ୍କର କାନ୍ଦିବା ଏକ ପ୍ରାକୃତିକ କ୍ରିୟା। କିନ୍ତୁ ଯଦି ଏହା ଅଧିକ ହୁଏ, ଏହା କେବଳ ବାପାମାଆଙ୍କ ପାଇଁ ମାନସିକ ସମସ୍ୟା ସୃଷ୍ଟି କରେ ନାହିଁ, ଏହା ପିଲାଙ୍କ ପାଇଁ ମଧ୍ୟ ଅସ୍ୱାସ୍ଥ୍ୟକର ହୋଇପାରେ। ତେଣୁ ପିଲାମାନଙ୍କୁ ଶାନ୍ତ କରିବା ଏବଂ ସେମାନଙ୍କୁ ବୁଝାଇବା ଜରୁରୀ। ତେବେ ଆସନ୍ତୁ ଏମିତି କିଛି ଟିପ୍ସ ଜାଣିବା ଯାହା ଦ୍ୱାରା ନିଜ ପିଲାଙ୍କୁ ସହଜରେ ଶାନ୍ତ କରିପାରିବେ।

**କାନ୍ଦିବାର କାରଣ:** ଯଦି ଆପଣଙ୍କ ପିଲା ବିନା କାରଣରେ କାନ୍ଦୁଛି, ତେବେ ସର୍ବପ୍ରଥମେ ଏହା ଜରୁରୀ ଯେ ତାଙ୍କ ସମସ୍ୟାକୁ ଥଣ୍ଡା ମନରେ ବୁଝିବା। ଭୋକ, ନିଦ କିମ୍ବା କିଛି ଭୟ ଭଳି ପରିସ୍ଥିତି ପିଲାମାନଙ୍କ କାନ୍ଦିବା ପଛର କାରଣ ହୋଇପାରେ। ପିଲାମାନଙ୍କ ସହିତ ଥଣ୍ଡା ମନରେ ଓ ସ୍ନେହପୂର୍ଣ୍ଣ ଭାବରେ କଥା ହୋଇ ସେମାନେ କାହିଁକି କାନ୍ଦୁଛନ୍ତି ତାହା ବୁଝିବାକୁ ଚେଷ୍ଟା କରିବା ଉଚିତ। ଯଦି ପିଲାଟି ଅତ୍ୟଧିକ ରାଗି ନ ଥାଏ, ତେବେ ତାଙ୍କ ସମସ୍ୟାର ସମାଧାନ ସହଜ ହୋଇପାରେ।

**ନିଜକୁ ଶାନ୍ତ ରଖିବା:** ପିଲାଟି କାନ୍ଦିବା ଅନେକ ସମୟରେ ବାପାମାଆଙ୍କ ପାଇଁ ଚାପ ସୃଷ୍ଟି କରିପାରେ, ବିଶେଷ କରି ଏହା ଯଦି ବିନା କାରଣରେ ହୋଇଥାଏ। ଏପରି ପରିସ୍ଥିତିରେ ପିଲା ଉପରେ ରାଗି ପାଟିତୁଣ୍ଡ କରିବା ଏବଂ ଗାଳି ଦେବା ପରିସ୍ଥିତିକୁ ଆହୁରି ଖରାପ କରିପାରେ। ଯେତେବେଳେ ପିଲା କାନ୍ଦୁଛି, ପ୍ରଥମେ ନିଜକୁ ଶାନ୍ତ କରିବାକୁ ଚେଷ୍ଟା କରନ୍ତୁ। ଏକ ଦୀର୍ଘ ଶ୍ୱାସ ନିଅନ୍ତୁ ଏବଂ ପିଲାମାନଙ୍କ ନିକଟକୁ ଯାଆନ୍ତୁ ଏବଂ ପାଟି ନ କରି ସେମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରନ୍ତୁ।

**ସଠିକ୍ ଶବ୍ଦ ବ୍ୟବହାର:** ଏଥିରୁ ବଞ୍ଚିବା ପାଇଁ, ବେଳେବେଳେ ଆମେ ଏପରି ଶବ୍ଦ ବ୍ୟବହାର କରୁ ଯାହା ପିଲାଙ୍କ ପାଇଁ ଠିକ୍ ନୁହେଁ। ଉଦାହରଣ ସ୍ୱରୂପ, ପିଲାମାନଙ୍କୁ ଗାଳି ଦେବା କିମ୍ବା ରାଗିକି କହିବା। ଏହା କରିବା ଦ୍ୱାରା ସେମାନଙ୍କର ମନୋବଳ କମିଯାଏ ଏବଂ କାନ୍ଦିବା ବୃଦ୍ଧି ପାଇଥାଏ। ତେଣୁ ପିଲାମାନଙ୍କୁ ଶାନ୍ତ କରିବା ପାଇଁ ସର୍ବଦା ନରମ ଏବଂ ସ୍ନେହପୂର୍ଣ୍ଣ ଶବ୍ଦ ବ୍ୟବହାର କରନ୍ତୁ।

**ଛୋଟ ଛୋଟ ଉପାୟ:** ପିଲାକୁ ଶାନ୍ତ କରିବା ପାଇଁ ଆପଣ କିଛି ସହଜ ପଦକ୍ଷେପ ଅନୁସରଣ କରିପାରିବେ। ଯେପରି କି ତାଙ୍କୁ କୋଳେଇ ନେବା, ତାଙ୍କୁ ଏକ ପ୍ରିୟ ଖେଳନା ଦେବା କିମ୍ବା ଗୀତ ଶୁଣେଇବା। ବେଳେବେଳେ ପିଲାଟିର ଛୋଟ ଆବଶ୍ୟକତା ପୂରଣ କରିବା ମଧ୍ୟ ତାଙ୍କ କାନ୍ଦିବାକୁ ବନ୍ଦ କରିଦିଏ। ଏଥିସହ ମନେରଖନ୍ତୁ ଯେ ପିଲାର ପ୍ରତ୍ୟେକ ଚାହିଦା ପୂରଣ କରିବା ଠିକ୍ ନାହିଁ, କାରଣ ଏହା ତାଙ୍କୁ ବାରମ୍ବାର କାନ୍ଦିବାର ଅଭ୍ୟାସକୁ ବଢାଇପାରେ।

**ଶିଖିବାରେ ସାହାଯ୍ୟ:** ଅନେକ ପିଲା କିଛି ଶିଖିବା ସମୟରେ ବିରକ୍ତ ହୁଅନ୍ତି ଏବଂ ଛୋଟ ଛୋଟ ଭୁଲ ପାଇଁ କାନ୍ଦିବା ଆରମ୍ଭ କରନ୍ତି। ଏଭଳି ପରିସ୍ଥିତିରେ, ବାପାମାଆଙ୍କ କାମ ହେଉଛି ପିଲାମାନଙ୍କୁ ବୁଝାଇବା ଯେ ଭୁଲ୍ କରିବା ସ୍ୱାଭାବିକ। ସେମାନଙ୍କୁ ଶିକ୍ଷା ଦିଅନ୍ତୁ ଯେ ଭୁଲ ମାଧ୍ୟମରେ ହିଁ ଆମେ ଆଗକୁ ଯାଇପାରିବା ଏବଂ କିଛି ନୂଆ ଶିଖିପାରିବା। ପିଲାମାନଙ୍କୁ ନିରାଶ କରିବା ପରିବର୍ତ୍ତେ, ସେମାନଙ୍କୁ ଉତ୍ସାହିତ କରନ୍ତୁ ଏବଂ ସେମାନଙ୍କର ଭୟ ଦୂର କରିବାକୁ ଚେଷ୍ଟା କରନ୍ତୁ।

## ଘରେ ଝିଟିପିଟି ହେଉଛନ୍ତି କି



ଘରୁ ଦୂରାନ୍ତୁ ଝିଟିପିଟି ଝିଟିପିଟି ପ୍ରାୟ ଅଧିକାଂଶଙ୍କ ଘରେ ଥିବା ଦେଖିବାକୁ ମିଳିଥାଏ। କେହି କେହି ଏହାକୁ ଦେଖିଲେ ଭୟ ମଧ୍ୟ କରିଥାନ୍ତି। ଯଦି ଆପଣଙ୍କ ଘରେ ବି ଅଧିକ ଝିଟିପିଟି ଅଛନ୍ତି ଏବଂ ତାଙ୍କୁ ନ ମାରି ଘରୁ ବାହାର କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ... କର୍ପୂରର ଗନ୍ଧ ଝିଟିପିଟିକୁ ପସନ୍ଦ ନୁହେଁ। ତେଣୁ ୪ଟି କର୍ପୂରକୁ ଗୁଣ୍ଡକରି ୧୫୦ମି.ଲି. ପାଣିରେ ମିଶାନ୍ତୁ। ସେଥିରେ ଅଳ୍ପ ଡେଟଲ ମିଶାଇ ସ୍ପ୍ରେ ବଟଲରେ ରଖି ଘରର ସବୁ କାନ୍ଥରେ ସ୍ପ୍ରେ କରନ୍ତୁ, ଝିଟିପିଟି କିମ୍ବା ଅନ୍ୟ ପୋକ ମଧ୍ୟ ଆସିବେ ନାହିଁ। ଯଦି କେମିକାଲ ବ୍ୟବହାର ପସନ୍ଦ ନୁହେଁ ତେବେ ପିଆଜ ଏବଂ ରସୁଣ ଆପଣଙ୍କ ପାଇଁ ସବୁଠୁ ସହଜ ପ୍ରାକୃତିକ ଉପାୟ। ଗୋଟିଏ ବଡ଼ ପିଆଜକୁ କାଟି ଦିଅନ୍ତୁ। ସେଥିରେ ଗୋଟିଏ ରସୁଣର ୧୦-୧୨ କୋଳା ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ କପଡ଼ାରେ ଚିପୁଡି ରସ ବାହାର କରନ୍ତୁ। ସେଥିରେ ସମ ପରିମାଣର ପାଣି ମିଶାଇ ସ୍ପ୍ରେ ବଟଲ୍ରେ ରଖି ଘରେ ସ୍ପ୍ରେ କରନ୍ତୁ। ଏହାର ତୀବ୍ର ଗନ୍ଧରେ ଘରୁ ଝିଟିପିଟି ଚାଲିଯିବେ। ସେହିପରି ପିପରମିଣ୍ଟ ଅଏଲ ୧୦-୧୫ ଟୋପା ନେଇ ପାଣିରେ ମିଶାଇ ସ୍ପ୍ରେବଟଲ୍‌ରେ ରଖି ଝିଟିପିଟି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ଦେଖିବେ ଝିଟିପିଟି ଆଉ ଆସିବେ ନାହିଁ। ଘରର ବିଭିନ୍ନ ସ୍ଥାନରେ ଅଣ୍ଡା ଖୋଳ ରଖିଲେ ବି ଝିଟିପିଟି ଘରକୁ ଆସି ନ ଥାନ୍ତି। ଝିଟିପିଟି ନ ଆସିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘରକୁ ସଫା ରଖିବା। ତେଣୁ ନିୟମିତ ସମୟ ଅନ୍ତରାଳରେ ଘରର ଛାତ, ଆଲମିରା ଓ କପ୍ବୋର୍ଡ ପଛପଟ, ବିଭିନ୍ନ ଫର୍ନିଚରର ପଛପଟ ଆଦିକୁ ସଫା କରନ୍ତୁ।

## ଜାମୁକୋଳି ମଞ୍ଜି କେତେ ଲାଭଦାୟକ



ଜାମୁକୋଳି ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ । ବିଶେଷ କରି ବର୍ଷା ଋତୁରେ ଜାମୁକୋଳି ଅଧିକ ମିଳିଥାଏ, ଯାହାର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି । ତେବେ ଲୋକମାନେ ଏହାକୁ ଖାଇବା ପରେ ପ୍ରାୟତଃ ଏହାର ମଞ୍ଜିକୁ ଫିଙ୍ଗି ଦିଅନ୍ତି । କିନ୍ତୁ ଆପଣ କ'ଣ ଜାଣନ୍ତି ଏହାର ମଞ୍ଜି ମଧ୍ୟ କେତେ ଲାଭଦାୟକ ? ତେବେ ଜାମୁକୋଳି ମଞ୍ଜିକୁ ଶୁଖାଇ ଏବଂ ଗ୍ରାଇଣ୍ଡିଂ କରି ଏକ ଗୁଣ୍ଡ ପ୍ରସ୍ତୁତ କରାଯାଏ । ଜାମୁକୋଳି ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ଉଦ୍ଭିଦ ଯୌଗିକ ପରି ପୁଷ୍ଟିକର ପଦାର୍ଥରେ ଭରପୂର । ଏହାକୁ ଏକ ପ୍ରାକୃତିକ ପରିପୂରକ ଭାବରେ ବ୍ୟବହାର କରାଯାଏ । ବିଶେଷକରି ମଧୁମେହ ରୋଗୀଙ୍କ ପାଇଁ ବେଶ ଭଲ । ଏଥିରେ ଜାମବୋଲିନ୍ ଏବଂ ଜାମବୋସିନ୍ ନାମକ ଯୌଗିକ ଥାଏ, ଯାହା ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହି ଯୌଗିକ ଇନସୁଲିନ୍ ହରମୋନ୍ କ୍ଷରଣକୁ ବୃଦ୍ଧି କରେ । ସେହିପରି ଜାମୁକୋଳି ମଞ୍ଜିରେ ରୋଗ ପ୍ରତିରୋଧକ ଗୁଣ ଅଛି ଯାହା ହାଇପରଗ୍ଲାଇସେମିଆକୁ ରୋକିବାରେ ସାହାଯ୍ୟ କରେ। ଏହି ଫଳର ବିହନ ବାରମ୍ବାର ପରିସ୍ରା କମ୍ କରିବାରେ ମଧ୍ୟ ସାହାଯ୍ୟ କରେ । ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର, ଯାହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ । ଜାମୁକୋଳି ମଞ୍ଜିରୁ ତିଆରି ପାଉଡର ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ସେହିପରି ଜାମୁକୋଳି ମଞ୍ଜି ଶରୀରେ ଇନସୁଲିନ୍ ବୃଦ୍ଧି କରିବାରେ ସାହାଯ୍ୟ କରେ । ଯାହା ପ୍ରି-ଡାଇବେଟିସ୍ ଏବଂ ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ । ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ । ତେଣୁ ଏହାକୁ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ଦ୍ରୁତ ଭାବରେ ବୃଦ୍ଧି ପାଏ ନାହିଁ । ଜାମୁକୋଳି ମଞ୍ଜି ଫାଇବରରେ ଭରପୂର । ତେଣୁ ପ୍ରତିଦିନ ସକାଳେ ଏହାକୁ ଖାଇବା ଦ୍ୱାରା ଓଜନ ହ୍ରାସ କରିବାରେ ବହୁତ ସାହାଯ୍ୟ ହୁଏ । ଫାଇବର ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ ।

## ମାଟିହାଣ୍ଡି ଚିଙ୍ଗୁଡ଼ି କଷା

**ଆବଶ୍ୟକ ସାମଗ୍ରୀ:** ଚିଙ୍ଗୁଡି, ତେଲ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ପିଆଜ, ଅଦା ରସୁଣ ବଟା, ଟମାଟୋ ପେଷ୍ଟ, ଗରମ ମସଲା, ତେଜପତ୍ର, ପଞ୍ଚୁଫୁଟଣ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିଙ୍ଗୁଡିକୁ ପରିଷ୍କାର କରି ଧୋଇ ଦିଅନ୍ତୁ। ଚିଙ୍ଗୁଡିକୁ ଧୋଇସାରିବା ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା ଓ ପିଆଜ ବଟା ପକାଇ ତାକୁ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ପାଇଁ ଫ୍ରିଜରେ ରଖି ଦିଅନ୍ତୁ। ପରେ ମାଟିହାଣ୍ଡିକୁ ଗ୍ୟାସରେ ବସାଇ ଗରମ କରନ୍ତୁ। ହାଣ୍ଡି ଗରମ ହୋଇଯିବା ପରେ ସେଥିରେ ତେଲ ପକାନ୍ତୁ। ପରେ ସେଥିରେ ତେଜପତ୍ର ଓ ଗୁଟା ମସଲା ପକାନ୍ତୁ। ଏହା ଭାଜି ହୋଇଗଲା ପରେ କଟା ପିଆଜ ପକାନ୍ତୁ। ପିଆଜ ନାଲି ହୋଇଗଲା ପରେ ସେଥିରେ ଅଦା ରସୁଣ ବଟା, ପିଆଜ ବଟା ପକାଇ କଷନ୍ତୁ। ପରେ ସେଥିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଟମାଟୋ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ମସଲାକୁ ଭଲ ଭାବେ କଷି ଦିଅନ୍ତୁ। ମସଲା କଷି ହୋଇଗଲା ପରେ ପୂର୍ବରୁ ରଖିଥିବା ଚିଙ୍ଗୁଡିକୁ ସେଥିରେ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଅଳ୍ପ ପାଣି ଦେଇ ଘୋଡ଼ାଇ ଦିଅନ୍ତୁ। ଏହା ଫୁଟିବା ପରେ ସେଥିରେ ଗରମ ମସଲା ଓ ଧନିଆ ପତ୍ର ପକାଇ ଦିଅନ୍ତୁ। ପରେ ହାଣ୍ଡିକୁ ଗ୍ୟାସ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମାଟିହାଣ୍ଡି ଚିଙ୍ଗୁଡି କଷା। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।






ନୂଆଦିଲ୍ଲୀ 'ସଂସଦରତ୍ନ' ପୁରସ୍କାର ଗ୍ରହଣ କରିବା ପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ବରିଷ୍ଠ ସାଂସଦଗଣ

## ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ ସହ ପୂର୍ବତନ ସାଂସଦ ଓ ବିଧାୟକଙ୍କ ଆଲୋଚନା

ଭଦ୍ରକ, (ପିପିଏସ୍): ଏହି ଜିଲାର ଭଦ୍ରକ ପୌରାଂଚଳରେ ବିସ୍ଥାପିତ ହୋଇଥିବା ଦୋକାନୀମାନଙ୍କ ଥଇଥାନ, କାନ୍ତକବି ପୀଠକୁ ଭଦ୍ରକ ଚାନ୍ଦବାଲି ତାରିଣୀ ଛକ ଠାରୁ ପ୍ରସ୍ତାବିତ ବାଇପାସ ରୋଡ଼, ଏନଏଚ ୧୬ ଗେଲପୁର ଠାରୁ ହଳଦିଡିହ ବାଇପାସ ଭାୟା ଭଦ୍ରକାଳୀ ପର୍ଯ୍ୟନ୍ତ ବାଇପାସ ରୋଡ଼, ଭଦ୍ରକ ଚାନ୍ଦବାଲି ରାସ୍ତା ଶାଳନ୍ଦୀ କଲୋନୀ ଠାରୁ ଇଛାପୁର ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ, ଇଛାପୁର ବାସୁଦେବପୁର ପଦ୍ମପୁର ବିରସ ରାସ୍ତାର ଉନ୍ନତି କରଣ, ରାଜଘାଟ ଛକ ଠାରୁ ଡାହାଣୀ ଗଡିଆ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ, ଏରତାଳ ଆର.ଆଇ. ଅଫିସ ବାସୁଦେପୁର ସବ ରେଜେଷ୍ଟ୍ରି ଅଫିସ ନିର୍ମାଣ, ବାସୁଦେବପୁର ସହରାଂଚଳରେ ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ, ଦୋବଲ ବଜାର ଠାରେ ନିର୍ମିତ ପୋଲର ଉଭୟ ପାର୍ଶ୍ୱ ସଂଯୋଗୀକରଣ, ନୂତନ ଜିଲ୍ଲା ହସ୍ପିଟାଲ ଓ ନୂତନ ବସ ଷ୍ଟାଣ୍ଡ କାର୍ଯ୍ୟକ୍ଷମ, ଅନୁସୂଚିତ ଜାତି ଜନ ଜାତି ଙ୍କ ପାଇଁ ନିର୍ମାଣଧୀନ ଛାତ୍ର ଛାତ୍ରୀ ରହିବା, କାନ୍ତ କବି ପୀଠକୁ ପୂର୍ବରୁ ୫୦ ଲକ୍ଷ ପୂର୍ବ ଅନୁଦାନ କୁ ବିନିଯୋଗ କରିବା, ସୁଗୋ ଏରତାଳ ବାଳିକା ବିଦ୍ୟାଳୟ କୁ ୪୫ ଲକ୍ଷ ପୂର୍ବ ଅନୁଦାନ ବିନିଯୋଗ କରିବା, ଭଦ୍ରକ ଆରଡ଼ି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣକରଣ କରିବା, ଦୋଳସାହି ବୋଡ଼କ ରାସ୍ତା ସମ୍ପୂର୍ଣ୍ଣକରଣ କରିବା, ଜାତୀୟ ରାଜପଥ ଗେଲପୁର ଏବଂ ମାଳଦା ଛକ ଠାରେ ବାମ ପାର୍ଶ୍ୱ ରାସ୍ତା ସଂଯୋଗୀକରଣ, ଭଦ୍ରକ କେନ୍ଦୁଆପଦା ରେଳ ଷ୍ଟେସନର ନିର୍ମାଣଧୀନ ୧୧୮, ୧୧୯, ୧୨୫ କାଯ୍ୟର ଅଗ୍ରଗତି, ବାସୁଦେବପୁର କପାଗଡିଆ ଛକ ଠାରେ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷିତ ରଖିବା, ବାସୁଦେବପୁର ସହର ଦେଇ ଅଦାନୀ ପୋର୍ଟ କୁ ମାଲବାହି ଜାନ ଯାତାୟାତର ସମୟ ନିର୍ଘଂଟ, ଜିଲ୍ଲାର ପାଇପି ଯୋଗେ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି, ପଦ୍ମପୁର ଠାରେ ୩୩/୧୧ଲଭ ସବ ଷ୍ଟେସନ ରୁ ୫ ଗୋଟି ପଂଚାୟତ କୁ ବିଦ୍ୟୁତ ସଂଯୋଗ, ବାସୁଦେବପୁର ଏବଂ ଧାମନଗର ମେଡିକାଲରେ ସବ ବ୍ୟବଚ୍ଛେଦ କେନ୍ଦ୍ର ନିର୍ମାଣ ଓ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ଆଜି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ପଡିରହିଥିବା ଉପରୋକ୍ତ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ନେଇ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଆଲୋଚନା କରିଛନ୍ତି।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବାଲି ମାଫିଆଙ୍କ ଫୁଁ'

### ବାଲିଘାଟ ବନ୍ଦ ନିର୍ଦ୍ଦେଶନାମା ନାମକୁ ମାତ୍ର

ନୟାଗଡ (ପିପିଏସ୍): ଚଳିତ ବର୍ଷାଋତୁ ପାଇଁ ଖଣି ବିଭାଗ ନିୟମ ଅନୁସାରେ ନୟାଗଡ ଜିଲ୍ଲାର ସମସ୍ତ ସୈରାତ ବାଲିଘାଟ ବନ୍ଦ ରଖିବା, ବାଲିଘାଟ ନିଲାମଧାରୀ ମାନେ ମେସିନରୀ ଏବଂ କର୍ମଚାରୀ ପ୍ରତ୍ୟାହାର କରିବା ପାଇଁ ଜିଲ୍ଲା ଖଣି ଅଧିକାରୀ ପତ୍ରସଂଖ୍ୟା ୧୯୯୩/୦୮.୦୭.୨୦୨୫ ଦ୍ୱାରା ସମସ୍ତ ବାଲିଘାଟ ନିଲାମଧାରୀଙ୍କ ଲଘୁଖଣିଜ ବାଲି ଉତ୍ତୋଳନ ପ୍ରକ୍ରିୟା ନିଲମ୍ବନ ଆଦେଶ କେବଳ ନାମକୁ ମାତ୍ର ଜାରି ଜରାଯାଇଛି। କିନ୍ତୁ ବାସ୍ତବରେ ଖଣି ଅଧିକାରୀ, ଖଣ୍ଡପଡା ଏସ୍ଡିପିଓ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ମିଳିତ ଚକ୍ରାନ୍ତରେ ରାତିରେ ଶହଶହ ଟ୍ରିପ୍ ବାଲି ଚୋରାଚାଲାଣ ଚାଲିଛି। ନୟାଗଡ ସହରକୁ ଆସୁଥିବା ବାଲି ଟ୍ରିପ୍ ପ୍ରତି ୨୦୦୦୦ ଟଙ୍କା ନିଆଯାଉଛି। ପ୍ରତ୍ୟେକ ବାଲି ଟ୍ରିପ୍ ପିଛା ଦୁଇରୁ ତିନି ହଜାର ଟଙ୍କା ବେଆଇନ ଆଦାୟ କରାଯାଇ ଚୋରା ବାଲି ଚାଲାଣକୁ ପୁଲିସ ଖଣିବିଭାଗ ପ୍ରଶାସନ ଆଖି ବୁଜିଦେଇଛି। ବର୍ଷା ଋତୁ ସମୟରେ ବାଲିଘାଟ ଲିଜ ନିଲମ୍ବନ ସମୟରେ ବାଲି ଉତ୍ତୋଳନ ମାଇନିଂ ଅପରେସନ୍ ଚାଲିଲେ ସମ୍ପୃକ୍ତ ବାଲିଘାଟ ଲିଜି ବିରୁଦ୍ଧରେ ଏଫଆଇଆର ହେବାସହ ଲିଜ ବାତିଲ କରାଯିବ ବୋଲି ଖଣି ଅଧିକାରୀଙ୍କ ପତ୍ରରେ ଉଲ୍ଲେଖ ରହିଥିବା ସତ୍ୱେ ଗତକାଲି ୨୫ ଜୁଲାଇ ରାତିରେ ସିଧାମୂଳକ୍ଷ ବାଲିଘାଟରୁ ମେସିନ ଦ୍ୱାରା ବାଲି ଉତ୍ତୋଳନ ଏବଂ ଟିପର ହାଇୱା ଦ୍ୱାରା ବାଲି ଚାଲାଣ ହେଉଥିବା ଲାଇଭ ଭିଡିଓ ଫଟୋଦେଇ ଆଜି ନୟାଗଡ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଖଣି ବିଭାଗ, ନୟାଗଡ ଜିଲ୍ଲପାଳ ଏବଂ ନୟାଗଡ ଏସପିଙ୍କୁ ମାଇଁନିଙ୍ଗ ଅପେରସନ ପ୍ରମାଣ ଦେଇ ଟୁଇଟ କରି ସମ୍ପୃକ୍ତ ସିଧାମୂଳକ୍ଷ ବାଲିଘାଟ ତଥା ଅନ୍ୟ ପ୍ରମୁଖ ବାଲିଘାଟ ନୀଳମଧାରୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ବାଲିଘାଟ ବନ୍ଦ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବଳବତ୍ତର ଥିବାବେଳେ ପ୍ରତ୍ୟେକ ରାତିରେ ଶହଶହ ବାଲି ଲୋଡ଼ ହାଇୱା ବାଣପୁର ଛକ, କଣ୍ଟିଲୋ, ଭାପୁର ଦେଇ ଭୁବନେଶ୍ୱର ଏବଂ ଖଣ୍ଡପଡା ରାସ୍ତାରେ ନୟାଗଡ ଆସୁଥିବା କ'ଣ ଖଣ୍ଡପଡା ଏସ୍ଡିପିଓ ନୟାଗଡ ଖଣି ଅଧିକାରୀ ଜାଣି ପାରୁନାହାଁନ୍ତି ବୋଲି କଂଗ୍ରେସ ନେତା ଶ୍ରୀ ଦାଶ ଜିଲ୍ଲାପାଳ ମହାଶୟଙ୍କୁ ପ୍ରଶ୍ନ କରିଛନ୍ତି। ବର୍ଷାଋତୁ ସମୟରେ ଯଦି ବାଲି ଚୋରାଚାଲାଣକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଏବଂ ଏସପି ଟାସ୍କଫୋର୍ସ ଗଠନ କରି ବନ୍ଦ କରିବେ ନାହିଁ ତେବେ ନୟାଗଡ ଜିଲ୍ଲାର ଲଘୁଖଣିଜ ସମ୍ପଦ ସୁରକ୍ଷା ନୟାଗଡ ଜିଲ୍ଲାପାଳ, ଏସପି ଏବଂ ଜିଲ୍ଲା ଖଣି ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇ ମାନବ ଅଧିକାର କମିଶନଙ୍କ ଅଦାଲତରେ ଲିଖିତ ଅଭିଯୋଗ ଦାଏର କରାଯିବ ବୋଲି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜଣାଇଛନ୍ତି।

# ରାଜନଗରରେ କୁମ୍ଭୀର ଆତଙ୍କ

### ପୋଖରୀରୁ ୫ ଫୁଟ୍‌ର ବଉଳା କୁମ୍ଭୀର ଉଦ୍ଧାର

କେନ୍ଦ୍ରାପଡ଼ା, (ପିପିଏସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଭିତରକନିକା ଅଭୟାରଣ୍ୟରୁ କୁମ୍ଭୀରଙ୍କ ପ୍ରଜନନ ସମୟରେ ଖାଦ୍ୟାଭାବ ସାଙ୍ଗକୁ ଅତ୍ୟଧିକ ବର୍ଷା ଓ ବନ୍ୟା ଯୋଗୁଁ କୁମ୍ଭୀରମାନେ ଗାଁ ପୋଖରୀ ମୁହାଁ ହୋଇଛନ୍ତି।ଯାହାଫଳରେ ଆଜି ଗୋଟିଏ ଦିନରେ ଦୁଇଟି ଗାଁ ପୋଖରୀରୁ ବନ କର୍ମଚାରୀ କୁମ୍ଭୀର ଦୁଇଟି ଉଦ୍ଧାର କରି ନଦୀରେ ଛାଡିବାକୁ ସକ୍ଷମ ହୋଇଛନ୍ତି। ଭିତରକନିକାର ସହକାରୀ ବନସଂରକ୍ଷକ ଶ୍ରୀ ମାନସ କୁମାର ଦାସ ଡାଙ୍ଗମାଳର କାର୍ତ୍ତିକ ବେହେରାଙ୍କ ପୋଖରୀରେ କୁମ୍ଭୀର ପସିବାର ଜାଣିବାକୁ ପାଇଥିଲେ।ଏସିଏଫ ଶ୍ରୀ ଦାସଙ୍କ ନିର୍ଦ୍ଦେଶରେ ଡାଙ୍ଗମାଳ ସେକ୍ସନ ଷ୍ଟାଫଙ୍କ ଦ୍ୱାରା କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ୍ ଲମ୍ବର ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନରେ ଛାଡ଼ି ଦିଆଯାଇଛି। ଉକ୍ତ ଉଦ୍ଧାର କାର୍ଯ୍ୟରେ ବନପାଳ ପ୍ରଶାନ୍ତ କୁମାର ସିଂ, ବନରକ୍ଷୀ କଳ୍ପତରୁ ସେଠୀ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, ଯଶୋବନ୍ତ ବେହେରା, ଅର୍ଜୁନ ଦଳାଇ, ସଞ୍ଜୟ ଦଳାଇ, ପ୍ରମୁଖ ସାମିଲ ହୋଇଥିଲେ। ହେଲେ ରାଜନଗର ରେଞ୍ଜ ଅଧୀନସ୍ଥ ଏଣ୍ଡୁଲାପୁରୁ ଗାଁ ପୋଖରୀରୁ ବନବିଭାଗ କର୍ମଚାରୀମାନେ ଆଜି ଜାଲ ସାହାଯ୍ୟରେ କୁମ୍ଭୀରକୁ କାବୁ କରି ନଦୀରେ ଛାଡିଥିବା ସୂଚନା ମିଳିଛି।



## ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇବା ବେଳେ ଜାତିପ୍ରଥା !

ଯାଜପୁର (ପିପିଏସ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଉଛବାଲି ହାଇସ୍କୁଲରେ ନୀଚ ଜାତିର ହୋଇଥିବାରୁ ନାତି କୁ ମଧ୍ୟାହ୍ନ ଭୋଜନ ସମୟରେ ଖାଇବାକୁ ବାରଣ କରାଯାଇଅଛି କ୍ଷ ଏ ନେଇ ସମ୍ପୃକ୍ତ ଛାତ୍ରଙ୍କ ଜେଜେବାପା ଟମକା ଥାନା ରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ନାତି ରୁଦ୍ରନାରାୟଣ ଜେନା ଉଛବାଲି ହାଇସ୍କୁଲ ରେ ୧୦ମ ଶ୍ରେଣୀ ରେ ପଢ଼ନ୍ତି ସ୍କୁଲ ର ପିଅନ ବିଦ୍ୟାଧର ସାହୁ ରୁଦ୍ର ଙ୍କୁ ଏକ ବାଡ଼ି ରେ ପିଟିବାକୁ ଉଦ୍ୟମ କରିଥିଲେ ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ କହିବାରୁ ସେ ପଚାରି ବାରୁ ସେ ବୁଝେଇ କି ପଠାଇ ଦେଇଥିଲେ। ଏହି କଥାଟିକୁ ଆକ୍ରୋଶ ରଖି ପିଅନ ବିଦ୍ୟାଧର ସେହି ସ୍କୁଲରେ ପଢୁଥିବା ତାଙ୍କର ପୁତୁରା ରୁଦ୍ର ସାହୁ ଓ ଅବିନାଶ ପୃଷ୍ଟିଙ୍କୁ ଶିଖେଇ ଥିଲେ କି ଖାଇବା ସମୟରେ କି ତୁମେ ଛୋଟ ଜାତି ର ଏଠି ଆମ ସହିତ ଖାଇ ପାରିବ ନାହିଁ ବୋଲି ବାଧ କରିଥିଲେ ତେଣୁ ଖାଦ୍ୟ ଖାଇବାକୁ ଧରି ଥିବା ଦୁଇ ଛାତ୍ର ରୁଦ୍ର ଓ ଓମପ୍ରକାଶ ଖାଦ୍ୟ କୁ ପକେଇ ଦେଇଥିଲେ। ଏ ଘଟଣାକୁ ସେଦିନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ସାହୁ କିଛି ନ ବୁଝି ବାରୁ ନିଜକୁ ଲଜ୍ଜିତ ହୋଇ ଟମକା ଥାନା ରେ ୨୫/୭ ରିଖରେ ଅଭିଯୋଗ କରିବା ସହିତ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ନକଲ ଦିଆଯାଇଛି ବୋଲି ସମ୍ପୃକ୍ତ ଛାତ୍ରଙ୍କ ଜେଜେ ନବଘନ ଜେନା କହିଛନ୍ତି। ଏ ନେଇ ଟମକା ଥାନା ଅଧୀକାରିଣୀ ପ୍ରମୋଦିନୀ ସାହୁଙ୍କୁ ପଚାରିବାରୁ ସେ ପ୍ରଧାନ ଶିକ୍ଷକଙ୍କୁ ଏ ସମ୍ପର୍କରେ ବୁଝିବା ସହ ତଦନ୍ତ କରୁଛନ୍ତି।

## ଧାମନଗରରେ ବର୍ଷର ପ୍ରଥମ ବନ୍ୟା

ଧାମନଗର (ପି ପି ଏସ): ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବଢୁଛି ଜଳସ୍ତର। ଧାମନଗର ଅଞ୍ଚଳରେ ପ୍ରବାହିତ ବୈତରଣୀର ଉପର ମୁଣ୍ଡରେ ଥିବା ଆଖୁଆପଦା ଆନିକଟ ଠାରେ ସତର୍କ ଜଳସ୍ତର ୧୭.୮୩ ଥିବା ବେଳେ ବିପଦ ସଙ୍କେତ ଜଳସ୍ତର ୧୮.୩୩ ଅଟେ। ଶନିବାର ଏଠାରେ ଅପରାହ୍ନ ୪ ଟା ସୁଦ୍ଧା ୧୮.୬୨ ମିଟର,୫ ଟା ରେ ୧୮.୭୦ ଓ ୬ ଟା ରେ ୧୮.୭୬ ଓ ସନ୍ଧ୍ୟା ୮ ଟା ରେ ୧୮.୮୮ ଏଂ ରାତ୍ର ୯ ଟା ସୁଦ୍ଧା ୧୮.୯୦ ମିଟରରେ ପହଞ୍ଚିଛି।ତେବେ ବୈତରଣୀର ଉପର ମୁଣ୍ଡ ଚମ୍ପୁଆ, ଆନନ୍ଦପୁର ଓ କେନ୍ଦୁଝରରେ ବର୍ଷା ନହେଲେ ଧାମନଗର ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ନିଶ୍ଚିତ। ସନ୍ଧ୍ୟା ସୁଦ୍ଧା କଣ୍ଟି ଏସକେପ ଦେଇ ଭଣ୍ଡାରିପୋଖରୀ ଅଞ୍ଚଳରେ ବନ୍ୟାଜଳ ପ୍ରବାହିତ ହୋଇଥିବା ବେଳେ ଧାମନଗର ଅଞ୍ଚଳର ଦୁଃଖ ମଲ୍ଲି ମାହାରା ବାଟେ ବନ୍ୟାଜଳ ପ୍ରବାହିତ ଖବର ମିଳିପାରି ନାହିଁ। ଧାମନଗରରେ ବନ୍‌ଯା ସ୍ଥିତିର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଅପରାହ୍ନରେ ମନ୍ତ୍ରୀ ସିଧା ଭୁବନେଶ୍ୱରରୁ ଆସି ଯାଜପୁରରେ ପହଞ୍ଚିଥିଲେ।

# ପିପଲପଙ୍କା ଡ୍ୟାମ୍ ହେଲେ ୪୦ ଗ୍ରାମର ହଜାର ହଜାର ଲୋକ ହରାଇବେ ଭିଟାମାଟି ଓ ଜୀବିକା

ବ୍ରହ୍ମପୁର(ପିପିଏସ୍): ପିପଲପଙ୍କା ଠାରେ ଡ୍ୟାମ ନିର୍ମାଣ ଏବଂ ଜଗନ୍ନାଥ ପ୍ରସାଦ ତହସିଲ ଅର୍ନ୍ତଗତ ଘାଟିପଲ୍ଲି ଠାରେ ଏକ ବିସ୍ଫୋରକ ଓ ବିସ୍ଫୋଟକ ଦ୍ରବ୍ୟ ଉତ୍ପାଦନ କାରଖାନା ନିର୍ମାଣ ପାଇଁ ସରକାରୀ ସ୍ତରରେ ପ୍ରକ୍ରୀୟା ଚାଲିଛି। ଉଭୟ ପ୍ରକଳ୍ପକୁ ତୀବ୍ର ବିରୋଧ କରାଯାଇଛି। ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଶନିବାର ଗଞ୍ଜାମ କଳା ପରିଷଦସ୍ଥିତ ପାଠାଗାରରେ ସାମ୍ବାଦିକ ସମ୍ମିଳନୀରେ ଉଭୟ ପ୍ରକଳ୍ପକୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟର ଖଣି କମ୍ପାନୀଙ୍କ ବିସ୍ଫୋରକ ଆବଶ୍ୟକତାକୁ ପୂରଣ କରିବାକୁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ଫଳରେ ବିସ୍ଫୋରଣର ଆଶଙ୍କା ଥିବାରୁ ସ୍ଥାନୀୟ ପରିବେଶ ଓ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ଏହା ଅତ୍ୟନ୍ତ ଘାତକ ହେବାକୁ ଯାଉଛି। ଏହା ଦ୍ୱାରା ୧୦କି.ମି ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଘାଟିପଲ୍ଲୀ ସମେତ ୪୦ରୁ ଅଧିକ ଗ୍ରାମ ଏବଂ ବେଲଗୁଣ୍ଠା, ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ପରି ସହରର ଲୋକେ ବି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି କାରଣରୁ ପ୍ରସ୍ତାବିତ କାରଖାନା ପାଇଁ ଜମି ହରାଉଥିବା ଜମି ମାଲିକଙ୍କ ସମେତ ଆଖପାଖର ସାଧାରଣ ଲୋକେ ଏହି ପ୍ରକଳ୍ପକୁ ବିରୋଧ କରୁଛନ୍ତି ଏବଂ ପ୍ରକଳ୍ପକୁ ବାତିଲ କରିବାକୁ ସରକାରଙ୍କୁ ବାରମ୍ବାର ଦାବି କରି ଆସିଛନ୍ତି। ସେହିଭଳି ପିପଲପଙ୍କା ଠାରେ ମଧ୍ୟ ଡ୍ୟାମ ନିର୍ମାଣକୁ ଗତ ଅନେକ ମାସ ହେଲା ବିରୋଧ କରାଯାଉଛି। ଉପରୋକ୍ତ ଦୁଇଟି ଯାକ ପ୍ରକଳ୍ପ ପାଇଁ ଅନୁମତି ଦେବା ପୂର୍ବରୁ ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳବାସୀଙ୍କ କୌଣସି ମତାମତ ନେଇ ନାହାନ୍ତି କି ପ୍ରକଳ୍ପ ଫଳରେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା, ଅର୍ଥନୀତି ଓ ସର୍ବୋପରି ପରିବେଶ ଉପରେ କ'ଣ ପ୍ରଭାବ ପଡ଼ିବ ତା'ର କୌଣସି ବିଜ୍ଞାନ ସମ୍ମତ ଅଧ୍ୟୟନ କରି ନାହାଁନ୍ତି। ଏପରିକି ଋଷିକୂଲ୍ୟାର ସୁରକ୍ଷା ପାଇଁ କାର୍ଯ୍ୟରତ ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଲୋଚନା ପାଇଁ ସମୟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଦିଆଗଲା ପରେ ମଧ୍ୟ ସେ ଏଯାଏଁ ଭେଟିବାକୁ ସମୟ ହିଁ ଦେଇନାହାନ୍ତି। ସ୍ଥାନୀୟ ଲୋକେ ପ୍ରକଳ୍ପ ବିରୁଦ୍ଧରେ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଭାବେ ରାଲି, ଶୋଭାଯାତ୍ରା, ସଭା ଓ ପଦଯାତ୍ରା ମାଧ୍ୟମରେ ନିଜର ମତକୁ ବ୍ୟକ୍ତ କରିବାକୁ ଚେଷ୍ଟା କରି ଆସିଛନ୍ତି। ତେବେ ଉଭୟ ପ୍ରକଳ୍ପ ଅଞ୍ଚଳରେ ଶାନ୍ତି ବଜାୟ ରହିଥିବା ବେଳେ ଏବଂ ଲୋକଙ୍କ ବିରୋଧ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ରହିଥିବା ବେଳେ ସରକାର କମ୍ପାନୀଙ୍କ ସ୍ୱାର୍ଥରେ ବ୍ୟତିବ୍ୟସ୍ତ ହୋଇ ଦମନ ଓ ଅନାବଶ୍ୟକ ଅଶାନ୍ତି ସୃଷ୍ଟି ପାଇଁ ଆଗେଇ ଆସିବା ଦୁର୍ଭାଗ୍ୟଜନକ ଅଟେ ବୋଲି କୁହାଯାଇଛି। କମ୍ପାନୀ ସ୍ୱାର୍ଥରେ ଲୋକଙ୍କ ବଞ୍ଚିବାର ଅଧିକାରକୁ ଛଡ଼ାଇବାକୁ ଦିଆଯିବ ନାହିଁ। ଆସନ୍ତା ମାସରେ ବ୍ରହ୍ମପୁର ଠାରେ ଏହି ପ୍ରସଙ୍ଗରେ ଏକ ଗଣକନେ୍ଭନସନ୍ ଆୟୋଜନ ସହିତ ସମସ୍ତ ରାଜନୈତିକ ଦଳଙ୍କୁ ଡକାଯିବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କୃଷକ ନେତା ସୀମାଞ୍ଚଳ ନାହାକ, ଭାଲଚନ୍ଦ୍ର ଷଡଙ୍ଗୀ, ବୃନ୍ଦାବନ ଖଟେଇ, ଆଦିତ୍ୟ ରଥ, ମତ୍ସ୍ୟଜୀବୀ ନେତା ମାଗତା ବେହେରା, ସୁବାଷ ଚନ୍ଦ୍ର ମିଶ୍ର ଏବଂ କବିରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



# ରାଜ୍ୟ ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତିର ଜିଲ୍ଲା କନ୍‌ଭେନସନ୍

କେନ୍ଦ୍ରାପଡା, (ପିପିଏସ୍): ବାରିମୂଳ ପଞ୍ଚାୟତ ହାଇସ୍କୁଲ ପରିସରରେ ଓଡିଶା ସ୍କୁଲ- କଲେଜ ଶିକ୍ଷକ ସମନ୍ୱୟ ସମିତିର କେନ୍ଦ୍ରାପଡା ଜିଲ୍ଲା କନ୍‌ଭେନସନସ ଜିଲ୍ଲା ଓଷ୍ଟା ସଭାପତି ଅଶୋକ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସ୍କୁଲ କଲେଜ ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ଦାବିନେଇ ଆସନ୍ତା ଅଗଷ୍ଟ ମାସରେ ହେବାକୁ ଥିବା ଆନ୍ଦୋଳନକୁ ତିବ୍ରତର କରିବା ପାଇଁ ସମନ୍ୱୟ ସମିତିର ଆବାହକ ତଥା ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ କୁମାର ଜେନା, ପ୍ରାକ୍ତନ ରାଜ୍ୟ ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ନିର୍ମଳ କୁମାର ନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ନିତ୍ୟାନନ୍ଦ ପାଣି, ୬୬୨ ବର୍ଗ ମହାବିଦ୍ୟାଳୟର ଜିଲ୍ଲା ସଭାପତି ସୁରେନ୍ଦ୍ର କୁମାର ପଢିହାରୀ, ୧୯୪ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ନେତା ପଙ୍କଜ କୁମାର ବେହୁରା, ଜିଲ୍ଲା ଓଷ୍ଟାର ଉପସଭାପତି ସଞ୍ଜୟ କୁମାର ସାମଲ, ଯୁଗ୍ମ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦିକା ସରୋଜିନି ସ୍ୱାଇଁ, ୯ଟି ବ୍ଲକର ସମ୍ପାଦକ, ସଭାପତି ସମେତ ଜିଲ୍ଲା ଓଷ୍ଟା ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ/ସଦସ୍ୟା ଆଗାମୀ ଆନ୍ଦୋଳନକୁ ସଫଳ କରିବାକୁ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଉକ୍ତ କନ୍‌ଭେନସନକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୁଦନ ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ, ଓଷ୍ଟା ସଂଘର ବିଶ୍ୱଜିତ ଦାସ, ଦିଲ୍ଲିପ କୁମାର ରାଉତ, ଶିବ ପ୍ରସାଦ ବଳ, ପ୍ରମୁଖ ସହଯୋଗ କରିଥିଲେ । ମଧୁସୁଦନ ବେହେରା ଉପସ୍ଥିତ ନେତୃତମାନଙ୍କୁ ଆନ୍ଦୋଳନ ସଫଳ କରିବା ପାଇଁ ଅନୁରୋଧ ସହ ଧନ୍ୟବାଦ ପ୍ରଦାନ କରିଥିଲେ । ୯ଟି ବ୍ଲକ ଓଷ୍ଟା ସମ୍ପାଦକ ଦେବରାଜ ନାୟକ (ଆଳି), ଗଗନ ବିହାରୀ ସୂତାର (ଡେରାବିଶ), ମଳୟ କୁମାର ପାଣୀ (ଗରଦପୁର), ନାରାୟଣ ପଣ୍ଡା (କେନ୍ଦ୍ରାପଡା), ଅକ୍ଷୟ କୁମାର ମହାନ୍ତି (ପଟ୍ଟାମୁଣ୍ଡାଇ), ପସନ୍ନ କୁମାର ପରିଡା (ମାର୍ଶାଘାଇ), ରଘୁନାଥ ଦାସ (ମହାକାଳପଡା), ସମୀରଣ ମଣ୍ଡଳ (ରାଜନଗର), ଅରବିନ୍ଦ ନାୟକ (ରାଜକନିକା) । ଡେରାବିଶ ବ୍ଲକ ସଭାପତି ପିତବାସ ପଣ୍ଡା, ବରିଷ୍ଟ ଶିକ୍ଷକ ନେତା ଭାଗିରଥି ମହାନ୍ତି ପ୍ରମୁଖ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ଦାବିଗୁଡିକ ହେଲା ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରୀ ସ□ବଳୀ, ପେନସନ ଓ ଅବସର କାଳିନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି ଓ ଗ୍ରେଡ ପେଥିବା ଅସଂଗତି ଦୃରିକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ସରକାରୀ କରଣ ଓ ଶିକ୍ଷକ ନିଯୁକ୍ତି । ନୂତନ ପେନସନ ପରିବେ□ ପୁରାତନ ପେନସନ ସ୍କିମର ପୁନ୍ନ ପ୍ରଚଳନ ଓ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକ, ଶିକ୍ଷିକାମାନଙ୍କୁ ୬ଟି ନେସନ୍ୟାଲ ଇକ୍ରିମେଣ୍ଟ ପ୍ରଦାନ ସହ ବରିଷ୍ଠତା ପ୍ରଦାନ । ଏହି ଦାବିନେଇ ଓଡିଶା ସ୍କୁଲ, କଲେଜ ଶିକ୍ଷକ ସମନ୍ୱୟ ସମିତ ଆସନ୍ତା ଅଗଷ୍ଟ ୨ତାରିଖରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଏବଂ ଅଗଷ୍ଟ ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରି ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ।



# ‘ଆମେ’ର ଅମାବାସ୍ୟା ଆସର ‘ଶାନ୍ତିର ବିକଳ୍ପ ଯୁଦ୍ଧ ନୁହେଁ’

ଭଦ୍ରକ, (ପିପିଏସ୍): ସମ୍ପ୍ରତି ବିଶ୍ୱ ଯେଉଁ ପରିସ୍ଥିତି ମଧ୍ୟରେ ଗତି କରୁଛି ତା’ ଭିତରେ ସାଧାରଣ ମଣିଷ ସବୁ ସମୟରେ ଏକ ଆକସ୍ମିକତାରେ ଜୀବନ ଜୀଉଁଛି । ପ୍ରତିଦିନ କୋଉ ଦେଶ ସହିତ କେଉଁ ଦେଶର ଯୁଦ୍ଧ ହେଉଛି । ନିଜର ପତିଆର ଦେଖାଇବା ପାଇଁ ହେଉ କି ଲୁଣ୍ଠନ କରିବାକୁ ହେଉ, ଦୁର୍ବଳ ଉପରେ ସବୁବେଳେ ସବଳର ଅତ୍ୟାଚାର ଜାରି ରହି ଆସିଛି । ଯୁଦ୍ଧ ଯେ କେବଳ ଆଜି ହେଉଛି ତା’ ନୁହେଁ, ଏହା ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ମଧ୍ୟ ହେଉଥିଲା । ତେବେ ଯେଉଁ କଥା କୁହାଯାଏ ଯେ ଯୁଦ୍ଧ ପରେ ଦେଶରେ ଶାନ୍ତି ଫେରିଛି, ମାତ୍ର ଯୁଦ୍ଧ ଶାନ୍ତିର ବିକଳ୍ପ ନୁହେଁ ବୋଲି ପ୍ରଜ୍ଞାପୀଠଠାରେ ସାହିତ୍ୟ ସଂସ୍କୃତି ସଂଗଠନ ‘ଆମେ’ ପକ୍ଷରୁ ଆୟୋଜିତ ଅମାବାସ୍ୟା ଆସରରେ ଆଲୋଚ୍ୟ ବିଷୟ ‘ଯୁଦ୍ଧ ଓ ଶାନ୍ତି’ ପରିପ୍ରେକ୍ଷୀରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଭଦ୍ରକ କଲେଜ କ୍ୟାମ୍ପସ୍ କେଶବ ନଗରସ୍ଥିତ ପ୍ରଜ୍ଞାପୀଠରେ ଚିତାଲାଗି ଅମାବାସ୍ୟା ଅବସରରେ ଅନୁଷ୍ଠିତ ମାସିକ ଅମାବାସ୍ୟା ଆସରରେ ଉପସଭାପତି ଆଇନଜୀବୀ ଅଗଣି ଚରଣ ଜେନା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଆଲୋଚକ ଭାବେ ପ୍ରାଧ୍ୟାପକ ଶିବଚରଣ ଖାମୁରାଇ ଯୋଗଦେଇ ଆଲୋଚନା କରିଥିବା ବେଳେ ଆଲୋଚିକା ଭାବେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ଯୋଗ ଦେଇ ନିଜର ମତ ପ୍ରକଟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଉଷାରାଣୀ ଜେନା, ସାହିତ୍ୟାନୁରାଗୀ ମଦନମୋହନ ମହାକୁଡ଼, ଏସ୍‌ୟୁଜେ ଜିଲ୍ଲା ସମ୍ପାଦକ ସାମ୍ବାଦିକ ତପନ କୁମାର ମିଶ୍ର, ଯୁବନେତା ଅମ୍ବିକା ପ୍ରସନ୍ନ ଦାସ, ବିଏମ୍‌ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ଅଖିଳ ଭାରତ ଆଶାକର୍ମୀ ସଂଘ କେନ୍ଦ୍ର ଉପସଭାପତି ମୁକ୍ତିକାନ୍ତ ସାହୁ, ଶିଳ୍ପୀ ରତିକାନ୍ତ ଦାସ, ଦିଲିପ କୁମାର ନାୟକ, କୈଳାସ ଜେନା, ରଜତ ସାହୁ, ଯୁବ କବି ଅଂଶୁମାନ ସ୍ୱାଇଁ ଆଲୋଚନାରେ ନିଜନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ‘ଆମେ’ର ପ୍ରତିଷ୍ଠାତା ପ୍ରଫେସର ଅଟଳ ବିହାରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । କବି ରମେଶ ଚନ୍ଦ୍ର ସ୍ୱାଇଁ ‘ଯୁଦ୍ଧ ଓ ଶାନ୍ତି’ ପର୍ଯ୍ୟବେଶିତ କବିତା ଆବୃତି କରିଥିଲେ । ସମ୍ଭାବନାର ସମ୍ପାଦକ ଋତୁରାଜ ଅକ୍ଷୟ, ଗୀତିକାର ଅରୂପାନନ୍ଦ ଆସରର ସୁପରିଚାଳନା କରିଥିଲେ । ସମ୍ପାଦକ ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଆଦ୍ୟାଶା ନାୟକ, ଆରାଧ୍ୟା ନାୟକ ଆସରରେ ଚିତଉ ପିଠା ଦେଇ ସଭିଙ୍କୁ ଆପ୍ୟାୟିତ କରିଥିଲେ ।

# ବରିଷ୍ଠଙ୍କ ପାଇଁ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୁଆସାହିସ୍ଥିତ ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପରେ ବରିଷ୍ଠ ମାନଙ୍କ ପାଇଁ ଏକ ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା.ରବିନ୍ଦ୍ର କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ ଅଞ୍ଚଳର ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଯୋଗାଇ ଦେଇଥିଲେ । ପୌରପରାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଏଥିରେ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଲିପିତା ମହାରଣା, ରଶ୍ମିତା ମହାରଣା,ସଞ୍ଜୟ କୁମାର ସ୍ୱାଇଁ, କାଜଲ ମହାରଣା, ବାସନ୍ତୀ ସ୍ୱାଇଁ, ସୁଭଦ୍ରା ନାୟକ, ରାନୀ ବାଇ, ଜଶୋଦା ମହାରଣା ଓ ଶମ୍ଭୁନାଥ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ୨୬ତମ କାରଗିଲ ବିଜୟ ଦିବସ ପାଳିତ

ବ୍ରହ୍ମପୁର(ପିପିଏସ୍): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ତରଫରୁ ୨୬ତମ କାରଗିଲ ବିଜୟ ଦିବସ ଶନିବାର ପାଳନ କରାଯାଇଛି । ବ୍ରହ୍ମପୁର ମହାନଗର ଅନ୍ତର୍ଗତ ଜଗଦଳପୁରରେ ଥିବା ଶହୀଦ ଶ୍ରୀନିବାସ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ଶହୀଦ ଶ୍ରୀନିବାସଙ୍କ ଗୁଣଗାନ କରାଯାଇଥିଲା । କାରିଗିଲ ପର୍ବତକୁ ଭାରତୀୟ ସେନା ପାକିସ୍ତାନର ଛାୟା ଯୁଦ୍ଧରୁ ବିଜୟୀ ହେବା, ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦକ୍ଷତା ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ରାମ କୁମାର ପାତ୍ର, ଶହୀଦଙ୍କ ଭାଇ କୃଷ୍ଣମୂର୍ତ୍ତି, ଅଶୋକ ନିମେଇ, ଉମାକାନ୍ତ ପାଣିଗ୍ରାହୀ, ପ୍ରହଲ୍ଲାଦ ପାଣିଗ୍ରାହୀ, ପ୍ରମୋଦ ସାହୁ, ସଞ୍ଜୟ କୁମାର ଦାସ, ସନ୍ତୋଷ ପଣ୍ଡା, ସୁଶାନ୍ତ ସାମଲ, ରାକେଶ ସାବତ, ସିମାଞ୍ଚଳ ପଣ୍ଡା, ଦିନେଶ ଦୋରା, ଭଗବାନ ଭୂୟାଁ, ଟୁଟୁ ମହାନ୍ତି, କମଲ ପାତ୍ର, ସମଜସେବୀ ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲ୍ଲାସ୍ତରୀୟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ



ବ୍ରହ୍ମପୁର (ପିପିଏସ୍): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଗଞ୍ଜାମ ଜିଲ୍ଲାସ୍ତରୀୟ ସମ୍ମିଳନୀ ପ୍ରେମନଗରସ୍ଥିତ ଓଷ୍ଟା କାର୍ଯ୍ୟାଳୟରେ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଆବାହକ ତଥା ଓଷ୍ଟା ସମ୍ପାଦକ ବିଜୟ କୁମାର ବେହେରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ଓଷ୍ଟା ସମ୍ପାଦକ ତଥା ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଯୋଗଦେଇ ଶିକ୍ଷକ ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ ଉପସଭାନେତ୍ରୀ ରାଜଲକ୍ଷ୍ମୀ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡଃ.ବିଜୟ ଚନ୍ଦ୍ର ମହାରଣା, ରାମଚନ୍ଦ୍ର ପୋଲେଇ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଷ୍ଣୁଚରଣ ଦାସ, ଜଗବନ୍ଧୁ ଜେନା ଓ ଅମର ବିକାସ ବେହେରା, ଜିଲ୍ଲା ଓଷ୍ଟାର ଉପଦେଷ୍ଟା ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଗୌଡ, କୃଷ୍ଣଚନ୍ଦ୍ର ପାଢ଼ୀ, ବିପ୍ରଚରଣ ଚୌଧୁରୀ, ହୃଷିକେଶ ନନ୍ଦ ପ୍ରମୁଖ ମଞ୍ଚାସୀନ ହୋଇ ବର୍ତ୍ତମାନ ସୃଷ୍ଟି ହୋଇଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଦୀର୍ଘଦିନଧରି ଅନୁଦାନ ପାଇନଥିବା ୧୯୪ ବର୍ଗର ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ ସହ ଚାକିରୀ ସର୍ତ୍ତାବଳୀ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ପେନସନ୍ ପ୍ରଦାନ, ଖାଲି ପଡିଥିବା ପଦବୀ ପୂରଣ, ବିଭିନ୍ନ ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ୨୦୦୪ରୁ ୨୦୧୩ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ ବରିଷ୍ଠତା ପ୍ରଦାନ ଏଭଳି ବିଭିନ୍ନ ଦାବିନେଇ ଆଲୋକପାତ କରାଯାଇ ଅଗଷ୍ଟ ୧୬ତାରିଖରେ ହେବାକୁ ଥିବା ଦାବି ଦିବସରେ ଜିଲ୍ଲା ତରଫରୁ ବହୁ ସଂଖ୍ୟାରେ ଶିକ୍ଷକ ଓ କର୍ମଚାରୀ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିଲା । ସମାବେଶକୁ ଭୀମସେନ ଗୌଡ, ରାଜେନ୍ଦ୍ର ମହାନ୍ତି, ବିଜୟ କୁମାର ମହାରଣା, ପିତାମ୍ବର ପାଢ଼ୀ, ସୁଧୀର ସେଠୀ, ନିରାମ୍ବର ପଟ୍ଟନାୟକ, କେଦାରନାଥ ପଟ୍ଟନାୟକ, ହରିହର ରାଉତ, ମଧୁସୂଦନ ଦାସ, ଶିବରାମ ମହାରଣା, ଶେଷଦେବ ସ୍ୱାଇଁ, ଲଡୁକିଶୋର ପ୍ରଧାନ, ଶୁଭଲକ୍ଷ୍ମୀ ମହାନ୍ତି, ଦୁର୍ଗାପ୍ରସାଦ ଦାଶ ପରିଚାଳନା କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ପିତାମ୍ବର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଭର ବ୍ରିଜ୍ ଦାବି ନେଇ ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବ୍ରହ୍ମପୁର (ପିପିଏସ୍): ଜାତୀୟ ରାଜପଥ ନମ୍ବର ୧୬ ଲାଞ୍ଜିପଲ୍ଲୀ ବାଇପାସ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେଠାରେ ଏକ ଓଭର ବ୍ରିଜ୍ ତୁରନ୍ତ ନିର୍ମାଣ ନେଇ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ରାଜପଥ କର୍ତ୍ତୃପକ୍ଷଙ୍କୁ ଗତ ୦୫.୦୭.୨୦୨୫ରିଖ ଦିନ ଏକ ନୋଟିସ ଦେଇଥିଲେ । କର୍ତ୍ତୃପକ୍ଷ ଉକ୍ତ ନୋଟିସ ପାଇ କିଛି ଉତ୍ତର ରଖିବାକୁ ଇଚ୍ଛା ପ୍ରକାଶ କରିଲେ ନାହିଁ । ତେଣୁ ଆସନ୍ତା ସୋମବାର ଦିନ ବ୍ରହ୍ମପୁର ହିଲ୍‌ପାଟଣା ସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଦିନ ୧୧ଟା ଠାରୁ ୧୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ସହିତ କିଛି ସମାଜସେବୀ ଧାରଣା ଦେବେ ।

ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ମହିଳାମାନଙ୍କୁ ଯୌନ ଶୋଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ (ଫଟୋଯାଇଛି)

ବ୍ରହ୍ମପୁର(ପିପିଏସ୍): ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ଆଇସିସି, ଏନ୍‌ଏସ୍‌ଏସ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଲିଙ୍ଗଗତ ସମ୍ବେଦନଶୀଳତା ଓ ପାସ୍‌ଆକ୍ଟ-୨୦୧୩ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ମାନସିକ ରୋଗ ବିଭାଗର ପ୍ରାଧ୍ୟାପିକା ଡାକ୍ତର ସ୍ୱାତୀ ମିଶ୍ର ଯୋଗ ଦେଇଥିଲେ । ନିଜ ବକ୍ତବ୍ୟରେ ସେ ଲିଙ୍ଗଗତ ସମ୍ବେଦନଶୀଳତାର ବ୍ୟାଖ୍ୟା କରିବା ସହ ବିଭିନ୍ନ ବାସ୍ତବ ତଥ୍ୟ ଉପସ୍ଥାପନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଲିଙ୍ଗଗତ ସମାନତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଛାତ୍ରଛାତ୍ରୀଙ୍କ ସହ ପ୍ରତ୍ୟକ୍ଷ ପ୍ରଶ୍ନଉତ୍ତୋର ମାଧ୍ୟମରେ ପ୍ରସଙ୍ଗଟିକୁ ଅତି ସରଳ ଭାବରେ ଉପଲବ୍ଧ କରାଇ ଅଧିବେଶନକୁ ଅତି ଜୀବନ୍ତ କରି ପାରିଥିଲେ । ବିଶ୍ୱ ବିଦ୍ୟାଳୟର ଆଇସିସି ଅଧ୍ୟକ୍ଷା ଡ.ଉଷାରାଣୀ ରଥ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ.ଗୌତମ ସାବତ, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଡ. ପ୍ରଣତି ରଥ ପ୍ରମୁଖ ମଞ୍ଚାସୀନ ଥିଲେ । ଇଂରାଜୀ ଅଧ୍ୟାପିକା ଚିନ୍ମୟୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ମୁଖ୍ୟ ଅତିଥି ଡ.ମିଶ୍ରଙ୍କ ବକ୍ତବ୍ୟକୁ ଶୁଣିଥିଲେ ଏବଂ ଏପରି ଏକ କାର୍ଯ୍ୟକ୍ରମର ଉପାଯୋଗୀତା ସପକ୍ଷରେ ମତ ଦେଇଥିଲେ ।

# ବିଶ୍ୱାମିତ୍ର ଘାଟ ଜଳ ଉଠାଇଲେ କାଉଡ଼ିଆ



ଅସ୍ତରଙ୍ଗ (ପିପିଏସ୍): ପୁଣ୍ୟତୋୟା ପ୍ରାଚୀ ନଦୀର ପବିତ୍ର ବିଶ୍ୱାମିତ୍ର ଘାଟ ଶ୍ରାବଣ ମାସରେ ବେଶ ଚଳଚଞ୍ଚଳ ହୋଇ ଉଠେ । ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ହଜାର ହଜାର କାଉଡିଆ ଏଠାରୁ ଜଳ ଉଠାଇବାକୁ ପ୍ରବଳ ଭିଡ଼ ହୋଇଥିଲା । ସକାଳୁ ଅପରାହ୍ନ ପର୍ଯ୍ୟନ୍ତ କାକଟପୁର ନିକଟସ୍ଥ ବିଶ୍ୱାମିତ୍ର ଘାଟରୁ ଶୁଭୁଥିଲା ବୋଲ ବମ୍ ହର ହର ବମ୍, ଭୋଲା ବାବା ପାର କରେଗା, ଜଟିଆ ବାବା ପାର କରେଗା ଭଳି କାଉଡିଆଙ୍କ ଡାକରା । ସେହିଭଳି ବିଶ୍ୱାମିତ୍ର ଆଶ୍ରମ ସାମ୍ନାରେ ବାଜୁଥିଲା ଶହ ଶହ ମାଇକି ଓ ସାଉଣ୍ଡ ବକ୍ସ ଏବଂ ବିଭିନ୍ନ ଶିବ ଭଜନ ତଥା ଜଣାଣ ପରିବେଶକୁ ଅଧିକ କୋଳାହଳମୟ କରିଥିଲା ।

ପୁରାଣରେ ରହିଛି ପବିତ୍ର ପ୍ରାଚୀ ନଦୀର ଗାଥା କୁହାଯାଏ ଗଙ୍ଗା ନଦୀଠାରୁ ଏହି ନଦୀ ବହୁ ପ୍ରାଚୀନ । ସେତିକି ପବିତ୍ର ବୋଲି ପ୍ରାଚୀ କୂଳରେ ରହିଛି ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ ଓ ଦ୍ୱାଦଶ ଶକ୍ତିପୀଠ । ସେହିଭଳି ବିଶ୍ୱାମିତ୍ର ଘାଟରେ ରହିଛନ୍ତି ଗୁପ୍ତଗଙ୍ଗା । ତେଣୁ ଗଙ୍ଗାନଦୀ ଭଳି ଏହି ନଦୀ ପବିତ୍ର ବୋଲି ବିବେଚନା କରାଯାଏ । ଏଥିପାଇଁ ଏହି ଘାଟରେ ବର୍ଷସାରା ପିଣ୍ଡଦାନ, ଅସ୍ଥି ବିସର୍ଜନ, ବିବାହ, ବ୍ରତ ଓ ମୁଣ୍ଡନ ଆଦିବିଧି ବା ପରମ୍ପରା ପାଳିତ ହୋଇ ଆସୁଛି । ତେଣୁ ଶ୍ରାବଣ ସୋମବାର ରେ ଏହି ଘାଟର ଜଳକୁ ମହାଦେବଙ୍କ ମସ୍ତକରେ ଢାଳିଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ତେଣୁ ପ୍ରତିବର୍ଷ କାଉଡିଆମାନେ ଏଠାରୁ ଜଳ ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରନ୍ତି । ଉପକୂଳ ଓଡ଼ିଶାର ପୁରୀ ଲୋକନାଥ, କୋଣାର୍କ ବାଲିକପିଳେଶ୍ୱର, ଭୁବନେଶ୍ୱର ଲିଙ୍ଗରାଜ, ଜଗତସିଂହପୁର ଗୋରେଖନାଥ, କଟକ, ଖୋର୍ଦ୍ଧା ସମେତ ବିଭିନ୍ନ ଗ୍ରାମରେ ଥିବା ଶୈବ ପୀଠକୁ କାଉଡିଆ ମାନେ ଏଠାରୁ ଜଳ ନିଅନ୍ତି । ଶନିବାର, ରବିବାର ଯେଉଁମାନେ ଜଳ ଉଠାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୁରୀ ଲୋକନାଥ, ପୁରୁଣା ଭୁବନେଶ୍ୱର ବାବା ଲିଙ୍ଗରାଜ, ନୀଳକଣ୍ଠେଶ୍ୱର, ବେଲେଶ୍ୱର, ପର୍ଣ୍ଣିମେଶ୍ୱର, ବକ୍ରେଶ୍ୱର ପୀଠକୁ ଯାଇଥାଆନ୍ତି । କାଉଡିଆ ମାନେ ପ୍ରାଚୀ ଜଳରେ ସ୍ନାନ କରିବା ପରେ ବ୍ରାହ୍ମଣଙ୍କ ନିକଟରେ ବ୍ରତୀ ହୋଇଥିଲେ ଏବଂ ଜଳାଭିଷେକ ବିଧି ପାଳନ କରିଥିଲେ । ଏହାପରେ ସେମାନେ ଜଳଭାର ବହନ କରିଥିବା ବାହୁଙ୍ଗୀ କାନ୍ଧେଇ ବିଶ୍ୱାମିତ୍ର ପୀଠର ଆରାଧ୍ୟ ଦେବତା ପ୍ରାଚୀ ଗଙ୍ଗେଶ୍ୱର ପୀଠ ବୁଲିଥିଲେ । ସେହିଭଳି ଜଳଭାର ବାହୁଙ୍ଗୀ କାନ୍ଧେଇ ଶ୍ରଦ୍ଧାଳୁ ମାନେ ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ପଡ଼ିଥିଲେ ।

## ସାର୍ଥକ ହୋଇଛି ଓକିଲ ସଂଘର ପ୍ରଚେଷ୍ଟା ଓ ଶ୍ରମ

# ଧାମନଗରରେ ଖୋଲିବ ସିଭିଲ ଜଜ୍ (ସିନିଅର ଡିଭିଜନ) କୋର୍ଟ




ଧାମନଗର (ପିପିଏସ): ଗତ ୨୦୧୪ ମସିହା ଫେବୃଆରୀ ୨୨ ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ମାନ୍ୟବର ସୁବାଷ ଚନ୍ଦ୍ର ପରିଜାଙ୍କ କରକମଳରେ ଧାମନଗରରେ ସିଭିଲ ଜଜ (ଜୁନିଅର ଡିଭିଜନ) କୋର୍ଟ ଉଦଘାଟନ ସହ ଧାମନଗର ଓକିଲ ସଂଘ ପ୍ରତିଷ୍ଠା ହୋଇଥିଲା । ତା’ ପରଠୁ ଏଠାରେ ସିଭିଲ ଜଜ (ସିନିଅର ଡିଭିଜନ) ଖୋଲିବା ପାଇଁ ଧାମନଗର ଓକିଲ ସଂଘ ନିରନ୍ତର ଉଦ୍ୟମ ଜାରି ରଖିଥିଲା । ଗତ ୨୦୨୪ ମସିହା ଡିସେମ୍ବର ୨୨ ତାରିଖରେ ଓକିଲଙ୍କ ୧୦ ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପୁନଃ ନିବେଦନ କରିଥିଲା ସଂଘ । ଏବେ ଧାମନଗରରେ ସିଭିଲ ଜଜ (ସିନିଅର ଡିଭିଜନ) କୋର୍ଟ ଖୋଲିବା ପାଇଁ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି । ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଗତ ୧୯ ତାରିଖରେ ଆକାଉଣ୍ଟ ଜେନେରାଲଙ୍କୁ ପରିପତ୍ର ସଂ ୧୧୪୧୦ ମାଧ୍ୟମରେ ସୂଚନା ଦିଆଯାଇଛି । ଏ ଖବର ପ୍ରସାରିତ ପରେ ଧାମନଗର ଓକିଲ ସଂଘରେ ଖୁସିର ବାତାବରଣ ଖେଳି ଯାଇଛି । ଏହି ପରିପ୍ରେକ୍ଷୀରେ ଧାମନଗର ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ସଂଘର ସମ୍ପାଦକ ଆଇନଜୀବୀ ରଞ୍ଜିତ ମହାନ୍ତିଙ୍କ ସଞ୍ଚାଳନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସଂଘର ସଭାପତି ଅଶୋକ କୁମାର ଦାସ, ଉପସଭାପତି ପ୍ରଜ୍ଞା ଦାଶ, ସହ ସମ୍ପାଦକ ମିନତୀ ମଲ୍ଲିକ,ପୂର୍ବତନ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ମନୋଜ ଗୁପ୍ତା, ବରିଷ୍ଠ ଆଇନଜୀବୀ ଜୟନୁଲ ଆବେଦିନ, ବିଜୟ କୁମାର ରାମ, ସୁବ୍ରତ କୁମାର ନନ୍ଦ, ସନ୍ତୋଷ ତ୍ରିପାଠୀ, ସାନ୍ତ୍ୱନୁ ଦାସ ପ୍ରମୁଖ ଉପସ୍ଥିତ ଥାଇ ଏହି ସଫଳତାର ଶ୍ରେୟ ମାନ୍ୟବର ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦେବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥି ସହିତ ଏହି କାର୍ଯ୍ୟରେ ସଦୟ ନିଃସ୍ୱାର୍ଥ ସହଯୋଗ କରିଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ତତ୍କାଳୀନ ଜିଲ୍ଲା ଜଜ ପ୍ରଦ୍ୟୁମ୍ନ କୁମାର ନାୟକ,ହାଇକୋର୍ଟର ବରିଷ୍ଠ ଓକିଲ ଦେବାଶିଷ ସାମଲ, ଏମଡି ମଦାନି, ପ୍ରଶାନ୍ତ ବିଶ୍ୱାଳଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଇ ଥିଲା । ସଂଘ ଏ ସମସ୍ତ ମହାନୁଭବଙ୍କୁ ଭେଟି ଶୁଭେଚ୍ଛା ଜଣାଇବାକୁ ନିଷ୍ପତ୍ତି ନେଇଛି ବୋଲି ସୂଚନା ଦେଇଥିଲେ । ଶେଷରେ କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆଁ ଜାଳିଦେଲା ସ୍ୱପ୍ନ, ଭସ୍ମୀଭୂତ ୩ ବଖରା

# ଝିଅ ବାହାଘର ସାମଗ୍ରୀ ପାଉଁଶ ଗଦାରୁ ସାଉଣ୍ଟୁଛନ୍ତି ବାପା ମା’




ଅସ୍ତରଙ୍ଗ (ପିପିଏସ୍): ଆଉ କିଛି ମାସ ପରେ ହୋଇଥାନ୍ତା ଝିଅର ବାହାଘର । ହେଲେ ଝିଅ ବାହାଘର ପାଇଁ ରଖାଯାଇଥିବା ସବୁ ଜିନିଷପତ୍ର ନିଆଁରେ ପୋଡି ପାଉଁଶ ହୋଇଗଲା । ଏବେ ଝିଅ ବାହାଘର କେମିତି ହେବ, କିପରି ଚଳିବେ ସେ ଚିନ୍ତାରେ ବାପା, ମା ଦୁହେଁ । ଏହା ଶହ ଘର ପୋଡିବା ପରେ ଖୋଲା ଆକାଶ ତଳେ ପରିବାର ।

ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲି ଅନ୍ତର୍ଗତ ଶିଶୁଅ ପଞ୍ଚାୟତ ଅଧୀନ ଉଦୟକଣି ଗ୍ରାମର ୫ ନମ୍ବର ୱାର୍ଡ କପିଳ କାଣ୍ଡି ପରିବାର ସଦସ୍ୟ ଶୋଇଥିବାବେଳେ ଶୁକ୍ରବାର ହଠାତ ବିଳମ୍ବିତ ରାତ୍ରରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ହୋଇଥିଲା । ଅଗ୍ନିକାଣ୍ଡ ପ୍ରଖର ଏତେ କ୍ଷୀପ୍ରତର ଥିଲା କ୍ଷଣିକ ମଧ୍ୟରେ ଜଳିଗଲା ୩ ବଖରା ଚାଳଘର ସମେତ ଘର ଭିତରେ ଥିବା ସ୍କୁଟି ଗାଡି, ସାଇକେଲ, ଟ୍ରଙ୍କ ମଧ୍ୟରେ ଥିବା ଘରର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର, ମୋବାଇଲି ଫୋନ, ବସ୍ତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳି ଭସ୍ମିଭୂତ ହୋଇଯାଇଛି । ବରଂ ମାଟିରେ ମିଶେଇ ଦେଇଛି ଅନେକ ସ୍ୱପ୍ନ । ଝିଅ ବାହାଘର ପାଇଁ ରଖିଥିବା ଜିନିଷ ପତ୍ର ଶହ ବର୍ଷକର ଆହାର । ଝିଅ ବାହାଘର ସ୍ୱପ୍ନରେ ଲାଗିଗଲା ନିଆଁ । ଭୟଙ୍କର ଅଗ୍ନିକାଣ୍ଡ ରେ ପୋଡି ପାଉଁଶ ହୋଇଗଲା । ଖବର ପାଇଁ କୋଣାର୍କ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ । ପାଉଁଶ ହୋଇଗଲା ସବୁ ଆଶା ଆଉ ଉତ୍କଣ୍ଠା । ହେଲେ ବାହାଘର ଆଗରୁ ପୋଡି ପାଉଁଶ ହୋଇଯାଇଛି ବାହାଘର ପାଇଁ ରଖାଯାଇଥିବା ଟଙ୍କା, ସୁନା, ରୂପା, ବାସନକୁସନ ଓ କିଛି କାଠ ସାମଗ୍ରୀ । ଏବେ ଝିଅ ବାହାଘର କେମିତି ହେବ ସେହି ଚିନ୍ତାରେ ଅଗ୍ନିବିପନ୍ନ କପିଳ କାଣ୍ଡି ଓ ତାଙ୍କ ପତ୍ନୀ । ଏ ଘଟଣା ଖବର ପାଇଁ ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତି ପହଂଚି ପରିବାର କୁ ଆଶ୍ୱାସନା ଦେବା ଶହ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ଯୋଗାଯୋଗ କରିବାରୁ ସଂଗେ ସଂଗେ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ସ୍ଥିତି ଅନୁଧାନ କରିବା ଶହ ଅଗ୍ନି ବିପନ୍ନ କପିଳ କାଣ୍ଡିଙ୍କୁ ପାଲ ଯୋଗାଇଦେଇଛନ୍ତି । ଏ ସମ୍ପର୍କରେ ତହସିଲଦାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ଖୁବ୍‌ଶୀଘ୍ର ଅଗ୍ନିବିପନ୍ନ କପିଳ କାଣ୍ଡିଙ୍କୁ ସହାୟତା ଯୋଗାଇ ଦିଆଯିବ ସୂଚନା ଦେଇଛନ୍ତି । ଅନ୍ୟପଟେ ଏଭଳି ଅଗ୍ନିକାଣ୍ଡ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ସମାଜସ୍ୱେବୀ ବ୍ୟକ୍ତି ବିଶେଷ ଶୁଖିଲା ଖାଦ୍ୟ ସମେତ ବସ୍ତ୍ର ମଧ୍ୟ ପରିବାରଙ୍କୁ ପ୍ରଦାନ କରିଛନ୍ତି । ତେବେ ଦିନ ମଜୁରିଆ କପିଳ କାଣ୍ଡିଙ୍କ ପରିବାରକୁ ପ୍ରତିପୋଷଣ କରିବାକୁ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଥିବାରୁ ତାଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ଶ୍ରୀ ରାମଲିଙ୍ଗ ଚୌଡେଶ୍ୱରୀ ମା’ଙ୍କ ବାର୍ଷିକ ଉତ୍ସବ

# ରୁଦ୍ରାଭିଷେକ ଓ ଶିବପୂଜାରେ ଭକ୍ତଙ୍କ ଭିଡ଼



ବ୍ରହ୍ମପୁର (ପିପିଏସ୍): ମାର୍ଥାପେଟା ସାହିସ୍ଥିତ ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଶ୍ରୀ ରାମଲିଙ୍ଗ ଚୌଡେଶ୍ୱରୀ ମା’ଙ୍କ ଦେବ ସ୍ଥାନର ୪୬ତମ ବାର୍ଷିକ ଉତ୍ସବ ଓ ୧୦୮ କଳସ ଅଭିଷେକ ଅନୁଷ୍ଠିତ ହେଉଛି । ଏହି ଅବସରରେ ପ୍ରଥମ ଦିବସରେ ଆୟୋଜିତ କଳସ ଯାତ୍ରାରେ ଆଖ ପାଖ ଅଞ୍ଚଳର ବହୁ ଭକ୍ତ ଯୋଗ ଦେଇଥିଲେ । ସେହିପରି ୨୪ତାରିଖରେ ନିଜ ରୂପ ଦର୍ଶନ, ଦେବୀ ହୋମ, ୨୫ ତାରିଖରେ ସାମୂହିକ କୁଙ୍କୁମ ପୂଜା ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ମା’ଙ୍କ ନିକଟରେ ରୁଦ୍ରାଭିଶେକ, ଶିବ ପୂଜା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ରବିବାର ସକାଳ ୧୦ଟାରେ ମା’ଙ୍କ ନଗର ପରିକ୍ରମା ସହ ଉଦ୍‌ଯାପନ ହେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ ସଭାପତି ଟି. ଗୋପୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ଡ.ପ୍ରଦୀପ କୁମାର ପାଣିଗ୍ରାହି, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଶରତ ଚନ୍ଦ୍ର ପଟ୍ଟନାୟକ, ବନମାଳୀ ସେଠୀ, କାମନା ପାଢ଼ୀ, ଶିବ ଶଙ୍କର ସାହାଣୀ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମା’ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

## ଚୋରି ବେଳର ଲାଇଭ୍ ସିସିଟିଭି ଫୁଟେଜ କଏଦ୍

# ୩ ମୁଖାଧାରୀ ଦୁର୍ବୃତ୍ତଙ୍କୁ କେବେ ଧରିବ ପୁଲିସ ?



ଅସ୍ତରଙ୍ଗ (ପିପିଏସ୍): ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ବିଳମ୍ବିତ ରାତ୍ର ସମୟରେ ଆକ୍ରମଣ କରି ଲକ୍ଷାଧିକ ଟଙ୍କା ଶହ ସୁନା ଅଳଙ୍କାର ନେଇ ଫେରାର । ଯାହାକି ଚୋରି ସମୟରେ ଦୁର୍ବୃତ୍ତଙ୍କ ଗତିବିଧି ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ । ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମର ସୁଲତାନା ବେଗମ୍ ଘରେ ଗୁରୁବାର ଭୋର ୩ଘ ୧୦ମିନିଟ ସମୟରେ ୩ ଜଣ ମୁଖାଧାରୀ ଅଚାନକ ଘରେ ପଶି ସୁଲତାନା ବେଗମ୍‌ଙ୍କ ମୁହଁକୁ ଆଘାତ କରିବା ସହ ଓଢଣୀରେ ତଣ୍ଟିକୁ ଚିପିଧରିଥିଲେ । ଏହାସହ ଓଢଣୀରେ ନାକକୁ ଚିପି ଧରିଥିଲେ । ଓଢଣୀରେ ସୁଲତାନା ବେଗମ୍‌ଙ୍କ ବେକକୁ ବାନ୍ଧିଥିବାରୁ ଛଟପଟ ହେବାରୁ ସାନପୁଅକୁ ମୁଖାମାରି ଶ୍ୱାସରୁଦ୍ଧ କରିବା ବେଳେ ୧୩ ବର୍ଷୀୟ ବଡ଼ ପୁଅ ମା’ ଓ ସାନ ଭାଇର ଅବସ୍ଥା ଦେଖି ପାଟି କରିବାରୁ ୩ ଜଣ ମୁଖାଧାରୀ କିଛି କ୍ଷଣକ ମଧ୍ୟରେ ଘର ଭିତରୁ ଆସବାବ ପତ୍ର ଭାଙ୍ଗି ୧ଲକ୍ଷ ୧୫ ହଜାର ଟଙ୍କା, ସୁନା ଚେନ ୨ଭରି,କାନଫୁଲ ୬ଟା (୩ ଭରି) ନେଇ ଫେରାର ହୋଇଯାଇଥିଲେ ବୋଲି ସୁଲତାନା ବେଗମ୍ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଏ ଘଟଣା ସମ୍ପର୍କରେ କାକଟପୁର ଥାନାକୁ ଜଣାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କ ସମ୍ପର୍କରେ ସୁଲତାନା ବେଗମ୍‌ଙ୍କ ଠାରୁ ବୁଝିଥିଲେ । ଏହାସହ ଗୁରୁବାର ଦିନ ପୁରୀ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, ଲ୍ୟାବ ଆଟେଣ୍ଡଣ୍ଟ ଓ କ୍ୟାମେରା ମ୍ୟାନ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । କାକଟପୁର ଥାନାର ତଦନ୍ତକାରି ଅଧିକାରିଣୀ ପ୍ରିୟଦର୍ଶନୀ ବରାଳ ଥାନା କେଶ ନମ୍ବର ୧୭୬/୨୫ରେ ମାମଲା ରୁଜୁକରି ପୁଲିସ ବିଭିନ୍ନ ପାରି ପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତ ଜାରୀ ରଖିଛି । କିନ୍ତୁ ସିସିଟିଭିରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଚୋରି ସମୟ ରେ ଗତିବିଧି ଉପରେ ନିକଟରେ ଲାଗିଥିବା ସିସିଟିଭି ରେ କଏଦ ହୋଇଥିବା ଦୃଶ୍ୟ । ଯାହାକି ପୋଲିସ ପାଇଥିବା ବେଳେ ଘର ଭିତରୁ ଦୁର୍ବୃତ୍ତ ଛାଡି ଯାଇଥିବା ଶାବଳ, ସେଲୋଟେପ ଓ ଘର ଆଲମାରୀ ହାଣ୍ଡେଲକୁ ପୁଲିସ ଜବତ କରିଛି । ଅନେକ ଚୋରି ଅଭିଯୋଗ କେବଳ ଧର୍ମକୁ ଆଖି ଠାର ଭଳି ତଦନ୍ତ ହେଉଛି । ଚୋରଙ୍କ ପତ୍ତା ପାଇପାରୁନି ପୋଲିସ । ଯାହାଫଳରେ କି କାକଟପୁର ଥାନାରେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ ବିଭିନ୍ନ ସମସ୍ୟା ହେଉଥିବା ବେଳେ ଚୋରଙ୍କ ପର୍ଦାଫାସ କରିବାରେ ଗ୍ରାମାଞ୍ଚଳ ଥାନା କାକଟପୁର ପୋଲିସ ବିଫଳ ହୋଇଛି । ଲୁଟେରା ପୋଲିସ ଆଖିରେ ଧୂଳି ଦେଇ ବୁଲୁଛନ୍ତି, ଗୋଟିଏ ପରେ ଗୋଟିଏ ଚୋରି କରୁଛନ୍ତି । କୌଣସି ଘଟଣା ରେ ସାମାନ୍ୟ ଖିଅ ପାଉନି ପୋଲିସ । ଯାହା ଦ୍ୱାରା ଚୋରି କୁ ଅଣଦେଖା କରିବା ଦ୍ୱାରା ଏବେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି । ଚୋରଙ୍କ ସାହସ ବଢ଼ି ବଢ଼ି ଚାଲିଛି । ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ୩ ଜଣ ମୁଖାଧାରୀ କିଏ ତୁରନ୍ତ ଧରିବାକୁ ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା
# ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କୋରାପୁଟ, (ହି.ସ.)- ୨୦୨୪ ମସିହାରେ କୋରାପୁଟ ସଦର ଥାନା ଅଂଚଳରେ ଘଟିଥିବା ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ୧୧ ଜଣ ସାକ୍ଷ୍ୟ ପ୍ରମାଣ ଏବଂ ୨୦ଟି ଦସ୍ତାବିଜକୁ ଭିତି କରି ଜୟପୁର ସ୍ଥିତ ପୋକ୍ସୋ କୋର୍ଟ ରାୟ ଶୁଣାଇଛନ୍ତି । ରାୟଗଡା ଜିଲା ସାନନାରିଙ୍ଗିପାଙ୍ଗା ଗ୍ରାମର ପବିତ୍ର ମୁଦ୍ରିକାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦେୟ ହେଲେ ଅଧିକ ୧୦ ମାସ ଜେଲ ଦଣ୍ଡ ଭୋଗିବାରୁ ରାୟ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ମାମଲା ଚାଲିଥିବା ସମୟରେ ପୀଡିତାଙ୍କୁ ୧ ଲକ୍ଷ ଟଙ୍କା ଅନ୍ତରୀଣ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା । ସୂଚନା ଅନୁଯାୟୀ, ଗତ ୭।୧।୨୪ ତାରିଖରେ ଘରେ କେହି ନଥିବା ସମୟରେ ଅଭିଯୁକ୍ତ ଥିବା ପବିତ୍ର ମୁଦ୍ରିକା ପୀଡ଼ିତା ନାବାଳିକାର ନିଜ ବଡ ବାବା ଘରେ ରହୁଥିବା ସମୟରେ ପବିତ୍ର ଭଉଣୀ ଅସୁସ୍ଥ ଅଛି ଏବଂ ପୀଡିତା ନାବାଳିକାଙ୍କୁ ଦେଖା କରିବାକୁ ଚାହୁଁଛି ବୋଲି ଘରକୁ ଡାକି ନେଇ ନିଜ ଘରେ ରଖି ନାବାଳିକାଙ୍କ ଇଛା ବିରୁଦ୍ଧରେ ଜୋରଜବରଦସ୍ତ ବାରମ୍ବାର ଦୁଷ୍କର୍ମ କରିଥିଲେ । ନାବାଳିକା ବଡ ବାପାଙ୍କ ଲିଖିତ ଅଭିଯୋଗକୁ ଭିତି କରି କୋରାପୁଟ ସଦର ଥାନାରେ ମାମଲା ରୁଜୁ ହୋଇଥିଲା । ନାବାଳିକାକୁ ପବିତ୍ରଙ୍କ ଘରୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା ପୋଲିସ । ସରକାରଙ୍କ ତରଫରୁ ମାମଲାକୁ ସ୍ଵତନ୍ତ୍ର ସରକାରୀ ଓକିଲ ଡଃ. ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

## କେନାଲରେ ଭାସି ଯୁବକ ନିଖୋଜ

ମୁଖୀଗୁଡା,(ହି.ସ.)- କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମପଞ୍ଚାୟତ ଜୁନାପାଣି ଗ୍ରାମର ଭିନ୍ନକ୍ଷମ ଯୁବକ ମାଗୁ ମାଝୀ (୨୮) ଇନ୍ଦ୍ରାବତୀ ଟେଲରେସ କେନାଲରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି । ସେ ଶୌଚ ହେବା ପାଇଁ ଗତକାଲି ସନ୍ଧ୍ୟାରେ ଟେଲରେସ କେନାଲକୁ ଯାଇଥିବା ବେଳେ ପାଣିର ସୁଅରେ ଭାସିଯାଇଥିବା ସନ୍ଦେହ କରାଯାଉଛି । କେନାଲ ନିକଟରେ ତାଙ୍କର ଚପଲ ଓ ଠେଙ୍ଗା ପଡିଥିବା ଦେଖିବାକୁ ମିଳିଛି । ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

# ସୁବର୍ଣ୍ଣପାଲି ରାସ୍ତା ଅବସ୍ଥା ସାଂଘାତିକ



## ● ଖାଲି ପାଦରେ ଚାଲିଲେ ଝୁଣ୍ଟିବ
## ● ମରାମତି ଦାବି ଜୋର୍ ଧରିଲା

ଦେବଗଡ଼(ପିପିଏସ୍): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ଗମନାଗମନ ତଥା ପରିବହନ କ୍ଷେତ୍ରରେ ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନୂତନ ରାସ୍ତା ନିର୍ମାଣ ନିର୍ମାଣ କରାଯାଉଛି । ମାତ୍ର ସ୍ଥାନୀୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ତଥା ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ ସମ୍ପୃକ୍ତ ଯୋଜନା କାର୍ଯ୍ୟକାରୀ ହେବାରେ ବାଧା ସୃଷ୍ଟି ହେଉଛି । ଏହାର ଏକ ନିଛକ ଉଦାହରଣ ଦେବଗଡ଼ ଜିଲ୍ଲା ରିଆମାଳ ସୁବର୍ଣ୍ଣପାଲି ସଦର ମହକୁମା ଅଞ୍ଚଳରେ ଦେଖିବାକୁ ମିଳିଛି । ପ୍ରକାଶ ଯେ, ସୁବର୍ଣ୍ଣପାଲି ସଦର ମହକୁମା ଅନ୍ତର୍ଗତ ସୁବର୍ଣ୍ଣପାଲି ଗ୍ରାମ ରାସ୍ତା ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇଛି । ଏହି ରାସ୍ତାରେ ବର୍ଷାପାଣି ଜମିରହିବାରୁ ଏହାର ଅବସ୍ଥା ସାଂଘାତିକ ହୋଇଥିବା ଦେଖିବାକୁ ମିଳିଛି । ଏପରିକି ବାଇକ୍ ଓ ଯାନବାହନ ତ ଦୂରର କଥା; ଖାଲି ପାଦରେ ବି ଏହି ରାସ୍ତାରେ ଚାଲିକି ଯିବା କଷ୍ଟସାଧ ହୋଇପଡ଼ିଛି । ତେବେ ଆର୍ ଆଣ୍ଡ୍ ବି ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଦାବି ଜୋର୍ ଧରିଛି । ବରିଷ୍ଠ ବିଜେପି ନେତା ବିରେନ ପ୍ରଧାନ ଓ ନିରଞ୍ଜନ ବେହେରାଙ୍କ ଘର, ଦୁଇ ଜଣ ସାମ୍ବାଦିକଙ୍କ ଘରମଧ ସେହିଗ୍ରାମରେ ହୋଇଥିବାବେଳେ ଏହି ରାସ୍ତାର ଅବସ୍ଥା ସୁଧୁରୁ ନଥିବାର ଚର୍ଚ୍ଚା ଚାଲୁଛି ।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର, (ହି.ସ.) : ବାଲେଶ୍ଵର ଏଫ ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ତାଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ପାଟଣା କଂଗ୍ରେସ ତରଫରୁ ମନ୍ଦିରରେ ଦୀପଦାନ କରାଯାଇଛି । ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ ଓ ପୂର୍ବତନ ବ୍ଲକ ସଭାପତି ଲକ୍ଷ୍ମଣ ଦାଶଙ୍କ ନେତୃତ୍ଵରେ ସ୍ଵାମ ହନୁମାନ ମନ୍ଦିରରେ ଆୟୋଜିତ ଏକ ଶୋକ ସଭାରେ ସୋମ୍ୟାଶ୍ରୀଙ୍କ ନିମନ୍ତେ ନିରବ ପ୍ରାର୍ଥନା ସହିତ ହନୁମାନଙ୍କ ନିକଟରେ ଦୀପଦାନ କରାଯାଇଥିଲା ।ଏହି ଘଟଣା ରେ ସରକାର ଙ୍କ ବିଫଳତାକୁ ଘୋର ନିନ୍ଦା କରା ଯିବାସହ ଦୋଷୀଙ୍କୁ ତୁରନ୍ତି ଗିରଫ କରିବା ଦାବି ହୋଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ବରିଷ୍ଠ ନେତା ଦିଲ୍ଲୀପ କୁମାର ଦାଶ, ଜ୍ଞାନେନ୍ଦ୍ର ମିଶ୍ର, ବିଦ୍ୟାଧର ରାଉଳ, ନିରଞ୍ଜନ ନାଏକ, କୈବଲ୍ୟ ଚୌଧୁରୀ, ନବଘନ ପାତ୍ର, ଉଦ୍ଧବ ମହାନ୍ତି, ବାଇଧର ସାହୁ, ନିରଞ୍ଜନ କର ପ୍ରମୁଖଙ୍କ ସହିତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଅନ୍ଧାରରେ ପଣସପୁଟ ଆବାସିକ ବିଦ୍ୟାଳୟ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ଵାଭିମାନ ଅଂଚଳରେ ଥିବା ପଣସପୁଟ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ବିଜୁଳି ନଥିବାରୁ ୫୫୦ ଜଣ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସମେତ ୩୦ ଜଣ ବିଦ୍ୟାଳୟ କର୍ମଚାରୀ ୧୩ ଦିନ ହେଲା ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଏପରିକି କିଛିଦିନ ହେବ ଅଂଚଳରେ ଲାଗି ରହିଥବା ଲଗାଣ ବର୍ଷା ସ୍ଥିତିକୁ ଆହୁରି ଖରାପ କରିଦେଇଛି । ବିଦ୍ୟାଳୟରେ ଲାଗିଥିବା ସୋଲାର ସିଷ୍ଟମ ମଧ ଦୁଇ ମାସ ଧରି ଅଚଳ ହୋଇପଡିଛି । ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ ସୋଲାରର କୌଣସି ମରାମତି ହୋଇ ପାରୁନାହିଁ ।ବିଦ୍ୟାଳୟରେ ଥିବା ଛୋଟ ଜେନେରେଟରରେ କେବଳ ପିଲାଙ୍କ ପିଇବା ପାଇଁ ଓ ରୋଷେଇ ପାଇଁ ପାଣି କଷ୍ଟରେ ଯୋଗାଡ଼ ହୋଇ ପାରୁଥିବା ବେଳେ ୫୫୦ ଜଣ ପିଲାଙ୍କ ଗାଧୋଇବା କଥା ନକହିବା ଭଲ । ସନ୍ଧ୍ୟା ହେଲେ ଛାତ୍ରାବାସ ଗୁଡିକରେ ରହୁଥିବା ପିଲାମାନେ କ୍ୟାଣ୍ଡେଲ ଜାଳି ରହୁଥିବା ଦେଖିବାକୁ ମିଳୁଛି । ଛୋଟ ଜେନେରେଟରରେ ସବୁ ହଷ୍ଟେଲକୁ ବିଜୁଳି ଯୋଗାଇବା ସମ୍ଭବ ହୋଇ ପାରୁନାହିଁ । ବିଜୁଳି ବିଭାଗର ସମସ୍ତ ଉପରିସ୍ଥ ଅଫିସରଙ୍କ ପର୍ଯ୍ୟନ୍ତ ଏନେଇ ଅଭିଯୋଗ କରୁଥିଲେ ମଧ ବିଜୁଳି ବିଭାଗ କୌଣସି କର୍ଣ୍ଣପାତ କରୁନଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି । ବିଦ୍ୟାଳୟଟି ପାହାଡ଼ ପାଦ ଦେଶରେ ଥିବାରୁ ବିଦ୍ୟାଳୟ ଭିତରେ ବିଷଧର ସାପ ଏପରିକି ନାଗ ସାପ, କଙ୍କଡ଼ା ବିଛା, ଚିତି ସାପ ଦେଖିବାକୁ ମିଳୁଛି । ଫଳରେ ପିଲାମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଏଭଳି ଦୟନୀୟ ପରିସ୍ଥିତିରେ ଦୀର୍ଘ ୧୩ ଦିନ ହେବ ୫୫୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି କିଭଳି ଏକଥା ପ୍ରଶାସନ ନଜରକୁ ଆସିନାହିଁ ନା ସବୁ ଜାଣି ପ୍ରଶାସନ ନିରବ ରହିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସ୍ଵାଭିମାନ ଅଂଚଳବାସୀ ଦାବି କରିଛନ୍ତି ।

## ଅନ୍ୱେଷା ଯୋଜନା ଦିଗହରା

କେନ୍ଦୁଝର : କେନ୍ଦୁଝର ଜିଲ୍ଲାରେ ଅନ୍ୱେଷା ଯୋଜନା ଦିଗହରା ହୋଇଥିବା ଜଣାପଡିଛି । ଜିଲ୍ଲାରେ ଛଅ ରୁ ଉର୍ଦ୍ଧ୍ଵ ବେସରକାରୀ ବିଦ୍ୟାଳୟରେ ଆଦିବାସୀ ଗରିବ ଶ୍ରେଣୀର ବିଦ୍ୟାର୍ଥୀ ଙ୍କୁ ମାଗଣା ପଢାଯିବା ପାଇଁ ଯୋଜନା ହୋଇଥିଲା । ୨୦୨୦ ରୁ ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ୨୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମଧ ସିବିଏସି ପାଠ୍ୟକ୍ରମରେ ମାଗଣାରେ ପଢୁଛନ୍ତି । କିନ୍ତୁ ଚଳିତ ବର୍ଷ ଏହି ଯୋଜନାରେ ନାମ ଲେଖା ହୋଇପାରିନାହିଁ । ଫଳରେ ବହୁ ଆଶାୟୀ ଗରିବ ଆଦିବାସୀ ଛାତ୍ରଛାତ୍ରୀ ହତୋତ୍ସାହ ହୋଇଛନ୍ତି । ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ ଚଳିତ ବର୍ଷ ଏହି ଯୋଜନା ପାଇଁ ପାଣ୍ଠି ଉପଲବ୍ଧ ନଥିବାରୁ ନାମଲେଖା ହୋଇନଥିବା ପ୍ରକାଶ କରିଛନ୍ତି ।

# ନାବାଳିକାକୁ ଅପହରଣ ସହ ଅସଦାଚରଣ
# ଅଭିଯୁକ୍ତକୁ ଧରିଲା ପୁଲିସ୍



ଦାରିଙ୍ଗବାଡ଼ି : କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ଅସଦାଚରଣ କରିଥିବା ଅଭିଯୋଗରେ ଜଣେ ଯୁବକକୁ ପୋଲିସ ଗିରଫ କରିଛି । ଗିରଫ ଯୁବକ ହେଲେ ରାୟଗଡା ଜିଲା ପଦ୍ମପୁର ଥାନା ନୂଆଗଡ ଗ୍ରାମର ଆଲୋକ କୁଆଁରି ବୋଲି ତଦନ୍ତକାରୀ ଅଧିକାରୀ ଅମରେନ୍ଦ୍ର ସୁବୁଦ୍ଧି କହିଛନ୍ତି । ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳର ନାବାଳିକାଙ୍କୁ ଅଭିଯୁକ୍ତ ଯୁବକ ଅପହରଣ ପରେ ରାଜ୍ୟ ବାହାରକୁ ନେଇ ଯାଇଥିଲା । ପୋଲିସ ସାଇବର ଥାନାର ସହାୟତରେ ରାଜ୍ୟ ବାହାରୁ ତାମିଲନାଡୁରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଗିରଫ କରିଛି । ଆଜି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି ।

# କୋଟପାଡ଼ରେ ୧୨୯.୦ ମି.ମି. ବର୍ଷା ରେକର୍ଡ

କୋରାପୁଟ (ହି.ସ.)- ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର ୨ଟି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇଥିବା ବେଳେ ୨୩ଟି ସ୍ଥାନରେ ଭୀଷଣ ବର୍ଷା ହୋଇଛି । ଏହା ବ୍ୟତୀତ ଅନ୍ୟ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । କୋରାପୁଟ ଜିଲ୍ଲାର କୋଟପାଡ଼ରେ ସର୍ବାଧିକ ୧୨୯.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାରେ ୧୧୯.୨ ମି.ମି., ସମ୍ବଲପୁର ଜିଲ୍ଲାର କୁଚିଣ୍ଡାରେ ୧୧୩.୦ ମି.ମି., କେନ୍ଦୁଝର ଜିଲ୍ଲାର ହାଟଡିହିରେ ୧୧୦.୨ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ାରେ ୧୦୮.୦ ମି.ମି., ବଣାଇଗଡ଼ରେ ୧୦୪.୪ ମି.ମି., ଭଦ୍ରକ ଜିଲ୍ଲାର ବନ୍ତରେ ୯୮.୦ ମି.ମି., ବଲାଙ୍ଗିର ଜିଲ୍ଲାର ଅଗଲପୁରରେ ୯୬.୫ ମି.ମି., ଅନୁଗୁଳ ଜିଲ୍ଲାର ପାଲଲହଡ଼ାରେ ୯୫.୮ ମି.ମି., ମାଲକାନଗିରି ଜିଲ୍ଲାର ମାଲକାନଗିରିରେ ୯୫.୨ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ଟେନସାରେ ୯୩.୮ ମି.ମି., କେନ୍ଦୁଝର ଜିଲ୍ଲାର ତେଲକୋଇରେ ୯୦.୪ ମି.ମି. ଏବଂ ସୁନ୍ଦରଗଡ଼ ଜିଲ୍ଲାର ସୁନ୍ଦରଗଡ଼ରେ ୮୮.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# କର୍ମକ୍ଷେତ୍ରରେ ଯୌନଶୋଷଣ ନିବାରଣ ଆଇନ ସମ୍ପର୍କିତ କର୍ମଶାଳା

କେନ୍ଦୁଝର, (ହି.ସ.)- ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ସୌଜନ୍ୟରୁ କର୍ମକ୍ଷେତ୍ରରେ ଯୌନ ଶୋଷଣ ନିବାରଣ ଆଇନ ସମ୍ବନ୍ଧୀୟ ଏକ ଦିବସୀୟ କର୍ମଶାଳା ଦରବାର ହଲଠାରେ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ କାର୍ଯ୍ୟକ୍ରମରେ ଅଧକ୍ଷତା କରି କର୍ମଶାଳା ପରିଚାଳନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକ ସ୍ଵାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧିକ୍ଷକ ପୂଜା ଧାମ, ଡେପୁଟି କଲେକ୍ଟର ଅରୁଣିମା ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲକ୍ଷ୍ମୀକାନ୍ତ ମିଶ୍ର, ସମାଜ କଲ୍ୟାଣ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ଆଇଡିଏ ପ୍ରତିଷ୍ଠାତା ସେବତୀ ସିଂହ ଯୋଗ ଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ସ୍ଥାନୀୟ ଅଭିଯୋଗ ସମିତିର ଅଧକ୍ଷା ଶ୍ରୀମତୀ ପ୍ରତିଭା ମିଶ୍ର ଓ ଆଇନସେବା ପ୍ରାଧିକରଣ ସଦସ୍ୟ ତଥା ତଦାସା ସମ୍ପାଦକ ଅକ୍ଷୟ କୁମାର ଚକ୍ର ଯୋଗ ଦେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବେସରକାରୀ ସଂସ୍ଥାନର ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସଦସ୍ୟ ସଦସ୍ୟାଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ତ୍ରିପାଠୀ ମହିଳା ମାନେ କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ଓ ସୁରକ୍ଷିତ ଭାବେ କିଭଳି କାମ କରିପାରିବେ ତଥା ଏହି ପୋଷ ଆଇନ -୨୦୧୩ର ଅଭିଯୁକ୍ତଙ୍କ ବିରୋଧରେ ଥିବା ବ୍ୟବସ୍ଥାକୁ ଅବତାରଣା କରିଥିଲେ ।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଦେବଗଡ଼(ପିପିଏସ୍) : ଜିଲ୍ଲା ରିଆମାଳ କଲ୍ୟାଣ ମଣ୍ଡପ ଠାରେ ବିଭିନ୍ନ ଫଳ ଓ ଫୁଲ ଗଛ ରୋପଣ କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ବୀଣାପାଣି ନାୟକ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏଥିରେ ନାଏବ ସରପଞ୍ଚ ତଥା ସମସ୍ତ ୱାର୍ଡମେମ୍ବର ଯୋଗ ଦେଇଥିଲେ । ଏହି ବୃକ୍ଷରୋପଣ ପାଇଁ ଡିଓ ଆଦିତ୍ୟ ପଣ୍ଡା ଉତ୍ସାହିତ କରିଥିବା ଜଣାପଡ଼ିଛି । ବ୍ଲକର ୨୬ଟି ପଞ୍ଚାୟତ ସ୍ଵାଧୀନତା ଦିବସରେ ଯିଏ ସବୁଠାରୁ ଅଧିକ ଗଛ ଲଗାଇଥିବ ସେହି ସରପଞ୍ଚଙ୍କୁ ପୁରସ୍କୃତ କରାଯିବ ।

# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପୁଇଁନ୍ତଳା ବ୍ଲକ୍ ର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଠାରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସ୍ଵାଧୀନ ସାହୁ ଙ୍କ ସଭାପତିତ୍ଵରେ ସଭା ଆରମ୍ଭ କରି ପରିଚୟ ପ୍ରଦାନ କରିଥିଲେ ।ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଅସ୍ ଶିଶୁ ସୁରକ୍ଷା ସମ୍ପର୍କିତ କିଶୋର ନ୍ୟାୟ ଆଇନ୍ ୨୦୧୫ ରେ ଥିବା ବାଲ୍ୟ ବିବାହ ନିରୋଧ ଆଇନ୍ ୨୦୦୬, ମିଶନ ବାତ୍ସଲ୍ୟ ଯୋଜନା ୨୦୨୨, ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ ୨୦୨୨, ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନର ୧୦୯୮ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଜଣାଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ଆଶୀର୍ବାଦ ଯୋଜନା, ଗ୍ରୀନ ପାସେଜ୍ ସାର୍ଟିଫିକେଟ ର ଯୋଗ୍ୟତା, ସାର୍ଟିଫିକେଟ ର ଉପକାରିତା, ପୃଷ୍ଠପୋଷକତା ସହାୟତା ରାଶିର ଯୋଗ୍ୟତା ଓ ଲାଭ, ଯଶୋଦା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଓ ଆବେଦନର ପ୍ରଣାଳୀ, ଶିଶୁଙ୍କ ଲାଳନ ପାଳନ ପାଇଁ ଫୋଷ୍ଟର କେୟାର ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ସଚେତନତା କରିଥିଲେ । ଏହି ଅବସରରେ ଶିଶୁ ସୁରକ୍ଷା ୟୁନିଟ୍ ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍, ଆଉଟ୍ ରିଚ୍ କର୍ମୀ ଡଲି ବେହେରା, ଚାଇଲ୍ଡ ହେଲ୍ପ ଲାଇନ ର ସୁଦାନ ଖମାରୀ, ଶ୍ରଦ୍ଧାଞ୍ଜଳି ସିଂହ ଉପସ୍ଥିତ ଥିଲେ । ପରିଶେଷରେ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ‘ବେଟି ବଚାଓ ବେଟି ପଢାଓ’ କାର୍ଯ୍ୟକ୍ରମ

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠିଙ୍କ ସଭାପତିତ୍ୱରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ଵାରା ଆୟୋଜିତ ଜିଲ୍ଲାସ୍ତରୀୟ "ବେଟି ବଚାଓ ବେଟି ପଢାଓ" ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡିଏଲଏସଏ, ସମ୍ପାଦକ ପବିତ୍ରାନନ୍ଦ ପ୍ରଧାନ, ଡିଏସପି, ବଲାଙ୍ଗିର କମଲ କୁମାର ପଣ୍ଡା ଯୋଗଦେଇ ଲିଙ୍ଗଗତ ବୈଷମ୍ୟ, ବାଲ୍ୟ ବିବାହ ରକିବା, ଶିଶୁମାନଙ୍କୁ ଯୌନ ନିର୍ଯ୍ୟାତନା ସୁରକ୍ଷା ଆଇନ ତଥା ଶିଶୁ ଅଧିକାର, ଜୁନ ମାସରୁ ଜାନୁଆରୀ-୨୦୨୬ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ତଥା ବ୍ଲକସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ, ନୂତନ ଆଇନ ବ୍ୟବସ୍ଥାରେ ଥିବା ଇ-ଏଫଆଇଆର, ଜିରୋ ଏଫଆଇଆର ସମ୍ପର୍କରେ, ପ୍ରତ୍ୟେକ ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ ଗୁଡିକରେ ସେଲ୍ଫ ଡିଫେନ୍ସ ତାଲିମ ପ୍ରଦାନ ତଥା ପରିସର ମଧ୍ୟରେ ଅନାଧିକୃତ ଭାବେ ପ୍ରବେଶ ନିଷେଧ କରିବା, ଛାତ୍ରୀ, ଅନ୍ତେବାସୀମାନଙ୍କୁ ସଚେତନ ଓ ଜାଗୃତ କରିବା ଓ ବେଟି ବଚାଓ ବେଟି ପଢାଓ ଯୋଜନା ଉପରେ ଆଲୋକପାତ କରି ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ସହ ସଚେତନତା ହିଁ ସୁରକ୍ଷାର ମାପକାଠି ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁଷମା ମହାପାତ୍ରଙ୍କ ତତ୍ତ୍ଵାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଡିପିଏଚଓ, ଡଃ. ନମିତା ମିଶ୍ର, ଅଡିଇଓ ସେବାଶ୍ରୀ ଭୋଇ, କନିଷ୍ଠ କର୍ମ ନିଯୋଜନ ଅଧିକାରୀ ଦୀପକ କୁମାର ସାମଲ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ସିଡ଼ିପିଓ, ପିଓ ଯୋଗଦେଇଥିଲେ ।

## ଘରୋଇ ବସ୍‌ମାଲିକ ସଂଘ ପକ୍ଷରୁ ବନ୍ଧୁମିଳନ

ଜୟପୁର, (ହି.ସ.) - ଜୟପୁର ସନ୍ଧ୍ୟା ଫଙ୍କସନ ହଲ ପରିସରରେ ଘରୋଇ ବସ ମାଲିକ ସସ୍ଵଘ ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ସଂଘର ସଂପାଦକ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ସମସ୍ତ ଗାଡି ମାଲିକ ମାନଙ୍କୁ ଏକଜୁଟ ହୋଇ ଗାଡି ଚଳାଚଳ କରିବାକୁ ପଡିବ ବୋଲି କହିବା ସହ ଭେଦଭାବ ଗାଡି ଛାଡିବାରେ ଆଗପଛ ବିଚାର ନ କରି ସମସ୍ତେ ମିଳିମିଶି ରହିବାକୁ ଅନୁରୋଧ କରିଥିଲେ । ବିଗତ ଦିନରେ ଜୟପୁର ଘରୋଇ ବସମାଲିକ ସଂଘର ସଂପାଦକ ସ୍ଵର୍ଗତ ଦୁର୍ଗା ତ୍ରିପାଠୀ ଯେପରି ସଂଘକୁ ବଂଚେଇ ରଖିଥିଲେ ସେହିପରି ସମସ୍ତ ମାଲିକ ମାନେ ମଧ ଏକଜୁଟ ହୋଇ ସଂଘକୁ ଆଗକୁ ନେବାର ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ନୂତନ ବସଷ୍ଟାଣ୍ଡଠାରେ ମାଲିକ ସଂଘର ଏକ ଟିକଟ କାଉଂଟର ଉଦଘାଟନ କରାଯାଇଥିଲା । ଜୟପୁର ସହରରେ କେବଳ ଗୋଟିଏ ରେଜିଷ୍ଟର କାଉଂଟର ଚାଲୁ ରଖାଯିବ ବୋଲି ମାଲିକ ମାନେ ପ୍ରକାଶ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନ ପରାମର୍ଶ ଦାତା ସୁଶାନ୍ତ ଅଧିକାରୀ, ଉପଦେଷ୍ଟା ରାମ ପ୍ରସାଦ ପାଢୀ, ବସନ୍ତ ବିଶ୍ଵାଳଙ୍କ ସମେତ ବ୍ରହ୍ମପୁର ଘରୋଇ ବସ ମାଲିକ ସଂଘ ସଂପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲ୍ଲା ଓ ଭୁବନେଶ୍ୱର, ଛତିଶଗଡ ଅଂଚଳର ମାଲିକ ମାନେ ଯୋଗ ଦେଇଥିଲେ । ଶେଷରେ ସଂଘ ସଭାପତି ବି. ସୁବ୍ରମଣ୍ୟମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୁବର୍ଣ୍ଣପୁର, (ହି.ସ.)- ବଲାଙ୍ଗିର-ଖୋର୍ଦ୍ଧା ରେଲୱେ ଲାଇନ୍‌ରେ ପ୍ରଥମ ମୃତ୍ୟୁ । ଶୁକ୍ରବାର ସକାଳେ ମନମୁଣ୍ଡା ଥାନା ପୁରୁଣାପାଣି ରେଳ ଷ୍ଟେସନ ପାଖ ସାନ ଡୁଙ୍ଗୁରିପାଲି ଓଭରବ୍ରିଜ୍ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଯୁବକଙ୍କ ଗୋଡ଼ କଟି ଯାଇଛି । ମୃତକ ପୁରୁଣାପାଣି ଗ୍ରାମର ନରେନ୍ଦ୍ର ବେହେରା (୨୫ ବର୍ଷ) ବୋଲି ଜଣାପଡ଼ିଛି । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ଆଇଆଇସି ଅଞ୍ଜଳି ବିଶ୍ଵାଳଙ୍କ ନିର୍ଦ୍ଦେଶରେ ମନମୁଣ୍ଡା ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, କିଛି ଦିନ ତଳେ ଉକ୍ତ ରେଳ ଧାରଣାରେ ଜଣେ ନାବାଳକ ବିପଦସଙ୍କୁଳ ଅବସ୍ଥାରେ ଶୋଇଥିବା ଭିଡିଓ ଭାଇରାଲ୍ ହୋଇଥିଲା । ତା’ ଉପରେ ଟ୍ରେନ୍ ଯାଉଥିବାର ଦୃଶ୍ୟ ସାଧାରଣରେ ଚାଂଚଲ୍ୟ ଖେଳାଇଥିଲା । ଏହି ଅଂଚଳରେ ପ୍ରଥମ ରେଳପଥ ହୋଇଥିବାରୁ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ।

## ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, (ହି.ସ.)- ପତ୍ନି ହନ୍ତାକୁ ମିଳିଲା ଆଜୀବନ କାରାଦଣ୍ଡ ସଜା । ଏହି ସଜା ଶୁଣାଇଛନ୍ତି କେନ୍ଦୁଝର ଜିଲ୍ଲା ସେସନ୍ ଜଜ୍ । ୨୦୧୧ ମସିହା ସଦର ଥାନା ଅନ୍ତର୍ଗତ ପରଜନପୁର ଗ୍ରାମର ଶୁକୁରା ମୁଣ୍ଡା ନିଜ ସ୍ତ୍ରୀକୁ ସନ୍ଦେହ କରି ଏକ ବେଲଚାରେ ପିଟି ହତ୍ୟା କରିଥିଲା । ଏହାର ଶୁଣାଣି କରି ଜିଲ୍ଲା ସେସନ ଜଜ ସୁକୁରାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

# ଏକାଦଶ ଶ୍ରେଣୀ ପାଇଁ ପ୍ରବେଶ ଉତ୍ସବ

ବଲାଙ୍ଗିର: ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ ତଥା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ମହାବିଦ୍ୟାଳୟରେ ପ୍ରଥମ କରି ପାଦ ଥାପିଥିବା ଛାତ୍ରୀମାନଙ୍କ ପାଇଁ ଆୟୋଜିତ ସମାରୋହଟିକୁ ନେଇ ଛାତ୍ରୀମାନଙ୍କ ମନରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଥିଲା ।ପୂର୍ବାହ୍ଣ ୧୦ଟାରେ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡଃ ଅରବିନ୍ଦ କୁମାର ଓଝା ଅଧକ୍ଷତା କରିଥିବା ବେଳେ ନିଜ ବକ୍ତବ୍ୟରେ ବିଭିନ୍ନ ପ୍ରସଙ୍ଗ ଯେମିତିକି ଛାତ୍ରୀଙ୍କ ସୁରକ୍ଷାପାଇଁ ଲାଗିଥିବା ସିସି ଟିଭି, ପାନୀୟଜଳ ସୁବିଧା, ପରିଷ୍କାର ପରିଛନ୍ନତା ,ଶିକ୍ଷଣ କୌଶଳ ଇତ୍ୟାଦି ବିଷୟରେ ମତ ବ୍ୟକ୍ତ କରିଥିଲେ । ସଂସ୍କୃତ ବିଭାଗୀୟ ମୁଖ୍ୟ ଡଃ ସଦାଶିବ ମଲ୍ଲିକ ଉତ୍ସବରେ ଯୋଗଦେଇ ମହାବିଦ୍ୟାଳୟର ଗୌରବାବହ ଇତିହାସ ସଂପର୍କରେ ଏକ ଦୀର୍ଘ ବିବରଣୀ ଉପସ୍ଥାପନ କରିଥିଲେ । ଅର୍ଥନୀତି ବିଭାଗୀୟ ମୁଖ୍ୟ ବିଭୁତି ଭୂଷଣ ସାହୁ ଏବଂ ଅଧ୍ୟାପକ ଡଃ କୁମାର ସମ୍ଭବ ଚୋପଦାର ମଧ ସ୍ୱାଗତ ସମାରୋହରେ ଉପସ୍ଥିତ ନବାଗତା ଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ନିଯୁକ୍ତି ପାଇଥିବା ଅଧ୍ୟାପକ/ ଅଧ୍ୟାପିକା ଗଣ ନିଜ ନିଜ ପରିଚୟ ପ୍ରଦାନ କରିଥିଲେ । ଛାତ୍ରବୃତ୍ତି ବିଷୟରେ ସୂଚୀତା ଦୋରା, ପରୀକ୍ଷା ପରିଚାଳନା ବିଷୟରେ ସଂଯୁକ୍ତା କୁମାରୀ ନାୟକ, ୟୁଡିଆଇଏସଇ ବିଷୟରେ ସୁଶ୍ରୀ ସଙ୍ଗୀତା ଦାସ, ଆତ୍ମରକ୍ଷା କୌଶଳର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସଂପର୍କରେ ଡଃ ଅର୍ପିତା ବେହେରା, ପାଠ୍ୟଖସଡ଼ା ସଂପର୍କରେ ଡଃ ସିଦ୍ଧେଶ୍ୱର ପଧାନ, ଆଭ୍ୟନ୍ତରୀଣ ଶୃଙ୍ଖଳା ବିଷୟରେ ଡଃ ଅନୁରାଧା ମିଶ୍ର, ଶିକ୍ଷଣ କୌଶଳ ସଂପର୍କରେ ସାମ୍ରାଜ୍ଞୀ ଅଦ୍ୱିତୀୟା ମିତ୍ର ସବିଶେଷ ସୂଚନା ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ । ଉକ୍ତ ସ୍ୱାଗତ ସମାରୋହକୁ ରତିକାନ୍ତ ନାଏକ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଅଜିତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୈତିକ ଦଳଙ୍କ ସହ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ଦେବଗଡ଼, (ପିପିଏସ୍) : ଭାରତୀୟ ନିର୍ବାଚନ ଆୟୋଗ ର ମାର୍ଗଦର୍ଶିକା ଅନୁଯାୟୀ ୧୩୪-ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂତନ ମାତାଡନା ସ୍ଥାପନ ହେବା ସହ ଜିଲ୍ଲା ପ୍ରତି ବୁଥ୍ ସଂଖ୍ୟା ବୃଦ୍ଧି ପାଇବ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୀତିକ ଦଳକୁ ନେଇ ଏକା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ରିବିକା ମିଞ୍ଜ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଙ୍କ ସହ ନିର୍ବାଚନ ବିଭାଗ ଡେପୁଟି କଲେକର୍ଟର ମମତାଜ ମହାରଣା ଓ ସହକାରୀ ଜିଲ୍ଲାପାଳ ରେଖା ମହାନ୍ତ ପ୍ରମୁଖ ଉପସ୍ଥିତି ରହିଥିଲେ । ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ଓ ବିଜେଡି ପ୍ରତିନିଧି ତଥା ପୂର୍ବତନ ପୌର ଉପାଧ୍ୟକ୍ଷ ଚନ୍ଦ୍ରଶେଖର ଭୁକ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନ ରେ ଅଂଶ ଗ୍ରହଣ କରିଥିଲେ । ଏହି ପରିପେକ୍ଷୀ ରେ ବର୍ତ୍ତମାନ ଜିଲ୍ଲା ରେ ରହିଥିବା ମୋଟ ୩୩୮ ମତଦାନ କେନ୍ଦ୍ର ସହିତ ନୂତନ ଭାବେ ୨୨ଟି ବୁଥ ସାମିଲ ହେବା ସହିତ ଜିଲ୍ଲା ର ବୁଥ ସଂଖ୍ୟା ୩୬୦ କରାଯିବାକୁ ନିଷ୍ପତି ହୋଇଛି । ସେଥିମଧରୁ ବାରକୋଟ ବ୍ଲକ ରେ ୧୧୬ ଟି ବୁଥ ସହ ୯ ଟି ନୂତନ ମତଦାନ କେନ୍ଦ୍ର ମିଶାଇ ୧୨୫ କେନ୍ଦ୍ର ଧାର୍ଯ୍ୟ ହୋଇଥିବା ବେଳେ ରିଆମାଳ ବ୍ଲକ ରେ ୧୦୮ ବୁଥ ସହ ନୂଆ ୮ଟି କେନ୍ଦ୍ର କୁ ମିଶାଇ ୧୧୬ ଟି ତଥା ତିଳେଇବଣି ବ୍ଲକ ରେ ପୂର୍ବ ରୁ ରହିଥିବା ୯୭ କେନ୍ଦ୍ର ସହ ୨ କେନ୍ଦ୍ର କୁ ମିଶାଇ ୯୯ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି ।ସେହିପରି ଦେବଗଡ଼ ପୌରାଞ୍ଚଳରେ ପୂର୍ବ ରୁ ରହିଥିବା ୧୭ ବୁଥ ସହିତ ନୂତନ ଭାବରେ ତିନି କେନ୍ଦ୍ର ସ୍ଥାପନ ହୋଇ ୨୦ ବୁଥ ହୋଇଥିବା ପ୍ରଶାସନିକ ସୂଚନା ରହିଛି । ବୈଠକ ରେ ଭୋଟ ଗ୍ରହଣ କ୍ଷେତ୍ର ରେ ରହିଥିବା ସମସ୍ୟା ଓ ଏହାର ସମାଧାନ ସମ୍ପର୍କ ରେ ଅଳିଚସନା ହୋଉଥିବା ଭାରପ୍ରାପ୍ତ ଡିଆଇପିଆର ଓ ମନରଞ୍ଜନ ସୁତାର ସୂଚନା ଦେଇଛନ୍ତି ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହିଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୭।୭।୨୦୨୫ ■ ରବିବାର

# ଚୀନା ଙ୍କୁ ଭିସା

ଭାରତ ଓ ଚୀନ ମଧ୍ୟରେ ସଂପର୍କ ସୁଧାର ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା ସ୍ୱାଗତଯୋଗ୍ୟ । ବିଗତ ଦିନମାନଙ୍କରେ ଆଶା ପ୍ରକଟ କରାଯାଉଥିଲା ଯେ ଏବେ ଭାରତ ନିଜଆଡୁ ଚୀନ ପ୍ରତି ଉଦାର ଭାବନା ପ୍ରକଟ କରିବ । ଏ ସମ୍ଭାବନା ସତ୍ୟରେ ପରିଣତ ହୋଇଛି । ଏବେ ଚୀନ ଦେଶର ନାଗରିକଙ୍କୁ ଭାରତ ଆସିବା ଲାଗି ପର୍ଯ୍ୟଟକ ଭିସା ଦେବା ଲାଗି ଭାରତ ସରକାର ପ୍ରସ୍ତୁତ ହୋଇଯାଇଛି। ଜୁଲାଇ ୨୪ରୁ ଚୀନାମାନଙ୍କୁ ଏ ସୁବିଧା ମିଳିଲା । ଲକ୍ଷ୍ୟ କରିବାର କଥା ହେଉଛି ଯେବେ କୋରୋନା ମହାମାରୀ ବ୍ୟାପିଥିଲା, ସେତେବେଳେ ଚୀନାମାନଙ୍କୁ ପର୍ଯ୍ୟଟକ ଭିସା ଦେବା ଭାରତ ବନ୍ଦ କରିଦେଇଥିଲା । ଯେବେ ୨୦୨୦ରେ ବିଶ୍ୱସାରା ଲକଡାଉନ ଚାଲିଥିଲା, ଠିକ୍ ସେହି ସମୟରେ ଚୀନ ସାମ୍ରାଜ୍ୟବାଦୀ ଆକ୍ରମଣାତ୍ମକ ହୋଇ ଗଲୱାନରେ ସାମରିକ ସଂଘର୍ଷ କରିଥିଲା । ମହାମାରୀର ଚିନ୍ତା ଓ ଗଲୱାନର ପୀଡ଼ା ଭାରତର ଚୀନ ପ୍ରତି ବିଶ୍ୱାସକୁ ଏପରି ଦୋହଲାଇ ଦେଇଥିଲା ଯେ ଉଭୟ ଦେଶ ମଧ୍ୟରେ ଦୂରତ୍ୱ ବହୁତ ବଢ଼ିଗଲା । ଏହି କାରଣରୁ, ପାଞ୍ଚବର୍ଷରୁ ଅଧିକ ସମୟ ହେଲା ଚୀନବାସୀଙ୍କୁ ଭିସା ଦିଆଯାଉ ନଥିଲା । ବହୁସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ଚୀନରୁ ଫେରିଆସିଥିଲେ । ୨୦୨୨ ପରଠାରୁ ଚୀନ ତା'ର ସ୍ୱଭାବ ନରମ କଲା ସତ କିନ୍ତୁ ପାଠ ସାରିବା ଲାଗି ଆଉ ଭାରତୀୟ ଛାତ୍ର ଚୀନ ଗଲେ ନାହିଁ । ଭାରତ ସହ କୂଟନୈତିକ -ସାମରିକ ସମ୍ବନ୍ଧ ବି ଉତ୍ତେଜନାପୂର୍ଣ୍ଣ ରହିଲା ।

ଏବେ ପର୍ଯ୍ୟଟକ ଭିସାକୁ ମଂଜୁରୀ ପ୍ରଦାନ ଦ୍ୱାରା ଦୁଇ ଦେଶ ମଧ୍ୟରେ ଥିବା ତିକ୍ତତା ହ୍ରାସ ପାଇବାର ସମ୍ଭାବନା ରହିଛି । ଏହା ଦୁଇ ଦେଶ ଲାଗି ଭଲ ସୂଚନା । ଅନେକ ଉଦାହରଣ ରହିଛି ଯେବେ ସୁଯୋଗ ପାଇବା ମାତ୍ରେ ଭାରତ ପ୍ରତି ଚୀନ ତାହାର ଶତ୍ରୁତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିଆସିଛି । ଅନ୍ୟପକ୍ଷରେ ଚୀନର କିଛି ଅହିତ କରିବାର ଭାବନା ନା କେବେ ଭାରତ ପ୍ରଦର୍ଶନ କରିଛି ନା ତାହାର ଭୂମି ଅକ୍ତିଆର କରିଛି । ବିଶ୍ୱ ମଞ୍ଚରେ ଚୀନ ବାରମ୍ବାର ଭାରତର ଇଚ୍ଛାକୁ ଆଘାତ ଦେଇଛି, କିନ୍ତୁ ଚୀନର ଇଚ୍ଛାକୁ କେବେ ଭାରତ ଅନାଦର କରିନାହିଁ । ଭାରତ ପକ୍ଷରୁ ଭିସା ଜାରି ବନ୍ଦ କରିବା ପଛରେ କେବଳ ଭାରତୀୟଙ୍କ ସ୍ୱାସ୍ଥ୍ୟ ଜନିତ ଚିନ୍ତା ଥିଲା ତା' ନୁହେଁ, ସାମରିକ- କୂଟନୈତିକ ସ୍ତରରେ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଥିଲା । ଚୀନ ଯୋଗୁଁ ସୀମାନ୍ତରେ ଉତ୍ତେଜନା ବୃଦ୍ଧି ପାଇଲା । ସାଇବର କ୍ରାଇମ୍ ଓ ଆକ୍ରମଣ ପଛରେ ଚୀନ ଥିବା ଅଭିଯୋଗ ମଧ୍ୟ ପରିବେଶକୁ ବିଷାକ୍ତ କରିଦେଇଥିଲା। ଅବଶ୍ୟ ଭାରତ ସବୁବେଳେ ସଂପର୍କ ସୁଧାରିବାକୁ ଇଚ୍ଛା ପୋଷଣ କରିଛି ଓ ଏବେ ସେ ସମୟ ଆସିଛି । ଭାରତ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିଛି । ତେବେ ବିବାଦକୁ ପରିତ୍ୟାଗ କରି ଉଭୟ ଦେଶ କ'ଣ ସମ୍ବନ୍ଧକୁ ଦୃଢ଼ କରିପାରିବେ? ଏ ଦିଗରେ ଅଶୀ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଓ ଚୀନର ତତ୍କାଳୀନ ସର୍ବୋଚ୍ଚ ନେତା ଡେଙ୍ଗ ଜିଆଓ ପିଙ୍ଗ ଅଗ୍ରସର ହୋଇଥିଲେ ସତ କିନ୍ତୁ ଭାରତର କିଛି ଫାଇଦା ହୋଇଥିଲା କି ?

ବିଶ୍ୱ ବ୍ୟବସ୍ଥା ଏବେ ନୂଆ ରୂପ ଧାରଣ କଲାଣି । ଦୋହରା ନୀତି ବଦଳରେ ଏକ ସୁନିଶ୍ଚିତ ନୀତିରେ ସମ୍ବନ୍ଧକୁ ଦୃଢ଼ କରିବାକୁ ହେବ । ସୀମାନ୍ତରେ ସୈନ୍ୟ ମୁତୟନ ହ୍ରାସ କରିବା ହେଉଛି ଏକ ବଡ଼ ପ୍ରସଙ୍ଗ । ତାହା ଘଟିଲେ ଉଭୟ ଦେଶ ମଧ୍ୟରେ ବିଶ୍ୱାସ ପୁନଃ ପ୍ରତିଷ୍ଠା ହେବ । ଖାଲି ଉଭୟ ଦେଶର ନେତାମାନେ ମିଶି ବୈଠକ କରିବା କି ବାଣିଜ୍ୟ କାରବାର ବୃଦ୍ଧି କରିବା ଦ୍ୱାରା ସମ୍ବନ୍ଧ ମଜବୁତ ହୋଇଯିବ ତାହା ନୁହେଁ, ଉଭୟ ଦେଶ ମଧ୍ୟରେ ପାରସ୍ପରିକ ବୁଝାମଣା ଓ ସୀମା ଚିହ୍ନଟକୁ ମଧ୍ୟ ପ୍ରାଧାନ୍ୟ ଦେବାକୁ ହେବ । ଅରୁଣାଚଳ ପ୍ରଦେଶକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଚୀନ ସ୍ୱୀକୃତି ଦେବା ଦରକାର । ତା'ହେଲେ ଚୀନର ଉଦ୍ଦେଶ୍ୟ ସ୍ପଷ୍ଟ ଜଣାପଡ଼ିଯିବ । ❒❒

# ତିନୋଟି ସର୍ବୋତ୍ତମ

ଅନେକ ଦିନ ତଳର କଥା। ଯେଉଁ ଲୋକମାନେ ରାଜାଙ୍କୁ ଭେଟିବାକୁ ଆସୁଥିଲେ ରାଜା ସେମାନଙ୍କୁ ତିନୋଟି ପ୍ରଶ୍ନ ପଚାରୁଥିଲେ। ପ୍ରଥମ ପ୍ରଶ୍ନ - ସର୍ବୋତ୍ତମ ବ୍ୟକ୍ତି କହିଲେ ଆମେ କାହାକୁ ବୁଝିବା ? ଦ୍ୱିତୀୟ ପ୍ରଶ୍ନ – ଆମ ପକ୍ଷରେ ସବୁଠୁ ଉତ୍କୃଷ୍ଟ ସମୟ କେଉଁଟି ? ତୃତୀୟ ପ୍ରଶ୍ନ - ଆମର କେଉଁ କାମକୁ ଆମେ ସବୁଠୁ ଭଲ କାମ ବୋଲି କହିବା ? ଏଇ ପ୍ରଶ୍ନ ଗୁଡ଼ିକର ଉତ୍ତର ପାଇବା ପାଇଁ ରାଜା ବ୍ୟାକୁଳ ହେଉଥିଲେ। ଦିନେ ସେ ବଣକୁ ଯାଇ ପାହାଡ଼ ଓ ପ୍ରାନ୍ତର ପାର ହୋଇ ବୁଲୁଥାନ୍ତି। ସେ ଗୋଟିଏ ଆଶ୍ରମ ଦେଖି ସେଠି ଟିକେ ବିଶ୍ରାମ କରିବାକୁ ମନ କଲେ।

ରାଜା ସେଠି ପହଞ୍ଚିବା ସମୟରେ ଜଣେ ସାଧୁ ସେଠି ଗଛରେ ପାଣି ଦେଉଥିଲେ। ରାଜାଙ୍କୁ ଦେଖି, ସାଧୁ ତାଙ୍କୁ କିଛି ଫଳ ଓ ଶୀତଳ ଜଳ ଦେଲେ। ସେତିକି ବେଳେ ଆଉ ଜଣେ ସାଧୁ ଦେହସାରା ଖଣ୍ଡିଆ ଖାବରା ହୋଇଥିବା ଜଣେ ଲୋକକୁ ଆଶ୍ରମକୁ ନେଇ ଆସିଲେ। ପ୍ରଥମ ସାଧୁ ଜଣକ ତାହା ଦେଖିଲା କ୍ଷଣି ସେଇ ଲୋକଟି ପାଖକୁ ଗଲେ, ତାର ଘାଆ ଘଉଡ ସଫା କରିଦେଲେ, ଏବଂ ଘା'ଗୁଡ଼ିକୁ ଭୁଲ କରିବା ପାଇଁ ଚେରମୂଳରୁ ପ୍ରସ୍ତୁତ ପ୍ରଲେପ ଲଗାଇ ଦେଲେ। ମଧୁର ବଚନ କହି ସେଇ ଲୋକଟିକୁ ସାନ୍ତ୍ୱନା ମଧ୍ୟ ଦେଲେ। ଏବଂ ରାଜା ଏଥର ଧନ୍ୟବାଦ ଅର୍ପଣ କରି ବିଦାୟ ନେବାକୁ ବାହାରିଲେ। ସାଧୁ ରାଜାଙ୍କୁ ଆଶୀର୍ବାଦ କଲେ। କିନ୍ତୁ ରାଜାଙ୍କ ମନ ଗୋଳେଇ ଘାଣ୍ଟି ହେଉଥାଏ ସେଇ ତିନୋଟି ପ୍ରଶ୍ନ ବିଷୟ, ସାଧୁ କାଳେ ଠିକ୍ ଉତ୍ତର ଦେଇ ପାରିବେ, ଏଇ ଆଶାରେ ରାଜା ତାଙ୍କୁ ପ୍ରଶ୍ନ ଗୁଡ଼ିକ କହିଲେ। ସାଧୁ କହିଲେ, 'ଆପଣ ଆଶ୍ରମରେ ଯେଉଁ କାର୍ଯ୍ୟ ହେବାର ଦେଖିଲେ, ତହିଁରେ ପ୍ରଶ୍ନ ଗୁଡ଼ିକର ଉତ୍ତର ନିହିତ ଅଛି। ଆପଣ ଯେତେବେଳେ ଆଶ୍ରମକୁ ଆସିଲେ, ମୁଁ ସେତେବେଳେ ଗଛରେ ପାଣି ଦେଉଥିଲି। ତାହା ହିଁ ଥିଲା ମୋର ସେ ସମୟର କର୍ତ୍ତବ୍ୟ। ଆପଣଙ୍କୁ ଦେଖି ମୁଁ ସେ କର୍ତ୍ତବ୍ୟ ଛାଡ଼ି ମୁଁ ଆପଣଙ୍କ ପାଖକୁ ଆସି ଆପଣଙ୍କୁ ଫଳ ଓ ଜଳ ଦେଲି।

ମୁଁ ଆପଣଙ୍କର କ୍ଷୁଧା ତୃଷ୍ଣା ନିବାରଣ କରୁଥିବା ସମୟରେ ଜଣେ କ୍ଷତ ବିକ୍ଷତ ପୀଡ଼ିତ ବ୍ୟକ୍ତିଙ୍କୁ ଆଶ୍ରମକୁ ଅଣାଗଲା। ତେଣୁ ମୁଁ ଆପଣଙ୍କର ସେବା ଛାଡ଼ି ସେହି ପୀଡ଼ିତ ବ୍ୟକ୍ତିଙ୍କର ସେବାରେ ଲାଗିଲି। ଯେକେହି ଆପଣଙ୍କର ସେବା ପାଇବା ଆଶାରେ ପହଞ୍ଚିଲେ, ସେ ହେଉଛନ୍ତି ସେଇ ସମୟ ପାଇଁ ଆପଣଙ୍କ ସେବା ପାଇବାର ସବୁଠୁ ଉପଯୁକ୍ତ ବ୍ୟକ୍ତି। ସେବାରେ ଆପଣ ତାଙ୍କୁ ଯେତେ ସନ୍ତୋଷ ଦେଇ ପାରିଲେ, ତାହା ହିଁ ଆପଣଙ୍କ ପକ୍ଷରେ ସର୍ବୋତ୍ତମ କାର୍ଯ୍ୟ, ଏବଂ ଯେଉଁ ମୁହୂର୍ତ୍ତଟି ଆପଣ ଏହିପରି ଭାବରେ (ଅନ୍ୟର ସେବାରେ) କଟାଇ ପାରିଲେ, ତାହାହିଁ ଆପଣଙ୍କ ପକ୍ଷରେ ସର୍ବୋତ୍କୃଷ୍ଟ ସମୟ।

ଦେବଦତ୍ତ ବିଶ୍ୱାଳ
ଚହଟା, କଟକ

# ସଂସଦୀୟ ଗଣତନ୍ତ୍ରର ପ୍ରଥମ ସର୍ତ୍ତ

ଧ୍ୱନିପ୍ରତିଧ୍ୱନି

ଭର୍ତ୍ତୃହରି ମହତାବ



କ'ଣ ସମ୍ବିଧାନ ବିରୁଦ୍ଧରେ ଯାଇ ଜାଲ ଭୋଟ ଦେବାଲାଗି ମାର୍ଗ ପ୍ରଶସ୍ତ କରିଦିଆଯିବ ବୋଲି ନିର୍ବାଚନ କମିଶନ ଯେଉଁ ପ୍ରଶ୍ନ କରିଛନ୍ତି ତାହା ସାହସିକ ଓ ସର୍ବଦା ଉଚିତ ପ୍ରଶ୍ନ ବୋଲି କୁହାଯିବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମଧ ପଚାରିଛନ୍ତି ଯେ କ'ଣ ପ୍ରମାଣବିହୀନ କଥା ସବୁକୁ ଡରି ମୃତ ଲୋକଙ୍କର, ଅନ୍ୟ ସ୍ଥାନରେ ସ୍ଥାୟୀଭାବେ ବାସ କରୁଥିବା ବ୍ୟକ୍ତିମାନଙ୍କର ଏବଂ ବିଦେଶୀଙ୍କ ନାମ ଭୋଟର ତାଲିକାରୁ ହଟାଇବା ଭୁଲ୍ ? ଏହା ଏପରି ସବୁ ପ୍ରଶ୍ନ ଯାହାର ଉତ୍ତର ସତ୍ୟନିଷ୍ଠରେ ପ୍ରଦାନ କରାଯିବା ଦରକାର । ଏହାର ଉତ୍ତର ସେସବୁ ରାଜନୈତିକ ଦଳମାନେ ଓ ନେତାମାନେ ବିଶେଷକରି ଦେବା ଦରକାର ଯେଉଁମାନେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ଗହନ ପୁନଃନିରୀକ୍ଷଣକୁ ବିରୋଧ କରୁଛନ୍ତି ଓ ପାର୍ଲାମେଣ୍ଟ ଭିତରେ ଓ ବାହାରେ ସଂକୀର୍ଣ୍ଣ ସ୍ୱାର୍ଥସାଧନ ଲାଗି ହଙ୍ଗାମା କରୁଛନ୍ତି । ଏ ହଟ୍ଟଗୋଳ ଦ୍ୱାରା ନା ଗଣତନ୍ତ୍ରର ଭଲ ହେଉଛି ନା ଭାରତୀୟ ରାଜନୀତିର ନା, ନିର୍ବାଚନ ପ୍ରକ୍ରିୟାର । ବରଂ ଏ ହଟ୍ଟଗୋଳ ଦ୍ୱାରା ସାଧାରଣ ଭୋଟରଙ୍କ ହିତ ପ୍ରତି ଅଣଦେଖା କରାଯାଉଛି । ବେଆଇନ ଭାବେ ଭୋଟର ହୋଇଥିବା ଲୋକଙ୍କ ସପକ୍ଷରେ ଧ୍ୱନିଦେବା ମଧ୍ୟ ଅନୁଚିତ । ବିରୋଧୀ ପକ୍ଷ ଏପ୍ରକାର ବେକାର ଜିଦରେ କାହିଁକି ଅଡ଼ି ବସିଛନ୍ତି ଯାହା ବୁଝିବା କଷ୍ଟକର ନୁହେଁ କିନ୍ତୁ ସେମାନେ ଏପରି ଲୋକଙ୍କ ପାଇଁ ଆନ୍ଦୋଳନ ଚଳାଇଛନ୍ତି ଯେଉଁମାନେ ଆମ ଭୋଟର ନୁହନ୍ତି । ସେମାନେ କିପରି ଧରିନେଇଛନ୍ତି ଯେ ଯେଉଁମାନଙ୍କ ନାମ ଭୋଟର ଲିଷ୍ଟରୁ କଟିଛି ସେମାନେ ସମସ୍ତେ ହେଉଛନ୍ତି ଏ ଦେଶର ଭୋଟର ଓ ଅନିବାର୍ଯ୍ୟ ଭାବେ ସେମାନେ ସମସ୍ତେ ତାଙ୍କୁ ହିଁ ଭୋଟ ଦେବେ ।

ଆହୁରି ପରିତାପର ବିଷୟ ହେଉଛି ବିହାରରେ ଭୋଟର ତାଲିକାର ପୁନଃନିରୀକ୍ଷଣ ବେଳେ ସତ୍ୟପାଠ ଜରିଆରେ ଭୋଟର ନିଜର ସ୍ଥାୟୀତ୍ୱକୁ ପ୍ରମାଣ କରିବାକୁ ବ୍ୟବସ୍ଥା ଥିବା ବେଳେ ଏହାକୁ ବିରୋଧ କରି ବିରୋଧୀ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଛି ଏବଂ ନିର୍ବାଚନ କମିଶନଙ୍କ କାର୍ଯ୍ୟରେ ବାଧା ନ ଦେବା ଲାଗି ସୁପ୍ରିମକୋର୍ଟ କହିସାରିବା ପରେ ବି ମୋଦୀ ସରକାର ଓ ଭାଜପାର ସ୍ୱାର୍ଥରକ୍ଷା ଲାଗି ନିର୍ବାଚନ କମିଶନ କାର୍ଯ୍ୟ କରୁଛି ବୋଲି ବିପକ୍ଷ ଅଭିଯୋଗ କରିଆସୁଛି । ଏପ୍ରକାର ପାପ ସେସବୁ ଲୋକ କରୁଛନ୍ତି ଯେଉଁମାନେ ସମ୍ବିଧାନର ଦ୍ୱାହୀ ଦେଇ ଚାଲିଛନ୍ତି ଏବଂ ହାତରେ ଖଣ୍ଡେ ଖଣ୍ଡେ ସମ୍ବିଧାନର କପି ଧରି ହଲାଉଛନ୍ତି । ଭଲ ହୁଅନ୍ତା ଯଦି ସେମାନେ ସମ୍ବିଧାନକୁ ପଢ଼ନ୍ତେ ଓ ଦେଖନ୍ତେ ନିର୍ବାଚନ କମିଶନଙ୍କୁ କିପ୍ରକାରର ଅଧିକାର ପ୍ରଦାନ କରାଯାଇଛି । ନିର୍ବାଚନ କମିଶନ ହେଉଛି ଏକ ସାମ୍ବିଧାନିକ ସଂସ୍ଥା । ଯେଉଁ ରାଜନୈତିକ ଦଳ ଏକ ସାମ୍ବିଧାନିକ ସଂସ୍ଥାର ଅନାଦର କରିବାରେ ଲାଗିରହେ, ତାହା ସଂକ୍ରାନ୍ତରେ କହିବା କଠିନ ହେବ ଯେ ସମ୍ବିଧାନ ପ୍ରତି ତା'ର ଶ୍ରଦ୍ଧା ଅଛି । ସମ୍ବିଧାନ ବଞ୍ଚାଇବା ନାମରେ ତାହାକୁ ଖେଳନା ଭଳି ବ୍ୟବହାର କରିବା ତୁଚ୍ଛା ରାଜନୀତି ବ୍ୟତୀତ ଅନ୍ୟ କିଛି ହୋଇନପାରେ ।

ସମ୍ବିଧାନ ନିର୍ମାତାମାନେ କେବେ କଳ୍ପନା କରିନଥିବେ ଯେ ଭାରତରେ ଏପରି ବି ରାଜନୈତିକ ଦଳ ଦିନେ ଆସିବେ ଯିଏ ଏତେ ନିମ୍ନସ୍ତରରେ କ୍ଷୁଦ୍ର ରାଜନୀତି କରିବ । ଆହୁରି ବିଡ଼ମ୍ବନାର ବିଷୟ ହେଉଛି କ୍ଷୁଦ୍ର ରାଜନୀତି କରିବାରେ ସର୍ବାଗ୍ରେ କଂଗ୍ରେସ ହିଁ ରହିଛି ଯାହାକି ଦୀର୍ଘ ସମୟ ଧରି ଦେଶରେ ଶାସନ କରିଛି ଓ ମଝିରେ ମଝିରେ ନିର୍ବାଚନ ପ୍ରକ୍ରିୟାରେ ସୁଧାର ମଧ୍ୟ କରିଛି । ଆଜିର କଂଗ୍ରେସ ନିଜର କେତେକ ନେତାଙ୍କ ବିରୁଦ୍ଧରେ ଛିଡ଼ା ହେବା କାର୍ଯ୍ୟରେ ମାତିଛି । ବିହାରରେ ଆରଜେଡି, କଂଗ୍ରେସ ଓ ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗରେ ଏବଂ ତାମିଲନାଡୁରେ ଡିଏମକେ ଏହି ବିଶେଷ ଗହନ ପୁନଃନିରୀକ୍ଷଣ (ଏସ୍ଆଇଆର୍) ଅଭିଯାନକୁ ପ୍ରବଳ ବିରୋଧ କରୁଛନ୍ତି । ଏସଆଇଆର ମାନେ ସ୍ପେଶାଲ ଇନଟେନ୍‌ସିଭ୍ ରିଭିଜନ । ଇତିମଧ୍ୟରେ 'ଡେମୋଗ୍ରାଫିକ୍ ରିକନ୍‌ଷ୍ଟ୍ରକ୍‌ସନ ଏଣ୍ଡ ଇଲେକ୍ଟୋରଲ୍ ରୋଲ୍ ଇନ୍‌ଫ୍ଲେସନ ଏଷ୍ଟିମେଟିଙ୍ଗ ଦ ଲେଜିଟମେଟ୍ ଭୋଟର ବେସ୍ ଇନ ବିହାର, ଇଣ୍ଡିଆ ୨୦୨୫' ଶୀର୍ଷକ ଏକ ଅଧ୍ୟୟନ ଲୋକଲୋଚନକୁ ଆସିଛି ଯହିଁରେ ଦର୍ଶାଯାଇଛି ଯେ ବିହାରର ଭୋଟର ଲିଷ୍ଟରେ ପ୍ରାୟ ୭୭ ଲକ୍ଷ ଜାଲ୍ ଭୋଟର ଅଛନ୍ତି । ଏବେ ବିହାରରେ ୭ କୋଟି ୮୯ ଲକ୍ଷ ଭୋଟର ତାଲିକାରେ ଅଛନ୍ତି । ସେ ଅଧ୍ୟୟନର ନିଷ୍କର୍ଷ ହେଉଛି ଏହି ଭୋଟର ଲିଷ୍ଟରେ କେବଳ ୭ କୋଟି ୧୭ ଲକ୍ଷ ଭୋଟରଙ୍କ ନାମ ବୈଧ, ବାକି ୭୭ ଲକ୍ଷ ମତଦାତା ହେଉଛନ୍ତି ଜାଲ । ବିହାର ବିଧାନସଭାରେ ୨୪୩ ଆସନ ଅଛି । ସେ ହିସାବରେ ପ୍ରତ୍ୟେକ ଆସନରେ ପ୍ରାୟ ତିରିଶ ହଜାର ଜାଲ ଭୋଟର ଅଛନ୍ତି । ଏହି ଅଧ୍ୟୟନ ଅନୁସାରେ ବିହାରର ସହର ଓ ଗ୍ରାମାଞ୍ଚଳର ଭୋଟର ତାଲିକାରେ ଜାଲ୍ ଭୋଟରଙ୍କ ନାମ ରହିବା ପଛରେ ଭିନ୍ନଭିନ୍ନ କାରଣ ରହିଛି । ସହରର ଭୋଟର ତାଲିକାରେ ଜାଲ ଭୋଟରଙ୍କ ନାମ ପ୍ରବାସ ସମସ୍ୟା କାରଣରୁ ଥିବାବେଳେ ଗ୍ରାମୀଣ ଇଲାକାରେ ତାହାର କାରଣ ହେଉଛି ମୃତ୍ୟୁ, ଯାହା ସଠିକ୍ ଭାବେ ରେକର୍ଡ ଅପଡେଟ୍ ହୋଇପାରି ନାହିଁ । ନିର୍ବାଚନ କମିଶନଙ୍କ ପ୍ରାଥମିକ ରିପୋର୍ଟ ମଧ୍ୟ ଉପରୋକ୍ତ ଅଧ୍ୟୟନର ପରିଣାମକୁ ସଠିକ୍ ସାବ୍ୟସ୍ତ କରିଛି ।

ଏସଆଇଆର ଯୋଗୁଁ ଜଣାପଡ଼ିଛି ଯେ ବିହାରରେ ପ୍ରାୟ ୫ ଲକ୍ଷ ୭୬ ହଜାର ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ଭୋଟର ତାଲିକାରେ ରହିଛି । ୩୫ ଲକ୍ଷରୁ ଅଧିକ ଭୋଟର ନିଜ ପ୍ରଦତ୍ତ ଠିକଣାରେ ନାହାନ୍ତି । ୧୨ ଲକ୍ଷ ୫୫ ହଜାର ୬୨୦ ଭୋଟରଙ୍କର ମୃତ୍ୟୁ ହୋଇଯାଇଥିବା ସତ୍ତ୍ୱେ ସେମାନଙ୍କ ନାମ ଭୋଟର ତାଲିକାରେ ଅଛି । ସେହିପରି ୧୭ ଲକ୍ଷ ୩୭ ହଜାର ୩୩୬ ଭୋଟର ସ୍ଥାୟୀ ଭାବେ ସେ ଜାଗା ଛାଡ଼ି ଚାଲିଯାଇଛନ୍ତି । ଏ ତଥ୍ୟ ପ୍ରାରମ୍ଭିକ । ଚୂଡ଼ାନ୍ତ ପରିସଂଖ୍ୟାନରେ ବିହାରର ଡେମୋଗ୍ରାଫି ପରିବର୍ତ୍ତିତ ହେବାର ପୂର୍ଣ୍ଣ ସମ୍ଭାବନା ରହିଛି । ଯେଉଁ ସ୍ଥିତି ଆଜି ବିହାରରେ ଦେଖିବାକୁ ମିଳୁଛି, ସେପରି ଅନ୍ୟ ରାଜ୍ୟମାନଙ୍କରେ, ବିଶେଷକରି ପଶ୍ଚିମବଙ୍ଗରେ ମଧ୍ୟ ଦେଖିବାକୁ ମିଳିବ । ବିହାରରେ ପୂର୍ବ ଏସଆଇଆର୍ ୨୦୦୩ରେ ହୋଇଥିଲା । ସେତେବେଳେ ସେ ରାଜ୍ୟରେ ୪ କୋଟି ୯୬ ଲକ୍ଷ ଭୋଟର ଥିଲେ । ସେତେବେଳେ ଯାହାଙ୍କୁ ୬୫ ବର୍ଷ ବୟସ ହୋଇଥିବ, ସେମାନଙ୍କ ମଧ୍ୟରୁ କେତେଜଣ ଏବେ ଜୀବିତ ଥିବେ ଅନୁମାନ କରାଯାଇପାରେ । ଜନ୍ମ-ମୃତ୍ୟୁ ହାରକୁ ହିସାବକୁ ନେଲେ ଯେଉଁ ମୋଟ୍ ସଂଖ୍ୟା ଏବେ ଭୋଟର ତାଲିକାରେ ଦର୍ଶାଯାଇଛି ତାହା ତ୍ରୁଟିପୂର୍ଣ୍ଣ ବୋଲି ପ୍ରତୀତ ହେଉଛି ।

ଗତ ବିଧାନସଭା ନିର୍ବାଚନ ୨୦୨୦ ହୋଇଥିଲା ଯେତେବେଳେ ପ୍ରାୟ ୨୦ ପ୍ରତିଶତ ଆସନରେ ହାର-ଜିତର ନିର୍ଣ୍ଣୟ ମାତ୍ର ଅଢ଼େଇ ପ୍ରତିଶତ ବା ତା'ଠାରୁ କମ୍ ଭୋଟ ବ୍ୟବଧାନରେ ହୋଇଥିଲା । ୧୭ଟି ଆସନରେ ହାର-ଜିତ ମାତ୍ର ଏକ ପ୍ରତିଶତରୁ କମ୍ ବ୍ୟବଧାନରେ ହୋଇଥିଲା । ତେଣୁ ଆଜି ୭୭ ଲକ୍ଷ ଜାଲ ଭୋଟରଙ୍କ ମାମଲା ରାଜ୍ୟ ବିଧାନସଭା ନିର୍ବାଚନ ପରିଣାମ ଉପରେ ପ୍ରଭାବ ପକାଇବ ନିଶ୍ଚୟ । ତେଣୁ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ପ୍ରଶ୍ନ କରାଯିବା ଠିକ୍ ହେଉନାହିଁ । ସ୍ୱଚ୍ଛ ଓ ନିରପେକ୍ଷ ମତଦାନ ହେଉଛି ସଂସଦୀୟ ଗଣତନ୍ତ୍ରର ପ୍ରଥମ ସର୍ତ୍ତ । ତେଣୁ ଭୋଟର ତାଲିକାର ଗହନ ପୁନଃନିରୀକ୍ଷଣର ମହତ୍ତ୍ୱ ରହିଛି । ବିହାର କାହିଁକି ଓଡ଼ିଶା ସମେତ ସମଗ୍ର ଦେଶରେ ଏପ୍ରକାର ଅଭିଯାନର ଆବଶ୍ୟକତା ଅଛି । ❒❒

# ଜପଯୋଗ ସାଧନା

ପୁଷ୍ପମିତ୍ର ମହାପାତ୍ର

ଅନ୍ୟାନ୍ୟ ଯୋଗରେ ଯେମିତି ଈଶ୍ୱର ସାକ୍ଷାତକାର, ଆନନ୍ଦମୟ ଜୀବନ ଏବଂ ଅମୃତତ୍ୱ ଲାଭ ହୁଏ, ଜପଯୋଗରେ ମଧ୍ୟ ସେ ସବୁ ଲାଭ ହୁଏ। ଜପ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ସାଧନା। ରାଜଯୋଗରେ ଯେପରି ଆପଣ ଇନ୍ଦ୍ରିୟର ଦାସ ନହୋଇ ମନ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରିବେ, ଜପଯୋଗରେ ମଧ୍ୟ ସେସବୁକୁ ନିୟନ୍ତ୍ରଣରେ ରଖିପାରିବେ। ଜପଦ୍ୱାରା ସଂକଳ୍ପ ଶକ୍ତି ବୃଦ୍ଧି ପାଇଥାଏ। ଶ୍ୱାସ ପ୍ରଶ୍ୱାସର ସଂଖ୍ୟା କମିଯାଇ ଆୟୁବୃଦ୍ଧି ହୋଇଥାଏ। ଜପଯୋଗରେ ସିଦ୍ଧିଲାଭ କରିବାକୁ ହେଲେ ଆପଣଙ୍କୁ ସର୍ବନିମ୍ନ କେତୋଟି ଅନୁଶାସନ ମାନି ଚଳିବାକୁ ପଡ଼ିବ। ଏ ସମ୍ପର୍କରେ ମହାଯୋଗୀ ଶିବାନନ୍ଦଙ୍କ ପରାମର୍ଶ ନିମ୍ନରେ ପ୍ରଦତ୍ତ ହେଲା। ଜପର ପ୍ରକୃଷ୍ଟ ସମୟ ହେଉଛି – ସକାଳ ବ୍ରାହ୍ମମୁହୂର୍ତ୍ତ ଏବଂ ସୂର୍ଯ୍ୟାସ୍ତ ସମୟ। ଏହି ସମୟରେ ସର୍ବତ୍ର ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ। ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ, ନିୟମିତ ଆସନରେ ବସି ଜପ କରିବା ଲାଭପ୍ରଦ। ବନ୍ଦ କଠୋରିରେ ବସି ଜପ କଲାବେଳେ କେହି ଯେମିତି ଆପଣଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ନକରନ୍ତି, ସେ କଥା ପରିବାର ଲୋକଙ୍କୁ କହିଦେବା ଉଚିତ। ସୁଖ ଆସନରେ ବସିଲେ ମନ ସ୍ଥିର ରହେ। ଏହା ରଜୋଗୁଣକୁ ନିୟନ୍ତ୍ରଣ କରେ। ଜପ ସରିବା ପର୍ଯ୍ୟନ୍ତ ପୁରା ସମୟ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥିର ଆସନରେ ମେରୁଦଣ୍ଡ ସିଧା ରଖି ବସି ରହନ୍ତୁ। ଆଦୌ ହଲଚଲ ହୁଅନ୍ତୁ ନାହିଁ। ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ ବସି ଜପ କରନ୍ତୁ। ଏହାଦ୍ୱାରା ଜପ ଉପରେ ସେ ଦିଗର ସୂକ୍ଷ୍ମ ପ୍ରଭାବ ପଡ଼େ ଏବଂ ଜପ ଅଧିକ ଶକ୍ତିଶାଳୀ ହୁଏ। ଜପ କଲାବେଳେ ଉପଯୁକ୍ତ ଆସନରେ ବସିଲେ ଶକ୍ତି କ୍ଷୟ ହୁଏନାହିଁ। ଆସନ ରୂପେ କୁଶାସନ, କମ୍ବଳ କିମ୍ବା ମୃଗଚର୍ମ ବ୍ୟବହାର କରିବା ଉଚିତ। କୁଶ ଚଟେଇ, ମୃଗଚର୍ମ ଓ ଶୁଭ୍ର ବସ୍ତ୍ର କ୍ରମଶଃ ଗୋଟିକ ଉପରେ ଅନ୍ୟଟି ପକାଇ ଆସନ ପ୍ରସ୍ତୁତ କରନ୍ତୁ। ଜପ ହେଉ କିମ୍ବା ଅନ୍ୟ କୌଣସି ଆଧ୍ୟାତ୍ମିକ ସାଧନା ହେଉ ଈଶ୍ୱରଙ୍କ କୃପା ଏକାନ୍ତ ଆବଶ୍ୟକ। ଏହା ବିନା ଉଚ୍ଛୃଙ୍ଖଳ ମନକୁ ସଂଯତ କରିବା ଅସମ୍ଭବ ହୋଇଯାଏ। ତେଣୁ ଉପଯୁକ୍ତ ସ୍ତୋତ୍ର ବା ପ୍ରାର୍ଥନା ଦ୍ୱାରା ଇଷ୍ଟଦେବଙ୍କୁ ଆବାହନ କରି ଜପରେ ବସିବା ବିଧେୟ। ଜପ କରିବା ସମୟରେ ମନ୍ତ୍ରଟି ସ୍ପଷ୍ଟ ରୂପେ ଠିକ ଠିକ ଉଚ୍ଚାରଣ କରନ୍ତୁ। ଯଦି ଉଚ୍ଚାରଣ ସ୍ପଷ୍ଟ ଓ ନିର୍ଭୁଲ ହୁଏ, ତେବେ ମନ୍ତ୍ରଶକ୍ତି ଶୀଘ୍ର ଜାଗ୍ରତ ହୁଏ। ମନ ସହଜରେ ଏକାଗ୍ର ଏବଂ ସମୁନ୍ନତ ହୁଏ। ଜପ ପାଇଁ ଗାୟତ୍ରୀ ମନ୍ତ୍ର ସର୍ବୋତ୍କୃଷ୍ଟ। ଜପ ସମୟରେ ସତର୍କତା ଓ ସାବଧାନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଁ ଆଜି ଦାମାଳା ଜପ କରିବି ଏବଂ ସେତିକି ମାଳା ଜପ କରି ନସାରିବା ପର୍ଯ୍ୟନ୍ତ ଆସନରୁ ଉଠନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ସଂକଳ୍ପ ଶକ୍ତି ବଢ଼ିବ। ମନ ଉପରେ ମଧ୍ୟ ନିୟନ୍ତ୍ରଣ ଆସିଯିବ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆବଶ୍ୟକ ସଂଖ୍ୟକ ଜପ ନସାରିବା ପର୍ଯ୍ୟନ୍ତ ସାଧନା ଭଙ୍ଗ କରନ୍ତୁ ନାହିଁ। ବୈଷୟିକ ଚିନ୍ତା କରିବା, ଭବିଷ୍ୟତ ଯୋଜନା କରିବା ପ୍ରଭୃତି ହେଉଛି ସାଧନାଭଙ୍ଗ। ଯଦି ଦୁଇମାଳା ଜପ କରିବା ପରେ କୌଣସି ତ୍ରୁଟି ହୋଇଯାଏ ତେବେ ସେଇ ଦୁଇମାଳକୁ ନିଜର ଜପ ସଂଖ୍ୟାରେ ଗଣନ୍ତୁ ନାହିଁ। ଆପଣଙ୍କୁ ପୁଣି ଥରେ ଜପ ଆରମ୍ଭ କରିବାକୁ ହେବ ଓ ଦଶମାଳା ପର୍ଯ୍ୟନ୍ତ ଜପ କରିବାକୁ ପଡ଼ିବ। ଜପ କରିବାର କିଛି ସମୟ ପରେ ଯଦି ମନ ଥକିଯାଏ, ଆପଣଙ୍କ ଅଜ୍ଞାତସାରରେ ଏଣେତେଣେ ବୁଲିବାକୁ ଲାଗେ, ଆପଣ ନିଦ୍ରାଭିଭୂତ ହୋଇଯାଆନ୍ତି, ତେବେ ସାଧନା ଭଙ୍ଗ ହେବ। ଏପରି ଅବସ୍ଥା ଆସିବାକୁ ଦିଅନ୍ତୁ ନାହିଁ। ସେଭଳି ଉନ୍ନତ ସାଧକ ନହେବା ପର୍ଯ୍ୟନ୍ତ ବିନା ମାଳାରେ ଜପ କରନ୍ତୁ ନାହିଁ। ମାଳାର ବ୍ୟବହାର ସତର୍କ ରହିବାରେ ସାହାଯ୍ୟ କରେ ଏବଂ ସେଥିରୁ ସତତ ଜପ ଚାଲୁ ରଖିବାକୁ ପ୍ରେରଣା ମିଳେ। ଜପ ବିଭିନ୍ନ ପ୍ରକାରର ଅଛି। ସେଥିମଧ୍ୟରୁ ମାନସିକ ଜପ ସବୁଠାରୁ ଅଧିକ ଶକ୍ତିଶାଳୀ। ଏହା ମନରେ କୁପ୍ରବୃତ୍ତିଗୁଡ଼ିକୁ ତତ୍‌କ୍ଷଣାତ ନିଷ୍କ୍ରିୟ କରିଦିଏ ଓ ମନକୁ ଶୁଦ୍ଧ କରିହୁଏ। ଜପ କରିବା ସଙ୍ଗେ ସଙ୍ଗେ ଧ୍ୟାନ କରନ୍ତୁ ଯେ, ଭଗବାନ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି। ପ୍ରଭୁଙ୍କର ମନୋହର ମୂର୍ତ୍ତିର ମାନସିକ ଚିତ୍ରଣ କରନ୍ତୁ। ଏହି ଅଭ୍ୟାସ ଦ୍ୱାରା ଆପଣଙ୍କ ସାଧନାକୁ ବିଶେଷ ଶକ୍ତି ମିଳିବ। ଏହି ଅଭ୍ୟାସ ଫଳରେ ମନ ଈଶ୍ୱରଙ୍କ ରୂପରେ ସ୍ଥିର ହୋଇଯାଏ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟ ଆଡ଼କୁ ଦୌଡ଼ିବାକୁ ସୁଯୋଗ ପାଏନାହିଁ। ଈଶ୍ୱରଙ୍କ ଉପସ୍ଥିତି ରୂପୀ ଆନନ୍ଦ ପାଖରେ ଇନ୍ଦ୍ରିୟ ସୁଖ କଣ କୁଟାଖଣ୍ଡେ ପରି ତୁଚ୍ଛ ନୁହେଁ? ଜପ ସମାପ୍ତ ହେବା ସଙ୍ଗେ ସଙ୍ଗେ ଆସନରୁ ଉଠି ପଡ଼ନ୍ତୁ ନାହିଁ କିମ୍ବା ସମସ୍ତଙ୍କ ସହିତ ମିଶନ୍ତୁ ନାହିଁ। ସାଂସାରିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଯାଆନ୍ତୁ ନାହିଁ। ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ ବସି ରହନ୍ତୁ। ଈଶ୍ୱରଙ୍କୁ ଗୁଣୁ ଗୁଣୁ ହୋଇ ପ୍ରାର୍ଥନା କରନ୍ତୁ। ତାଙ୍କର ଅସୀମଗୁଣ ଏବଂ ପ୍ରେମ ବିଷୟରେ ଚିନ୍ତା କରନ୍ତୁ। ତା ପରେ ଭକ୍ତିପୂର୍ଣ୍ଣ ସାଷ୍ଟାଙ୍ଗ ପ୍ରଣାମ କରି ସ୍ଥାନ ତ୍ୟାଗ କରନ୍ତୁ ଏବଂ ନିଜର ଦୈନନ୍ଦିନ କର୍ମ ଆରମ୍ଭ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଶରୀରରେ ଆଧ୍ୟାତ୍ମିକ ସ୍ପନ୍ଦନ ଠିକ ରହିବ। ଜପ ଯୋଗ ସାଧନା ସମୟରେ ଆପଣ ଅଶ୍ଳୀଳ ବା କଠୋର ବାକ୍ୟ କହିବା ଉଚିତ ନୁହେଁ। ଆପଣଙ୍କ ଖାଦ୍ୟ ସାତ୍ତ୍ୱିକ ହେବା ଆବଶ୍ୟକ ଏବଂ ଆପଣ ସାଧାରଣ ପୋଷାକ ପରିଧାନ କରିବା ଉଚିତ।ନିଜ ମନକୁ ସର୍ବଦା ଈଶ୍ୱରଙ୍କ ରୂପରେ ସଂଲଗ୍ନ କରି ରଖିବା ଉଚିତ। ଯେ କୌଣସି ରୂପ ଦେଖୁଛନ୍ତି ସେଥିରେ ଈଶ୍ୱରଙ୍କୁ ଦର୍ଶନ କରିବା ଉଚିତ। ଆପଣ ସର୍ବଦା ଗୁଣୁଗୁଣୁ ହୋଇ ଗାଇବା ଉଚିତ – 'ଓଁ ଭଦ୍ରଂ କର୍ଣ୍ଣେଭିଃ ଶ୍ରୁଣୁୟାମ ଦେବାଃ, ଭଦ୍ରଂ ପଶ୍ୟେମାକ୍ଷଭିର୍ୟଂ ଜତ୍ରାଃ। ସ୍ଥିରୈ ରଙ୍ଗୈ ସ୍ତୁଷ୍ଟୁବାଁ ସସ୍ତନୂଭି, ର୍ବ୍ୟଶେମ ଦେବହିତଂ ଯଦାୟୁଃ।

ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

## ସଂପାଦକଙ୍କୁ ପତ୍ର

### ପୃଥିବୀ ପାଇଁ ଭୟଙ୍କର ସଂକଟ

ମହାଶୟ,

ବିଶ୍ୱତାପନ ସମଗ୍ର ଜୀବଜଗତ ପାଇଁ ଏକ ଭୟଙ୍କର ସଂକଟ ଭାବେ ଉଭା ହୋଇଛି। ମେରୁ ଅଞ୍ଚଳର ତାପମାତ୍ରା ବୃଦ୍ଧି ବିଶାଳ ବରଫ ଗଦାକୁ ତରଳାଇବା ଆରମ୍ଭ କଲାଣି। ଫଳରେ ଆଉ କିଛି ବର୍ଷ ପରେ ମହାସାଗର ସମୂହରେ ଜଳପତ୍ତନ ବୃଦ୍ଧି ପାଇବ ଓ ଭୂଭାଗର ବହୁ ଅଂଶ ଜଳାର୍ଣ୍ଣବ ହୋଇଯିବ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବାୟୁମଣ୍ଡଳରେ ଥିବା ବିଭିନ୍ନ ଉପାଦାନ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଇଛି। ଅମ୍ଳଜାନ ପରିମାଣ ହ୍ରାସ ପାଇ ଚାଲିଥିବା ବେଳେ ଅଙ୍ଗାରକାମ୍ଳ ଗ୍ୟାସ ଓ ତାର ଅନ୍ୟାନ୍ୟ ଯୌଗିକ ପରିମାଣ ବଢ଼ିବାରେ ଲାଗିଛି। କଳ କାରଖାନା ଓ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ ଯୌଗିକ ଗ୍ୟାସ ଓ ମିଥେନ ଭଳି ବିଷାକ୍ତ ଗ୍ୟାସ ବାୟୁମଣ୍ଡଳରେ ସବୁଜ ଘର ପ୍ରଭାବ ସୃଷ୍ଟି କରୁଛି। ରେଫ୍ରିଜରେଟର ଓ ଏସି ଭଳି ଯନ୍ତ୍ରପାତିର ବହୁଳ ବ୍ୟବହାର ବାୟୁମଣ୍ଡଳର ଓଜୋନ ଗ୍ୟାସ ସ୍ତରକୁ କ୍ଷତି ପହଞ୍ଚାଇଛି। ଯେତେ ଚେଷ୍ଟା କଲେ ବି ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ନାହିଁ। ସେହିପରି ଶବ ସଂସ୍କାର ବେଳେ ଅଧିକ ମାତ୍ରାରେ ବୈଦ୍ୟୁତିକ ଚୁଲାର ବ୍ୟବହାର କରାଯିବା ଉଚିତ।

ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ସୌରଶକ୍ତି, ପବନ ଭଳି ଅକ୍ଷୟଶକ୍ତିକୁ ଅଧିକ ବ୍ୟବହାର କରିବା ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବା। ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରୀନପିସ୍ ଓ ସର୍ଭେ ସଂସ୍ଥା ୱେଟଲାଣ୍ଡ ଇଣ୍ଟର ନ୍ୟାସନାଲ ସାଉଥ ଏସିଆର ରିପୋର୍ଟ ଅନୁଯାୟୀ ଦେଶର ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର ଡାଇଅକ୍ସାଇଡ୍ ନିର୍ଗମନକାରୀ ଶିଳ୍ପ ସଂସ୍ଥା ରହିଛି, ସେଥିମଧ୍ୟରେ ଝାରସୁଗୁଡ଼ା ସର୍ବାଗ୍ରେ ରହିଛି। ଏଭଳି ସ୍ଥିତିରେ ସବୁଜ ବିଶ୍ୱ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରାଯିବା ଉଚିତ ।

ପ୍ରଭାତ ନାୟକ
ବକ୍ସିବଜାର, କଟକ

# ଗୋଦାବରୀଶ ମିଶ୍ର: ସାଂସ୍କୃତିକ ପୁନରୁତ୍ଥାନର ସ୍ଥପତି

ଅସିତ ମହାନ୍ତି



ପଣ୍ଡିତ ଗୋଦାବରୀଶ ମିଶ୍ର (୨୬ ଅକ୍ଟୋବର ୧୮୮୬ -୨୬ ଜୁଲାଇ ୧୯୫୬) ଓଡ଼ିଶାର ସାଂସ୍କୃତିକ ଏବଂ ବୌଦ୍ଧିକ ନବଜାଗରଣର ଜଣେ ଉଚ୍ଚମାନର ବ୍ୟକ୍ତିତ୍ୱ ଥିଲେ। ଜଣେ କବି, ଔପନ୍ୟାସିକ, ନାଟ୍ୟକାର, ସାମ୍ବାଦିକ, ଶିକ୍ଷାବିତ୍ ଏବଂ ସମାଜ ସଂସ୍କାରକ, ସେ ସତ୍ୟବାଦୀ ପଞ୍ଚସଖାର ଜଣେ ପ୍ରମୁଖ ସଦସ୍ୟ ଥିଲେ - ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ପାଞ୍ଚ ଜଣ ଦୂରଦୃଷ୍ଟିସମ୍ପନ୍ନ ଲେଖକଙ୍କ ଏକ ଗୋଷ୍ଠୀ ଯିଏ ଆଧୁନିକ ଓଡ଼ିଆ ସାହିତ୍ୟ ଏବଂ ଜାତୀୟତାର ମୂଳଦୁଆ ସ୍ଥାପନ କରିଥିଲେ। ଅବିଭକ୍ତ ପୁରୀ ଜିଲ୍ଲାର ବାଣପୁର ନିକଟବର୍ତ୍ତୀ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିବା ମିଶ୍ରଙ୍କ ଶିକ୍ଷାଗତ ପ୍ରତିଭା ତାଙ୍କୁ ଦର୍ଶନରେ ବି.ଏ. ଏବଂ ଅର୍ଥନୀତିରେ ଏମ୍.ଏ. ଡିଗ୍ରୀ ହାସଲ କରିବାକୁ ପ୍ରେରଣା ଦେଇଥିଲା। କିନ୍ତୁ ଓଡ଼ିଶାର ଭାଷା, ଲୋକ ଏବଂ ଐତିହ୍ୟ ପ୍ରତି ତାଙ୍କର ଗଭୀର ପ୍ରେମ ତାଙ୍କ ଜୀବନର ଲକ୍ଷ୍ୟକୁ ଆକାର ଦେଇଥିଲା। ମିଶ୍ରଙ୍କ କାବ୍ୟିକ ସ୍ୱର ଗୀତିକବିତା ଏବଂ ବିପ୍ଳବୀ ଥିଲା।

ତାଙ୍କର ସଂକଳନ ଅଲେଖିକା (୧୯୨୩), ଯେଉଁଥିରେ ପ୍ରତୀକାତ୍ମକ 'କାଳିଜାଇ' ସମେତ ୧୦ଟି ଗାଥା ରହିଛି, ଏହାକୁ ଓଡ଼ିଆ ସାହିତ୍ୟର ଏକ ମଣି ଭାବରେ ବିବେଚନା କରାଯାଏ। ଚୟନିକା, କଳିକା, କୁସୁମ, ଗୀତାୟନ ଏବଂ ଗୀତି ଗୁଚ୍ଛା ଭଳି ଖଣ୍ଡରେ ସଂକଳିତ ତାଙ୍କର କବିତାଗୁଡ଼ିକ ରୋମାଣ୍ଟିକତା, ଦେଶପ୍ରେମ ଏବଂ ମାନବବାଦର ବିଷୟବସ୍ତୁକୁ ପ୍ରତିଫଳିତ କରେ। ଉପନ୍ୟାସ ଏବଂ ଐତିହାସିକ କାଳ୍ପନିକ କଥା: ସେ ଚାରୋଟି ପ୍ରମୁଖ ଉପନ୍ୟାସ ରଚନା କରିଥିଲେ: ଘଟାନ୍ତର, ଅଭାଗିନୀ, ଅଠର ସାହା ସତାର ଏବଂ ନିର୍ବାସିତା। 'ଅଠର ସହ ସତର' ୧୮୧୭ର ପାଇକା ବିଦ୍ରୋହର ସ୍ପଷ୍ଟ ଚିତ୍ରଣ ପାଇଁ ବିଶେଷ ଭାବରେ ଉଲ୍ଲେଖନୀୟ, ଯାହା ଏହାକୁ ଓଡ଼ିଆର ପ୍ରାରମ୍ଭିକ ଐତିହାସିକ ଉପନ୍ୟାସ ମଧ୍ୟରୁ ଗୋଟିଏ କରିଥାଏ। ନାଟକ ଏବଂ ଜୀବନୀ: ତାଙ୍କର ପୁରୁଷୋତ୍ତମ ଦେବ ଏବଂ ମୁକୁନ୍ଦ ଦେବ ନାଟକ ଓଡ଼ିଶାର ରାଜକୀୟ ଅତୀତକୁ ଅନୁସନ୍ଧାନ କରନ୍ତି, ଯଦିଓ ସେମାନେ ମଞ୍ଚରେ କମ୍ ସଫଳ ହୋଇଥିଲେ। ସେ ନେପୋଲିଅନ ଏବଂ ଦଶରଥ ମୋଚନ ଭଳି ଜୀବନୀ ମଧ୍ୟ ଲେଖିଥିଲେ, ଏବଂ ତାଙ୍କର ଆତ୍ମଜୀବନୀ ଅର୍ଦ୍ଧ ଶତାବ୍ଦୀ ରା ଓଡ଼ିଶା ଓ ତହିଁ ରେ ମୋ ସ୍ଥାନ ହେଉଛି ଓଡ଼ିଶାର ସାମାଜିକ-ରାଜନୈତିକ ବିବର୍ତ୍ତନର ଏକ ସ୍ପଷ୍ଟ ଇତିହାସ।

ପିଲାଙ୍କ କହିଁକି ଏବଂ ଚାଟାନି ଭଳି ତାଙ୍କ ପୁସ୍ତକଗୁଡ଼ିକୁ ସ୍କୁଲ ପାଠ୍ୟପୁସ୍ତକ ଭାବରେ ବ୍ୟବହାର କରାଯାଇଥିଲା, ଯାହା ଯୁବ ମନରେ ନୈତିକ ମୂଲ୍ୟବୋଧ ଏବଂ ଦେଶପ୍ରେମକୁ ଜାଗ୍ରତ କରିଥିଲା। ଭାଷା ସଂରକ୍ଷଣ ଏବଂ ସାମ୍ବାଦିକତା: 'ସମାଜ'ର ସମ୍ପାଦକ ଏବଂ 'ଲୋକମୁଖ' ପତ୍ରିକାର ପ୍ରତିଷ୍ଠାତା ଭାବରେ, ସେ ଓଡ଼ିଆ ଭାଷା ଏବଂ ସାମାଜିକ ସଂସ୍କାରକୁ ପ୍ରୋତ୍ସାହିତ କରିବା ପାଇଁ ସାମ୍ବାଦିକତାକୁ ବ୍ୟବହାର କରିଥିଲେ। ସିଂହଭୂମି ଭଳି ଭାଷାଗତ ଭାବରେ ବିପଦଗ୍ରସ୍ତ ଅଞ୍ଚଳରେ ଓଡ଼ିଆ ପରିଚୟ ସଂରକ୍ଷଣ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଐତିହ୍ୟ ଏବଂ ସ୍ୱୀକୃତି: ମିଶ୍ରଙ୍କ ଲେଖା ଗୋପବନ୍ଧୁ ଦାସଙ୍କ ଜାତୀୟତା ଏବଂ ସାମାଜିକ ନ୍ୟାୟର ଆଦର୍ଶ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲା। ତାଙ୍କର ସାହିତ୍ୟିକ ଅବଦାନ ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସତ୍ୟବାଦୀ ଯୁଗରେ ତାଙ୍କର ଭୂମିକା ଏକ ସାଂସ୍କୃତିକ ନବଜାଗରଣର ସୂତ୍ରପାତ କରିବାରେ ସାହାଯ୍ୟ କରିଥିଲା ଯାହା ଓଡ଼ିଆ ସାହିତ୍ୟକୁ ଜ୍ଞାନ ଏବଂ ସଂସ୍କାରର ଏକ ବାହନ ଭାବରେ ପୁନଃପରିଭାଷିତ କରିଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସାହିତ୍ୟ କୃତିଗୁଡ଼ିକ ଆଦର୍ଶ, ଇତିହାସ ଏବଂ ସଂସ୍କାରବାଦୀ ଉତ୍ସାହରେ ବୁଣା ଯାଇଥିବା ସମୃଦ୍ଧ ଟେପେଷ୍ଟ୍ରି। ତାଙ୍କ କବିତା, ଉପନ୍ୟାସ, ପ୍ରବନ୍ଧ ଏବଂ ନାଟକରେ ଅନେକ ପୁନରାବୃତ୍ତିମୂଳକ ବିଷୟବସ୍ତୁ ଉଭା ହୋଇଛି ଯାହା ତାଙ୍କ ବ୍ୟକ୍ତିଗତ ବିଶ୍ୱାସ ଏବଂ ୨୦ ଶତାବ୍ଦୀର ପ୍ରାରମ୍ଭିକ ଓଡ଼ିଶାର ସାମାଜିକ-ରାଜନୈତିକ ପରିବେଶକୁ ପ୍ରତିଫଳିତ କରେ: ୧. ଜାତୀୟତାବାଦ ଏବଂ ଦେଶପ୍ରେମ – ତାଙ୍କ ଲେଖାଗୁଡ଼ିକ ପ୍ରାୟତଃ ସ୍ୱାଧୀନତା ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ ଓଡ଼ିଶା ଏବଂ ଭାରତ ପ୍ରତି ଗଭୀର ପ୍ରେମକୁ ପ୍ରତିଫଳିତ କରେ। ଅଥାର ସାହା ସତାରା ଏବଂ ନିର୍ବାସିତା ଭଳି ଉପନ୍ୟାସ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ପ୍ରତିରୋଧକୁ ଚିତ୍ରଣ କରେ, ଭାରତରେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକାକୁ ଉଜ୍ଜ୍ୱଳ କରିଥାଏ। ଅଲେଖିକାରେ ତାଙ୍କର ଗାଥା ବୀରତ୍ୱପୂର୍ଣ୍ଣ ତ୍ୟାଗ ଏବଂ ସାଂସ୍କୃତିକ ଗର୍ବର ଉତ୍ସବ ପାଳନ କରେ, ଉତ୍କଳର ଆତ୍ମାକୁ ପୁନର୍ଜୀବିତ କରେ। ୨. ମାନବବାଦ ଏବଂ ସାମାଜିକ ସଂସ୍କାର – ମିଶ୍ର ଜାତିପ୍ରଥା, ଅସ୍ପୃଶ୍ୟତା, ବାଲ୍ୟବିବାହ ଏବଂ ଯୌତୁକର ଜଣେ କଠୋର ସମାଲୋଚକ ଥିଲେ। ଏହି ପ୍ରସଙ୍ଗଗୁଡ଼ିକୁ ତାଙ୍କ କାହାଣୀ ଏବଂ ପ୍ରବନ୍ଧଗୁଡ଼ିକରେ ସିଧାସଳଖ କିମ୍ବା ପ୍ରତୀକାତ୍ମକ ଭାବରେ ସମ୍ବୋଧିତ କରାଯାଏ। ତାଙ୍କ ଚରିତ୍ରଗୁଡ଼ିକ ପ୍ରାୟତଃ ନୈତିକ ପରିବର୍ତ୍ତନରୁ ବର୍ତ୍ତିଯାଆନ୍ତି, ସହାନୁଭୂତି ଏବଂ ନୈତିକ ଜୀବନଯାପନର ମୁକ୍ତିଦାୟକ ଶକ୍ତି ଉପରେ ଗୁରୁତ୍ୱାରୋପ କରନ୍ତି – ଯେପରି ଅଭାଗିନୀ ଏବଂ ଘଟାନ୍ତରାରେ ଦେଖାଯାଏ। ୩. ଐତିହାସିକ ଚେତନା – ସେ ସାହିତ୍ୟକୁ ଶିକ୍ଷା ଏବଂ ସାମୂହିକ ସ୍ମୃତି ଜାଗ୍ରତ କରିବା ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରି ଐତିହାସିକ ଘଟଣା ସହିତ କାଳ୍ପନିକ ମିଶ୍ରଣ କରନ୍ତି। ତାଙ୍କ ଉପନ୍ୟାସଗୁଡ଼ିକ ୧୮୧୭ ମସିହାର ପାଇକା ବିଦ୍ରୋହ, ଓଡ଼ିଶା ଉପରେ ବ୍ରିଟିଶ ଅଧିକାର ଏବଂ ଆଦିବାସୀ ଶାସନର ପତନ ଭଳି ଘଟଣାବଳୀକୁ ଚିତ୍ରଣ କରନ୍ତି, ଯାହା ତାଙ୍କ ବର୍ଣ୍ଣନାକୁ ଓଡ଼ିଶାର ଅତୀତରେ ଭିତ୍ତିଭୂମି ପ୍ରଦାନ କରେ। ୪. ଶିକ୍ଷା ଏବଂ ଜ୍ଞାନଦାନ – ମିଶ୍ର ସାହିତ୍ୟକୁ ନୈତିକ ଏବଂ ବୌଦ୍ଧିକ ଉନ୍ନତିର ଏକ ମାଧ୍ୟମ ଭାବରେ ବିଶ୍ୱାସ କରୁଥିଲେ। ତାଙ୍କର ପିଲାମାନଙ୍କ ପୁସ୍ତକ (ପିଲାଙ୍କା କାହିଁକି, ଚାଟାନି) ଏବଂ ଶିକ୍ଷାଗତ ପ୍ରବନ୍ଧଗୁଡ଼ିକ ଯୁବ ପାଠକଙ୍କ ମଧ୍ୟରେ ମୂଲ୍ୟବୋଧ, କୌତୂହଳ ଏବଂ ନାଗରିକ ଦାୟିତ୍ୱ ଜାଗ୍ରତ କରିବା ପାଇଁ ଲକ୍ଷ୍ୟ ରଖିଥିଲେ। ୫. ପରିଚୟ ଏବଂ ସାଂସ୍କୃତିକ ପୁନରୁଦ୍ଧାର – ସତ୍ୟବାଦୀ ପଞ୍ଚସଖାର ଏକ ଅଂଶ ଭାବରେ, ସେ ଭାଷାଗତ ସୀମାନ୍ତୀକରଣ ସମୟରେ ଓଡ଼ିଆ ଭାଷା ଏବଂ ସାହିତ୍ୟର ପୁନରୁଦ୍ଧାରକୁ ସମର୍ଥନ କରିଥିଲେ। ତାଙ୍କ କୃତିଗୁଡ଼ିକ ପ୍ରାୟତଃ ସାଂସ୍କୃତିକ ସ୍ୱାଭିମାନର ସନ୍ଧାନକୁ ପ୍ରତିଫଳିତ କରନ୍ତି, ଓଡ଼ିଆମାନଙ୍କୁ ସେମାନଙ୍କର ଐତିହ୍ୟ ସହିତ ପୁନଃ ସଂଯୋଗ କରିବାକୁ ଆହ୍ୱାନ କରନ୍ତି। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚନାର ବିଷୟବସ୍ତୁ – ଜାତୀୟତାବାଦ, ମାନବବାଦ, ଐତିହାସିକ ଚେତନା, ଶିକ୍ଷା ଏବଂ ସାଂସ୍କୃତିକ ପରିଚୟ – ଏକ ଅତୀତ ଯୁଗର ଅବଶେଷ ନୁହେଁ। ସେମାନେ ସମସାମୟିକ ପ୍ରାସଙ୍ଗିକତା ସହିତ ସ୍ପନ୍ଦିତ ହୁଅନ୍ତି, ବିଶେଷକରି ପରିଚୟ ସଙ୍କଟ, ସାମାଜିକ ବିଖଣ୍ଡନ ଏବଂ ନୈତିକ ନେତୃତ୍ୱ ସନ୍ଧାନରେ ଜଡ଼ିତ ବିଶ୍ୱରେ।

ତାଙ୍କର ଐତିହ୍ୟ ଆଜି ମଧ୍ୟ ଆମକୁ କିପରି କଥାବାର୍ତ୍ତା କରେ ତାହା ଏଠାରେ ଅଛି: ଜାତୀୟତାବାଦ ଏବଂ ସାଂସ୍କୃତିକ ଗର୍ବ – ବିଶ୍ୱାୟନ ଏବଂ ସାଂସ୍କୃତିକ ସମନ୍ୱୟୀକରଣର ଯୁଗରେ, ନିଜ ଭାଷା ଏବଂ ଐତିହ୍ୟରେ ମୂଳନିଷ୍ଠତା ପାଇଁ ମିଶ୍ରଙ୍କ ଆହ୍ୱାନ ଆମକୁ ସାଂସ୍କୃତିକ ଆତ୍ମସମ୍ମାନର ଗୁରୁତ୍ୱକୁ ମନେ ପକାଇ ଦିଏ। ସଶକ୍ତିକରଣ ଭାବରେ ଶିକ୍ଷା – ମୂଲ୍ୟ-ଭିତ୍ତିକ ଶିକ୍ଷା ଏବଂ ଶିଶୁ ସାହିତ୍ୟ ଉପରେ ମିଶ୍ରଙ୍କ ଗୁରୁତ୍ୱ ଆଜିର ପାଠ୍ୟକ୍ରମ ସଂସ୍କାର, ନୈତିକ ଶିକ୍ଷା ଏବଂ ନାଗରିକ ଦାୟିତ୍ୱ ଉପରେ ବିତର୍କରେ ପ୍ରତିଫଳିତ ହୁଏ। କାହାଣୀ ମାଧ୍ୟମରେ ଯୁବ ମନକୁ ପୋଷଣ କରିବାରେ ତାଙ୍କର ବିଶ୍ୱାସ ଆଧୁନିକ ଶିକ୍ଷାଗତ ପଦ୍ଧତିରେ ପ୍ରତିଫଳିତ ହୁଏ ଯାହା ସାହିତ୍ୟକୁ ଜୀବନ କୌଶଳ ସହିତ ମିଶ୍ରଣ କରେ। ଐତିହାସିକ ଚେତନା ଏବଂ ପରିଚୟ – ଐତିହାସିକ ଆଖ୍ୟାନଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସମୟରେ, ମିଶ୍ରଙ୍କ ଦ୍ୱାରା ଇତିହାସ ସହିତ କାଳ୍ପନିକ ମିଶ୍ରଣ ଅତୀତ ସହିତ ସମାଲୋଚନାତ୍ମକ ସମ୍ପର୍କକୁ ଉତ୍ସାହିତ କରେ – ଗୌରବାନ୍ୱିତ କରିବା ପାଇଁ ନୁହେଁ, ବରଂ ଶିଖିବା ଏବଂ ଏକ ନ୍ୟାୟପୂର୍ଣ୍ଣ ଭବିଷ୍ୟତ ଗଠନ କରିବା ପାଇଁ।

ସୁଜନପୁର, ଯାଜପୁର
ମୋ: ୯୪୩୭୨୮୦୨୮

ପ୍ରଜାତନ୍ତ୍ର ସାହିତ୍ୟ



୨୭.୦୭.୨୦୨୫





# ଜୀବନସାଥୀ

## ପ୍ରଶାନ୍ତ କୁମାର ଦାଶ



ଗୋରୀଲୋ ଗୋରୀ ଯୋଡ଼ିମହୁରୀ
ସାରିଦେଲା ତୋ ଖେଳ
ହେଇତୁ ବାହା ଶାଶୂଘରକୁ
ଯିବୁ ସରିଲା ଖେଳ।

ପିଲାଦିନର ସବୁ ସ୍ମୃତି ତୋ
ଲାଗିବ ଛବି ପରି
କାଟିବୁ କାଳ ଶାଶୂଘରେ ତୁ
ସାହସ ଧୈର୍ଯ୍ୟ ଧରି।

ଗେଲବସର ସବୁ ଦିନ ତୋର
ସରିଲା ସାଜିବୁ ବୋହୂ
ଦୁଃଖକୁ ଲୁହକୁ ସାଥୀ କରି ତୁ ତ
ଢାଳିବୁ ହସର ମହୁ।

ଲୁହଭିଜା ଆଖି ଦେଖିଲେ ଅଧୀର
ହେବ ତୋର ପିଲାବେଳ
ମନେପଡ଼ିଯିବ ହଜିଲା ଦିନର
କଣ୍ଢେଇ କନିଆ ଖେଳ।

ଥିରିପାଦ ଥାପି ବାଟ ଚାଲୁଥିବୁ
କହିବୁ କଅଁଳ କଥା

ଦୁଃଖ ଝଡ଼ ବାଧା ବିପଦ ଆଗରେ
ନୁଆଁଇବୁ ନାହିଁ ମଥା।

ମଥାରେ ଓଢ଼ଣା ଟାଣି ଚାଲିଯିବୁ
ସପନ ଦେଶକୁ ତୋର
ନୂଆ ଦୁନିଆରେ ଉଚ୍ଚ ଆଶା ସଞ୍ଚି
ବାନ୍ଧିବୁ ମମତା ଡୋର।

ସପନ ଦେଶର ରାଜକୁମାର ତୋ
ହେବ ଜୀବନର ସାଥୀ

ଭୁଲିଯିବୁ ତୁହି ପିଲା ବୟସ ତ
ସଂସାର ଖେଳରେ ମାତି।

ଗୋରୀଲୋ ଗୋରୀ ଯୋଡ଼ିମହୁରୀ
ବାଜୁଚି ଶାହାନାଇ
ଯାଆ ତୁ ଦୂର ତୋ ଶାଶୂଘର
ଶଙ୍ଖା ସିନ୍ଦୂର ନାଇ।

କୁଞ୍ଜର-ସଙ୍ଗଲାଇ
ପିପିଲି-ପୁରୀ, ମୋ-୯୬୬୮୮୨୨୧୯୦

---

# ଦୌଡ଼

## ଡ. ଦୀପକ କୁମାର ମିଶ୍ର



ବହୁତ ଧାଇଁବାକୁ ପଡ଼େ ଜୀବନରେ
ପଡ଼ି ଉଠି, ଖଣ୍ଡିଆ ଖାବରା ହୋଇ
ଛୁଇଁବାକୁ ଶେଷ ସୀମାରେ ଟଙ୍ଗା ହେଇଥିବା
ନାଲି ରଙ୍ଗର ଫିତାଟିକୁ।

ଚାହେଁ ଆଗରେ କେତେ, ପଛରେ କେତେ
ଭାବେ ଆଉ କେତେ ଦୂରତ୍ୱ ଭେଦେଇ ପାରିବ ପାଦ
କେତେ ପବନ ଭିଡ଼ିପାରିବ ନାକ
କେତେ କଷ୍ଟ ସହିପାରିବ
ଧଡ଼ପଡ଼ ହେଉଥିବା ପୀଡ଼ିତ ହୃଦୟ।

ହାରଜିତ୍ କଥା ଛାଡ଼ ହୋ
ବଞ୍ଚିବାର ସର୍ବନିମ୍ନ ମାପକାଠିରେ
ମାନ, ସମ୍ମାନ ନିର୍ଦ୍ଧାରଣର ଦୌଡ଼ ଏଇଟା
ସୂର୍ଯ୍ୟାସ୍ତ ପୂର୍ବରୁ ପୁଣି ଫେରିବାକୁ ପଡ଼ିବ
ଆରମ୍ଭର ସ୍ଥାନ
ନତୁବା ଫିଙ୍ଗାହେବାକୁ ପଡ଼ିବ ଖାଦ୍ୟଟିଏ ହୋଇ
କୁମ୍ଭୀର ପାଟିରେ।

ଘୋଡ଼ାକୁ ଦାନା ଦିଅ କି ଦଣ୍ଡ
ଖୁରାକୁ କ'ଣ ଫରକ ପଡ଼େ
ଯେ
ସେ ତ କଣ୍ଟାକୁ କୋଳେଇ
ଚିହିଁକି ଉଠୁଥାଏ
ଚାବୁକର ତତଲା ଚୁମ୍ବନରେ
ଗଢ଼ା ହେଇଥିବା
କାରୁକାର୍ଯ୍ୟପୂର୍ଣ୍ଣ ଫଡ଼ାଫଡ଼ା ଚିତ୍ରଗୁଡ଼ିକୁ
ସଜେଇ।

ତମେ ଯେଉଁ ଘୋଡ଼ାନାଲକୁ
ଘୋରି ଘୋରି ନାଇଚ ନା ବିଶିଆଙ୍ଗୁଠିରେ
ଦୁର୍ଭାଗ୍ୟକୁ ଗେଲ କରିବାକୁ
ସେଇଠି ବି ଲୁଚିରହିଚି ଗୁପଚୁପ
ବିକଳ ଦୌଡ଼ର ଦୀର୍ଘ ମାନଚିତ୍ରଟିଏ।

ଚାଲୁଥାଉ ଗତି, ଅଗତି, ଦୁର୍ଗତିର ଦୌଡ଼

କେବେ ସିନ୍ଦୂରା ଫାଟିବ
ଉଇଁବ ସୂର୍ଯ୍ୟ
ଜୀବନକୁ ତଥାସ୍ତୁ କହି
କଟେଇଦେବା ନାଁ ଦୌଡ଼ ଖାତାରୁ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

 କ୍ଷୁଦ୍ର ଗଳ୍ପ

# ବରକନ୍ୟା

## ସଞ୍ଜୀବ କୁମାର ଦାସ



ମୁଁ ବି ଜଣେ ସଂସାରୀ, ମୋତେ ଘରକରଣା ସହିତ ସାଇ ପଡ଼ିଶାଙ୍କୁ ନେଇ ଚଳିବାକୁ ପଡ଼େ। ମୋ ମିଜାଜର ପର୍ଶୁ ସାଆନ୍ତ ବି। କାହିଁ କେତେ ଦିନରୁ, ଅଜା ଜେଜେ ଅମଳରୁ ଆମେ ତ ଏଇ ଗାଁର ବାସିନ୍ଦା ହୋଇ ଚଳି ଆସୁଛୁ। ବାହା ବ୍ରତ ଆଉ ଆଉ କର୍ମ କର୍ମାଣିରେ ସବୁ ସାମିଲ ହୋଇ ଆସୁଛୁ। ଲାଗେ,ଏଇଟା ଗାଆଁ ନୁହେଁ, ବରଂ ବିରାଟ ଏକ ଏକାନ୍ନବର୍ତ୍ତୀ ପରିବାର। ଭଲ ମନ୍ଦରେ ସମସ୍ତେ ସମସ୍ତଙ୍କୁ ନିଜର କରି ଚଳି ଆସୁଥିବାବେଳେ କେତେବେଳେ କେମିତି ପରିସ୍ଥିତି ବଦଳି ଯାଏ। ହଁ, ସେମିତି ହେଲା ଦିନେ। ଏହି ଏକାନ୍ନବର୍ତ୍ତୀ ପରିବାରରେ ସତେ ଯେମିତି କାହାର ଖରାପ ନଜର ପଡ଼ିଗଲା। ଗାଁ ମଝିରେ ରହୁଥିବା କିଶୁ ରାଉତ ଘରେ ଅଘଟଣ ଘଟିଲା। କଲେରାରେ କିଶୁ ଓ ତା ସ୍ତ୍ରୀ ଆଗପଛ ହୋଇ ଚାଲିଗଲେ। ଦୁହେଁ ମଧ୍ୟ ବୟସ୍କ। ଛାଡ଼ିଦେଇଗଲେ ହାଇସ୍କୁଲ ପଢୁଥିବା ପୁଅ ଝିଅ ଦୁଇଜଣଙ୍କୁ। ଅଳପ ରୋଜଗାରରେ ପରିବାର ଚଳି ଯାଉଥିଲା ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସହିତ। ମନ୍ଦ ଗ୍ରହ ଚଳନ ହୋଇଛି କିଶୁ ଜାତକରେ,ଲୋକେ କୁହାକୁହି ହେଲେ। ବଢ଼ିଲା ପିଲା ଦୁଇଟିଙ୍କୁ କିଏ ହେବ ଏବେ ସାହା ! ଭାଳେଣି ପଡ଼ିଲା ଗାଆଁରେ। ପିଲାଙ୍କ ମାମୁ ଘର ସେତେ ସ୍ୱଚ୍ଛଳ ନୁହନ୍ତି। ମୁନ୍ଦେ ପିଇ ଦଣ୍ଡେ ଜିଇଁବା ଜୀବନ ତାଙ୍କର। ମୋ ସଙ୍ଗେ ପର୍ଶୁ ସାଆନ୍ତ ଘର ସାମନାରେ କଥା ହେଲେ। କହିଲେ, ବଟ, ଆମେ ଚାହିଁଲେ ମାଆ ବାପ ଛେଉଣ୍ଡ ପିଲା ଦୁଇଟି ତରି ଯିବେରେ !

ମୁଁ କହିଲି, କହୁ ନାହାନ୍ତି କ'ଣ କରି ପାରିବା ଆମେ !

କହିଲେ ସେ। ଦେଖ, ଗୋଟିଏ ବୋଲି ଝିଅକୁ ବାହା ଦେଇ ତୁ ଓ କମଳା କେମିତି ଏବେ ଏଡେ ବଡ଼ ଘରଟାରେ ଏକା ଏକା। କେହି ନାହିଁ ଆଉ କଥା ପଦୁଟିଏ ହେବାକୁ। ବୋଲ ହାକ ଶୁଣିବାକୁ। କିଶୁ ଝିଅକୁ ତୁ କୋଳେଇ ନେ। ଭଲ ପାଠ ପଢୁଛି। ଯେତେ ଦିନ ପର୍ଯ୍ୟନ୍ତ ପଢ଼ାଇ ପାରିବୁ ପଢ଼େଇବୁ। ତୋର ତ ଟଙ୍କା ପଇସାର ଅଭାବ ନାହିଁ। ଝିଅ ଜୋଇଁ ତ ଚାକିରି ବାକିରି କରି ବେଶ୍ ଭଲରେ ଅଛନ୍ତି। ଚିନ୍ତା କ'ଣ ! କିଶୁ ଝିଅ ଯଦି ପାଠଶାଠ ପଢ଼ି ଚାକିରି କଲା ଭଲ ପାତ୍ରଟିଏ ଖୋଜି ବାହା ଦେଇ ଦବୁ। ନଚେତ୍ ଭଲ ପାତ୍ରଟିଏ ପାଇ ତାକୁ ଘର ଜୋଇଁଆ କରି ନେବୁ। ସେ ସବୁ ସମ୍ଭାଳି ନେବ। ଯେମିତି ତୁ ଏବେ ଗାଆଁରେ ଘର ଜୋଇଁଆ ହୋଇ ମଧ୍ୟ ତୋ ସାଂସାରିକ ଜୀବନକୁ ଖୁବ୍ ସଫଳ କରିପାରିଛୁ।

ସବୁ ଶୁଣି ହଁ ମାରିଲି। ସାଆନ୍ତ କହିଲେ, କିଶୁର ପୁଅଟିକୁ ପୋଷ୍ୟପୁତ୍ର କରି ନେଉଛି। ଯେଉଁ ପୁଅକୁ ନେଇ ମୁଁ ବଡ଼ ସ୍ୱପ୍ନ ଦେଖିଥିଲି ତାହା କେମିତି ଭାଙ୍ଗି ଚୂର୍ମାର୍ ହୋଇଗଲା ତୁ ଜାଣିଛୁ। ଏତେ ପାଠ ପଢ଼ି ପଇସା ଲୋଭରେ ଯାଇ କେଉଁ ବିଦେଶରେ ଘର ବସାଇଲା ଯେ ମୁଁ ଜାଣି ପାରିଲି ନାହିଁ। ମାନସିକ ଯନ୍ତ୍ରଣାରେ ଖାଲି ଯାହା ଆଉଟୁ ପାଉଟୁ ହେଉଛି ମୁଁ। ମୁଁ ଆଉ ବଡ଼ ସ୍ୱପ୍ନ ଦେଖୁ ନାହିଁ କି ଦେଖିବାର ଇଛା ନାହିଁ। କିଶୁ ପୁଅ ହିଁ ହେବ ମୋ ସାହା ଭରସା ଚିରଦିନ ପାଇଁ। ତାକୁ ପାରୁ ପର୍ଯ୍ୟନ୍ତ ପାଠ ପଢ଼ାଇ ଭଲ ମଣିଷ ଟିଏ କରିବି। ବୟସ ହେବା ସଙ୍ଗେ ସଙ୍ଗେ ଭଲ ପାତ୍ରୀ ଟିଏ ଯୋଗାଡ଼ କରି ବୋହୂ କରି ନେଇ ଆସିବି। ଆମ ବୁଢ଼ାବୁଢ଼ିଙ୍କ ଫାଙ୍କା ଘର ପୂରି ଉଠିବ। ମହିଆ ଅଜାଙ୍କ ବଡ଼ପୁଅ ସୁରଥ ଏସବୁ କଥା ଶୁଣୁଥିଲା ସାଆନ୍ତଙ୍କ ପାଖେ ଛିଡ଼ାହୋଇ। କହିଲା, ସାଆନ୍ତେ, ଗୋଟିଏ ସର୍ତ୍ତ, କାହ୍ନା ଆଉ ମାଣିକର ବାହାଘର ଗୋଟିଏ ଦିନରେ ଆମ କଲ୍ୟାଣ ସମିତି ମଣ୍ଡପରେ ହେବ। ପୁଅ ଝିଅ ଆମର ସବାରି ପାଲିଙ୍କିରେ ବସି ବିଦାୟ ନେବେ।

ଏହାରି ଭିତରେ ବିତିଯାଇଛି ଦଶବର୍ଷ।

ଆଜି ପୁରୁଷୋତ୍ତମପୁର ଗାଆଁ ଦାଣ୍ଡ ଢୋଲ କାହାଳୀରେ କମ୍ପୁଛି। ଗାଁ ଲୋକେ ନୂଆ ଲୁଗା ପିନ୍ଧି ସଜହୋଇ ଆସି ପହଞ୍ଚିଲେଣି ମଣ୍ଡପ ପାଖେ। ଅଧ୍ୟାପକ କାହ୍ନୁ ସେନାପତି ବରବେଶରେ ପାଲିଙ୍କିରେ ବସିଲେଣି। ଶିକ୍ଷୟିତ୍ରୀ ସରସ୍ୱତୀଙ୍କ ସହିତ ହେବ ତାଙ୍କର ଶୁଭ ପରିଣୟ। ପର୍ଶୁ ସାଆନ୍ତ ଏବଂ ବଟ ଭାଇନା ଅନାଇ ରହିଥିଲେ ପରସ୍ପରକୁ। ଆଖିରୁ ଝରିପଡୁଥିଲା ଲୁହ। ଘରଜ୍ୱାଇଁ ହୋଇରହିବାକୁ କାହ୍ନୁ ରାଜି। ଝିଅ ସରସ୍ୱତୀର ସୁଖମୟ ଜୀବନ ପାଇଁ ବଟ ଭାଇନା ପ୍ରାର୍ଥନା କରୁଥିଲେ ଠାକୁରଙ୍କ ପାଖରେ। ସେପଟେ ପର୍ଶୁ ସାଆନ୍ତ ବୋହୂ ଶୋଭାକୁ ପାଇ ଖୁସିରେ ଆତ୍ମହରା। ଉଭୟ ଦେଖୁଥିଲେ, ଦୁଇଯୋଡ଼ା ବରକନ୍ୟାଙ୍କ ଉପରେ ଶୁଭାଶିଷ ଯେମିତି ଅଜାଡ଼ି ହୋଇ ପଡୁଛି।

ମର୍କତ ନଗର
କଟକ
ମୋ- ୬୩୭୧୬୧୯୦୦୫

# ପ୍ରତୀକ୍ଷା

## ପ୍ରତିମା ବିଶ୍ୱାଳ



କୃଷ୍ଣ ଏପର୍ଯ୍ୟନ୍ତ ଅବିବାହିତ। ଆଉ ଅଳ୍ପ ଦିନ ପରେ ତାଙ୍କୁ ପଚାଶ ଛୁଇଁବ। ବୟସ କେବେ ପଛକୁ ଫେରେନା। ଘରଲୋକ ଯେତେ ଝିଅ ଯୋଗାଡ଼ କଲେ ବି ସେ କୌଣସି ପ୍ରସ୍ତାବରେ ରାଜି ହୋଇ ନଥିଲେ। ତାଙ୍କ ମନ କଥା ସେ ଏକାହିଁ ଜାଣନ୍ତି। ପରିବାର ଲୋକ ସେକଥା ଟେର୍ ଲଗେଇ ପାରନ୍ତି ନାହିଁ। କୃଷ୍ଣ କଲେଜରେ ପଢ଼ିବା ବେଳେ ପ୍ରୀତି ବୋଲି ଏକ ସୁନ୍ଦରୀ ଝିଅକୁ ଏକତରଫା ପ୍ରେମ କରୁଥିଲେ। ପ୍ରତିଦିନ ଚିଠି ଲେଖି ପୋଷ୍ଟ କରୁଥିଲେ। ଦିନରେ ଯଦି କଲେଜରେ ଥରେ ହେଉପଛେ ପ୍ରୀତିକୁ ଦେଖୁନଥିଲେ ସିଧାଯାଇ ତା ଘର ଆଗରେ ପଇଁତରା ମାରୁଥିଲେ କୌଣସି ମତେ ପ୍ରୀତିକୁ ଦୂରରୁ ଦେଖି ସେ ଫେରି ଯାଉଥିଲେ। କଲେଜ କାନ୍ଥ ସାରା 'ପ୍ରୀତି ଆଇ ଲଭ୍ ୟୁ' ଲେଖି ପ୍ରିନ୍ସପାଲଙ୍କଠାରୁ ଅନେକ ଗାଳି ଖାଉଥିଲେ। ପ୍ରୀତି ସେତେବେଳେ ଗୋଟେ ବୋକିଝିଅ ପରି ଥିଲା। ଭ ଲ ପା ଇ ବା। ଫଳପାଇବା ତା ମୁଣ୍ଡରେ ନଥିଲା। ସେ ପାଠ ପଢୁଥିଲା କେବଳ କେମିତି ଚାକିରି କରି ତା ପରିବାରର ଆର୍ଥିକ ଅବସ୍ଥା ଦୂରପାଇଁ। କୃଷ୍ଣ ତାଙ୍କ ଚିଠିରେ ଯେତେ ବ୍ୟାକୁଳ ଭାବରେ ପ୍ରେମ ନିବେଦନ କଲେ ବି ପ୍ରୀତି ସେସବୁ ନପଢ଼ି ଚିରି ଦେଉଥିଲା। ଯେତେ ଚେଷ୍ଟାକଲେ ବି ସେ ପ୍ରୀତିର ହୃଦୟ ଜିତିପାରିନଥିଲେ।

ଯା ଭିତରେ ଅନେକ ବର୍ଷ ବିତିଯାଇଛି। ପ୍ରୀତି ବିବାହ କରି ସଂସାରର ସୁଖଦୁଃଖରେ ହଜିଯାଇଥିବା ବେଳେ, ହଠାତ୍ ଦିନେ ତା'ର ପୁରୁଣା ବନ୍ଧୁ ବସ୍‌ଷ୍ଟାଣ୍ଡରେ ଦେଖାହେଲା। ଚିହ୍ନିପାରି ତା ନାଁ ଧରି ଡାକିଲା। - ଆରେ ଏ ଯେ ଆଲୋକ ତା କଲେଜ୍ ଦିନର ସାଙ୍ଗ। ଦୁହେଁ ଠିଆ ଠିଆ କେତେ କଥା ଗପିବସିଲେ। ଏଇ ଗପସପ ଭିତରେ ଆଲୋକ ଲୁହ ଛଳଛଳ ଆଖିରେ କହିଲା- ତୁ ଜାଣିଛୁ ପ୍ରୀତି, କେବଳ ତୋ ପାଇଁ କୃଷ୍ଣଟା ବାହାହେଲାନି। ସେ ତତେ ତା ହୃଦୟଠାରୁ ବେଶୀ ଭଲ ପାଉଥିଲା। କେତେ ଚିଠି ଲେଖିଲା ତୋ ପାଖକୁ ହେଲେ ତୁ.... ଛାଡ଼ ସେକଥା। ଆଉ ଜାଣିଛୁ, ତାକୁ ମୁଁ ଶେଷ ଥର ପାଇଁ ବୁଝାଇଲି ତୁ ଯେମିତିକା ସୁନ୍ଦରୀ ଝିଅ ଚାହିଁବୁ, ଗୁଣବତୀ ଚାହିଁବୁ, ମୁଁ ସେମିତିକା ଝିଅଟିଏ ଯୋଗାଡ଼ କରିଦେବି। ଅନ୍ତତ ତୁ ବିବାହ କରି ତୋ ବୁଢ଼ା ବାପା ବୋଉଙ୍କୁ ଟିକେ ଶାନ୍ତିରେ ମରିବାକୁ ଦେ ସେମାନଙ୍କ ଖୁସିପାଇଁ...।

ଥରେ ଖାଲି ବାହାହେବା ପାଇଁ ରାଜି ହୋଇ ଯାଆ। ସେ କ'ଣ କହିଲା ଜାଣୁ; ତା ଦୃଷ୍ଟିରେ ପ୍ରେମ ଜଣକୁ କରାଯାଏ, ବାପାବୋଉଙ୍କ ଖୁସି ଲାଗି ସେ ତା ହୃଦୟରୁ ପ୍ରୀତିକୁ ଦୂରେଇ ପାରିବନି। ଏ ଜନ୍ମରେ ସିନା ପ୍ରୀତିର ହୃଦୟକୁ ଜିତିପାରିଲାନି,ସାତଜନ୍ମ ଯାଏଁ ପ୍ରତୀକ୍ଷା କରିବ। ପ୍ରୀତି ତାକୁ ନିଶ୍ଚୟ ମିଳିବ। ଆଇ ଲଭ୍ ୟୁ କହି ତା ନିବିଡ଼ ଆଶ୍ଲେଷରେ ଚାପିଧରି ତା ଓଠରେ ଚୁମ୍ବନ ଟିଏ ଆଙ୍କି ଦେବ ସେ। ଆଲୋକର କଥାଶୁଣି, ପ୍ରୀତି ଠୋ ଠୋ ହୋଇ ହସିବ ଭାବୁଥିଲା। କିନ୍ତୁ ପାରିଲାନି ସେ। ନଚାହିଁଲେ ବି ଗୋଟେ ପାଗଳ ପ୍ରେମିକ କଥା ଭାବି ତା ଆଖି ଲୁହରେ ଭିଜିଗଲା। ପଛରୁ ସ୍ୱାମୀ ଆସି ହଲେଇଦେଇ କହିଲେ ବସ୍ ଆସିଗଲାଣି ଆସ ଯିବା।...

- ଜଗତସିଂହପୁର

# ଚେରାପୁଞ୍ଜି ପରି ଦୁଃଖର ବର୍ଷା

## ଅବନୀ କୁମାର ରାଉତ

ଆକାଶର ମୁକୁଳା ଛାତିଟା ଦିଗନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ
ଏହି ସନ୍ଧ୍ୟାରେ ନିଆରା ଲାଗେ ତାରାମାନେ
ପୁଣି ଚେରାପୁଞ୍ଜି ପରି ଝମା ଝମ୍
ବର୍ଷାର ଦୁଃଖହୁଏ ଆରମ୍ଭ !

ଏ ମଣିଷ ଗୋଟିଏ ଜାତି ଛଳନାର ଛଦ୍ମବେଶୀ
ହୃଦୟକୁ କରୁଥାଏ ଯେବେ ଶରବିଦ୍ଧ...
କାହିଁକି ଯେ ଏମିତି ଖୁସି ହୁଏ ..!

ହଁ ଏହି ବର୍ଷା ଝରେ ମରୁ ମରୀଚିକା ଅଟେ
ଏକ ଛଳନାର ପଞ୍ଜୁରୀ ପବନର ବିକଟାଳ ରୂପ..!
ମାୟାବିନୀ କଣ୍ଟାର ପାଦପ ଯେତେ ବାରମ୍ବାର ହସୁଥାନ୍ତି
ଅଲୋଡ଼ା ଜୀବନକୁ ତୃଷ୍ଣା ଅଟେ ସୁଖମୟ ..!

ବର୍ଷା ଟୋପାରେ ଗଛରୁ ଝଡ଼ିଲେ ପତ୍ର ଅଲୋଡ଼ା ହୁଅଇ
ପବନରେ ଖୋଜୁଥାଏ ଦୁଃଖ ନିର୍ବାଣର ପଥ
ତପ୍ତ ନୟନରୁ ଝଡ଼େ ଅନୁଭୂତି ଟୋପାଏ ଲୁହ ... !

ଭିନ୍ନ ଏକ ଭାବନା ଅଜବ ଅଚିହ୍ନା ଏବେ
କଣ୍ଟାଭରା ଗୋଲାପ ଫୁଲ ମୋ ପ୍ରାଙ୍ଗଣରେ
ସନ୍ଧ୍ୟାରେ ନାଚୁଥାଏ ଖିଲି ଖିଲି ହସରେ !

ଘର ବାଲକୋନୀରେ ବସି ପଡ଼ି କାଳେ
ପ୍ରିୟା କଥା ଭାବୁଥାଏ କେତେ ସୁନ୍ଦର ଅନୁଭୂତି
ଦେହର ଶୀତଳ ସ୍ପର୍ଶ ବାହାରେ ବର୍ଷା ଆଉ ବର୍ଷା !

ଯେମିତି ସାୟା ଚେରା ପୁଞ୍ଜିର ବର୍ଷା ପାଣି ଲାଗେ
କାହିଁ କେଉଁଠି ଅଭିମାନ ନାହିଁ ଆମ୍ବାର
ପ୍ରିୟା ନଥିଲେ ଖାଲିପଡ଼ିଛି ଭଡ଼ା ଘର ଭିତରେ
ପାଇଲି ଆଞ୍ଜୁଳା ସ୍ମୃତି ଓ ମୁଠାଏ ଅନୁଭୂତି ... !

ପକ୍ଷୀମାନେ ସବୁଜ ବନ ଛାଡ଼ି ସନ୍ଧ୍ୟାର ନୀଳ
ଆକାଶରେ ନୀଡ଼କୁ ଫେରନ୍ତି ଶବ୍ଦକରି... !
ବାହୁଡ଼ା ଯାତ୍ରାର ପବନରେ ଭାସି ଯାଉଥିଲେ
ସେହିଠି ଅନେକ ଆବେଗ ଆକର୍ଷଣ ଥିଲା... !

ମା ବିରଜା କ୍ଷେତ୍ର-ଦୂରଭାଷ ନଂ-
୯୪୩୯୬୨୨୬୨୩

# ଅନିଚ୍ଛାର ସଂଳାପ

## ଅନସୂୟା ପଣ୍ଡା



ନିରବୀ ଥିବା ସମୟ
ଶିରିଶିରି ଶବ୍ଦ ଝଙ୍କାରରେ
ତିଆରେ କଳ୍ପନାର ଘର
ଓହ୍ଲେଇ ଆସନ୍ତି ଥିରି ଥିରି
ଅତୀତର
ଅତୁଟ ପେନ୍ଥାଏ ଫୁଲ।

ଆବେଗର ଭସାଣିରେ
ଭାସି ଆସେ
କିଛି ଆପଣାର ସ୍ୱର
କୁହୁକ ଫୁଲର ବାସନାରେ
ମହକିଯାଏ
ଅନନୁମିତ ଆତ୍ମାଠୁ ଜଠର।

କେବେ ଛଳ ଛଳ ଲୁହର ଦୁର୍ବିନୀତ ସ୍ୱର
କେବେ କଳ କଳ ବେଗମତି ମନରେ ହିଲ୍ଲୋଳ
ଅନେକ ଅନିଚ୍ଛାର ସଂଳାପ
ସାଜିଛି ସଙ୍କଳ୍ପର ପୂଜା ଅର୍ଘ୍ୟ ଫୁଲ।

ମେଘ ମେଦୁର ଆକାଶରେ
ତାରାର ଆସର କେବେ
ସଂଘର୍ଷର ଚଲାପଥେ ବିଦୂପର ସ୍ୱର
ଝାଞ୍ଜିରେ ଆଉଟେ କିଛି ତାରକସି ସୁଖ
ଅସରାଏ ବର୍ଷାରେ ବରଷେ
କିଛି ଅଗାଧ ବିଶ୍ୱାସ।

ଅନୁଶୋଚନାର ଆନ୍ଧିରେ ହୁଏ ଡହଳ ବିକଳ
ଅବସୋସ ଆଶ୍ଲେଷରେ ପାହେ ଦିନ ରାତି
ଅନୁରାଗ ଆହ୍ଲାଦରେ
ମଗ୍ନମୟ ରତୁ ଆଉ ତିଥି
ଭାବ ଜୁଡୁବୁଡୁ ଗଲା କାଲି ପୃଷ୍ଠା
କିଛି ତୃପ୍ତି କିଛି ଅତୃପ୍ତି।


ବୁର୍ଲା, ସମ୍ବଲପୁର
ମୋ-୮୩୨୮୯୪୫୮୮୫

# ବର୍ଷା ଆଣିଛି ଡାକି

## ଦଶରଥ ମାଝୀ

ଗିରି ଗୁହାରୁ ଶୁଷ୍କ ଝରକୁ
ବର୍ଷା ଆଣିଛି ଡାକି
ମଧୁର ନାଦେ ଗାନ କରୁଛି
ଶୁଣରେ କର୍ଣ୍ଣ ଟେକି।
ଭୂଇଁ ଉପରେ ଡାକି ଆଣିଛି
ଦେଖ ଧବଳ ଛତୁ
ମୋବାଇଲ୍'କୁ ହସ୍ତରେ ଧରି
ଉଠାଇ ଦିଅରେ ଫଟୋ।
ଥୁଣ୍ଟା ଗଛରେ ଡାକି ଆଣିଛି
କଅଁଳ ପତ୍ର ଡାଳ
ଶାଗୁଆ ରଙ୍ଗେ ଦିଶୁଛି ଶୋଭା
ଭରିଛି ଫୁଲ ଫଳ।
ମାଟି ଭିତରୁ ଡାକି ଆଣିଛି
ସବୁଜ ବୁଦା ଘାସ
ଘାସ ଫୁଲରେ ଚାରୁ ଦିଶୁଛି
ଝଅଟ ଦେଖି ଆସ।
ବେଙ୍ଗ ମାନଙ୍କୁ ଡାକି ଆଣିଛି
ହେଲେଣି ସବୁ ଠୁଳ
ସର ହୁଡାରେ କେଁ କଟରରେ
କରୁଛି ବାଦ୍ୟ ରୋଳ।

କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ: ୮୨୪୯୨୧୨୪୭୨



ଏଇ ପୃଷ୍ଠାପାଇଁ ଗପ ଓ କବିତା
ପଠାଇବାକୁ ଚାହୁଁଥିଲେ ପଠାଇପାରିବେ।
ନୂଆ ଲେଖକ/ଲେଖିକାଙ୍କୁ ପ୍ରାଥମିକତା ଦିଆଯିବ।
ମେଲ୍ କରନ୍ତୁ:
Prajatantrasahitya@gmail.com

# ସାରର ଅଭାବୀ ବିକ୍ରି, ଚିନ୍ତାରେ ଚାଷୀ

ବଲାଙ୍ଗିର, (ହି.ସ.)- ବର୍ତ୍ତମାନର ଚାଷୀର ଫସଲ ଅମଳର ଋତୁ । ଭଲ ଫସଲ ଅମଳ ପାଇଁ ଗାଁଗଣ୍ଡାରେ ଚାଷୀ ନିଜ ଜମିରେ ସାର ପ୍ରୟୋଗ କରିଥାଏ । ତେବେ ବର୍ଷା ଆସିଥିଲେ ସୁଦ୍ଧା ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡରେ ବର୍ତମାନ ସାରର କୃତ୍ରିମ ଅଭାବ ଦେଖାଯାଇଛି । ସାର ବଜାରରେ ଏବେ ୟୁରିଆ ସାରର ଅଭାବ ରହିଥିବାରୁ ଚାଷ ଆଗେଇ ପାରୁ ନାହିଁ ଓ ଚାଷୀକୁଳ ବଡ ହଇରାଣ ହେଉଛନ୍ତି । ଚାଷୀ ନିଜ କ୍ଷେତରେ ସାର ପ୍ରୟୋଗ କରିବା ପାଇଁ ଚାହିଁଲେ ମଧ ବଜାରରେ ସାର ର କୃତ୍ରିମ ଅଭାବ ଯୋଗୁଁ ଶେଷରେ କ୍ଷତି ସହିବା ହିଁ ସାର ହେଉଛି । ଏପଟେ ପାଟଣାଗଡ଼ ଉପଖଣ୍ଡର ବିଭିନ୍ନ ଅଂଚଳର କିଛି ଫଂଜିକୃତ ସାର ବ୍ୟବସାୟୀ ମାନଙ୍କୁ ଆଇଡି ମିଳିନାହିଁ କି ମେସିନ୍ ମଧ ମିଳିନାହିଁ, ଯାହା ଦ୍ୱାରା ସେମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର କିଣିପାରୁ ନାହାନ୍ତି । ସେମାନେ କିଛି ଖୁଚୁରା ଦୋକାନରୁ ସାର କିଣି ତାହାକୁ ଚାଷୀ ମାନଙ୍କୁ ବିକୁଛନ୍ତି । ଗୋଟିଏ ପଟେ ପାଟଣାଗଡ଼ ଅଂଚଳରେ ଏକାଧିକ ଅଣଫଂଜିକୃତ ସାର ବ୍ୟବସାୟୀଙ୍କ ଯୋଗୁଁ ଫଂଜିକୃତ ସାର ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ଚାଷୀ ମଧ ଶୋଷଣର ଶିକାର ହେଉଛି । ପାଟଣାଗଡ଼ ଉପଖଣ୍ଡ କୃଷି ଅଧିକାରୀ ମଧ ଏ ସଂପର୍କରେ କୌଣସି ସନ୍ତୋଷଜନକ ଉତର ଦେଇପାରି ନାହାନ୍ତି । ଆହୁରି ମଧ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସାର ବ୍ୟବସାୟୀ ମାନଙ୍କୁ ୟୁରିଆ ସାଙ୍ଗରେ ଟେଗ୍ କରି ନାନୋ ଡିଏପି ଦିଆଯାଉଛି । ବ୍ୟବସାୟୀ ମାନେ ଅଧିକ ମୂଲ୍ୟ ଦେଇ ଅନିଚ୍ଛା ସତ୍ୱେ ଏହା ନେବାକୁ ବାଧ ହେଉଛନ୍ତି । 'ୟୁରିଆ ସାରବସ୍ତା ନେଲେ ନାନୋ ଡିଏପି ଫ୍ରି ' କୁ ସାର ବ୍ୟବସାୟୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାଦ୍ୱାରା ଉଭୟ ଖୁଚୁରା ବ୍ୟବସାୟୀ ଓ ହୋଲ୍ ?ସେଲର୍ କ୍ଷତିଗ୍ରସ୍ତ ହେଉଛନ୍ତି । ଏଠାରେ ପ୍ରଶ୍ନ ଉଠେ, ରାଜ୍ୟ ମନ୍ତ୍ରୀ ମଣ୍ଡଳରେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳି ଥିବା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କ ନିର୍ବାଚନମଣ୍ଡଳୀରେ ଯଦି ଅମଳ ସମୟରେ ଚାଷୀ ଓ ଚାଷର ଏପରି ସଙ୍ଗୀନ ଅବସ୍ଥା, ତେବେ ଅନ୍ୟ ଜିଲ୍ଲା ମାନଙ୍କର ପରିସ୍ଥିତି କ'ଣ ଥିବ, ତାହା ସହଜରେ ଅନୁମେୟ । ପାଟଣାଗଡ଼ ଉପଖଣ୍ଡରେ ସାରର ଅଭାବକୁ ରୋକିବା ଦିଗରେ ସଂପୃକ୍ତ ଅଧିକାରୀ ଦୃଷ୍ଟି ଦେଇ ଚାଷୀକୁ କିପରି ପର୍ଯ୍ୟାପ୍ତ ସାର ମିଳିପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ପ୍ରତୀକ୍ଷାଳୟ




ବରଗଡ଼: ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ୫୩ ନଂ. ଜାତୀୟ ରାଜପଥ କଡ଼ ସର୍ଭିସ୍ ରାସ୍ତାରେ ଜନତା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରହିଛି ଯାତ୍ରୀଙ୍କ ପାଇଁ ଏକ ଅସ୍ଥାୟୀ ପ୍ରତୀକ୍ଷାଳୟ । ଯାହା ଏକ ରାସ୍ତା ନିର୍ମାଣକାରୀ ସଂସ୍ଥା ଦ୍ୱାରା ନିର୍ମିତ ହୋଇଥିଲା । ଏହି ପ୍ରତୀକ୍ଷାଳୟ ଏବେ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି । ପ୍ରତିକ୍ଷାଳୟ ଚାରିପଟେ ଅନାବନା ଗଛ ଉଠି ଜଙ୍ଗଲ ସଦୃଶ ହୋଇଛି । ବର୍ଷା ପାଣି ସହ ପ୍ଲାଷ୍ଟିକ ବୋତଲ, ଗ୍ଲାସ୍ ଆଦି ଜମା ହୋଇ ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି । ନିକଟରେ ସ୍କୁଲ, କଲେଜ ରହିଥିବାବେଳେ ଅନେକ ଉଠା ଜଳଖିଆ ଦୋକାନ ମଧ ଖୋଲୁଛି । ଦୋକାନରେ ପ୍ରାୟ ସବୁବେଳେ ଛାତ୍ରଛାତ୍ରୀ ତଥା ସାଧାରଣ ଲୋକଙ୍କ ଭିଡ ଜମିଥାଏ । ଏହି ପ୍ରତୀକ୍ଷାଳୟରେ ବିଶେଷ କରି କଲେଜ ଛାତ୍ରଛାତ୍ରୀମାନେ ଅପେକ୍ଷା କରିଥାନ୍ତି । ଅନେକ ବୃଦ୍ଧବୃଦ୍ଧା ଖରା ବର୍ଷାରେ ଏଠି ଟିକେ ଆଶ୍ରୟ ନେଇଥାଆନ୍ତି । କିନ୍ତୁ ଏବେ ତାହା ସମ୍ଭବ ବି ହେଉନାହିଁ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିକ୍ଷୟାଳୟଟି ଯେଉଁ ସ୍ଥାନରେ ନିର୍ମାଣ ହେବା ହେବା କଥା ସେଠାରେ କରାଯାଇ ନାହିଁ । ଅତାବିରା ଅଞ୍ଚଳର ରେଙ୍ଗାଲିକ୍ୟାମ୍ପ, ସରଣ୍ଡା ଓ ଗୋଡଭଗାରେ ଯେଉଁ ଅସ୍ଥାୟୀ ପ୍ରତିକ୍ଷାଳୟଗୁଡ଼ିକ ରହିଛି, ତାହା ବସ ରହଣି ସ୍ଥଳଠାରୁ ବହୁ ଦୂରରେ ନିର୍ମାଣ କରାଯାଇଛି । କେବଳ ନାମକୁ ମାତ୍ର ଯିବା ଆସିବା ଲୋକେ ଥକି ଗଲେ ସେଠାରେ ଆଶ୍ରୟ ନେଇଥାଆନ୍ତି । କିନ୍ତୁ ସେଥିପାଇଁ ମଧ ଏଗୁଡ଼ିକ ଆଉ ଯୋଗ୍ୟ ହୋଇନାହିଁ । କେଉଁଠି ପ୍ରତିକ୍ଷାସ୍ଥଳ ଉପର ଚାଦର ଉଠିଯାଇଛି ତ ଆଉ କେଉଁଠି ବସିବା ବେଞ୍ଚଗୁଡ଼ିକ ଭାଙ୍ଗି ଗଲାଣି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ଯାତ୍ରୀ ମହଲରେ ଦାବି ହେଉଛି ।

# ରାସ୍ତା ମରାମତି କଲା ପୌରପାଳିକା

କେନ୍ଦୁଝର: କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ଜଗନ୍ନାଥପୁର ସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବିପଦପୂର୍ଣ୍ଣ ହୋଇ ଦୀର୍ଘ ଦିନ ଧରି ରହିଥିବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିଲେ ସାଧାରଣ ଲୋକମାନେ । ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକଙ୍କ ପ୍ରତିନିଧି ହରିହର ମହାନ୍ତ ତୁରନ୍ତ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲେ । ପୌରପାଳିକାର ନିର୍ବାହୀ ଯନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ ରତୁ ଉକ୍ତି ବିପଦ ପୂର୍ଣ୍ଣ ଛକ ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇଛି । ନିର୍ବାହୀ ଯନ୍ତ୍ରୀଙ୍କ ଏଭଳି ତତ୍ପରତା ପାଇଁ ସାଂସଦ ପ୍ରତିନିଧି ପ୍ରଶଂସା କରିଛନ୍ତି । ଏଭଳି ତ୍ୱରିତ ପଦକ୍ଷେପ ନିଶ୍ଚିତ ଭାବେ କେନ୍ଦୁଝରଗଡ଼ ପୌରପାଳିକାକୁ ଆଗେଇନେବାରେ ସହାୟକ ହେବବୋଲି ସାଂସଦ ପ୍ରତିନିଧି ପ୍ରକାଶ କରିଛନ୍ତି ।

# ଦାରିଙ୍ଗବାଡ଼ିରେ ବୁଲୁଛି ନକଲି ୫ଶହ ଟଙ୍କିଆ ନୋଟ

## ଦ୍ୱନ୍ଦ୍ୱରେ ଲୋକେ ଓ ବ୍ୟବସାୟୀ



ଫୁଲବାଣୀ , (ହି.ସ.): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୫ ଶହ ଟଙ୍କିଆ ନକଲି ନୋଟ୍ ଏ ହାତରୁ ସେ ହାତକୁ ଘୂରି ବୁଲୁଥିବା ନେଇ ବ୍ୟବସାୟୀ ଏବଂ ଲୋକଙ୍କ ଭିତରେ ଭୟ ଦେଖାଯାଇଛି । ବିଶେଷକରି ମୂଲିଆ ଶ୍ରେଣୀ ଲୋକଟି ଯଦି ଏଭଳି ନକଲି ନୋଟ୍ ପାଇଯିବେ ତେବେ ତାଙ୍କର ଦୁଇ ଦିନର ରୋଜଗାର ମଧ ହରାଇ ବସିବେ ବୋଲି ଚର୍ଚ୍ଚା ହେଉଛି । ପ୍ରକାଶ ଯେ, ଗୁରୁବାର ଉକ୍ତ ଥାନା ଅଞ୍ଚଳ ସିମନବାଡ଼ିର ଜନୈକ ବ୍ୟବସାୟୀଙ୍କଠାରୁ ଜଣେ ନାମିଦାମୀ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ସାମଗ୍ରୀ ଦେଇ ତାହା ବଦଳରେ ଟଙ୍କା ନେଇଥିଲେ ଓ ସେ ନେବା ସମୟରେ ସିମନବାଡ଼ିର ଜନୈକ ବ୍ୟବସାୟୀ ଉକ୍ତ ସନ୍ଦେହ କରାଯାଉଥିବା ନୋଟ୍‌କୁ ମଧ ସାଥୀରେ ନେବାକୁ କହିବା ସହ ଏହା ବ୍ୟାଙ୍କରେ ଏହା ନକଲି କି ନାହିଁ ବୁଝିଦେବ କହିଥିଲେ ଏବଂ ଡିଷ୍ଟ୍ରିବ୍ୟୁଟର ଜଣକ ନେଇ ବାଲିଗୁଡ଼ା ବ୍ୟାଙ୍କରେ ଯାଞ୍ଚ କରାଇ ସ୍ପଷ୍ଟ ହୋଇଥିଲେ ଯେ ତାହା ନକଲି ବୋଲି । ସୂଚନାଯୋଗ୍ୟ, ଉକ୍ତ ନକଲି ନୋଟ୍ ବୃଦ୍ଧ ବ୍ୟବସାୟୀଙ୍କୁ କିଏ ଧରାଇଦେଇଛି ସେ ତାକୁ ଚିହ୍ନିବା ସହଜ ହୋଇପାରି ନ ଥିଲା । ତେବେ ବ୍ୟବସାୟ ସାରିବା ପରେ ରାତିରେ ଦୋକାନ ବନ୍ଦ ପୂର୍ବରୁ ଟଙ୍କା ସାଇତି ଗଣିବା ବେଳେ ୨ଟି ୫ ଶହ ଟଙ୍କିଆ ନୋଟ୍ ହାତକୁ ପତଳା ଲାଗିଥିଲା । ଫଳରେ ଜନୈକ ବ୍ୟବସାୟୀ ଜଣକ ଉକ୍ତ ନୋଟ୍‌କୁ ଅଲଗା କରି ରଖିଥିଲେ । ଉକ୍ତ ନକଲି ନୋଟ୍‌ର କ୍ରମିକ ସଂଖ୍ୟା( ୫ଏନଟି୩୩୯୮୦୨ ) ହୋଇଥିବା ଜଣାପଡ଼ିଛି । ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳରେ ୫ ଶହ ଟଙ୍କିଆ ନକଲି ନୋଟ୍‌କୁ ନେଇ ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଥିବା ବେଳେ କିଏ ଓ ଏହି ରାକେଟ ପଛରେ ସମ୍ପୃକ୍ତ ଅଛି ତାକୁ ଧରିବାକୁ ପୋଲିସ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଲଘୁଚାପଜନିତ ଲଗାଣ ବର୍ଷାରେ ବୁଡ଼ିଲା କନ୍ୟାଶ୍ରମ ପୋଲ

ମାଲକାନଗିରି: ଲଘୁଚାପ ଜନିତ ଲଗାଣ ବର୍ଷାରେ ବୁଡ଼ିଲା କନ୍ୟାଶ୍ରମ ପୋଲ । ପୋଲ ଉପରେ ଦୁଇ ଫୁଟ ବନ୍ୟା ଜଳ ପ୍ରବାହିତ ହେବାରୁ କାଲିମେଳା ବ୍ଲକ ସହିତ ପଡିଆ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । କାଲିମେଳା ଅଂଚଳରେ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଭୋର ସମୟରେ ଏହି ପୋଲଟି ବୁଡ଼ି ଯାଇଥିବାର ଦେଖିବାକୁ ମିଳିଛି । ପୋଲ ବୁଡ଼ିଯିବା ଯୋଗୁଁ ଯାତ୍ରୀବାହୀ ବସ ସହ ଅନେକ ଯାନବାହାନ ଉଭୟ ପଟେ ଅଟକି ରହିଥିବାର ଦେଖିବାକୁ ମିଳିଛି ଗତ ୨୪ ଘଣ୍ଟା ମଧ୍ୟରେ କାଲିମେଳାରେ ୩୩ ମିଲି ମିଟର ବର୍ଷା ହୋଇଥିବାବେଳେ ମାଲକାନଗିରି ବ୍ଲକରେ ୯୫ମିଲି ମିଟର, ମାଥିଲି ବ୍ଲକରେ ୬୫ମିଲଲି ମିଟର, ଖଇରପୁଟ ବ୍ଲକରେ ୯୫ମିଲିମିଟର, ଚିତ୍ରକୋଣ୍ଡା ବ୍ଲକରେ ସର୍ବାଧିକ ୧୧୯ମିଲିମିଟର, କୋରୁକୋଣ୍ଡା ବ୍ଲକରେ ୭୨ମିଲିମିଟର, ଓ ପଡିଆ ବ୍ଲକରେ ୪୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ମାଲକାନଗିରି-ମୋଟୁ ୩୨୬ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ନାଳ ଉପରେ ଗତକାଲି ରାତିରେ ମାତ୍ର ଏକ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଥିଲା ବେଳେ ସକାଳୁ ପୋଲ ତଳକୁ ପାଣି ଖସି ଯାଇଥିବାର ଦେଖିବାକୁ ମିଳିଛି । ଗୋଟିଏ ପଟେ କନ୍ୟାଶ୍ରମ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ କାଲିମେଳା - ପଡିଆ ମୁଖ୍ୟ ରାସ୍ତାରେ ଯାତାୟତ ଠପ ହୋଇଯାଇଥିବା ବେଳେ ମାଲକାନଗିରି - ମୋଟୁ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଛି । ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ନଦୀ ନାଳ ର ଜଳ ସ୍ତର ବଢ଼ିବାରେ ଲାଗିଛି ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯେପରି କୌଣସି ଧନ ଜୀବନ ହାଣି ନହେବ ସେଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଛି ।

# ବସ୍‌ଷ୍ଟାଣ୍ଡ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର : ବୀର ସୁରେନ୍ଦ୍ର ସାଏ ଅଟୋ ଚାଳକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସଂଘର ଉପଦେଷ୍ଟା ସଂଜିତ ମହାନ୍ତିଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ଅଇଁଠାପାଲି ସ୍ଥିତ ସମ୍ବଲପୁର ଘରୋଇ ବସ୍ ଟେର୍ମିନାଲର ଅଟୋ ଷ୍ଟାଣ୍ଡରେ ଅବୈଧ ଭାବେ ବସ ବ୍ୟାଟେରୀ ଚାର୍ଜିଂ ୟୁନିଟ୍ ବିସ୍ତାର ଉପରେ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରି ଅଟୋ ଷ୍ଟାଣ୍ଡ ରେ ନିଜର ଜୀବିକା ଭାବରେ ନିର୍ଭର କରୁଥିବା ଶତାଧିକ ଅଟୋ ଚାଳକଙ୍କ ବିଷୟରେ ଚିନ୍ତା କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି । ସଂଘ ଦାବି ଅନୁଯାଇ, ୨୦୧୫ ରୁ ବସ ଟର୍ମୀନାଲ ମଧରେ ଏକ ଅଂଚଳ ଅଟୋ ରିକ୍ସାର (୩ ଚକିଆ ଯାନ) ପାର୍କିଂ ସ୍ଥଳି ସ୍ୱରୂପରେ ସଂଘକୁ ଅନୁମୋଦିତ ହୋଇଥିଲା, ଯେଉଁଠି ସେମାନେ ନିୟମିତ ଭାବେ ଗାଡ଼ି ପାର୍କ କରୁଛନ୍ତି ଏବଂ ଭଡା ଦେଇ ଆସୁଛନ୍ତି । ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ଅଟୋ ଷ୍ଟାଣ୍ଡ ପାଇଁ ଦେଇଥିବା ଲିଖିତ ଅନୁମୋଦନ କୁ ମଧ ଦାବିପତ୍ର ରେ ସାମିଲ କରାଯାଇଛି । ତେବେ ବର୍ତମାନ ଏହି ଅଂଚଳରେ ଆମ ବସ ସେବାପାଇଁ ନିର୍ମିତ ସି.ଆର.ୟୁ.ଟି ର ବସ ଗୁଡିକ ଅବୈଧ ଭାବେ ବସ ଚାର୍ଜିଂ ୟୁନିଟ୍ ସ୍ଥାପନ କରି ବସ ଡିପୋ ବିସ୍ତାର ଉଦ୍ୟମ କରୁଛନ୍ତି, ଯାହା ଅଟୋ ଷ୍ଟାଣ୍ଡ ପାଇଁ ଦିଆଯାଇଥିବା ଅନୁମୋଦନ ଓ ଅନୁମତି ର ବିରୋଧାଭାସ ।

ସଂଘର ଉପଦେଷ୍ଟା ସଞ୍ଜିତ ମହାନ୍ତି ଓ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର ଆଲୋଚନାରେ ଜିଲ୍ଲାପାଳଙ୍କୁ ଅଟୋ ଚାଳକ ମାନେ ଯେଉଁ ଶତାଧିକ ଅଟୋ ଚାଳକ ନିଜର ଜୀବିକା ପାଇଁ ଏହି ଅଟୋ ଷ୍ଟାଣ୍ଡରେ ନିର୍ଭର କରନ୍ତି ଏହା ଦ୍ୱାରା ଆର୍ଥିକ ସମସ୍ୟାରେ ପଡ଼ିବା ସହ ନିଜର ଜୀବିକା ହରାଇବେ । ଏହି ପ୍ରସଙ୍ଗରେ ଜିଲ୍ଲାପାଳଙ୍କୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ଏହି ଅଭିଯୋଗ ପତ୍ରର ଏକ ପ୍ରତିଲିପି ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ସମ୍ବଲପୁର ମହାନଗର ନିଗମ କମିଶନର, ଆର୍ ଟି ଓ ଙ୍କ ନିକଟକୁ ମଧ ପଠାଯାଇଛି । ଆଜିର ଏହି କାର୍ଯ୍ୟକ୍ରମ ରେ ସଂଘ ର ଉପଦେଷ୍ଟା ସଞ୍ଜିତ ମହାନ୍ତି, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ବୀରେନ୍ଦ୍ର ସାହୁ, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଏମ.ଡି ଅଫତାବ, ଏସ.କେ ନୁରୁଦ୍ଦିନ, ଜୟପ୍ରକାଶ ସାହୁ, ସନ୍ତୋଷ ବିଭାର, ବିଭୀଷଣ କାଣ୍ଡ, ପଂଚାନନ ମିଶ୍ର, ବିଶୁ ସିଲ, ବିଷ୍ଣୁଚରଣ ସିଂ, ବସନ୍ତ ମେହେର ସହ ସଂଘ ର ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ ସମବାୟ ବର୍ଷ ସମାରୋହ

ବାରିପଦା, (ହି.ସ.) - ବାରିପଦା ଶହୀଦ ସ୍ମୃତି ଭବନ ଠାରେ ମୟୂରଭଞ୍ଜ ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ସମାରୋହ ପାଳିତ ହୋଇଯାଇଛି । ମୟୂରଭଞ୍ଜ ଖଣ୍ଡ ସମବାୟ ସମିତି ସମୂହର ଉପ-ନିବନ୍ଧକ ଅଶୋକ କୁମାର ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ସମବାୟ ଆନ୍ଦୋଳନର ପ୍ରାକ ଇତିହାସ ଓ ତାର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ. ଅନ୍ୟ ମାନଙ୍କ ମଧରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ, ନାବାର୍ଡ ର ଡିଡିଏମ, ସମବାୟ ସମିତି ସମୂହ ବାରିପଦା, କପ୍ତିପଦା, ରାଇରଙ୍ଗପୁର ଏବଂ କରଞ୍ଜିଆର ବରିଷ୍ଠ ସହକାରୀ ନିବନ୍ଧକ, ଜିଲ୍ଲା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଦୁଗ୍ଧ ସମିତିର ଅଧିକାରୀ ପ୍ରମୁଖ ଯୋଗଦେଇ ନିଜନିଜ ବିଭାଗର ଦାୟିତ୍ୱ ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧରେ ଚାଷୀ ଏବଂ ଜନତାଙ୍କୁ ସଚେତନ କରିଥିଲେ । ଏହି ଅବସରରେ ସମବାୟ ସମିତିର ତିନି ଜଣ ପରିଚାଳନା ପରିଷଦର ସଭ୍ୟଙ୍କୁ ସମ୍ମାନିତ କରାଯାଇଥିବା ବେଳେ କରଞ୍ଜିଆ ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମୟୂରଭଞ୍ଜର ପ୍ରସିଦ୍ଧ ଛଉ ନୃତ୍ୟ ପରିବେଷଣ କରାଯାଇ ନୃତ୍ୟ ମାଧ୍ୟମରେ କୃଷି ଏବଂ ଖରିଫ ଋତୁ ଧାନକ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣ କୌଶଳ ପ୍ରଦର୍ଶନ କରାଯାଇଥିଲା ।

# ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଘରେ ପଶିଲା ବର୍ଷାଜଳ

ମୟୂରଭଞ୍ଜ(ହି.ସ.) : ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁଁହା ଗ୍ରାମ ପଂଚାୟତ ଅଂଚଳରେ ପୂର୍ତ ବିଭାଗର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଘରେ ବର୍ଷା ଜଳ ପସିଛି । ଖୋଦ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନ ମଣ୍ଡଳୀରେ ଏହା ଦେଖିବାକୁ ମିଳୁଛି । ବାରମ୍ବାର ଅଭିଯୋଗ ସତ୍ୱେ କୋଣସି ବିଭାଗୀୟ ପଦକ୍ଷେପ ଗ୍ରହଣ ନକରିବାରୁ ଗ୍ରାମବାସୀ ମାନେ ପୂର୍ତ ବିଭାଗ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ, ଉକ୍ତ ପଂଚାୟତ ଅଂଚଳରେ ଦାନ୍ତିଆମୁଁହା ଠାରୁ କରମଷୋଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ତ ବିଭାଗ ପକ୍ଷରୁ ଜାରି ରହିଛି । ତେବେ ଉକ୍ତ ରାସ୍ତାରେ ପୂର୍ବରୁ ୨ଟି କଲଭର୍ଟ ପୋଲ ରହିଥିଲା । ଯାହା ଦ୍ୱାରା ବର୍ଷା ଜଳ ନିଷ୍କାସନ ହେଉଥିଲା । କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ବେଳେ ଗୋଟିଏ ପୋଲକୁ ସ୍ଥାୟୀ ଭାବେ ବନ୍ଦ କରି ଦିଆଯାଇଛି । ସେଠାରେ ବଡ଼ ପୋଲର ଆବଶ୍ୟକତା ଥିବା ବେଳେ ତ୍ରୁଟିପୂର୍ଣ୍ଣ ଭାବେ କାର୍ଯ୍ୟ କରି ପୋଲ ବନ୍ଦ କରି ଦିଆଯାଇଛି । ତେଣୁକରି ସ୍ଥାନୀୟ ଗରୁଡ଼ବସା ଗ୍ରାମରେ ବର୍ଷା ଜଳ ନିଷ୍କାସନରେ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା । ଯାହାକୁ ନେଇ ଗ୍ରାମବାସୀ ମାନେ ପୂର୍ବରୁ ଜିଲ୍ଲାପାଳ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ୟା ବାବଦରେ ବାରମ୍ବାର ଅଭିଯୋଗ ଜଣାଇଛନ୍ତି । କିନ୍ତୁ ପୂର୍ତ ବିଭାଗ ପକ୍ଷରୁ ଅଭିଯୋଗ ସମାଧାନ କରିବା ନେଇ କୋଣସି ପଦକ୍ଷେପ ଗ୍ରହଣ ହେଲାନାହିଁ । ଏହାସହିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଧ ସମସ୍ୟା ବାବଦରେ ଜଣାଇଥିଲେ ସୁଦ୍ଧା କୋଣସି ସୁଫଳ ମିଳିଲା ନାହିଁ । ଶୁକ୍ରବାର ଲଗାଣ ବର୍ଷା ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇନପାରି ଗ୍ରାମର ଘରେ ଓ ବିଲରେ ପଶିଛି । ଯାହା ଦ୍ୱାରା ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଗ୍ରାମବାସୀ ମାନେ ଦିନ ମଜୁରିଆ ଓ ଚାଷୀ ହୋଇଥିବା ବେଳେ ଘରେ ବର୍ଷା ପାଣି ପଶି ଅନେକ କ୍ଷୟକ୍ଷତି ହେଉଛି । ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟାର ସମାଧାନ ନହେବାରୁ ପୂର୍ତ ବିଭାଗ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ମୋରଡାର ପୂର୍ବତନ ବିଧାୟକ ରାଜକିଶୋର ଦାସ ଉକ୍ତ ଗ୍ରାମବାସୀ ମାନଙ୍କ ସମେତ ଆଲୋଚନା କରିଛନ୍ତି । ତେବେ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପଦକ୍ଷେପ ନେବାକୁ ପୂର୍ତ ବିଭାଗ ଯନ୍ତ୍ରୀଙ୍କ ସମେତ ଆଲୋଚନା କରିଛନ୍ତି । ମନ୍ତ୍ରୀ ଡା ମହାପାତ୍ରଙ୍କ ନିର୍ବାଚନ ମଣ୍ଡଳୀରେ ଏହିପରି ସମସ୍ୟା ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଆଗକୁ ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ନୀରବ ପ୍ରାର୍ଥନା

ଜୟପୁର, (ହି.ସ.)- ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନରେ ଆଜି ନିରବ ପ୍ରାର୍ଥନା କରାଯାଇଛି । ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦେଶ କ୍ରମେ ଆଜି ୧ ମନିଟ ନିରବ ପ୍ରାର୍ଥନା କରାଯାଇଛି । ବାଲେଶ୍ୱର ସ୍ଥିତ ଫକୀରମୋହନ ମହାବିଦ୍ୟାଳୟର ଦିବଙ୍ଗତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ସୌମ୍ୟଶ୍ରୀ ବିଶିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାର୍ଯ୍ୟ କ୍ରମରେ ଜୟପୁର ପୌର ଅଧକ୍ଷ ତଥା ନଗର ସଭାପତି ନରେନ୍ଦ୍ର କୁମାର ମହାନ୍ତି, ଜିଲା ମହିଳା କଂଗ୍ରେସ ସଭାନେତ୍ରି ନଳିନି ରଥ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣ ନେପାକ, କାଉନସିଲର ପ୍ରଣବ ନାୟକ, ସସ୍ମିତା ରଥ, ଗଙ୍ଗା ସାହୁ, ସୁପ୍ରିୟା ପ୍ରିୟ ଦର୍ଶନୀ, ବିଶ୍ୱଜିତ ଦଣ୍ଡସେନା, ବଳ ରାମ ପାଣିଗ୍ରାହୀ, ଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜେଣ୍ଡର ସେନ୍‌ସିଟାଇଜେସନ୍ କର୍ମଶାଳା

ଜୟପୁର, (ହି.ସ.)- ଜୟପୁର କଲେଜ ଅଫ୍ ଫାର୍ମାସିର ଅଡିଟୋରିୟମ ହଲ ଠାରେ ଜେଣ୍ଡର ସେନସିଟାଇଜେସନ କର୍ମଶାଳା ଉଦଘାଟିତ ହୋଇଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେସି ଯୋଗ ଦେଇଥିବା ବେଳେ କଲେଜର ଆଇନ ପରାମର୍ଶଦାତା ଲାଲ ମୋହନ ମିଶ୍ର, କଲେଜର ନିଦ୍ଦେଶିଖା ପ୍ରୟମ୍ବଦା ଷଡଙ୍ଗୀ ସହ ଅଧକ୍ଷ ସଂଗ୍ରାମ କେଶରୀ ପଣ୍ଡା, କଲେଜର ମାନଷି ଖାଡଙ୍ଗା ସହ କଲେଜର ଅଧାପକ, ଅଧାପିକା ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । କର୍ମଶାଳାକୁ ମାଜ୍ମା ବେଗମ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଗାୟତ୍ରୀ ଦେବା ଜେଣ୍ଡର ସେନିସିଟାଇଜେସନର ବିଭିନ୍ନ ଆଇନ ଉପରେ ଆଲୋତପାତ କରିଥିଲେ । ହେଲପ ଲାଇନ ନମ୍ବର ଗୁଡିକ ପ୍ରଦାନ କରଥିଲେ । ଉପସ୍ଥିତ ଅତିଥି ମାନେ ନିୟମ ଆଇନ ଉପରେ ସଚେତନ କରିଥିଲେ । କଲେଜର ନିର୍ଦ୍ଦେଶିକା ସାମାଜିକ ଗଣମାଧମରେ ପ୍ରଚାର ଓ ପ୍ରସାର ହେଉଥିବା ବିଭିନ୍ନ ଭ୍ରାନ୍ତ ସନ୍ଦେଶକୁ ସତ୍ୟତା ନଜାଣି ଗ୍ରହଣ କରନ୍ତୁ ନାହିଁ ବୋଲି ସଚେତନ କରିଥିଲେ ।

# ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

କେନ୍ଦୁଝର, (ହି.ସ.) - ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ,କେନ୍ଦୁଝର ଏବଂ ସେଂଟର ଫର ଏନଭାଇରନମେଂଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଜିଲ୍ଲାର କେନ୍ଦୁଝର ସଦର, ଝୁମ୍ପୁରା, ଯୋଡ଼ା, ପାଟଣା, ସାହାରପଡ଼ା, ତେଲକୋଇ ବ୍ଲକର ପ୍ରାୟ ୨୦୦ ଜଣ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସେଂଟର ଅଫ୍ ଏନଭାଇରନମେଂଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା, ଉପକାରିତା ଏବଂ ଭବିଷ୍ୟତରେ ଶକ୍ତି ସଙ୍କଟକୁ କିପରି ଦୂର କରି ହେବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଶକ୍ତି ସଂଚୟ କଲେ ଭବିଷ୍ୟତ ପିଢ଼ି ପାଇଁ ଧାରଣୀୟ ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଭାବେ ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ଶକ୍ତି ସଂରକ୍ଷଣ ପାଇଁ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଶକ୍ତି କ୍ଲବ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ପୁଙ୍ଖାନୁପୁଙ୍ଖ ଭାବେ ଶକ୍ତି କ୍ଲବର ଗଠନ ପ୍ରଣାଳୀ, ବାର୍ଷିକ କାର୍ଯ୍ୟାବଳୀ, ୟୁ.ସି. ରିପୋର୍ଟ ପ୍ରଦାନ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ । କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ଏନ୍.ଏସ୍. ପୋଲିସ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ, ବାଉଁଶୁଳି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିତ୍ୟ ମହାପାତ୍ର, ଧବଳେଶ୍ୱର ହାଇସ୍କୁଲ, ଦେଓଝରର ବିଜ୍ଞାନ ଶିକ୍ଷକ ସୌମ୍ୟ ପ୍ରକାଶ ସାହୁ ରିସୋର୍ସ ପର୍ସନ ଭାବେ ଶକ୍ତି କ୍ଲବର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ନିରୀକ୍ଷକ ରାମକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କନ୍ଧମାଳ, (ହି.ସ.) : କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଭାବରେ ବଦଳି ହୋଇଯାଇଛି । ଏହି ଅବସରରେ ଫଂଚାୟତ ଭବନ ଫୁଲବାଣୀ ଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଶ୍ରୀ ଅମ୍ରିତ୍ ଋତୁରାଜ୍ ଗତ ୨୦୨୪ ମସିହା ଅଗଷ୍ଟ ୧୨ ତାରିଖରେ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଭାବରେ ଯୋଗଦେଇ ଜିଲ୍ଲାର ବିକାଶରେ ବହୁ ପଦକ୍ଷେପ ନେଇ ବହୁତ ପ୍ରଶଂସା ସାଉଁଟି ଛନ୍ତି । ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନାଙ୍କୁ କାର୍ଯ୍ୟଭାର ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଦେବା ସହିତ ସମସ୍ତଙ୍କୁ ଆଗାମୀ ଦିନରେ ବ୍ୟକ୍ତିଗତ ତଥା ବୃତିଗତ ଜୀବନରେ ବହୁତ ଆଗକୁ ଯିବାକୁ କାମନା କରି କହିଥିଲେ ଯେ କନ୍ଧମାଳ ଜିଲ୍ଲାର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସମସ୍ତ ଅଧିକାରୀ ତଥା କର୍ମଚାରୀ ଗୁରୁଦାୟିତ୍ୱ ନିର୍ବାହ କରିଛନ୍ତି ଏବଂ ଆଗକୁ ମଧ ସମସ୍ତେ ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟ କରନ୍ତୁ । ନିଜର କାର୍ଯ୍ୟ ଦକ୍ଷତା ବଳରେ ବିନା କୌଣସି ପ୍ରେସର୍‌ରେ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରି ସରକାରୀ ଯୋଜନା ଲୋକମାନଙ୍କର ପାଖରେ ପହଂଚାଇବାକୁ ଯତ୍ନବାନ ହେବା ସହିତ କାର୍ଯ୍ୟ କରିବାକୁ କହିଥିଲେ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ), କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କନ୍ଧମାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ,ଉପ ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସନ୍ତୋଷ କୁମାର ପାଢ଼ୀ, ପ୍ରକଳ୍ପ ପ୍ରଶାସକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା କୃପାସିନ୍ଧୁ ବେହେରା, ଜିଲ୍ଲା ଫଂଚାୟତ ଅଧିକାରୀ ନରେନ୍ଦ୍ର ନାୟକ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର, କଲେକ୍ଟରିଏଟ୍‌ର କର୍ମକର୍ତ୍ତା, ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

# ଆକ୍ୟୁପ୍ରେସର୍ ଚିକିତ୍ସା ଶିବିର

ଫୁଲବାଣୀ(ହି.ସ.): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ନାରାୟଣୀ ରୋଡ ସ୍ଥିତ କ୍ଲବ୍ ପରିସରରେ ଶୁକ୍ରବାର ୨୪ତାରିଖ ଠାରୁ ୨୯ତାରିଖ ଯାଏ ୬ଦିନ ବ୍ୟାପୀ ରାମ ମୋନୋହୋର୍ ଲୋହିଆ ଆରୋଗ୍ୟ ଜୀବନ ସଂସ୍ଥା ରାଜସ୍ଥାନ ଓ ରୋଟାରୀ କ୍ଲବ ଫୁଲବାଣୀ ମିଳିତ ସହଯୋଗ ରେ ଆକ୍ୟୁପ୍ରେଶର ଚିକିତ୍ସା ମାଧ୍ୟମ ରେ ବିଭିନ୍ନ ରୋଗର ଚିକିତ୍ସା କରାଯାଉଛି । ଏଥିରେ ବିଶେଷ କରି ପିଠି ଯନ୍ତ୍ରଣା, ରକ୍ତଚାପ, ହାତ ପାଦର ଶୂନ୍ୟତା, ପେଟ ସମସ୍ୟା, ସାଇଟିକା, ଅଜମା, ଗଣ୍ଠିରୋଗ ଆଦିର ସରଳ ଚିକିତ୍ସା କରାଯାଉଛି । ପ୍ରତ୍ୟହ ସକାଳ ୯ଟା ରୁ ୧୨ଟା ଓ ଅପରାହ୍ନ ୪ଟା ରୁ ୮ଟା ଯାଏ ଖୋଲା ରହୁଛି କ୍ଷ ଆଜିର ଉଦଘାଟନୀ ଉତ୍ସବରେ ଡାକ୍ତର ଏମ ଏ ଛୟକ୍ଷନନ୍, ରାଜସ୍ଥାନ, ରୋଟାରୀ କ୍ଲବ ସଭାପତି ପ୍ରକାଶ ପଣ୍ଡା, ସମ୍ପକ୍ଷଦକ ବିରଜା ନାହାକ , ରୋଟା ରିଆନ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ପ୍ରସନ୍ନ ପଣ୍ଡକ୍ଷ ପଦ୍ମ ଚରଣ ମହାନ୍ତି, ପଦ୍ମଚରଣ ସ୍ୱାଇଁ, କେ, ଜ୍ଞାନ ଦୋରା ଉର୍ମିଳା ପଣ୍ଡା, ଗୀତାଞ୍ଜଳି ନାହାକ, ଦେବେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ବଲାଙ୍ଗିର: ଖପ୍ରାଖୋଲ ଥାନା ଭାଲୁଡୁଙ୍ଗରୀ ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଘଟଣାରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ମୃତକ ଜଣକ ହେଲେ ଖପ୍ରାଖୋଲ ଥାନା ଓଡ଼ିଆପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗରି ଗ୍ରାମର ସଦାଶିବ ସାଇଁ (୩୭) । ସୂଚନା ଅନୁସାରେ ଗୁରୁବାର ସକାଳୁ ସଦାଶିବ କୁଆଡେ ଚାଲିଯାଇଥିଲେ, ଘର ଲୋକ ଖୋଜାଖୋଜି କଲା ପରେ ମଧ ତାଙ୍କୁ ଖୋଜି ପାଇନଥିଲେ । ପାଖାପାଖି ଦିନ ୨ଟା ସମୟରେ ମୃତକଙ୍କ ଖୁଡି କପା ଚାଷ କରିଥିବା ଜମିକୁ କାମ କରିବାକୁ ଯିବା ସମୟରେ ଗୋଟିଏ ମହୁଲ ଗଛ ଡାଳରେ ଗୋଟିଏ ଝୁଲନ୍ତା ମୃତଦେହ ଦେଖି ନିକଟରେ ଥିବା ଅନ୍ୟ ଲୋକଙ୍କୁ ଘଟଣାସ୍ଥଳକୁ ଡାକିଥିଲେ । ନିକଟକୁ ଯାଇ ଦେଖିଲା ପରେ ମୃତଦେହଟି ପୁତୁରା ସଦାଶିବଙ୍କ ବୋଲି ଜାଣିପାରିଥିଲେ । ପରିବାରଲୋକ ଘଟଣା ବିଷୟରେ ପୋଲିସକୁ ଖବର କରିଥିବାବେଳେ ଘଟଣାସ୍ଥଳରେ ଖପ୍ରାଖୋଲ ପୋଲିସ ଏଏସ୍‌ଆଇ ରବୀନ୍ଦ୍ର କୁମ୍ଭାର ପୋଲିସ ଟିମ ସହ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ । ଏନେଇ ଖପ୍ରାଖୋଲ ଥାନା ୟୁ ଡି କେସ ନଂ ୧୦/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିବାବେଳେ ଘଟଣାର ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି । ସୂଚନା ଥାଉକି ମୃତକ ଜଣେ ଟ୍ରାକ୍ଟର ମେକାନିକ ଭାବେ ବଲାଙ୍ଗିର ଠାରେ କାର୍ଯ୍ୟରତ ଥିଲେ । କିଛିଦିନ ହେଲା ସେ ଘରକୁ ଚାଲିଆସିଥିଲେ । ଘରେ ତାଙ୍କର ଦୁଇଟି ଛୋଟ ଛୋଟ ପୁଅ ଏବଂ ସ୍ତ୍ରୀ ଥିବାବେଳେ ବର୍ତ୍ତମାନ ସେମାନେ ଘରର ମୁରବିଙ୍କୁ ହରାଇ ଅସହାୟ ହୋଇପଡିଛନ୍ତି ।

# ରାଜ୍ୟସ୍ତରୀୟ ନବଜାତ ଏନ୍‌ଆଇଭି କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟସ୍ତରୀୟ ନବଜାତ ନନ୍ ଇନ୍‌ଭାସିଭ ଭେନ୍‌ଟିଲେସନ୍ (ଏନଆଇଭି) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚଏମ୍), ନ୍ୟାସ୍‌ନାଲ୍ ନିଓନାଟୋଲଜି ଫୋରମ୍ (ଏନ୍‌ଏନ୍‌ଏଫ୍), ଓଡ଼ିଶା ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିବା ଜଣାପଡ଼ିଛି । ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର ଡ. ଦେବାଶିଷ ନନ୍ଦ ସଂଯୋଜକ ଥିବା ବେଳେ ଏମ୍‌ସ ଭୁବନେଶ୍ୱରର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର ଡ. ତାପସ ସୋମ, ପ୍ରଫେସର ଡ. ପଙ୍କଜ ମହାନ୍ତି, କିମ୍ସ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ପ୍ରଫେସର ଡ. ସନ୍ତୋଷ ପଣ୍ଡା, ସମ୍ ହସ୍ପିଟାଲର ଶିଶୁରୋଗ ବିଭାଗର ପ୍ରଫେସର ଡ. ରତନ କୁମାର ଦାସ ଏବଂ ଆସୋସିଏଟ୍ ପ୍ରଫେସର ଡ. ବିଜୟ କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ । କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ. ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ରାଜ୍ୟରେ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବ୍ୟବହାରରେ ପରିବର୍ତ୍ତନ ଯୋଗୁଁ ଜେଲରୁ ମୁକୁଳିଲେ କଏଦୀ

**ଭୁବନେଶ୍ୱର (ପିପିଏସ୍):** ନିଜ ବ୍ୟବହାରରେ ପରିବର୍ତ୍ତନ କରି ଜେଲ୍‌ରୁ ମୁକୁଳିଛନ୍ତି ଜଣେ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ । ସେ ୧୬ବର୍ଷଧରି ଜେଲ୍‌ରେ ଥିଲେ । ହେଲେ ତାଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବାରୁ ଜେଲ ବିଭାଗ ତାଙ୍କୁ ମୁକ୍ତି କରିଛନ୍ତି । ସେ ହେଲେ ସୋନପୁରର ବାସିନ୍ଦା ଏମ୍. ବେଉରା । ସେ ଏବେ ଝାରପଡ଼ା ଜେଲରୁ ମୁକୁଳିବା ପରେ ପାହାଳ ଅଞ୍ଚଳରେ ସିକ୍ୟୁରିଟ୍ ଗାର୍ଡ ଭାବେ କାମ କରୁଛନ୍ତି । ସେ ଜେଲରୁ ମୁକୁଳିବା ପରେ ଜେଲ ଭିତର କଥା କହିଛନ୍ତି । ସେ କହିଛନ୍ତି ଯେ, ସୋନପୁରରେ ଡ୍ରାଇଭର ଭାବେ କାମ କରୁଥିଲେ । ତାଙ୍କ ପତ୍ନୀ ତାଙ୍କ ଚରିତ୍ରକୁ ସନ୍ଦେହ କରି ଝଗଡ଼ା କରୁଥିଲେ । ଘଟଣା ଦିନ ତାଙ୍କ ସ୍ତ୍ରୀ ଝଗଡ଼ା କରିବାରୁ ସେ ଘର ବାହାରେ ଛିଡ଼ା ହୋଇଥିଲେ । ଏହି ସମୟରେ ଘର ଭିତରେ ତାଙ୍କ ସ୍ତ୍ରୀ ନିଜ ଦେହରେ କିରାସିନ୍ ପକାଇ ନିଆଁ ଲଗାଇ ଦେଇଥିଲେ । ବୁର୍ଲା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୁଲିସ ପକ୍ଷରୁ ତାଙ୍କର ମୃତ୍ୟୁକାଳୀନ ବୟାନ ନିଆଯାଇଥିଲା । ପରେ ୧୭ ଦିନ ବେଳକୁ ତାଙ୍କ ସ୍ତ୍ରୀର ମୃତ୍ୟୁ ଘଟିଥିଲା । ତାଙ୍କ ଶଶୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା । ହେଲେ ତାଙ୍କ ସ୍ତ୍ରୀ ନିଜେ ନିଆଁ ଲଗାଇବାର କିଛି ପ୍ରମାଣ ନଥିଲା । କିନ୍ତୁ ପତ୍ନୀଙ୍କ ବୟାନ ଆଧାରରେ ତାଙ୍କୁ ଆଜୀବନ ଜେଲଦଣ୍ଡ ହୋଇଥିଲା । ୨୦୦୯ରୁ ୨୦୨୫ ପର୍ଯ୍ୟରେ ଜେଲରେ ରହିଥିଲେ । ସୋନପୁର ଜେଲରେ ସେ ଦେଢ ବର୍ଷ ରହିଥିବା ବେଳେ ବଲାଙ୍ଗୀର ଜେଲରେ ୬ମାସ, ୮ବର୍ଷ ବୀରମହାରାଜ ଜେଲରେ ରହିଲେ । ଜାମ୍ବୁଝରୀ ମୁକ୍ତାକାଶ ଜେଲରେ ଅଢେଇ ବର୍ଷ ରହିଥିଲେ ଏବଂ ଝାରପଡ଼ା ଜେଲରେ ସେ ସାଢେ ୩ ବର୍ଷ ରହିଲେ । ଜେଲରେ ସେ ଝାଡୁ ମାରିବା ସହ ସଫାସୁତୁରା କରୁଥିଲେ । ହେଲେ ଝାମ୍ବୁଝରୀ ଜେଲରେ ମନରଞ୍ଜନ ରହିବା ସମୟରେ ସେ ପରିବା ବ୍ୟବସାୟ କରୁଥିଲେ । ଜେଲ ପରିସରେ ଅମଳ ହେଉଥିବା ପନିପରିବାକୁ ନେଇ ଗାଁ ଗାଁରେ ବିକ୍ରି କରୁଥିଲେ । ପୋଟଳ, ଝୁଡ଼ଙ୍ଗ, କୋବି, ଶାଗ, ମକା ଆଦି ଅନେକ ପରିବା ବିକ୍ରି କରୁଥିଲେ । ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱରରେ ବୁଲି ବୁଲି ବିକ୍ରି କରୁଥିଲେ । ବିକ୍ରି କରି ଯେଉଁ ଟଙ୍କା ରୋଜଗାର କରୁଥିଲେ ତାହାକୁ ସୁପରିନଟେଣ୍ଡଙ୍କୁ ଦେଉଥିଲେ । ସେଇପରି ଝାରପଡ଼ା ଜେଲରେ ସେ ଝାଡୁ ମାରୁଥିଲେ । ରାତିରେ କଏଦୀଙ୍କୁ ଜଗୁଥିଲେ । କୌଣସି କଏଦୀ ଜେଲ ଭିତରେ ଗଣ୍ଡଗୋଳ କଲେ ସେ ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ । ରାତିରେ ଲକ୍‌ଅପ୍ ପରେ ୧୦୦ ଆସାମୀଙ୍କୁ ଗୋଟିଏ ହଲରେ ଜଗୁଥିଲେ । କାଳେ କିଏ ଆତ୍ମହତ୍ୟା କରିବାର ସମ୍ଭାବନା ଏବଂ କିଏ ଗଣ୍ଡଗୋଳ କରିବ, ତାହାକୁ ଜଗନ୍ତି । ତାଙ୍କର ଭଳି ଭଲଗୁଣ ଦେଖି ଜେଲ ବିଭାଗ ତାଙ୍କୁ ମୁକ୍ତି କରିଛନ୍ତି । ଜେଲରୁ ବାହାରିବା ପରେ ସେ ପାହାଳ ଅଞ୍ଚଳରେ ଏକ ସିକ୍ୟୁରିଟ୍‌ଗାର୍ଡ ଭାବେ କାମ କରୁଛନ୍ତି । ତାଙ୍କର ପରିସ୍ଥିତି ଭଲ ନାହିଁ । ଗାଁରେ ତାଙ୍କର ଘର ନାହିଁ । ତାଙ୍କ ପୁଅ ଏବଂ ଝିଅ ପର ଘରେ ଆଶ୍ରୟ ନେଉଛନ୍ତି । ତେଣୁ ସରକାର ତାଙ୍କୁ ଘର ଏବଂ ଅର୍ଥ ସହଯୋଗ କଲେ ଝିଅ ବାହାଘର କରିପାରିବେ ବୋଲି କହିଛନ୍ତି । ତାଙ୍କ ଭଳି ଅନେକ କଏଦୀ ନିର୍ଦ୍ଦୋଷରେ ଜେଲ ଭିତରେ ରହିଛନ୍ତି । ତେଣୁ ସେମାନଙ୍କୁ ଚିହ୍ନଟ କରି ଖଲାସ କରିବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି ।

# ପୁଣ୍ୟତିଥିରେ କବିଚନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର (ପିପିଏସ୍):** ପୁଣ୍ୟତିଥିରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅବସ୍ଥିତ କବିଚନ୍ଦ୍ରଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତିସ୍ଥଳ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଆବହନୀ ସଙ୍ଗୀତ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ଗୋପବନ୍ଧୁ ଟ୍ରଷ୍ଟର ସମ୍ପାଦକ ସୁବାସ ପରିଡା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଧ୍ୟକ୍ଷ ବିଜୟ ଜେନା, ପ୍ରଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗୁରୁ ନିମା ଚନ୍ଦ୍ର ରାଉତରାୟ, ଗିରିଜା ଶଙ୍କର ମହାପାତ୍ର, ଅମିତ୍ ପାତାଳ ସିଂ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ସମୀକ୍ଷା ବୈଠକ

**ଭୁବନେଶ୍ୱର (ପିପିଏସ୍) :** ଭଲ ବର୍ଷା ହେବା ଫଳରେ ଉପରମୁଣ୍ଡରେ ଜଳସ୍ତର ବୃଦ୍ଧି ଘଟିଛି । ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ସରକାରୀ ସ୍ତରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜୀବ ଭବନରେ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ସାମିଲ୍ ହୋଇଥିଲେ । ପ୍ରବଳ ବର୍ଷା କାରଣରୁ ମହାନଦୀ ଓ ବ୍ରାହ୍ମଣୀ ନଦୀରେ ବନ୍ୟା ଆଶଙ୍କା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳ ମୁହାଁ ହେବାକୁ ଯାଉଛି ଅବପାତ । ଫଳରେ ରାଜ୍ୟରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋବାର ସମ୍ଭାବନା ରହିଛି । ପ୍ରବଳ ବର୍ଷା ନେଇ ଉତ୍ତର ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ସେହିପରି ୧୦ଟି ଜିଲ୍ଲାକୁ ଅରେଞ୍ଜ ଓ ୧୮ ଜିଲ୍ଲାକୁ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ଭିତରେ ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି । ସମ୍ଭାବ୍ୟ ବନ୍ୟା ସ୍ଥିତି ଉପୁଜିବାକୁ ଥିବା ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା । ଚଡ଼ା, ଗୁଡ଼ ଭଳି ଅତ୍ୟାବଶକ ସାମଗ୍ରୀ ମହଜୁଦ ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା ।




# ବିଦେଶରେ ଓଡ଼ିଆ ପାରମ୍ପରିକ ନୃତ୍ୟ

**ଭୁବନେଶ୍ୱର (ପିପିଏସ୍) :** ଆମେରିକାରେ ଥିବା ସର୍ବବୃହତ୍ ଓଡ଼ିଆ ଆସୋସିଏସନ୍ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସା)ର ୫୬ତମ ବାର୍ଷିକ ସମ୍ମିଳନୀ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ୍ ରାଜ୍ୟର ରାଜ୍ୟଧାନୀ ଡଲାସ୍ ସହରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଯାନିଯାତ୍ରା, ନୃତ୍ୟ, ସଙ୍ଗୀତ, ଖାଦ୍ୟ ପରମ୍ପରା, ପର୍ବପର୍ବାଣି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସୂଚନା ଅନୁସାରେ, ୧୯୬୯ ମସିହାରେ ଗଠିତ ଏହି ଆସୋସିଏସନ୍ ଆମେରିକାରେ ଓଡ଼ିଆ ସଂସ୍କୃତିର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ କରିବା ସହ ବିଭିନ୍ନ ସମୟରେ ଓଡ଼ିଶାକୁ ସହାୟତା ପ୍ରଦାନ କରରିଆସୁଛି । କାର୍ଯ୍ୟକ୍ରମରେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟ ତଥା ଡ. ସୀତାକାନ୍ତ ଦାଶ, ଡ. ତ୍ରିଲୋକୀନାଥ ପାଣ୍ଡେ, ଡି.ସି. ମଞ୍ଜୁନାଥ ପ୍ରମୁଖଙ୍କ ସମେତ ଆମରେିକାର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଆମେରିକାରେ କାର୍ଯ୍ୟରତ ଓଡ଼ିଆ କଣ୍ଠଶିଳ୍ପୀ ଡ. ଶିବରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ କଳାକାର ବହୁ ସଂଖ୍ୟାରେ ସାମିଲ ହୋଇଥିଲେ ।





ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକେ

# ଆସିଲାନି ପ୍ରାଣିଧନ ଗାଡ଼ି, ବିଲେଇର ଚିକିତ୍ସା କରାଇଲେ ପଥଚାରୀ

**ଭୁବନେଶ୍ୱର (ପିପିଏସ୍):** ରାସ୍ତାରେ ପଡ଼ିଥିଲା ଏକ ଦୁର୍ଘଟଣାଗ୍ରସ୍ତ ବିଲେଇକୁ କିଛି ବାଟୋଇ ଉଦ୍ଧାର କରି ଭ୍ରମ୍ୟମାଣ ପ୍ରାଣିଧନ ଆମ୍ବୁଲାନ୍ସ ନମ୍ବରକୁ ଫୋନ କରିଥିଲେ । ହେଲେ ସେପଟୁ ନାସ୍ତିବାଣୀ ଶୁଣିବା ପରେ ବାଟୋଇ ତାକୁ ଉଦ୍ଧା କରି ଚିକିତ୍ସା କରାଇଛନ୍ତି । ମିଳିଥିଲା ସୂଚନା ଅନୁସାରେ ଗୁରୁବାର ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପଟିଆ ଷ୍ଟେସନ ରୋଡରେ ରାସ୍ତା ପାର ହେଉଥିବା ବିଲେଇଟି କାର ଧକ୍କାରେ ଆହତ ହୋଇଥିଲା । ପ୍ରଚୁର ରକ୍ତ ସ୍ରାବ ହେଉଥିବା ବେଳେ ବିଲେଇଟି ଯନ୍ତ୍ରଣାରେ କଲବଲ ହୋଇ ଛଟପଟ ହେଇଯାଉଥିଲା ।



ରାସ୍ତାରେ ପଡି ବଞ୍ଚିବା ପାଇଁ କ୍ଷୀଣ ନିଶ୍ୱାସ ନେଉଥିଲା । ଏତିକି ବେଳେ ସେପଟେ ଯାଉଥିବା ମିହିର ସାହୁ, ରାହୁଲ ପଡ଼ିଆରୀ, ସଂଗ୍ରାମ ସେନାପତି ଅଟକି ଆହତ ବିଲେଇକୁ ରାସ୍ତାରୁ ଉଠାଇ ଅନିମଲ ହେଲ୍ପ ଲାଇନ ୧୯୬୨କୁ ଖବର ଦେଇଥିଲେ । ସେଠାରୁ ସେମାନେ ମନା କରିଦେବା ପରେ ନିରାଶ ହୋଇ ତାକୁ ନିଜେ ବଞ୍ଚାଇବାକୁ ପ୍ରୟାସ ଜାରି ରଖିଥିଲେ । ତାକୁ ନିକଟରେ ଥିବା କଳିଙ୍ଗ ଗୋ ସେବା କେନ୍ଦ୍ରକୁ ନେଇଥିଲେ । ଚିକିତ୍ସା ପରେ ବିଲେଇଟି ଆଶ୍ୱସ୍ତ ହୋଇଥିଲା । ପରେ ଚ୍ନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଘରୋଇ କୁକୁର ଡାକ୍ତରଖାନରେ ତାକୁ ନେଇ ଚ୍ିକିତ୍ସା କରାଇଥିବା ଜଣାପଡ଼ିଛି ।

# କର୍ମଚାରୀ ଅଭାବ, ଥାନାରେ ବଢୁଛି ମାମଲା ସଂଖ୍ୟା

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ବିଭିନ୍ନ ଥାନାରେ କର୍ମଚାରୀ ଅଭାବ ଯୋଗୁଁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି । ରାଜଧାନୀର ବିଭିନ୍ନ ଥାନାରେ ୧୬ ହଜାରରୁ ଅଧିକ ମାମଲା ଗଡୁଛି । ମାମଲା ସଂଖ୍ୟାକୁ ଦେଖି ଡିସିପି ପ୍ରତି ଥାନା ଅଧିକାରୀଙ୍କୁ ଟାର୍ଗେଟ ଦେଇଛନ୍ତି । ନୂଆପଲ୍ଲୀ ଥାନାକୁ ୧୦୦ ମାମଲା, ସହିନଗର ଥାନାକୁ ୧୦୫ ମାମଲା, ମଞ୍ଚେଶ୍ୱର ୮୯, ଲକ୍ଷ୍ମୀସାଗର ୮୦, ଖାରବେଳନଗର ୭୦, କ୍ୟାପିଟାଲ ୧୨୦, ମହିଳା ୩୦, ଖଣ୍ଡଗିରି ୧୧୫, ବଡ଼ଗଡ଼ ୫୯, ଏୟାରପୋର୍ଟରେ ୬୦, ଏୟାରଫିଲ୍ଡ ଥାନାକୁ ୯୦, ଧଉଳି ୬୦, ଜଟଣୀ ୧୨୬, ଚନ୍ଦ୍ରଶେଖରପୁର ୯୦,ଇନ୍‌ଫୋସିଟି ୮୮ ଆଦି ମାମଲା ଦିଆଯାଇଛି । ଯଦି କେହି ମାମଲା ଶେଷ କରୁନାହାନ୍ତି ସେମାନଙ୍କୁ ଛୁଟି ଦିଆଯାଉଛି । ତେଣୁ ମାମଲା ବାଧ ହୋଇ ତରବରିଆ ଭାବେ ମାମଲା ଶେଷ କରିବାକୁ ବାଧ ହେଉଛନ୍ତି ।

# ହାଟକୁ ଆସୁନାହାନ୍ତି ବେପାରୀ, ଖାଲିପଡୁଛି ପିଣ୍ଡି

**ଭୁବନେଶ୍ୱର (ପିପିଏସ୍):** ହାଟକୁ ବେପାରୀ ଆସିବାକୁ ଅମଙ୍ଗ ହେଉଛନ୍ତି । ଫଳରେ ଅଧିକାଂଶ ପିଣ୍ଡି ଖାଲିପଡୁଛି । ସେହିଯୋଗୁଁ ଗ୍ରାହକ ମଧ ଏଠାକୁ ଆସିବାକୁ ମନ ବଳାଉନାହାନ୍ତି । ଏଭଳି ସମସ୍ୟା ଦେଖିବାକୁ ମିଳିଛି ରାଜଧାନୀର ଅନ୍ୟତମ ହାଟ ଗଣ୍ଡମୁଣ୍ଡା ହାଟରେ । ହାଟରେ ଥିବା ମୋଟ ୧୭୬ ପାଲି ମଧ୍ୟରୁ ଏବେ ବି ଖାଲି ପଡ଼ିଛି ୧୫୩ ପାଲି । ଦୈନିକ ଏଠାକୁ ମାତ୍ର ୨୩ ଜଣ ବେପାରୀ ଆସୁଛନ୍ତି । ରାଜଧାନୀର ଖଣ୍ଡଗିରି, ଜାଗମରା, ଜଗମୋହନ ନଗର, ଗଣ୍ଡମୁଣ୍ଡା ବସ୍ତି, ପୋଖରୀପୁଟ, ତାଳବଣିଆ ଆଦି ଅଞ୍ଚଳବାସୀଙ୍କୁ ବ୍ୟବସାୟିକ ସୁବିଧା ଯୋଗାଇ ଦେବା ପାଇଁ ୨୦୦୯ ମସିହାରେ ବିଏମ୍‌ସି ପକ୍ଷରୁ ୭୦ ଲକ୍ଷ ଖର୍ଚ୍ଚ କରାଯାଇ ଗଣ୍ଡମୁଣ୍ଡାରେ ହାଟ ବସାଯାଇଥିଲା । ସହର ଉପକଣ୍ଠର ସରକନ୍ତରା, ଡୁମୁଡୁମା ସୁନ୍ଦରପଦା ଆଦିର ଅଞ୍ଚଳର ବେପାରୀମାନେ ଆସି ବେପାର କରୁଛନ୍ତି । ଗଣ୍ଡମୁଣ୍ଡାରୁ ପୋଖରୀପୁଟ ପର୍ଯ୍ୟନ୍ତ ରାସ୍ତା କଡ଼ରେ ବସୁଥିବା ବେପାରୀଙ୍କୁ ଦୃଷ୍ଟିରେ ରଖି ଏହି ହାଟ ତିଆରି କରାଯାଇଥିଲା



ହେଲେ ହାଟ ଭଲ ଚାଲିଥିଲା କିନ୍ତୁ ମଝିରେ ବେପାର ଠିକ୍ ନ ହେବାରୁ ବେପାରୀମାନେ ରାସ୍ତା କଡ଼ରେ ବସି ପୁଣି ବେପାର କରିଲେ । ବର୍ତ୍ତମାନ ହାଟ ମାତ୍ର ସାପ୍ତାହିକରେ ମଙ୍ଗଳବାର, ଶୁକ୍ରବାର ବସୁଛି । ଏଠାରେ ମୋଟ ୧୭୬ ଜଣ ବେପାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ମାତ୍ର ୨୩ ଜଣ ସବୁଦିନ ଆସି ବିକ୍ରି ବଟା କରୁଥିବା ବେଳେ ଆଉ ୧୫୩ ଟି ଦୋକାନ ବନ୍ଦ ପଡ଼ିଛି । ପୁଣିଥରେ ଏହି ହାଟକୁ ପୁନଃ ଚାଲୁ କରିବା ପାଇଁ ବିଏମ୍‌ସି ପକ୍ଷରୁ ଚେଷ୍ଟା କରାଯାଉଛି । ହାଟରେ ବ୍ୟବସାୟୀଙ୍କ ଜିନିଷ ରଖିବା ପାଇଁ ସୁବିଧା ନ ହେବାରୁ ପୁନରୁଦ୍ଧାର ନାମରେ ଦୁଇ ବର୍ଷ ହେଲାଣି ଦୋକାନଘର କାମ ଚାଲୁରହିଛି । ହେଲେ ହାଟରେ ଅଲୋକୀକରଣ ନ ଥିବାରୁ ରାତି ହେଲେ ଏହା ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟି ଯାଉଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ୨୦୨୩ ମସିହାରେ ଜାଗମରାରୁ ପୋଖରୀପୁଟ ରାସ୍ତାକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରିବା ସହ ଲଟେରୀ ମାଧ୍ୟମରେ ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ୩ ରୁ ୪ ମାସ ମଧ୍ୟରେ ଏହାର ପୁନରୁଦ୍ଧାର କରାଯାଇ ଆବଣ୍ଟନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିବା ବେଳେ ଏବେବି ମରାମତି କାମ ଚାଲୁଅଛି । ଏନେଇ ହାଟ ଦାୟିତ୍ୱରେ ଥିବା ବିଏମ୍‌ସିର ଡ଼େପୁଟି କମିସନର ରୁବି ବେହେରା କହିଛନ୍ତି ବହୁତ ଶିଘ୍ର ହାଟ କାମ ସରିଯିବ ଏବଂ ପୁଣି ଦୋକାନ ପାଇଁ ବିଜ୍ଞାପନ ଦିଆଯିବ । ଯୋଗ୍ୟ ହିତାଧିକାରୀଙ୍କୁ ଲିଷ୍ଟ୍ କରାଯାଇ ଦୋକାନ ଦିଆଯିବ ବୋଲି ସେ କହିଛନ୍ତି । ଏଥିସହିତ ୬୨ ନମ୍ବର ୱାର୍ଡର କର୍ପୋରେଟର ଚାରୁଲତା ସାମନ୍ତରାୟ କୁହନ୍ତି ପ୍ରଥମେ ହାଟ ହେବାବେଳେ ଅଲଗା ଅଲଗା ଲୋକ ଦୋକାନ ନେଇଯାଇଥିଲେ, ପରେ ସେମାନଙ୍କୁ ହାଟରେ ବ୍ୟବସାୟ କରିବା ପାଇଁ ଦିଆଗଲା ନାହିଁ । କିନ୍ତୁ ଏବେ ଆଖପାଖରୁ ବହୁତ ବେପାରୀ ଆସୁଛନ୍ତି ବିକ୍ରିବଟା କରିବା ପାଇଁ । ହେଲେ ଯେଉଁମାନେ ଦୋକାନ ପାଇବାର ହକ୍ ଥିବ ସେହିମାନେ ଦୋକାନରେ ବେପାର କରିପାରିବେ ବୋଲି ସେ କହିଛନ୍ତି ।

# ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି

**ଭୁବନେଶ୍ୱର (ପିପିଏସ୍) :** ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ମିଳିଛି । ଶୁକ୍ରବାର ରାଜଭବନ ପକ୍ଷରୁ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ନୂଆ କୁଳପତି ନିଯୁକ୍ତି ପର୍ଯ୍ୟନ୍ତ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଦାୟିତ୍ୱରେ ରହିବେ । ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ୨୨ ତାରିଖରେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତି ରଦ୍ଦ ହୋଇଥିଲା । ଏବେ ପୁଣି ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ମିଳିଛି ।


# ଚାର୍ଜସିଟ୍ ଲେଖାରେ କୋହଳ ଯୋଗୁଁ ଖସି ଯାଉଛି ଦୋଷୀ

**ଭୁବନେଶ୍ୱର (ପିପିଏସ୍):** ଅଭିଯୋଗକାରୀ କୋର୍ଟରେ ନ୍ୟାୟ ପାଇବା ପାଇଁ ମୁଖ୍ୟତଃ ପୁଲିସର ଚାର୍ଜସିଟ୍ ଉପରେ ସଂପୂର୍ଣ୍ଣ ନିର୍ଭର କରେ । କାରଣ ଚାର୍ଜସିଟ୍‌ରେ ତ୍ରୁଟିଥିଲେ ଜଣେ ନିର୍ଦ୍ଦୋଷ ଫସିପାରେ ଆଉ ଦୋଷୀ ଖସିଯାଇପାରେ । କିନ୍ତୁ ଏଭଳି ଏକ ସମ୍ବେଦନଶୀଳ କାମ ପାଇଁ ପୁଲିସ ପାଖରେ ସମୟ ନାହିଁ । ଫଳରେ ପୁଲିସ ଭଡ଼ାରେ ଚାର୍ଜସିଟ୍ ଲେଖାଉଛି । ଦୁଇ ହଜାର ଟଙ୍କା ଲେଖାଏଁ ଦେଇ ଚାର୍ଜସିଟ୍, ସିଡି ଲେଖାଉଛନ୍ତି ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀ । କିନ୍ତୁ ଅପରାଧ ଘଟିଥିବା ଘଟଣା ସ୍ଥଳକୁ ଯାଉ ନ ଥିବାରୁ ଚାର୍ଜସିଟ୍‌ରେ ଅନେକ ତ୍ରୁଟି ପରିଲକ୍ଷିତ ହେଉଛି । ଯେଉଁଥିପାଇଁ କେତେକ କ୍ଷେତ୍ରରେ ଅଭିଯୁକ୍ତ ସହଜରେ ଜାମିନ ପାଇ ଯାଉଛନ୍ତି ତ ପୁଣି ଅନେକ ମାମଲାରେ ନିର୍ଦ୍ଦୋଷ ଫସି ଯାଉଥିବା ନଜିର୍ ରହିଛି । ଡିସିପି ସବୁ ଥାନାକୁ ମାସିକିଆ ଟାର୍ଗେଟ ଦେଉଛନ୍ତି । ଯେକୌଣି ହାଲତରେ ମାମଲା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯିଏ ଚାର୍ଜସିଟ୍ ସଠିକ୍ ସମୟରେ ନଦେବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଯେପରି ଖଣ୍ଡଗିରି ଥାନାର ଏସ୍‌ଆଇ ଦେବୀ ରଞ୍ଜନ ଜାମ୍‌ସେଦ ନିଲମ୍ବିତ ହୋଇଥିଲେ । ସେ ଏନ୍‌ଡିପିଏସ୍ ମାମଲାରେ ଚାର୍ଜସିଟ୍ ଦେବାରେ ବିଳମ୍ବ କରିଥିବାରୁ ନିଲମ୍ବିତ କରିଛନ୍ତି ସିପି । ଏଭଳି କାର୍ଯ୍ୟାନୁଷ୍ଠାନ ଦେଇ ଭୟରେ ଅନ୍ୟ ତଦନ୍ତ ଅଧିକାରୀମାନେ । ସେମାନେ ଭଡ଼ାଟିଆ ରଖି ନିଜର ଚାକିରି ବଞ୍ଚାଇ ରଖୁଛନ୍ତି । ତେଣୁ ଏକାଧିକ ତଦନ୍ତ ଅଧିକାରୀ କହୁଛନ୍ତି ମାମଲା କୋର୍ଟରେ ଯାହା ହେଉ ଭଡ଼ାଟିଆ ଲୋକ ଆଣି ଚାର୍ଜସିଟ୍ ଲେଖି କୋର୍ଟକୁ ଦେବା ନିହାତି ଦରକାର । ଡିସିପି ନିଜେ ମଧ ପ୍ରତି ମାସରେ କେତେ ମାମଲା ଶେଷ ହେଲା ସେନେଇ ଅନୁଧାନ କରୁଛନ୍ତି । ତେଣୁ ଥାନା ଅଧିକାରୀ ମାସିକିଆ ଟାର୍ଗେଟକୁ ଆଖି ଆଗରେ ରଖି ଥାନାର ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କୁ ମାମଲା ଶେଷ କରିବାକୁ କହିଛନ୍ତି । ସଠିକ୍ ସମୟରେ ଚାର୍ଜସିଟ୍ ଏବଂ ସିଡ଼ି ଦାଖଲ କରୁ ନ ଥିବା ଅଧିକାରୀଙ୍କୁ ନିଲମ୍ବିତ କରୁଛନ୍ତି । ତେଣୁ ଏକାଧିକ ତଦନ୍ତ ଅଧିକାରୀ ସଠିକ୍ ସମୟରେ ଚାର୍ଜସିଟ୍ ଦେବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି । ତେଣୁ ଡିସିପିଙ୍କ ଡରରେ ଏକାଧିକ ତଦନ୍ତ ଅଧିକାରୀ ତର ବରିଆ ଭାବେ ମାମଲା ଲେଖି କୋର୍ଟକୁ ଦେଉଛନ୍ତି । ଯାହାଫଳରେ ସେଥିରେ ଏକାଧିକ ତ୍ରୁଟି ରହିବା ସହ ଅଭିଯୁକ୍ତକୁ ସଜା ଦେବା ପାଇଁ କିଛିବି ତଥ୍ୟ ରହୁନି । ତେଣୁ ଡିସିପିଙ୍କ ଡରରେ ମାମଲା ଦିଗହରା ହେଉଛି ।

# ସଞ୍ଜହେଲେ ଅଣାୟତ୍ତ ହେଉଛି ଟ୍ରାଫିକ୍ ସମସ୍ୟା

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ସହର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବିଭିନ୍ନ ଛକ ଓ ବଜାରରେ ଟ୍ରାଫିକ୍ ବ୍ୟବସ୍ଥା ଅଣାୟତ ହୋଇପଡୁଛି । ବିଶେଷକରି ରାଜପଥ କଡ଼ ସର୍ଭିସ ରୋଡ୍‌କୁ ଅନେକ ମାଡ଼ି ବସିବାରୁ ଯାତାୟତରେ ସମସ୍ୟା ଉପୁଜୁଛି ଏବଂ ତାହା ଦୁର୍ଘଟଣାର କାରଣ ପାଲଟୁଛି । ସଞ୍ଜ ହେଲେ ରାଜପଥ କଡ଼ ଅଞ୍ଚଳରେ ଗୋଟାଏ ପରେ ଗୋଟାଏ ଦୁର୍ଘଟଣା ଘଟିବା ସହ ଯାତାୟତ ଦୁର୍ବିସହ ହୋଇପଡୁଛି ।



କୋଲକାତାରୁ ଚେନ୍ନେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଯାଁଳାଠାରୁ ଆରମ୍ଭ କରି ପଳାଶୁଣି, ହାଇଟେକ୍ ଛକ ପର୍ଯ୍ୟନ୍ତ ଅଧିକାଂଶ ଅଞ୍ଚଳରେ ଭିଡ଼ ଦିନ ସାରା ଲାଗି ରହୁଛି । ବିଶେଷକରି ସଞ୍ଜ ହେଲେ ଏହିଛକଗୁଡ଼ିକରେ ଅହେତୁକ ସଂଖ୍ୟକ ଯାନବାହାନ ଦେଖିବାକୁ ମିଳୁଛି । ଯାହା ରାଜପଥକୁ ଜାମ୍ କରି ଦେଉଛି । ଯାଁଳାଠାରୁ ଆରମ୍ଭ କରି ଗୋହିରା, ତମାଣ୍ଡୋ, ପାତ୍ରପଡ଼ା, ଆଇଗିଣିଆ, ଡୁମୁଡୁମା, ଖଣ୍ଡଗିରି, ଫାୟାର ଷ୍ଟେସନ, ସିଆର୍‌ପି, ଜୟଦେବ ବିହାର, ଆଚାର୍ଯ୍ୟବିହାର, ବାଣୀବିହାରଠାରୁ ଆରମ୍ଭ କରି ରସୁଲଗଡ଼ ଏବଂ ହଂସପାଳ ଛକରେ ସଞ୍ଜ ହେଲେ ଯାନବାହନ ଭିଡ଼ ଲାଗି ରହୁଛି । ସରକାରୀ କାର୍ଯ୍ୟଦିବସଗୁଡ଼ିକରେ ଅଧିକ ଭିଡ଼ ପରିଲକ୍ଷିତ ହେଉଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହିସବୁ ଅଞ୍ଚଳରେ ଯାନବାହାନ ଅଣାୟତ ହୋଇପଡୁଥିବାରୁ ଜରୁରିକାଳୀନ ସେବା ଯୋଗାଉଥିବା ଯାନବାହାନ ମଧ ଯାତାୟତ କରିବା କାଠିକର ପାଠ ହୋଇପଡୁଛି । ବିଶେଷକରି ଅଗ୍ନିଶମ ବିଭାଗ ଗାଡ଼ିଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଠିକ୍ ସମୟରେ ପହଞ୍ଚିପାରୁ ନାହିଁ । ଏମିତି କି କୌଣସି ଭିଆଇପିଙ୍କ ଗସ୍ତ କାର୍ଯ୍ୟକ୍ରମ ହେଉ ଅବା ରାସ୍ତା କେଉଁଠି ଦୁର୍ଘଟଣା ଘଟିଲେ ଏହି ରାସ୍ତାରେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି । ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଏହି ରାସ୍ତାରେ ଅପେକ୍ଷା କରିବାକୁ ପଡୁଛି । ଗୋଟିଏ ଛକରୁ ଅନ୍ୟଏକ ଛକକୁ ଯିବାପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି ।

ସେହିଭଳି ଦଶହରା ଭଳି କୌଣସି ଉତ୍ସବ ସମୟ ଆସିଲେ ଦିନରାତି ଏହି ରାସ୍ତାଗୁଡ଼ିକରେ ସମସ୍ୟା ବଢ଼ି ଯାଉଛି । ରାଜପଥ ଉପରେ ଥିବା ସିଆର୍‌ପି ବାଣୀବିହାର ରସୁଲଗଡ଼ ଛକରେ ଅଣାୟତ ପରିସ୍ଥିତିରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ବିଶେଷକରି ରାଜପଥ କଡ଼ରେ ଥିବା ଗ୍ରାମାଞ୍ଚଳ ଲୋକେ କୌଣସି ଜରୁରିକାଳୀନ ସେବା ପାଇବାରେ ବିଳମ୍ବ ହେଉଛି । ଏମିତି କି ମେଡିକାଲ ମାମଲାରେ ରାଜପଥ କଡ଼ ଏବଂ ଏହାର ଆଖପାଖ ଅଞ୍ଚଳବାସୀ ରାଜପଥକୁ ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ଗ୍ରାମବାସୀଙ୍କ କହିବାନୁଯାୟୀ ରାଜପଥଠାରୁ ସର୍ଭିସ ରୋଡ୍‌ଗୁଡ଼ିକରେ ଅଧିକ ଭିଡ଼ ହେଉଥିବାରୁ ରାସ୍ତା ଦୁର୍ଘଟଣା ଘଟୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜପଥ ଭଳି ସର୍ଭିସ ରୋଡ୍‌ର ସୁରକ୍ଷାକୁ ରାଜପଥ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି । ବିଶେଷକରି ସର୍ଭିସ ରୋଡ୍ ମରାମତି ଏବଂ ଆଲୋକୀକରଣକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହିଁ । କେଉଁଠାରେ ବଡ଼ବଡ଼ ଖାଲ ହୋଇଯାଇଛି ତ ଆଉ କେଉଁଠି ପୂରା ଅନ୍ଧାର । ଅଧିକାଂଶ ସର୍ଭିସ ରୋଡ୍ ଅନ୍ଧାର ରହିଛି । ଅନେକ କ୍ଷେତ୍ରରେ ସର୍ଭିସ ରୋଡ୍‌କୁ ମାଡ଼ି ଦୋକାନବଜାରଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠୁଛି । ଏମିତି କି ଅନେକ ବଡ଼ବଡ଼ ସୋରୁମ୍ ଏବଂ ରେସ୍ତୋରାଁର ପାର୍କିଂ ପାଇଁ ରାଜପଥ ସର୍ଭିସ ରୋଡ୍‌କୁ ବ୍ୟବହାର କରାଯାଉଛି । ଫଳରେ ଯାତାୟାତ ସମସ୍ୟା ଉପୁଜୁଛି । ଏମିତି କି ଦୁର୍ଘଟଣା ଘଟିଲେ ଦୁର୍ଘଟଣାରେ ଆହତ ଏବଂ ମୃତକଙ୍କୁ ଉଦ୍ଧାର କରିବା ମଧ କାଠିକର ପାଠ ହୋଇପଡୁଛି । ତେବେ ଅଭିଯୋଗ ଅନୁଯାୟୀ ଅନେକ ଛକରେ ସର୍ଭିସ ରୋଡ୍‌ରୁ ରାଜପଥକୁ ସଂଯୋଗ କରୁଥିବା ଅଞ୍ଚଳରେ ନିୟନ୍ତ୍ରଣ ପାଇଁ କୌଣସି ଟ୍ରାଫିକ୍ କର୍ମଚାରୀ କିମ୍ବା ବ୍ୟବସ୍ଥା ନ ଥିବାରୁ ସେସବୁ ଅଞ୍ଚରେ ଅଧିକାଂଶ ଦୁର୍ଘଟଣା ଘଟୁଛି ।






# ଭାରତୀୟ ନାଗରିକଙ୍କୁ ବନ୍ଧୁକ ମୁନରେ ବାଂଲାଦେଶ ପଠାଯାଉଛି

ନୂଆଦିଲ୍ଲୀ: ଏଆଇଏମଆଇଏମର ମୁଖ୍ୟ ଅସଦୁଦ୍ଦିନ ଓୱାଇସି ଅଭିଯୋଗ କରିଛନ୍ତି ଯେ, ପୁଲିସ ଦେଶବ୍ୟାପୀ ବଙ୍ଗଳା ଭାଷାଭାଷୀ ମୁସଲିମ ନାଗରିକଙ୍କୁ ବେଆଇନ ଭାବରେ ଗିରଫ କରୁଛି ଏବଂ ସେମାନଙ୍କୁ ବାଂଲାଦେଶୀ କହି ଦେଶରୁ ବାହାର କରୁଛି। ଏଆଇଏମଆଇଏମ ସାଂସଦ ବିଜେପିର କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସରକାର ଦେଶର ଗରିବ ସମ୍ପ୍ରଦାୟକୁ ଟାର୍ଗେଟ କରୁଛି। କିନ୍ତୁ ସେମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇ କାର୍ଯ୍ୟ କରୁଛି ବୋଲି କେବଳ ଅଭିନୟ କରୁଛି।

ଓୱାଇସି ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଅଭିଯୋଗ କରିଛନ୍ତି ଯେ, ଭାରତର ଅନେକ ସ୍ଥାନରେ ପୁଲିସ ବଙ୍ଗଳା ଭାଷାଭାଷୀ ମୁସଲିମ ନାଗରିକଙ୍କୁ ଅବୈଧ ପ୍ରବାସୀ ବୋଲି ଅଭିଯୋଗ କରି ଅଟକ ରଖୁଛି। ଅଭିଯୁକ୍ତଙ୍କ ମଧ୍ୟରୁ ଅଧିକାଂଶ ଗରିବ ଲୋକ। ସେମାନେ ବସ୍ତି ବାସିନ୍ଦା,ସଫେଇ କର୍ମଚାରୀ,ଅଳିଆ ଉଠାଉଥିବା ଲୋକ। ପୁଲିସ ଏହି ଲୋକମାନଙ୍କୁ ଟାର୍ଗେଟ କରୁଛି କାରଣ ସେମାନେ ଗରିବ ଏବଂ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିପାରିବେ ନାହିଁ। ସେ କହିଛନ୍ତି, ଏପରି ରିପୋର୍ଟ ଅଛି ଯେ, ଭାରତୀୟ ନାଗରିକଙ୍କୁ ବନ୍ଧୁକ ମୁନରେ ବାଂଲାଦେଶକୁ ଠେଲି ଦିଆଯାଉଛି।

# ନାସାର ୩,୮୭୦ କର୍ମଚାରୀ ଚାକିରି ଛାଡ଼ିବେ

ୱାଶିଂଟନ: ଆମେରିକାର ମହାକାଶ ସଂସ୍ଥା ନ୍ୟାସନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ (ନାସା) ରୁ ୩,୮୭୦ କର୍ମଚାରୀ ଚାକିରି ହରାଇବେ । ସ୍ୱେଚ୍ଛାକୃତ ଇସ୍ତଫା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କର୍ମଚାରୀମାନେ ଇସ୍ତଫା ଦେବାକୁ ଯାଉଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ?ଙ୍କ ପ୍ରଶାସନ ବଜେଟ୍ କାଟିବା ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଲାଗି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଅନ୍ତର୍ଗତ କର୍ମଚାରୀମାନଙ୍କୁ ନାସାରୁ ବହିଷ୍କାର କରାଯିବା ପରିବର୍ତ୍ତେ ସ୍ୱେଚ୍ଛାକୃତ ଇସ୍ତଫା ଦେବାକୁ କୁହାଯାଇଛି। ଟ୍ରମ୍ପ୍ ପ୍ରଶାସନଙ୍କର ସଂଘୀୟ କର୍ମଚାରୀ ସଂଖ୍ୟା ହ୍ରାସ କରିବାର ଲକ୍ଷ୍ୟ ପାଳନ କରିବା ପାଇଁ, ମହାକାଶ ସଂସ୍ଥା ନାସାର ଅଧିକାରୀମାନେ ଛଟେଇ ଏଡ଼ାଇବା ପାଇଁ ଇସ୍ତଫାର ପଥ ଗ୍ରହଣ କରୁଛନ୍ତି।

ନାସାରୁ ଇତି ମଧ୍ୟରେ ୩,୮୭୦ କର୍ମଚାରୀଙ୍କ ଇସ୍ତଫା ଦେବାକୁ ଯାଉଥିବା ରିପୋର୍ଟ ସାମ୍ନାକୁ ଆସିଛି। ନାସା ଶୁକ୍ରବାର ଦିନ ଏକ ବିବୃତିରେ କହିଛି ଯେ, ଆବେଦନଗୁଡ଼ିକର ସମୀକ୍ଷା କରିବା ପରେ ଏହି ସଂଖ୍ୟା ପରିବର୍ତ୍ତନ ହୋଇପାରେ। ନାସା କର୍ମଚାରୀମାନଙ୍କୁ ୨୦୨୫ରେ ଚାକିରି ଛାଡିବା ପାଇଁ ଦୁଇଟି ପୃଥକ ସୁଯୋଗ ଦେଇଛି। ଉଭୟ ଇସ୍ତଫା କାର୍ଯ୍ୟକ୍ରମ ଏବଂ ପ୍ରାୟ ୫୦୦ ଲୋକ ସାଧାରଣ ଭାବେ ଚାକିରି ଛାଡିବା ପରେ, ନାସାରେ ପ୍ରାୟ ୧୪,୦୦୦ କର୍ମଚାରୀ ରହିବେ।

# କୋର୍ଟରେ ଗୁଳି ସହ ଗ୍ରେନେଡ୍ ମାଡ, ୯ ମୃତ

ଦୁବଇ: ଅଜ୍ଞାତ ଆକ୍ରମଣକାରୀମାନେ ଇରାନର ଏକ କୋର୍ଟ କୋଠାରେ ଗୁଳିଚାଳନା ଏବଂ ଗ୍ରେନେଡ ସହିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ସିସ୍ତାନ ଏବଂ ବେଲୁଚିସ୍ତାନ ପ୍ରଦେଶର ରାଜଧାନୀ ଜାହେଦାନରେ ହୋଇଥିଲା। ଏହି ଆକ୍ରମଣରେ ଜଣେ ଶିଶୁ ସମେତ ୯ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣରେ ୨୦ ଜଣ ଆହତ ମଧ୍ୟ ହୋଇଥିଲେ।

ଅଜ୍ଞାତ ଆକ୍ରମଣକାରୀମାନେ କୋର୍ଟ କୋଠାରେ ଆକ୍ରମଣ କରିବା ପରେ, ଇରାନୀ ସୁରକ୍ଷା ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ରିପୋର୍ଟ ଅନୁଯାୟୀ, ସୁରକ୍ଷା ବାହିନୀ ପ୍ରତିଶୋଧ ନେବାରେ ତିନି ଜଣ ଆକ୍ରମଣକାରୀଙ୍କୁ ହତ୍ୟା କରିଛନ୍ତି। ମୃତ କିମ୍ବା ଆହତ ଲୋକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅର୍ଦ୍ଧ-ସରକାରୀ ସମାଚାର ଏଜେନ୍ସି ତସନିମ କହିଛି ଯେ ଏହି ଆକ୍ରମଣ ପଛରେ 'ଜୈଶ ଅଲ-ଆଦଲ' ନାମକ ଏକ ଆତଙ୍କବାଦୀ ସଂଗଠନର ହାତ ଅଛି। ଏହି ସଂଗଠନ ଇରାନର ସିସ୍ତାନ ଏବଂ ପାକିସ୍ତାନର ବେଲୁଚିସ୍ତାନ ଅଞ୍ଚଳକୁ ପୃଥକ କରିବାକୁ ଚାହୁଁଛି।

ସିସ୍ତାନ ଏବଂ ବେଲୁଚିସ୍ତାନ ପ୍ରଦେଶ ଆଫଗାନିସ୍ତାନ ଏବଂ ପାକିସ୍ତାନ ସୀମାକୁ ଲାଗି ରହିଛି ଏବଂ ପୂର୍ବରୁ ସେଠାରେ ଅନେକ ଥର ହିଂସାତ୍ମକ ଘଟଣା ଘଟିଛି। ଏହି ଅଞ୍ଚଳରେ ସୁରକ୍ଷା ବାହିନୀ, ଡ୍ରଗ୍ସ ଚୋରାଚାଲାଣକାରୀ ଏବଂ ଆତଙ୍କବାଦୀ ସଂଗଠନ ମଧ୍ୟରେ ସଂଘର୍ଷ ଘଟୁଛି।

ଏହି ଅଞ୍ଚଳକୁ ଇରାନର ସବୁଠାରୁ ପଛୁଆ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ ଏବଂ ଏଠାକାର ଅଧିକାଂଶ ଲୋକ ସୁନ୍ନି ମୁସଲମାନ। ତଥାପି, ଇରାନରେ ଶାସନ ସିଆ ଧାର୍ମିକ ନେତାମାନଙ୍କ ହାତରେ। ଏହି କାରଣରୁ, ସରକାର ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସର୍ବଦା ଉତ୍ତେଜନା ଲାଗି ରହିଥାଏ।

# ରାହୁଲ ଗାନ୍ଧୀଙ୍କ ଭାଗ୍ୟରେ ଲେଖାଅଛି କ୍ଷମା ମାଗିବା

ନୂଆଦିଲ୍ଲୀ: ଶନିବାର କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ କଂଗ୍ରେସ ଏମପି ରାହୁଲ ଗାନ୍ଧୀଙ୍କୁ କଡ଼ା ଟାର୍ଗେଟ କରିଛନ୍ତି। ଓବିସି ସମ୍ପ୍ରଦାୟ ପାଇଁ ଆୟୋଜିତ 'ଭାଗିଦାରୀ ନ୍ୟାୟ ସମ୍ମିଳନୀ'ରେ ଭାଷଣ ଦେବା ସମୟରେ ରାହୁଲ ଗାନ୍ଧୀ ସ୍ୱୀକାର କରିଛନ୍ତି ଯେ କଂଗ୍ରେସ ପୂର୍ବରୁ ଜାତି ଜନଗଣନା ନକରି ଭୁଲ କରିଛି। ସେ ଏହି ଭୁଲ ପାଇଁ କ୍ଷମା ପ୍ରାର୍ଥନା କରୁଛନ୍ତି।

ରାହୁଲ ଗାନ୍ଧୀ କହିଥିଲେ, 'ମୁଁ ଦୁଃଖିତ ଯେ ଯଦି ମୋର ଆପଣଙ୍କ ଇତିହାସ ଏବଂ ପ୍ରସଙ୍ଗ ବିଷୟରେ ଅଧିକ ଜ୍ଞାନ ଥାଆନ୍ତା, ତେବେ ମୁଁ ଜାତି ଜନଗଣନା କରାଇଥାନ୍ତି।'

ରାହୁଲ ଗାନ୍ଧୀଙ୍କ ଏହି ବୟାନ ଉପରେ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ସେ ସର୍ବଦା ବହୁତ ବିଳମ୍ବରେ ସବୁକଥା ବୁଝନ୍ତି। ପ୍ରଥମେ ରାହୁଲ ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ପାଇଁ କ୍ଷମା ମାଗିଲେ, ତା'ପରେ ୧୯୮୪ ଶିଖ ଦଙ୍ଗା ପାଇଁ କ୍ଷମା ମାଗିଲେ ଏବଂ ଏବେ ସେ ଓବିସି ସମ୍ପ୍ରଦାୟକୁ କ୍ଷମା ମାଗୁଛନ୍ତି। କ୍ଷମା ମାଗିବା ତାଙ୍କ ଭାଗ୍ୟରେ ଲେଖାଯାଇଛି।

ମୁଁ ରାହୁଲ ଗାନ୍ଧୀଙ୍କୁ କହିବାକୁ ଚାହୁଁଛି ଯେ କଂଗ୍ରେସ ଓବିସି ପାଇଁ କ'ଣ କରିଛି ? କୃଷି ମନ୍ତ୍ରୀ ଆହୁରି ଟାର୍ଗେଟ କରି କହିଛନ୍ତି ଯେ ରାହୁଲ ଗାନ୍ଧୀ ଉତ୍ତର ଦେବା ଉଚିତ ଯେ ମଣ୍ଡଳ କମିଶନ ରିପୋର୍ଟକୁ କିଏ ଲୁଚାଇ ରଖିଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ସେ (ରାହୁଲ ଗାନ୍ଧୀ) ମଧ୍ୟ ରାଫେଲ ଉପରେ କ୍ଷମା ମାଗିଥିଲେ। ଏବଂ ମୋର କଥା ମନେ ରଖନ୍ତୁ। ଦଶ ବର୍ଷ ପରେ, ରାହୁଲ ଗାନ୍ଧୀ ଆଜି ଯାହା କରୁଛନ୍ତି ସେଥିପାଇଁ ପୁଣି ଥରେ କ୍ଷମା ମାଗିବେ। କ୍ଷମା ମାଗିବା ତାଙ୍କର ଭାଗ୍ୟ ପରି ମନେ ହେଉଛି।'

୨୬ତମ କାରଗିଲ ବିଜୟ ଦିବସ ଅବସରରେ, ଚୌହାନ ଭାରତୀୟ ସଶସ୍ତ୍ର ବାହିନୀକୁ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ମଧ୍ୟ ଦେଇଥିଲେ ଏବଂ ୧୯୯୯ କାରଗିଲ ଯୁଦ୍ଧ ସମୟରେ ସେମାନଙ୍କ ସାହସ ଏବଂ ବଳିଦାନକୁ ପ୍ରଶଂସା କରିଥିଲେ।

ମୁଁ ଆମର ସୈନିକଙ୍କ ସାହସକୁ ସଲାମ କରୁଛି। ସେମାନଙ୍କ ସାହସ ସମ୍ମାନ ପାଇବାର ଯୋଗ୍ୟ। ଯଦି ଆମେ ଏହି ସାହସୀମାନଙ୍କୁ ସମ୍ମାନ ନ ଦେଉ, ତେବେ ଆମେ ବୀରତ୍ୱର ମୂଳକୁ ହ୍ରାସ କରୁ। ମୁଁ କାରଗିଲ ସଂଘର୍ଷ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକମାନଙ୍କୁ ସଲାମ କରୁଛି।'

କଂଗ୍ରେସ ଦଳ ଉପରେ କଟାକ୍ଷ କରି ଶିବରାଜ କହିଛନ୍ତି, 'ୟୁପିଏ ଶାସନ ସମୟରେ କଂଗ୍ରେସ କେବେ କାରଗିଲ ବିଜୟ ଦିବସ ପାଳନ କରିନଥିଲା। ସେମାନଙ୍କର ଜଣେ ଏମପି ଏମିତି କହିଥିଲେ ଯେ ଏହି ଯୁଦ୍ଧ ଏନଡିଏ ସରକାରଙ୍କ ଅଧୀନରେ ଲଢ଼ାଯାଇଥିଲା ଯେପରି ଯୁଦ୍ଧ ସରକାରଙ୍କର ନୁହେଁ, ରାଷ୍ଟ୍ରର ନୁହେଁ। ମୁଁ ସେମାନଙ୍କୁ ପଚାରୁଛି, କୌଣସି ଯୁଦ୍ଧ କେବେ କୌଣସି ରାଜନୈତିକ ଦଳର ସମ୍ପତ୍ତି, ନା ଏହା ଜାତୀୟ ପ୍ରତିରକ୍ଷା।

# ମାଳଦ୍ୱୀପ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ମୋଦୀ ମୁଖ୍ୟ ଅତିଥି

ମାଲେ/ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାଳଦ୍ୱୀପ ଗସ୍ତ ଆଜି ଅର୍ଥାତ୍ ୨୬ ଜୁଲାଇରେ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ରାଜଧାନୀ ମାଲେରେ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯାହା ଚୀନ ସମେତ ସମଗ୍ର ବିଶ୍ୱ ପାଇଁ ଏକ ଦୃଢ଼ ବାର୍ତ୍ତା ଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ ମାଳଦ୍ୱୀପର ଅନେକ ଶୀର୍ଷ ନେତାଙ୍କୁ ଭେଟିଥିଲେ, ଯେଉଁଥିରେ ଉପରାଷ୍ଟ୍ରପତି ହୁସେନ ମହମ୍ମଦ ଲତିଫ, ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାଶିଦ ଏବଂ ପିପୁଲ୍ସ ମଜଲିସ (ସଂସଦ)ର ବାଚସ୍ପତି ଅବଦୁଲ୍ଲା ମଧ୍ୟ ସାମିଲ ଥିଲେ।

ମହମ୍ମଦ ମୁଇଜୁ ମାଳଦ୍ୱୀପର ବିକାଶରେ ଭାରତର ଭୂମିକା ଉଲ୍ଲେଖ କରିଥିଲେ। ସେ କହିଛନ୍ତି, ଆମେ ସମସ୍ତେ ଦେଖିଛୁ ଯେ, ଭାରତ ଅତୀତରେ ମାଳଦ୍ୱୀପକୁ କିପରି ସାହାଯ୍ୟ କରିଛି। ଏଥିରେ



କୌଣସି ସନ୍ଦେହ ନାହିଁ ଯେ, ଭାରତ ଭବିଷ୍ୟତରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବ।

ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ କହିଛନ୍ତି, ଭାରତ ହେଉଛି ପ୍ରମୁଖ ପର୍ଯ୍ୟଟନ ଦେଶ ମଧ୍ୟରୁ ଗୋଟିଏ ଯାହା ପର୍ଯ୍ୟଟନ କ୍ଷେତ୍ରରେ ମାଳଦ୍ୱୀପକୁ ସାହାଯ୍ୟ କରେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏହାକୁ ଯଥେଷ୍ଟ ବୃଦ୍ଧି କରିବ। ମୁଁ ବିଶ୍ୱାସ କରେ ଯେ, ଏହି ଗସ୍ତ ଦୁଇ ଦେଶର ଲୋକଙ୍କ ମଧ୍ୟରେ ପାରସ୍ପରିକ ଆଦାନପ୍ରଦାନକୁ ମଧ୍ୟ ବୃଦ୍ଧି କରିବ।

ମାଳଦ୍ୱୀପ ପର୍ଯ୍ୟଟନ ଏବଂ ପରିବେଶ ମନ୍ତ୍ରୀ ଥୋରିକ ଇବ୍ରାହିମ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ମାଳଦ୍ୱୀପ ଗସ୍ତ ଠିକ୍ ସମୟରେ ଆସିଛି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମାଳଦ୍ୱୀପର ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବରେ ଆସିଛନ୍ତି। ଏହା ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଗଭୀର ସହଭାଗୀତାର ପ୍ରତୀକ।

ମହମ୍ମଦ ମୁଇଜୁ ତାଙ୍କ ନିର୍ବାଚନ ପ୍ରଚାରରେ ଇଣ୍ଡିଆ ଆଉଟ ସ୍ଲୋଗାନ ଦେଇଥିଲେ ଏବଂ ଦାୟିତ୍ୱ ଗ୍ରହଣ କରିବା ପରେ, ସେ ଏହି ଦିଗରେ ମଧ୍ୟ କାମ କରିଥିଲେ। ମାଳଦ୍ୱୀପ ବେଜିଂ ବେଲ୍ଟ ଆଣ୍ଡ ରୋଡ୍ ଭିତ୍ତିଭୂମି ପାଣ୍ଠି ପାଇଥିଲା ଏବଂ ଜାନୁଆରୀ ୨୦୨୫ରେ ଚୀନ-ମାଳଦ୍ୱୀପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏପରି ପରିସ୍ଥିତିରେ ମାଳଦ୍ୱୀପର ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଅତିଥି ଭାବରେ ଅଂଶଗ୍ରହଣ ଏକ ନୂତନ କୂଟନୈତିକ ସମ୍ପର୍କ ସ୍ଥାପନ କରିବାର ପ୍ରୟାସକୁ ସୂଚିତ କରୁଛି।

# ପାକିସ୍ତାନକୁ ଧନ୍ୟବାଦ ଦେଲା ଆମେରିକା

ୱାଶିଂଟନ: ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ୱାଶିଂଟନରେ ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଇସାକ ଡାରଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ଲକ୍ଷ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଜାରି ଏକ ବିବୃତ୍ତିରେ ରୁବିଓ କହିଛନ୍ତି , ସେ ଆତଙ୍କବାଦ ବିରୋଧରେ ସହଭାଗୀତା ଏବଂ ଆଞ୍ଚଳିକ ସ୍ଥିରତା ବଜାୟ ରଖିବାରେ ଇସାକ ଡାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଦୁଇ ନେତା ପାରସ୍ପରିକ ବାଣିଜ୍ୟ ବୃଦ୍ଧି ଏବଂ ଖଣିଜ କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବା ଉପରେ ମଧ୍ୟ ଆଲୋଚନା କରିଛନ୍ତି।

ଏହି ବୈଠକ ଏପରି ସମୟରେ ହୋଇଛି ଯେତେବେଳେ କିଛି ଦିନ ପୂର୍ବରୁ ଆମେରିକା 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (TRF) କୁ ଏକ ବିଦେଶୀ ଆତଙ୍କବାଦୀ ସଂଗଠନ ଏବଂ ଏକ ବିଶ୍ୱ ଆତଙ୍କବାଦୀ ସଂଗଠନ (SDGT) ଭାବରେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି। ଟିଆରଏଫ କୁ ପାକିସ୍ତାନ- ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାର ଏକ ଫ୍ରଣ୍ଟ ସଂଗଠନ ଭାବରେ ବିବେଚନା କରାଯାଏ।



ଉଲ୍ଲେଖନୀୟ ଯେ, ୨୨ ଏପ୍ରିଲରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ଟିଆରଏଫ ଦାୟୀ ଥିଲା, ଯେଉଁଥିରେ ୨୬ ଜଣ ନିର୍ଦ୍ଦୋଷ ନାଗରିକ ପ୍ରାଣ ହରାଇଥିଲେ।

ପାକିସ୍ତାନ ପୂର୍ବରୁ ସ୍ପଷ୍ଟ କରିଦେଇଥିଲା ଯେ, ଇସାକ ଡାରଙ୍କ ଆମେରିକା ଗସ୍ତ ସମୟରେ ଭାରତ-ପାକିସ୍ତାନ ସମ୍ପର୍କ ଉପରେ ମଧ୍ୟ ଆଲୋଚନା କରାଯିବ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ମଧ୍ୟସ୍ଥତା ପାଇଁ ଆମେରିକା ଦୀର୍ଘ ସମୟ ଧରି ଶ୍ରେୟ ନେଇଆସିଛି, ଯାହାକୁ ଭାରତ ଅନେକ ଥର ପ୍ରତ୍ୟାଖ୍ୟାନ କରିଛି, କିନ୍ତୁ ପାକିସ୍ତାନ ସ୍ୱୀକାର କରିଛି। ଶଫକତ ଅଲି ଖାନ କହିଛନ୍ତି, ଆମେ ଆମେରିକାର ଭୂମିକା ପାଇଁ କୃତଜ୍ଞ, ଯାହା ଉତ୍ତେଜନା ହ୍ରାସ କରିଥିଲା ଏବଂ ଯୁଦ୍ଧବିରତିକୁ ସମ୍ଭବ କରିଥିଲା।

ଭାରତ ଲଗାତାର ପାକିସ୍ତାନକୁ ଆତଙ୍କବାଦକୁ ସମର୍ଥନ କରୁଥିବାର ଅଭିଯୋଗ କରିଆସୁଛି। ଭାରତ କହିଛି ଯେ, ପାକିସ୍ତାନ ସରକାର ଏବଂ ସେନା ସୀମାପାର ଆତଙ୍କବାଦରେ ଜଡିତ ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଏବଂ ନିରାପଦ ଆଶ୍ରୟସ୍ଥଳ ପ୍ରଦାନ କରୁଛନ୍ତି।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଅପରେଶନ ସିନ୍ଦୂର ଆରମ୍ଭ କରି ପ୍ରତିଶୋଧ ନେଇଥିଲା। ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣରେ କହିଥିଲେ, ଭାରତ ପର୍ଯ୍ୟଟନରେ ବିଶ୍ୱାସ କରେ, ଯେତେବେଳେ ପାକିସ୍ତାନ ଆତଙ୍କବାଦକୁ ପର୍ଯ୍ୟଟନ ଭାବରେ ମାନିଥାଏ, ଯାହା ବିଶ୍ୱ ପାଇଁ ବହୁତ ବିପଦପୂର୍ଣ୍ଣ।

# ଆତଙ୍କବାଦକୁ ସମର୍ଥନ କରୁଥିବା ଲୋକଙ୍କୁ ଛଡାଯିବ ନାହିଁ: ସେନାମୁଖ୍ୟ



ଅପରେସନ ସିନ୍ଦୂର ସମୟରେ କରାଯାଇଥିବା ସର୍ଜିକାଲ୍ ? ଷ୍ଟ୍ରାଇକ୍ ? ପାକିସ୍ତାନକୁ ଏକ ସିଧାସଳଖ ବାର୍ତ୍ତା ଦେଇଥିଲା ଯେ ଯେଉଁମାନେ ଆତଙ୍କବାଦକୁ ସମର୍ଥନ କରନ୍ତି ସେମାନଙ୍କୁ ଛଡାଯିବ ନାହିଁ । ଆଜି କାରଗିଲ୍ ? ବିଜୟ ଦିବସ ଅବସରରେ ଲଦାଖର ଦ୍ରାସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଏଭଳି କହିଛନ୍ତି ଭାରତୀୟ ସେନାର ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ଏହାସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ ପହଲଗାଓଁ ଆତଙ୍କବାଦୀ ଆକ୍ରମଣର ଏକ ଜବାବ ଥିଲା ଅପରେସନ ସିନ୍ଦୂର । ଯାହା ଯେଉଁ ଆକ୍ରମଣ ସମଗ୍ର ଦେଶକୁ ଗଭୀର ଆଘାତ ଦେଇଥିଲା । ଭାରତ ସେହି ଆକ୍ରମଣରେ ଶୋକ ପ୍ରକାଶ କରିବା ସହ ମୁହଁତୋଡ ଜବାବ ମଧ୍ୟ ଦେଇଛି । ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଶତ୍ରୁକୁ ଜବାବ ଦେବା ସ୍ୱାଭାବିକତା । କାରଗିଲ ବିଜୟ ଦିବସ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରେ ପହଞ୍ଚି ସହିଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ତାଙ୍କ ସହିତ ତିନି ସେନା ମୁଖ୍ୟ ମଧ୍ୟ ଉପସ୍ଥିତ ରହିଥିଲେ ।

# ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ



ରାଞ୍ଚି: ଛତିଶଗଡ଼ର ବିଜାପୁର ଜିଲାରେ ଶନିବାର ସୁରକ୍ଷାବାହିନୀକୁ ଏକ ବଡ଼ ସଫଳତା ମିଳିଛି। ମାଓବାଦୀମାନଙ୍କ ସହିତ ଚାଲିଥିବା ଏନ୍‌କାଉଣ୍ଟରରେ ସୁରକ୍ଷାବାହିନୀ ଏପର୍ଯ୍ୟନ୍ତ ୪ ଜଣ ମାଓବାଦୀଙ୍କୁ ହତ୍ୟା କରିଛନ୍ତି। ଜଣେ ପୋଲିସ ଅଧିକାରୀ ପିଟିଆଇକୁ କହିଛନ୍ତି ଯେ, ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଏବେ ବି ଜାରି ରହିଛି ଏବଂ ଏପର୍ଯ୍ୟନ୍ତ ୪ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲ୍‌ଆର୍ ଏବଂ ଇନ୍‌ସାସ୍ ଭଳି ବନ୍ଧୁକ ଜବତ ହୋଇଛି।

ଅଧିକାରୀମାନେ କହିଛନ୍ତି, ଜିଲାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷା ବାହିନୀକୁ ମାଓବାଦୀ ବିରୋଧୀ ଅପରେଶନ ପାଇଁ ପଠାଯାଇଥିଲା। ସେ କହିଛନ୍ତି, ଏହି ଅପରେଶନ ସମୟରେ ଶନିବାର ସନ୍ଧ୍ୟାଠାରୁ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଏନକାଉଣ୍ଟର ଚାଲିଛି।

# ଛାତ ଖସିପାରେ ବୋଲି ଶିକ୍ଷକଙ୍କୁ କହିଥିଲେ: ଛାତ୍ରୀ

**ନୂଆଦିଲ୍ଲୀ:** ରାଜସ୍ଥାନର ଝାଲାବାଡ଼ ଜିଲ୍ଲାସ୍ଥିତ ପିପଲୋଡ଼ ଗ୍ରାମରେ ଶୁକ୍ରବାର ସକାଳେ ଏକ ପ୍ରାଥମିକ ସ୍କୁଲ୍ ଛାତ ଭୁଶୁଡ଼ି ପଡ଼ିଥିଲା ।ଏହା ଫଳରେ ୭ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ସହ ୨୯ରୁ ଅଧିକ ଜଣ ଆହତ ହୋଇଥିଲେ। ପିଲାମାନେ ଶ୍ରେଣୀଗୃହରେ ଥିବାବେଳେ ହଠାତ୍ ଛାତ ଭୁଶୁଡ଼ି ପଡ଼ିଥିବା କୁହାଯାଉଥିଲା। ହେଲେ ଏବେ ସ୍କୁଲର ଜଣେ ଛାତ୍ରୀ ଦୁର୍ଘଟଣା ପୂର୍ବରୁ ଚେତାଇଥିଲି ବୋଲି କହିଛନ୍ତି।

'ଯେତେବେଳେ ଆମେ ସ୍କୁଲରେ ପହଞ୍ଚିଲୁ, ଶିକ୍ଷକ ଆମକୁ ସକାଳ ପ୍ରାର୍ଥନା ପାଇଁ ଶ୍ରେଣୀଗୃହରେ ଅପେକ୍ଷା କରିବାକୁ କହିଥିଲେ। ତା'ପରେ ଛାତରୁ କିଛି ପଥର ଖଣ୍ଡ ପଡ଼ିବାକୁ ଲାଗିଲା। ଜଣେ ଛାତ୍ର ତୁରନ୍ତ ଶିକ୍ଷକଙ୍କୁ ଜଣାଇଲେ। ହେଲେ ଶିକ୍ଷକ କହିଲେ, 'କିଛି ପଡ଼ିନାହିଁ। ଚିନ୍ତା ନକରି ଶ୍ରେଣୀଗୃହରେ ରୁହ।' ଏହାର କିଛି ସମୟ ପରେ ଛାତ ଭୁଶୁଡ଼ି ପଡ଼ିଲା। ମୁଁ ଅଳ୍ପକେ ବର୍ତ୍ତିଗଲି। କିନ୍ତୁ ଅନ୍ୟମାନେ ଫସିଗଲେ' ବୋଲି ଜଣେ ଛାତ୍ରୀ ସାମ୍ବାଦିକମାନଙ୍କୁ କହିଛନ୍ତି।

ଅନ୍ୟଜଣେ ଛାତ୍ର କହିଛନ୍ତି ଯେ, 'ଛାତର ଅବସ୍ଥା ନେଇ ଆମେ ଅନେକ ଥର ଅଭିଯୋଗ କରିଥିଲେ ବି କେହି ଶୁଣୁନଥିଲେ। ଘଟଣା ଘଟିବା ପୂର୍ବରୁ ଶିକ୍ଷକ ବସି ଜଳଖିଆ ଖାଉଥିଲେ। ଛାତରୁ ପଥର ଖସୁଥିବା ଶୁଣି ମଧ୍ୟ ଆସିନଥିଲେ।'

ତେବେ ଘଟଣା ଘଟିବା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲେ ମଧ୍ୟ ୭ ଜଣ ଛାତ୍ରଙ୍କୁ ଜୀବିତ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଏବେ ଅନ୍ୟ ୨୯ ଜଣ ଆହତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନାନୁଯାୟୀ ଏହି କୋଠାଟି ୨୦ ବର୍ଷ ପୁରୁଣା। କୋଠାର ଛାତ ପଥର ସ୍ଲାବ୍‌ରେ ନିର୍ମାଣ ହୋଇଥିବାରୁ ଏହା ଅଧିକ ଘାତକ ହୋଇଥିଲା। ଘଟଣା ଘଟିବା ସମୟରେ ସ୍କୁଲ୍‌ରେ ୩୫ ଜଣ ଛାତ୍ର ଥିଲେ। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି।

## ଶିକ୍ଷାର୍ଥୀଙ୍କ ନିରାପତ୍ତା ପାଇଁ ଜାରି ହେଲା ଗାଇଡ୍ ଲାଇନ

**ନୂଆଦିଲ୍ଲୀ:** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶିକ୍ଷାର୍ଥୀଙ୍କ ନିରାପତ୍ତା ପାଇଁ ଜାରି ହୋଇଛି ଗାଇଡ୍ ଲାଇନ୍। ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟଗୁଡ଼ିକର ନିରାପତ୍ତା ଯାଞ୍ଚ ବାଧ୍ୟତାମୂଳକ ବୋଲି ଗାଇଡ୍ ଲାଇନ୍‌ରେ ଉଲ୍ଲେଖ ରହିଛି। ଶିକ୍ଷାର୍ଥୀଙ୍କ ମନସ୍ତାତ୍ତ୍ୱିକ ବିକାଶ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଅଭିଭାବକ, ସ୍ଥାନୀୟ ବ୍ୟକ୍ତିବିଶେଷ ସ୍କୁଲରେ ବିପଦ ଥିଲେ ଅବଗତ କରିପାରିବେ ବୋଲି ଗାଇଡ୍ ଲାଇନ୍‌ରେ କୁହାଯାଇଛି।

# 'ଅପରେସନ ସଫେଦ୍ ସାଗର' କିପରି କରିଥିଲା ଆକ୍ରମଣ

ବାଲାକୋଟ ଏୟାର ଷ୍ଟ୍ରାଇକ୍, ଅପରେସନ ପରାକ୍ରମ ଏବଂ ଅପେରସନ ସିନ୍ଦୂର ବିଷୟରେ ଆପଣମାନେ ଜାଣିଥିବେ । ୧୯୯୯ରେ କାରଗିଲ୍ ? ବିଜୟ ଉତ୍ସବକୁ ମନେ ପକାଇ ଆଜିର ଦିନରେ ସାରା ଦେଶରେ ଉତ୍ସବର ମାହୋଲ ରହିଛି। କିନ୍ତୁ ଆପଣ ଜାଣିଛନ୍ତି କି କାରଗିଲ୍ ? ଯୁଦ୍ଧ ସମୟରେ ଏକ ଏୟାର ଷ୍ଟ୍ରାଇକ୍ ? ଅପରେସନ ମଧ୍ୟ କରାଯାଇଥିଲା । ଯାହାକି ଅପରେସନ ବିଜୟକୁ ସଫଳ କରିବାରେ ଏକ ବଡ ଭୂମିକା ଗ୍ରହଣ କରିଥିଲା ? ଏହି ଅପରେସନର ନାମ ଥିଲା 'ଅପରେସନ ସଫେଦ୍ ? ସାଗର' । ଚାଲନ୍ତୁ ଜାଣିବା. . .



୧୯୯୯ ମସିହାରେ ହୋଇଥିବା କାରଗିଲ ଯୁଦ୍ଧ ଏଭଳି ଏକ ଐତିହାସିକ ଯୁଦ୍ଧ ଥିଲା ଯେ ଭାରତର ପ୍ରତ୍ୟେକ ବ୍ୟକ୍ତି, ଯୁବପୀଢି ଏହା ବିଷୟରେ ଗର୍ବର ସହିତ ଆଲୋଚନା କରିଥାନ୍ତି । ଏହି ଯୁଦ୍ଧ ମେ ୩ ୧୯୯୯ରେ ଆରମ୍ଭ ହୋଇଥିଲା ଏବଂ ୨୬ଜୁଲାଇରେ ଟାଇଗର ହିଲ୍ ? ଓ ତୋଲୋଲିଙ୍ଗ ହିଲରେ କବଜା କରି ପାକିସ୍ତାନ ସେନାକୁ ମାତ ଦେଇ ବିଜୟ ସହିତ ଶେଷ ହୋଇଥିଲା । ପାକିସ୍ତାନ ସହିତ ଏହି ଯୁଦ୍ଧ ପ୍ରାୟ ୬୦ଦିନ ଧରି ଚାଲିଥିଲା । ବୀର ଯବାନଙ୍କ ବୀରତ୍ୱର ଗାଥାକୁ ମନେ ପକାଇ ପ୍ରତିବର୍ଷ ଜୁଲାଇ ୨୬ତାରିଖରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି । ଏହି ବର୍ଷ କାର୍ଗିଲ ବିଜୟ ଦିବସର ୨୬ତମ ବାର୍ଷିକୀ ପାଳନ ହେଉଛି।

ତେବେ ଏହି ଯୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ଅପରେସନ ସଫେଦ୍ ? ସାଗର । ଯାହା ସାହାଯ୍ୟରେ ଭାରତୀୟ ବାୟୁସେନା ସୀମାକୁ ସୁରକ୍ଷିତ କରିଥିଲା । ଏହି ଅପେରସନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାକିସ୍ତାନୀ ସେନାକୁ ଅନିୟନ୍ତ୍ରିତ ଭାବରେ ଜମ୍ମୁ-କାଶ୍ମୀରର ସୀମାବର୍ତ୍ତୀ ଅଞ୍ଚଳରେ ପ୍ରବେଶ ଏବଂ କବଜା କରିବାରୁ ଅଟକାଇବା । ଏହି ଅପରେସନ ପାଇଁ ଭାରତୀୟ ବାୟୁସେନାକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା । କାରଣ ଏଥିପାଇଁ ଭାରତୀୟ ବାୟୁସେନାକୁ ଏଲଓସି ପାର କରିବାକୁ ଅନୁମତି ଦିଆଯାଇନଥିଲା । ଅପରେସନ ସଫେଦ୍ ? ସାଗର ହେଉଛି ଏହି ଯୁଦ୍ଧର ଆକାଶଗାନ, ଯେଉଁଠାରେ ସେନା ଭୂମିରେ ରହି ଦେଶକୁ ସୁରକ୍ଷା ଦେଉଥିଲା, ଯେତେବେଳେ ବାୟୁସେନା ଆକାଶରେ ବସି ନିଜର ସୁରକ୍ଷା ଚାଦର ବିସ୍ତାର କରିଥିଲା । ଏହି ଅପରେସନ ପାଇଁ ବାୟୁସେନାକୁ ୨୫ମେ ରେ ହିଁ ନିୟୋଜିତ କରାଯାଇଥିଲା ।

ଅପରେସନ ସଫେଦ୍ ? ସାଗର ସାହାଯ୍ୟରେ ସେନା ସ୍ଥଳ ଯୁଦ୍ଧ ଲଢିବା ସମୟରେ ସେନା କର୍ମଚାରୀମାନଙ୍କୁ କଭର ଫାୟାର ଯୋଗାଇ ଦେଇଥିଲା । ଏହାର ସାହାଯ୍ୟରେ ଶତ୍ରୁଙ୍କ ଆଡ୍ଡାଗୁଡିକୁ ଚିହ୍ନଟ କରି ବିମାନ ଆକ୍ରମଣ ମାଧ୍ୟମରେ ଧ୍ୱଂସ କରାଯାଇଥିଲା । ଶତ୍ରୁର ଯୋଗାଯୋଗ ନେଟୱାର୍କକୁ ଦୁର୍ବଳ ଏବଂ ନଷ୍ଟ କରିବା ମଧ୍ୟ ଏହି ଅପରେସନ୍ ? ର ଏକ ପ୍ରମୁଖ କାର୍ଯ୍ୟ ଥିଲା । ଏହି ଅପରେସନ ଦ୍ୱାରା ଭାରତୀୟ ବାୟୁସେନାକୁ କାରଗିଲ୍ ?, ଦ୍ରାସ ଏବଂ ବାଟାଲିକ୍ ? ସେକ୍ଟରରେ ୧୪,୦୦୦ରୁ ୧୮,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ପୋଷ୍ଟ, ବଙ୍କର ଏବଂ ଆଡ୍ଡାଗୁଡିକୁ ଧ୍ୱଂସ କରାଯାଇଥିଲା । ଏହି ଘାଟିଗୁଡିକରେ ସଠିକ୍ ? ଲକ୍ଷ୍ୟ ନେଇ ବାୟୁସେନା ଆକ୍ରମଣ କରିଥିଲା । ଯାହାକି କାରଗିଲ ଯୁଦ୍ଧରେ ଏକ ବଡ ସଫଳତା ଆଣି ଦେଇଥିଲା ।

ଅପରେସନ ସଫେଦ୍ ? ସାଗର ୪୦ଦିନ ଧରି ଚାଲିଥିଲା । ଯେଉଁଥିରେ ୫୦୦୦ରୁ ଅଧିକ ବିମାନ ଉଡାଣ କରିଥିଲା । ଏଥିରେ ମିରାଜ-୨୦୦୦ ଏକ ଟନରୁ ଅଧିକ ବୋମା ଵର୍ଷଣ କରିଥିଲା । ଏହି ଅପରେସନରେ ବାୟୁସେନା ଗୋଟିଏ ଏମ୍ ?ଆଇଜି-୨୧ ଏବଂ ଗୋଟିଏ ଏମଆଇଜି-୨୭ ବିମାନ ହରାଇବା ସହ ଜଣେ ପାଇଲଟ୍ ? ସହିଦ ହୋଇଥିଲେ । ଦୁଇ ମାସର ରକ୍ତାକ୍ତ ସଂଘର୍ଷ ୫୨୭ଯବାନଙ୍କ ବଳିଦାନ ଆଉ ଭାରତୀୟ ସେନାଙ୍କ ମୁହଁତୋଡ ଜବାବ ପରେ ପଛକୁ ହଟିଥିଲା ପାକିସ୍ତାନ ସେନା । ଏହାପରେ ଟାଇଗର ହିଲରେ ବିଜୟ ପତାକା ଉଡାଇଥିଲେ ଭାରତର ବୀର ଯବାନ ।

# ହୋଟେଲ ରୁମ୍‌ରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଯାଜପୁର (ପିପିଏସ): ଯାଜପୁର ଜିଲା ରେ ବିଭିନ୍ନ ସହର ରେ ହୋଇଥିବା ଛୋଟ ବଡ ହୋଟେଲ ଗୁଡିକ ପଞ୍ଜୀକରଣ ନକରି କେବଳ ଶୋଷଣ କରୁଛନ୍ତି । ଯାତ୍ରୀ ରହିବା ପାଇଁ ସରକାରଙ୍କ ଧାର୍ଯ୍ୟ ନିୟମକୁ ଅନୁସରଣ କରାଯାଉ ନାହିଁ । ପ୍ରତେକ ଦିନ କେଉଁ କେଉଁ ଯାତ୍ରୀ ରହିଲେ ତାଙ୍କର ପରିଚୟ ପତ୍ର ଜାଞ୍ଚ କରାଯାଉ ନାହିଁ କ୍ଷ ପ୍ରତେକ ଦିନ ରହୁଥିବା ଯାତ୍ରୀଙ୍କ ପରିଚୟ ପତ୍ରର ନକଲ ସ୍ଥାନୀୟ ଥାନା ରେ ଜିମା କରିବା ନିୟମ ଥିଲେ ବି କିଛି ହୋଟେଲ କୁ ଛାଡି ପ୍ରାୟ କୌଣସି ହୋଟେଲ ନିୟମକୁ ମାନୁନାହାନ୍ତି । ତେଣୁ ବହୁ ସମୟ ରେ ବିଭିନ୍ନ ଦୁର୍ଘଟଣା ଘଟୁଛି । ଦେଖିବାକୁ ମିଳିଛି ମିଡିସଇଷ୍ଟ ହୋଟେଲରେ ରୁମରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଛି । ଯାଜପୁର ଜିଲ୍ଲା ଚଣ୍ଡିଖୋଲ ନିକଟ ହୋଟେଲ ରୁମରୁ ପୋଲିସ କବାଟ ଭାଙ୍ଗି ମୃତଦେହକୁ ଉଦ୍ଧାର କରିଛି । ମୃତ ବ୍ୟବସାୟୀ ହେଲେ ବାଲିଅନ୍ତା ଥାନା ନୂଆପାଟଣା ଗ୍ରାମର ଅଲିପ ସାହୁ । ସେ ମୋବାଇଲ ବ୍ୟବସାୟ କରୁଥିବା ବେଳେ ଅନେକ ସମୟରେ ଉକ୍ତ ହୋଟେଲ ରୁମରେ ଆସି ରହିଥାନ୍ତି । ତେବେ ଗତକାଲି ରୁମରୁ ବାହାରକୁ ଆସିନଥିବା ବେଳେ ସନ୍ଦେହ ହେବାରୁ ହୋଟେଲ କର୍ତ୍ତୃପକ୍ଷ ବଡ଼ଚଣା ପୋଲିସକୁ ଖବର ଦେଇଥିଲେ । ବଡ଼ଚଣା ପୋଲିସ ହୋଟେଲ ଡୋର ଲକ ଭାଙ୍ଗି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି । ତେବେ ସମ୍ପୃକ୍ତ ବ୍ୟବସାୟୀ ଜଣକ କରଜ କିମ୍ବା ମାନସିକ ଚାପ ଯୋଗୁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି ।

# ୩ ଥର ଆବେଦନ ସତ୍ତ୍ୱେ ମହିଳାଙ୍କୁ ମିଳୁନି ବିଧବା ଭତ୍ତା



ରଘୁନାଥପୁର (ପିପିଏସ): ସରକାର ଅସହାୟ ତଥା ବେସାହାରା ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା ଜରିଆରେ ସହାୟତାର ହାତ ବଢାଇଛନ୍ତି । ଏହାସତ୍ତ୍ୱେ ମଧ ୩ ବର୍ଷ ତଳୁ ୩ ଥର ଆବେଦନ କରି ଜନୈକ ବିଧବା ମହିଳାଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁର ଗ୍ରାମର ବନଲତା ମହାନ୍ତିଙ୍କୁ କ୍ଷେତ୍ରରେ ।ଗତ ୨୦୨୧ ଡିସେମ୍ବରରେ ବନଲତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା ।ପରିବାରର ଆର୍ଥିକବସ୍ଥା ସ୍ୱଚ୍ଛଳ ନଥିବାରୁ ବନଲତା ତାଙ୍କର ଏକମାତ୍ର ପୁଅକୁ ନେଇ ବହୁ ଦୁଃଖକଷ୍ଟରେ ଚଳୁଛନ୍ତି । ଏହା ମଧ୍ୟରେ ଅନଲାଇନରେ ଭତ୍ତାଟିଏ ପାଇଁ ଆବେଦନ କରି ପ୍ରଥମ ଥର ନିରାଶ ହେବା ପରେ ଦ୍ୱିତୀୟ ଥର ପୁନ ଆବେଦନ କରିଥିଲେ । କୌଣସି କାରଣରୁ ଏହା ରିଜେକ୍ଟ ହୋଇଯିବାରୁ ଗତ ମେ' ମାସରେ ତୃତୀୟ ଥର ପାଇଁ ଆବେଦନ କରିଛନ୍ତି । ବନଲତାଙ୍କ ପଛରେ ଆବେଦନ କରି ଅନେକ ବ୍ୟକ୍ତି ଭତ୍ତା ପାଇସାରିଥିବାବେଳେ ପ୍ରସାଶନିକ ଅବହେଳା ଯୋଗୁଁ ତାଙ୍କୁ ଭତ୍ତା ମିଳିପାରୁ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଦାୟୀତ୍ୱରେ ଥିବା ବିଏସଏସଓ କାଜଲ କୁମାର ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ବନଲତାଙ୍କ ସ୍ୱାମୀଙ୍କ ଡେଥ ସାର୍ଟିଫିକେଟ ଭଲଭାବେ ଦୃଶ୍ୟମାନ ହେଉନଥିବାରୁ ଏହା ରିଜେକ୍ଟ ହୋଇଥିବାର ପ୍ରକାଶ କରିଥିଲେ । ଏହାଛଡା ତୃତୀୟ ଥର ଆବେଦନ ଠିକଥିବା ଏବଂ ଆସନ୍ତା ଏକମାସ ମଧ୍ୟରେ ଭତ୍ତା ମିଳିଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ବେଟି ବଚାଅ, ବେଟି ପଢ଼ାଅ ସଚେତନତା



ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ତରଫରୁ ବ୍ଲକର ୧୫ଗୋଟି ପଞ୍ଚାୟତରେ ଥିବା ୧୭୮ଟି ଅଙ୍ଗନବାଡି କେନ୍ଦ୍ର ଅଧୀନରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହିଳା ଓ ଶିଶୁବିକାଶ ଅଧିକାରିଣୀ ଲୋପନା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ଅଂଚଳର ଛାତ୍ରୀ ମାନଙ୍କୁ ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ତେବେ ଝିଅମାନଙ୍କ ପ୍ରତି ଅବହେଳା ନକରି ସେମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯାଇ କିଭଳି ଭାବରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ତାହା କାର୍ଯ୍ୟକ୍ରମ ମୂଳଲକ୍ଷ୍ୟ ଥିବା ବେଳେ ସମାଜରେ ନାରୀ ସଶକ୍ତିକରଣ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି । ଏଥିରେ ଭ୍ରୁଣହତ୍ୟା ଆଇନ, ବେଟି ବଚାଅ ଉପରେ ଗୁରୁତ୍ୱ ଦିଆଯାଇଛି ।ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳାମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଜରୁରୀ କାଳୀନ ନମ୍ବର ୧୧୨ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସଚେତନ କରାଯାଇଥିଲା।ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟମାନଙ୍କରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସୁରକ୍ଷତା ନେବା ପାଇଁ ଅନୁରୋଧ କରାଯାଇଥିଲା ।

# 'ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ'ର ଉନ୍ମୋଚନ ୨୮ରେ

କଟକ, (ପିପିଏସ୍): ପ୍ରାଧ୍ୟାପକ ଡକ୍ଟର ନାରାୟଣ ମହାନ୍ତିଙ୍କ ରଚିତ 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' (ଦ୍ୱିତୀୟ ସଂସ୍କରଣ)ର ଉନ୍ମୋଚନ ଉତ୍ସବ ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହେବ। ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବେ। ଦର୍ଶନଶାସ୍ତ୍ର ଅଧ୍ୟୟନ କରି ନ୍ୟାୟପାଳିକା, ପ୍ରଶାସନ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଯଥାକ୍ରମେ ବାମାଶଙ୍କର ମିଶ୍ର, ରାଜକିଶୋର ଦାଶ ଓ ଶ୍ରୀମତୀ ଦାସ ବକ୍ତା ରୂପେ ଯୋଗଦେବେ। ସୁସାହିତ୍ୟିକ ଡକ୍ଟର ନଟବର ଶତପଥୀ ଓ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ପୁସ୍ତକର ସମୀକ୍ଷା କରିବେ। ଦର୍ଶନଶିକ୍ଷାର ପ୍ରସାର ଦିଗରେ ନିଃସ୍ୱାର୍ଥ ଅବଦାନ ପାଇଁ 'ନୀଳଚକ୍ର'ର ସଭାନେତ୍ରୀ ଶ୍ରୀମତୀ ନମିତା ପଣ୍ଡା ଓ ସମାଜସେବୀ ସ୍ୱର୍ଗତ ଫିରୋଜଖାଁ ଅଲି (ମରଣୋତ୍ତର)ଙ୍କୁ ସମ୍ମାନିତ କରାଯିବ। ବରିଷ୍ଠ ବିଚାର ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସଭାପତିତ୍ୱ କରିବେ ବୋଲି ସଂଯୋଜକ ଦୀପକ କୁମାର ମହାନ୍ତ ଜଣାଇଛନ୍ତି।

# ପାର୍କିଂ ବେଳେ ଅଘଟଣ, ନଦୀକୁ ଖସିଗଲା କାର

କୋଣାର୍କ(ପିପିଏସ୍):- ପାର୍କିଂ ବେଳେ ଭାରସାମ୍ୟ ହରାଇ ନଦୀ ଭିତରକୁ ଏକ କାର ପସି ଯାଇଥିବା ଜଣାପଡିଛି । କାର ଭିତରେ ଥିବା ପତି ପତ୍ନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଅଛି ।ପ୍ରାପ୍ତ ସୂଚନାରୁ ଜଣାପଡେକି ଶନିବାର ଅପରାହ୍ନ ସମୟରେ ରାମଚଣ୍ଡୀ ମୁହାଣ ନିକଟସ୍ଥ ଲୋଟସ ରିସୋର୍ଟ ପାର୍କିଂରେ ଗାଡ଼ି ନଂ ଓଡ଼ି - ୦୫ - ସିବି - ୬୩୫୭ ପାର୍କ କରୁଥିବା ବେଳେ ଭାରସାମ୍ୟ ହରାଇ ନିକଟସ୍ଥ କୁଶଭଦ୍ରା ନଦୀକୁ ଖସିପଡ଼ିଥିଲା । ଘଟଣାସ୍ଥଳରେ ଥିବା ଅଗ୍ନିଶମ ବାହିନୀ ତାଲିମ କେନ୍ଦ୍ରର ଆଗ୍ନିକ ମାନେ ତୁରନ୍ତ ନଦୀ ମଧ୍ୟରୁ କାର ଭିତରେ ଥିବା ସ୍ୱାମୀ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ପଠାଇଥିଲେ । ଦୁର୍ଘଟଣାଗ୍ରସ୍ତ କାର ମଧ୍ୟରେ କଟକ ସହର ବିଡ଼ିଓ ପ୍ରଦୀପ ସାହୁ ଓ ତାଙ୍କ ସହଧର୍ମିଣୀ ବୋଲି ଜଣାପଡିଛି । ସେମାନେ କୋଣାର୍କ ବୁଲାବୁଲି ସାରି ଫ୍ରେସ ହେବା ପାଇଁ ଲୋଟସ ରିସୋର୍ଟକୁ ଯାଇଥିବା ବେଳେ ସେଠାରେ ପାର୍କିଂ କରୁଥିବା ବେଳେ ଏପରି ଅଘଟଣ ଘଟିଥିଲା ।

## ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ

# ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ




କଟକ (ପିପିଏସ୍): ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଭୂମିକା ପ୍ରଶଂସନୀୟ । ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅନୁଷ୍ଠାନ ଭାଷା-ସାହିତ୍ୟର ଯେପରି ସେବା କରିଆସୁଛି ତାହା ଅନନ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଓଡ଼ିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ପ୍ରକାଶ କରିଛନ୍ତି ।

'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ରାଜ୍ୟପାଳ ଡକ୍ଟର କମ୍ଭମ୍ପାଟି ଶ୍ରୀଯୁକ୍ତ ହରିଚନ୍ଦନଙ୍କୁ ଅନୁଷ୍ଠାନର ରୁପାର ସ୍ମାରକୀ ଚିହ୍ନ, ତାମ୍ର ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ସମ୍ମାନ ଗ୍ରହଣ କରି ଶ୍ରୀଯୁକ୍ତ ହରିଚନ୍ଦନ କହିଲେ ଯେ, ଜାତିକୁ ଜାଗ୍ରତ କରିବା ପାଇଁ ସାହିତ୍ୟିକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି । ମାଟି, ମାଆ ଓ ମଣିଷର ସମ୍ମାନ ପାଇଁ ଲେଖକମାନଙ୍କର ବିଶେଷ ଭୂମିକା ରହିଛି । ଉତ୍ସବରେ ମୁଖ୍ୟବକ୍ତା ଭାବରେ 'ଉତ୍କଳ ସାହିତ୍ୟ ସମାଜ'ର ପୂର୍ବତନ ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଯେଉଁ ଅବଦାନ ରଖିଛି ତାହା ଅବିସ୍ମରଣୀୟ ବୋଲି କହିଥିଲେ ।

ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୋଜ ପଟ୍ଟନାୟକ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଆଦିତ୍ୟ ପ୍ରତାପ ବାଘସିଂହ, ଶ୍ରୀମତୀ ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡକ୍ଟର ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ଏଡ଼ସ କୁଇଜ୍ ପ୍ରତିଯୋଗିତା

ରଘୁନାଥପୁର (ପିପିଏସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଜଗତସିଂପୁର ଓ ଜିଲ୍ଲା ଜୁନିଅର୍ ରେଡ୍ କ୍ରସ୍ ସଂଗଠନ ଜଗତସିଂହପୁର ର ମିଳିତ ସହଭାଗିତା ରେ ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଉଦ୍ଘାଟନ ଉତ୍ସବରେ ବ୍ଲକ୍ ସଂଯୋଜକ ଚନ୍ଦନ ବେହେରାଙ୍କ ସଭାପତିତ୍ୱରେ ଅତିଥିଭାବେ ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ, ଗୋପାଳ କୃଷ୍ଣ ମିଶ୍ର, ବିଜୟଲକ୍ଷ୍ମୀ ସାମଲ, ଓମ୍ ପ୍ରକାଶ ମହାନ୍ତି, କାଶୀନାଥ ମହାନ୍ତି, କୀର୍ତ୍ତି ଚନ୍ଦ୍ର ସାହୁ, ଶ୍ରୀ ଜୟନ୍ତ କୁମାର ରାୟ, ରମାକାନ୍ତ ପତି ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମ କୁ ଜିଲ୍ଲା ଜୁନିଅର୍ ରେଡ୍ କ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲାର ରେଡ୍ ରିବନ୍ କ୍ଲବ୍‌ର ୧୯ ଗୋଟି ବିଦ୍ୟାଳୟରୁ ୨୮ ଜଣ ପ୍ରତିଯୋଗୀ ୨୦ ଜଣ ଶିକ୍ଷକ ଯୋଗଦେଇଥିଲେ । ଏହି ପ୍ରତିଯୋଗିତାକୁ ହିମାଂଶୁ ମହାନ୍ତି, ସାରଦା ଅଧିକାରୀ, ବିନାୟକ ଉପାଧ୍ୟାୟ, ମନିଷା ମିଶ୍ର ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମୋନୋନିତ ହେଲେ । ଦିଲ୍ଲୀପ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ଦାସ କରିଥିଲେ ।

# କେନ୍ଦ୍ରାପଡା: ପୂର୍ବତନ ସୈନିକ ସଂଘ ସଂଗଠନ ଦ୍ୱାରା କାରଗିଲ ବିଜୟ ଦିବସ

କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲାର ପୂର୍ବତନ ସୈନିକ ସଂଘ ଦ୍ୱାରା ତିନିମୁହାଣ ଛକ ସ୍ଥିତ ଅମର ଯବାନ ସହିଦ ସ୍ତମ୍ଭ ପରିସର ରେ ୨୬ ତମ କାରଗିଲ ବିଜୟ ଦିବସ ପାଳନ କରାଯାଇ ଅଛି । ଏହି ଅବସର ରେ ପୂର୍ବତନ ସୈନିକ ସଂଘ ର ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ରଙ୍କ ଅଧ୍ୟକ୍ଷତାରେ ଅମର ଯବାନ ସହିଦ ସ୍ତମ୍ଭ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଉପସଭାପତି କୈଳାସ ଚନ୍ଦ୍ର ରାଉତ ଏବଂ କ୍ୟାପଟେନ ବାନାମ୍ବର ସ୍ୱାଇଁ ମିଳିତ ଭାବେ ଦିପ ପ୍ରଜ୍ୱଳନ ଏବଂ ପୁଷ୍ପ ର (ରିତ୍) ଅର୍ପଣ କରି କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ସଂଗଠନ ର ସହସମ୍ପାଦକ ସର୍ଜେଣ୍ଟ ଅକ୍ଷୟ କୁମାର ସାହୁ, ବରିଷ୍ଠ ସଦସ୍ୟ ଆଡଭୋକେଟ ମହେଶ୍ୱର କର, କ୍ୟାପଟେନ ଅଭୟ କୁମାର ଲେଙ୍କା, ସୁବେଦାର ବିଚିତ୍ର କୁମାର ନାୟକ, ହାବିଲଦାର ସୁସାନ୍ତ କୁମାର ସ୍ୱାଇଁ, ହାବିଲଦାର ଅମୂଲ୍ୟ କୁମାର ବାରିକ,ସୁବେଦାର ଗୌରାଙ୍ଗ ଚରଣ ସ୍ୱାଇଁ, ଜଗନ୍ନାଥ ନାୟକ, ନରୋତ୍ତମ ମହାପାତ୍ର, ବିଶ୍ୱରଞ୍ଜନ ପଟ୍ଟନାୟକ, ଅମର କୁମାର ନାୟକ, ଲେଫ୍ଟନାଣ୍ଟ ବ୍ରଜ କିଶୋର ସାହୁ, ଏମ ସି ଜେନା, ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ହୃଷିକେଶ ସୁତାର ସହିଦ ସ୍ତମ୍ଭରେ ପୁଷ୍ପାଞ୍ଜଳୀ ଦେଇ ସାଲୁ୍ୟଟ ପ୍ରଦାନ କରିଥିଲେ । ଏହାପରେ ସହିଦମାନଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ ନୀରବ ପାର୍ଥନା କରାଯାଇଥିଲା । ନିରବ ପାର୍ଥନା ପରେ କାରଗିଲ ଯୁଦ୍ଧର ଭାଗ ନେଇ ଥିବା ସଦସ୍ୟ ମାନେ କାରଗିଲ ଯୁଦ୍ଧ ବିଷୟରେ ମନ୍ତବ୍ୟ ଦେଇ ଥିଲେ । କାରଗିଲ ଯୁଦ୍ଧର ରେ ଭାଗ ନେଇଥିବା ସଦସ୍ୟ କ୍ୟାପଟେନ ବାନାମ୍ବର ସ୍ୱାଇଁ ଏବଂ ଲେଫ୍ଟନାଣ୍ଟ ବ୍ରଜ କିଶୋର ସାହୁ ଙ୍କୁ କାରଗିଲ ଯୁଦ୍ଧରେ ଭାଗ ନେଇ ଥିବାରୁ ପୂର୍ବତନ ସୈନିକ ସଂଘ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ସଂଗଠନ ପାଇଁ ଉତ୍କୃଷ୍ଟ କାର୍ଯ୍ୟ କରିଥିବାରୁ ଭେଟେରାନ ବିଶ୍ୱରଞ୍ଜନ ପଟ୍ଟନାୟକ (ଝଇଓ କାର୍ଯ୍ୟରତ) ଙ୍କୁ ସାଧାରଣ ସମ୍ପାଦକ ଉତ୍ତରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥଲେ । କାର୍ଯ୍ୟକ୍ରମର ସେଷରେ କାରଗିଲ ବୀର ଯବାନ ଅମର ରହେ, ବନ୍ଦେ ମାତରମ୍, ଭାରତ ମାତାର ଜୟର ଉଦ୍ଘୋଷ କରାଯାଇ କାର୍ଯ୍ୟକ୍ରମକୁ ଅଧକ୍ଷ ବିରତି ପ୍ରଦାନକରିଥିଲେ ।

# କାରଗିଲ ସହିଦ୍ ଓ ବଳଙ୍ଗା ପୀଡ଼ିତାଙ୍କ ଆରୋଗ୍ୟ ପାଇଁ କ୍ୟାଣ୍ଡେଲ ଯାତ୍ରା

କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ଜନଶକ୍ତି ପାର୍ଟିର ତିନିମୁହାଣୀ ଶହିଦ ସ୍ତମ୍ଭ ନିକଟରେ ଶହିଦ୍‌ଙ୍କ ଅମର ଆତ୍ମା ଏବଂ କାରଗିଲ ଯୁଦ୍ଧରେ ପ୍ରାଣ ହରାଇଥିବା ଶହିଦ୍ ଏବଂ ଦେଶପାଇଁ ସର୍ମପିତ ଆତ୍ମାଙ୍କ ଉଦ୍ଦେଶ୍ୟରେ ତଥା ପୁରୀ ଜିଲ୍ଲାର ବଳଙ୍ଗା ଅଗ୍ନୀରେ ପୋଡିହୋଇ ଦ୍ଦିଲ୍ଲୀରେ ଚିକିତ୍ସିତ ହେଉଥିବା ଛାତ୍ରୀର ଆରୋଗ୍ୟ କାମନା କରି ରାଜ୍ୟ ଜନଶକ୍ତି ପାର୍ଟି ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ମହାଦେବ ସେନା ସଭାପତି ଧନେଶ୍ୱର ଦାସ, ଯାଜପୁର ଜିଲ୍ଲା ପ୍ରଭାରୀ ମନୋଜ ମଲ୍ଲିକ, ମନ୍ମଥ ସାହୁ, ଅଶୋକ ରାଉତ, ଅନନ୍ତ ବେହେରା, ବାବୁଲି ପଣ୍ଡା, ବରିଷ୍ଠ ଆଇନଜୀବୀ ମୋହନ ମହନ୍ତ, ମନୋଜ ବସନ୍ତିଆ, ଅନନ୍ତ ନାୟକ, ନେତା ବସନ୍ତ ଦାସ, ଯୋଗେସ୍ ଚନ୍ଦ୍ର ଦାସ, ସାଗର ଜେନା, ଉଦ୍ଧବ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଦେଶ ମାତୃତାର ସେବା କରି ଶହିଦ୍ ହୋଇଥିବା ଜବାନଙ୍କୁ ସର୍ବଦା ମନେରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଦେଶରକ୍ଷା ନିମନ୍ତେ ଅବଦାନ ଅତୁଳନୀୟ । ଶ୍ରୀ ଦାଶ ଦେଶପାଇଁ ବଳୀଦାନ ଦେଇଥିବା ସୈନିକ ପାଇଁ ସମସ୍ତ ନାଗରିକ ଏହି ଦିନ ମନେରଖିବା କର୍ତ୍ତବ୍ୟ ସଦୃଶ ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ଅନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ୟା,ବାତ୍ୟା,ଅଗ୍ନି କାଣ୍ଡ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିଭଳି ଉଦ୍ଧାର କରାଯିବ ଓ ପ୍ରାଥମିକ ସାହାଯ୍ୟ ସହଯୋଗ ତଥା ଆଶୁ ଚିକିତ୍ସା ଯୋଗାଇ ଦିଆଯିବ ସେ ସେ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବ୍ୟାପକ ଚାରା ରୋପଣ କରାଯାଇଥିଲା ।ସତ୍ୟସାଇ ସେବା ସମିତିର ଆବାହକ ରଞ୍ଜିତ୍ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅତିଥି ଭାବେ ଯୋଗଦେଇ ପ୍ରକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ଆନୁସଂଗିକ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ସମିତିର କର୍ମକର୍ତ୍ତା, କଲେଜର ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ର ।ଅଂଶଗ୍ରହଣ କରିଥିଲେ । ସେବା ସମିତିର ଅଧ୍ୟାତ୍ମିକ ସଂଯୋଜକ ସିଦ୍ଧାର୍ଥ କୁମାର ଚାନ୍ଦ ଓ ସାଇକୃଷ୍ଣ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଯୌନ ଶୋଷଣ ନିବାରଣ ଆଇନ ସମ୍ପର୍କିତ ସଚେତନତା



କେନ୍ଦ୍ରାପଡ଼ା, (ପିପିଏସ୍): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଯୌନ ଶୋଷଣ ନିବାରଣ ଆଇନ ସମ୍ପର୍କିତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ସମେତ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ମୁଖ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁସମା ମହାନ୍ତି ପୋଷ ଆଇନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ ଶିକ୍ଷାନୁଷ୍ଠାନ ମାନଙ୍କରୁ ଯୌନ ଶୋଷଣରୁ ମୁକ୍ତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ପୋଷ ଆଇନ ସମ୍ପର୍କରେ ସଚେନତା କରିବା ସହିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନକୁ ସୁନିଶ୍ଚିତ କରିବା ଏବଂ ଅନୁଷ୍ଠାନକୁ ସୁରକ୍ଷିତ ଏବଂ ଛାତ୍ରଛାତ୍ରୀ ଏବଂ କର୍ମଚାରଙ୍କ ମଧ୍ୟରେ ଏକ ଉତ୍ତମ ପରିବେଶ ଗଠନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଖାଦ୍ୟରେ ବିଷ ମିଶାଇଲେ ବିବାହିତା ମହିଳା

## ପରିବାରର ଶିଶୁ ସମେତ ୬ ଅସୁସ୍ଥ ହୋଇ ମେଡିକାଲରେ



ଯାଜପୁର (ପିପିଏସ): ପାରିବାରିକ କଳହକୁ ନେଇ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା କନିକାପଡା ଗ୍ରାମରେ ଅଭାବନୀୟ ଘଟଣା । ଜଣେ ବିବାହିତା ମହିଳା ପରିବାର ଲୋକଙ୍କ ଖାଦ୍ୟରେ ବିଷ ମିଶାଇ ଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଫଳରେ ପରିବାରର ୬ଜଣ ସଦସ୍ୟ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ପାରିବାରିକ କଳହ ନେଇ ୨ଦିନ ପୂର୍ବରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା । ସୂଚନା ଥାଉ କି ଗତକାଲି ଅପରାହ୍ନରେ ବିଷାକ୍ତ ଖାଦ୍ୟ ଖାଇବା ପରେ ପ୍ରଥମେ ଅଢେଇ ବର୍ଷର ଶିଶୁକନ୍ୟା ସହ ଆଉ ଜଣେ ଯୁବକର ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇ ଅସୁସ୍ଥ ହୋଇପଡିଥିଲେ । ଉଭୟଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଯାଇଥିଲେ ମାତ୍ର କିଛି ସମୟ ପରେ ପରିବାରର ସମସ୍ତଙ୍କ ଅବସ୍ଥା ଏହିପରି ହେବାରୁ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ବିଷାକ୍ତ ଖାଦ୍ୟ ଖାଇବା ପରେ ଏମିତି ହୋଇଥିବା ଜଣାପଡିଛି । ଏଥିରେ ଉମାକାନ୍ତ ଓଝାଙ୍କ ପରିବାରର ୬ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ଗତ ୬ ମାସ ତଳେ ଉମାକାନ୍ତଙ୍କ ଝିଅ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ମଂଗଳପୁର ଅଞ୍ଚଳରେ ପ୍ରେମବିବାହ କରିଥିଲା । ଘରଛାଡି ଯିବା ସମୟରେ ଘରୁ ସୁନା, ଟଙ୍କା ଆଦି ଜିନିଷ ସାଥିରେ ନେଇଯାଇଥିଲେ । ଏହାକୁ ପରିବାର ଲୋକ ବିରୋଧ କରିଥିଲେ । ମାତ୍ର ଉମାକାନ୍ତଙ୍କ ଅନ୍ୟ ସମ୍ପର୍କୀୟ ଭାଇମାନେ ଆଣି ଝିଅ ଜ୍ୱାଇଁଙ୍କୁ ସେମାନଙ୍କ ପାଖରେ ରଖିଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା । ୨ଦିନ ତଳେ କଳହ ସହିତ ମାରପିଟ ହୋଇ ମଂଗଳପୁର ଥାନାରେ ୨ଟି ଭିନ୍ନ ଭିନ୍ନ ଅଭିଯୋଗ ହୋଇଥିଲା । ବିବାହିତ ଝିଅ ଜଣଙ୍କ ବିଭିନ୍ନ ସମୟରେ ପରିବାର ଲୋକଙ୍କୁ ଜୀବନରୁ ହତ୍ୟା କରିବାକୁ ଧମକ ଦେଉଥିଲା । ରୋଷେଇ ସମୟରେ ବିବାହିତ ଝିଅ ଜଣଙ୍କ ରନ୍ଧା ଖାଦ୍ୟରେ ବିଷ ମିଶାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# କେନ୍ଦ୍ରାପଡା ବିଜୁ ଜନତାଦଳ ତରଫରୁ ରକ୍ତଦାନ ଶିବିର



କେନ୍ଦ୍ରାପଡା, (ପିପିଏସ୍): ଆଜି କାରଗିଲ ବିଜୟ ଦିବସ ଉପଲକ୍ଷେ କେନ୍ଦ୍ରାପଡା ମୁନିସିପାଲଟି ଟାଉନହଲଠାରେ ଏକ ମହା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଏହି ଶିବିର ଉଦ୍‌ଘାଟନ କରିଥିଲେ ।ଯେଉଁମାନଙ୍କର ତ୍ୟାଗପାଇଁ କାରଗିଲ ବିଜୟ ସମ୍ଭବ ହୋଇଥିଲା ସେହି ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାର୍ପଣ କରିଥିଲେ । ବିଜେଡି ସୁପ୍ରିମୋ ନବୀନ ବାବୁଙ୍କ ନେତୃତରେ ସମଗ୍ର ରାଜ୍ୟରେ ଯେଉଁ ଜୀବନ ବିନ୍ଦୁ ଅଭିଯାନ ସମ୍ଭବ ହୋଇଥିଲା ଆଜିର ରକ୍ତଦାନ ଶିବିର ସେହି ମହାନ ଅଭିଯାନକୁ ଆଉପାଦେ ଆଗେଇ ନେବାରେ ଏକ ନିମ୍ନ ପ୍ରୟାସ ବୋଲି ଶ୍ରୀ ବେହେରା ଅଭିମତ ରଖିଥିଲେ । ଏହି ରକ୍ତଦାନ ଅବସରରେ କେନ୍ଦ୍ରାପଡା ମାଟିର ସନ୍ତାନ ତଥା କାରଗିଲ ଯୋଦ୍ଧା କ୍ୟାପଟେନ ବାନାମ୍ବର ସ୍ୱାଇଁ, କ୍ୟାପଟେନ ଅଭୟ ଲେଙ୍କା ଓ ସୁଭେଦାର ବିଚିତ୍ର ନାୟକଙ୍କୁ ବିଜୁ ଜନତା ଦଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଜନନାୟକ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ରକ୍ତଦାନ ସଂଗ୍ରହ ଆରମ୍ଭ କରାଯାଇଥିଲା । ସମୁଦାୟ ୧୭୮ଜଣ ରକ୍ତଦାନ କରିଥିଲେ । ଏହି ରକ୍ତଦାତାଙ୍କ ମଧ୍ୟରେ ଦଳୀୟ ୪ଜଣ କର୍ମକର୍ତ୍ତା ନିର୍ବାଚିତ ପ୍ରତିନିଧି ଯଥା ପୌର ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, କଲେଜ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭାପତି ଲିଲିତା ଦାସ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଶୀବ ପ୍ରସାଦ ଭୋଳ, ଜିଲ୍ଲା ଛାତ୍ର ସଭାପତି ପ୍ରଦୀପ୍ତ ସାହୁ, ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ଜିଲ୍ଲା ସଂଖ୍ୟାଲଘୁ ସଭାପତି ସେକ ଚନ୍ଦନ, କାଉଁସିଲର ଉମେଶ ନାୟକ, ପ୍ରଭାଶିଷ ପଣ୍ଡା, ପ୍ରଦିପ୍ତ ଜେନା, ହିରଣ୍ୟ ପଣ୍ଡା, ସେକ ଜମ୍ମିର ଉଲ୍ଲା, ସେକ ଅସଲମ, ରମେଶ ଦାସ, ଆକାଶ ବେହେରା, କାଳୀପ୍ରସାଦ ମିଶ୍ର, ନିରାକାର ସ୍ୱାଇଁ, ସୌମେନ୍ଦ୍ର ପୃଷ୍ଟି, ରଶ୍ମିତା ସିଂ, ଆକବରୀ ଖାତୁନ, ପପୁ ବାବୁ, ପରଭେଜ ଅକ୍ତର, ଚୌଧୁରୀ ସୁକୁମାର ଦାସ, ବାପି ବାବୁ, ନଗର ସଭାପତି ଯଯାତି ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ସରପଞ୍ଚ ଅଶ୍ୱନୀ ପାତ୍ର, ପ୍ରୟଙ୍କା ପ୍ରିୟଦର୍ଶିନୀ, ପ୍ରଶନ୍ନ ରାଉତ, ପ୍ରଦୀପ ସୁତାର, ପ୍ରମୋଦ ମଲ୍ଲିକ, ଦିପାଞ୍ଜଳୀ ଜେନା, ଅଜିତ ପରିଡା, ଚନ୍ଦନ ଦାସ, ପ୍ରଶନ୍ନ ବିଶ୍ୱାଳ, ଅଭିଶେକ ବିଶ୍ୱାଳ, ଜ୍ୟୋତି ରଞ୍ଜନ ପ୍ରଧାନ, ସଙ୍ଗମ ସାମଲ, ଲୋହିତ ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ପବାତ ଉଡାନସିଂ, ଛାତ୍ର ନେତା ସରୋଜ କାନ୍ତ ସାହୁ, ରାଜେଶ ପଣ୍ଡା, ଜ୍ଞାନ ରଞ୍ଜନ ସାହୁ, ପିତବାସ ବେହେରା, ପ୍ରଦ୍ୟୁମ୍ନ ଜେନା, ରାଜେଶ ମହାନ୍ତି, ତଅପୋଇ ମଲ୍ଲିକ, ମୁକ୍ତାର ଖାଁ, ନିରଞ୍ଜନ ବାରିକ, ରଞ୍ଜନ ସାହୁ, ରାଜିବ ଜେନା, କିଶୋର ନାଥ, ରକ୍ତି କାନ୍ତ ସାମଲ, ସମ୍ବିତ ଶ୍ରୀଚନ୍ଦନ, ସ୍ୱରାଜ କେତନ ତରାଇ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ମାନସ ପରିଡା, ସେକ ଆତେସାନ ହୁସେନ, ସନ୍ତୋଷ ପାଣୀଗ୍ରାହୀ, ସୁସାନ୍ତ ପ୍ରଧାନ, ବିକାଶ ମଲ୍ଲିକ, ଜ୍ୟୋତି ପ୍ରକାଶ ରାଉତ, ଚିତ୍ତରଞ୍ଜନ ଜେନା, ଲକ୍ଷ୍ମୀଧର ପଲାଇ, ଚନ୍ଦନ ଚୌଧୁରୀ, ସୁଜିତ ଦାସ, ସାହେବ ସାହିଲ ରାଉତ, ବିଜୟ ମଣ୍ଡଳ, ମାନସ ଦାସ, ରାଜଶ୍ରୀ ଦାସ, ସୁବାଶ ମାହାଲିକ, ଅମ୍ରିନ ସାହାଦତ, ସ୍ୱୟଂପ୍ରଭା କର, ସୁମିତ୍ରା ପାତ୍ର, ଲୋପାମୁଦ୍ରା ବାରିକ, ଜିଲ୍ଲା ମହିଳା ସଭାନେତ୍ରୀ ରୋଶନା ସାହୁ, ଜିଲ୍ଲା ବିଜେଡି ଧିରେନ ସାହୁ, ସଞ୍ଜୟ ଜେନା, ମୁକ୍ତାର ଅଲ୍ଲୀ, ଦାମୋଦର ଜେନା, ନରେନ୍ଦ୍ର ଜେନା, ଜୟନ୍ତ ଜେନା, ସଞ୍ଜୟ ବିଶ୍ୱାଳ, ନାରାୟଣ ପରିଡା, ଶରତ ସାମଲ, ଚନ୍ଦ୍ରକାନ୍ତ ବେହେରା, ଶୁଭେନ୍ଦୁ ବିକାଶ ମଲ୍ଲିକ, ସୌମ୍ୟଜିତ ମହାପାତ୍ର, ଶନଞ୍ଜୟ ମହାନ୍ତି, ଦେବଦତ୍ତ ଦାସ, ଜ୍ଞାନ ରଞ୍ଜନ ଜେନା, ମିହିର ମୁସିଦ୍ଦ, କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟର ବ୍ଲଡ ବ୍ୟାଙ୍କ ଅଧିକାରୀ ଓ ତାଙ୍କ ସହଯୋଗୀ ରାଜେଶ ମିଶ୍ର ରକ୍ତ ସଂଗ୍ରହ କାର୍ଯ୍ୟନିର୍ବାହ କରିଥିଲେ ।

## ମାଞ୍ଚେଷ୍ଟର ଟେଷ୍ଟ: ଦୀର୍ଘ ସମୟ ପରେ ଭାରତ ପାଇଁ ୨ଟି ୱିକେଟ୍

# ଭାରତର ଦୁର୍ବଳ ବୋଲିଂ, ଇଂଲଣ୍ଡର ବିଶାଳ ସ୍କୋର

ମାଞ୍ଚେଷ୍ଟର : ମାଞ୍ଚେଷ୍ଟରରେ ଖେଳାଯାଉଥିବା ଭାରତ-ଇଂଲଣ୍ଡ ୪ର୍ଥ ଟେଷ୍ଟ ରୋଚକ ମୋଡ଼ରେ ପହଞ୍ଚିଛି। ଭାରତର ପ୍ରଥମ ଇନିଂସ ସ୍କୋର ୩୫୮ ରନର ଦୃଢ଼ ଜବାବ ଦେଇଛି ଇଂଲଣ୍ଡ। ସର୍ବଶେଷ ସୂଚନା ଅନୁସାରେ ଇଂଲଣ୍ଡ ୪ ୱିକେଟ୍ ହରାଇ ୩୪୯ ରନ୍ କରିଛି। ଭାରତ ପାଇଁ ୩ୟ ଓ ୪ର୍ଥ ୱିକେଟ ଆଣିଦେଇଛନ୍ତି ଯୁବ ବୋଲର ୱାସିଂଟନ ସୁନ୍ଦର। ଆଜି ହେଉଛି ୩ୟ ଦିନ। ଇଂଲଣ୍ଡ ନିଜର ଗତକାଲିର ସ୍କୋର ୨୨୫/ ୨ରୁ ଆଗକୁ ଖେଳିବା ଆରମ୍ଭ କରିଥିଲା। ଦୁଇ ବ୍ୟାଟ୍ସମ୍ୟାନ ଜୋରୁଟ ଓ ଓଲି ପୋପ୍ ଦୃଢତାର ସହ ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ। ଫଳରେ ମ୍ୟାଚର ପ୍ରଥମ ସେସନରେ ଭାରତୀୟ ବୋଲରଙ୍କୁ କୌଣସି ୱିକେଟ୍ ମିଳିନଥିଲା। ୨ୟ ସେସନରେ ଭାରତୀୟ ବୋଲର ୱାସିଂଟନ ସୁନ୍ଦର ଦଳକୁ ଏକ ବହୁପ୍ରତୀକ୍ଷୀତ ବ୍ରେକଥ୍ରୁ ପ୍ରଦାନ କରିଥିଲେ। ୭୧ ରନ୍ କରି ଶତକ ଆଡକୁ ଅଗ୍ରସର ହେଉଥିବା ପୋପ୍ ସୁନ୍ଦରଙ୍କ ବଲକୁ ଖେଳିବାକୁ ଯାଇ ସ୍ଲିପରେ କେଏଲ ରାହୁଲଙ୍କ ହାତରେ ଧରାପଡ଼ିଥିଲେ। ଅନ୍ୟପକ୍ଷରେ ଜୋ ରୁଟ ଏବେ ୭୧ ରନରେ ଖେଳୁଛନ୍ତି ଓ ଇଂଲଣ୍ଡର ସ୍କୋର ୪ ୱିକେଟ୍ ୩୪୯ ରନ ରହିଛି। ପୋପ୍ ଆଉଟ ହେବା ପରେ ଆସିଥିବା ହ୍ୟାରୀ ବ୍ରୁକଙ୍କୁ ମଧ୍ୟ ସୁନ୍ଦର ଆଉଟ କରିଛନ୍ତି। ଭାରତର ପ୍ରଥମ ଦୁଇଟି ୱିକେଟ୍



ରବୀନ୍ଦ୍ର ଜାଦେଜା ଓ ଅଂଶୁଲ କମ୍ବୋଜ ନେଇଥିଲେ। ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ନିଜର ପ୍ରଥମ ଇନିଂସରେ ୩୫୮ ରନ୍‌ରେ ଅଲଆଉଟ ହୋଇଥିଲା।

ତେନ୍ଦୁଲକର -ଆଣ୍ଡରସନ ଟ୍ରଫି ଟେଷ୍ଟ ଶୃଙ୍ଖଳାର ଓଲ୍ଡ ଟ୍ରାଫୋର୍ଡରେ ଚାଲିଥିବା ଚତୁର୍ଥ ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡର ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ଭାରତୀୟ ବୋଲରଙ୍କ ପ୍ରଭାବହୀନ ବୋଲିଂର ଫାଇଦା ଉଠାଇ ଇଂଲଣ୍ଡ ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହେଉଛି । ଭାରତର ପ୍ରଥମ ଇନିଂସ ସ୍କୋର ୩୫୮ରନ ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ଜୋ ରୁଟ୍ ?ଙ୍କ ୧୫୦ରନ ବଳରେ ୭ ୱିକେଟ ହରାଇ ୫୪୪ରନ କରିଛି। ହାତରେ ଆଉ ୩ ୱିକେଟ ସୁରକ୍ଷିତ ରହିଥିବାବେଳେ ଦଳ ୧୮୬ରନରେ ଆଗୁଆ ରହିଛି। ତୃତୀୟ ଦିନରେ ଭାରତୀୟ ବୋଲରମାନେ ୫ଟି ୱିକେଟ ପାଇଥିବାବେଳେ ଇଂଲଣ୍ଡ ୩୧୯ରନ କରିଥିଲା।

ଇଂଲଣ୍ଡ ଦ୍ୱିତୀୟ ଦିନର ଅସମାପ୍ତ ୨/୨୨୫ରୁ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟ୍ ?ସମ୍ୟାନ ଜୋ ରୁଟ୍ ୧୧ ଓ ଓଲି ପୋପ ୨୦ରନରୁ ଖେଳ ଆରମ୍ଭ କରିଥିଲେ। ଉଭୟେ ଭାରତୀୟ ବୋଲରଙ୍କୁ ସହଜରେ ଖେଳି ରନ ସ୍କୋରକୁ ବଢାଇ ଚାଲିଥିଲେ। ମଧ୍ୟାହ୍ନଭୋଜନ ବିରତି ପର୍ଯ୍ୟନ୍ତ ଇଂଲଣ୍ଡ ଆଉ କୌଣସି ୱିକେଟ ହରାଇନଥିଲା। ଉଭୟେ ୩ୟ ୱିକେଟ ପାଇଁ ୧୪୪ରନ ଭାଗିଦାରୀ କରିଥିଲେ। ସ୍କୋର ୩୪୧ରନ ଥିବାବେଳେ ପୋପ୍ ୭୧ରନ କରି ୱାଶିଂଟନ ସୁନ୍ଦରଙ୍କ ବଲରେ ଆଉଟ୍ ହୋଇଥିଲେ। ଇଂଲଣ୍ଡ ୩୪୯ରନରେ ଚତୁର୍ଥ ୱିକେଟ ହରାଇଥିଲା। ହ୍ୟାରୀ ବ୍ରୁକ୍ ମାତ୍ର ୩ରନ କରି ୱାଶିଂଟନଙ୍କ ବଲରେ ଷ୍ଟମ୍ପିଂ ହୋଇଥିଲେ। ୮ରନ ମଧ୍ୟରେ ଦୁଇଟି ୱିକେଟ ନେଇ ଭାରତ ମ୍ୟାଚକୁ ଫେରିବାକୁ ଉଦ୍ୟମ କରିଥିଲେ ମଧ୍ୟ ରୁଟ୍ ଓ ଅଧିନାୟକ ବେନ୍ ଷ୍ଟୋକସ କୌଣସି ସୁଯୋଗ ଦେଇନଥିଲେ। ରୁଟ୍ ୧୭୮ଟି ବଲରୁ ଶତକ ପୂରଣ କରିଥିଲେ। ଟେଷ୍ଟ କ୍ରିକେଟରେ ରୁଟ୍‌ଙ୍କ ଏହା ୩୮ତମ ଶତକ। ପଞ୍ଚମ ୱିକେଟରେ ରୁଟ୍ ଓ ଷ୍ଟୋକ୍‌ସ ବଡ ଭାଗିଦାରୀ କରି ଭାରତକୁ ପୁଣି ନିରାଶ କରିଥିଲେ। ଉଭୟେ ୧୪୨ରନ ଭାଗିଦାରୀ କରିଥିଲେ। ସ୍କୋର ୪୯୧ରନ ଥିବାବେଳେ ଷ୍ଟୋକ୍‌ସ ରିଟାୟାର୍ଡ ହର୍ଟ ହୋଇଥିଲେ। ଷ୍ଟୋକ୍‌ସ ୬୬ରନ କରିଥିବାବେଳେ ମାଂଶପେଶୀରେ ଆଘାତ ଲାଗି ରିଟାୟାର୍ଡ ହଟ ହୋଇଥିଲେ। ରୁଟଙ୍କ ସହ ଜେମି ସ୍ମିଥ୍ ମାତ୍ର ୮ରନ ଭାଗିଦାରୀ କରିଥିଲେ। ୪୯୯ରନ ସ୍କୋର ଥିବାବେଳେ ରୁଟ୍ ୧୫୦ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ୫୧୫ରନରେ ଷଷ୍ଠ ୱିକେଟ ହରାଇଥିଲା। ସ୍ମିଥ୍ ୯ରନ କରି ଆଉଟ୍ ହୋଇଥିଲେ। ସପ୍ତମ ୱିକେଟରେ ଲିୟାମ ଡାଓସନ ଓ କ୍ରିସ ୱକ୍‌ସ ୧୩ରନ ସଂଗ୍ରହ କରିଥିଲେ। ୫୨୮ରନ ସ୍କୋର ଥିବାବେଳେ ୱକ୍‌ସ ୪ରନ କରି ଆଉଟ୍ ହୋଇଥିଲେ। ରିଟାୟାର୍ଡ ହଟ୍ ହୋଇଥିବା ରୁଟ୍ ପୂନର୍ବାର ବ୍ୟାଟିଂ କରିବାକୁ ଆସିଥିଲେ। ଅଷ୍ଟମ ୱିକେଟରେ ରୁଟ୍ ଓ ଡାଓସନ ଅବିଭାଜିତ ୧୬ରନ କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଷ୍ଟୋକ୍ ?ସ ୭୭ ଓ ଡାଓସନ ୨୧ରନ କରି ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏଁ, ଅଂଶୁଲ କାମ୍ବୋଜ, ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

# ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବ ଏସିଆ କପ୍

## ୧୪ ଓ ୨୨ ଖେଳିପାରନ୍ତି ଭାରତ-ପାକିସ୍ତାନ

ମୁମ୍ବାଇ : ୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଏସିଆନ୍ କପ୍ ସେପଟ୍ମେର ୯ରୁ ୨୮ ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଖେଳାଯିବାକୁ ଥିଲା, କିନ୍ତୁ ପାକିସ୍ତାନର ଆପତ୍ତିକୁ ଦୃଷ୍ଟିରେ ରଖି ଏହାକୁ ୟୁଏଇରେ କରାଯିବାକୁ ଏସୀୟ କ୍ରିକେଟ ପରିଷଦ (ଏସିସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ୟୁଏଇରେ ଖେଳ ହେଉଥିଲେ ବି ଭାରତ ଏହାର ଆୟୋଜକ ଦେଶ ରହିବ। ତେବେ ସେପ୍ଟେମ୍ବର ୧୨ ଓ ୨୨ରେ ଖେଳିପାରନ୍ତି ଭାରତ-ପାକିସ୍ତାନ। ତେବେ ଯଦି ଭାରତ-ପାକିସ୍ତାନ ଫାଇନାଲକୁ ଯାଆନ୍ତି ତେବେ ଭାରତ-ପାକିସ୍ତାନ ୩ଟି ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

ଟୁର୍ଣ୍ଣାମେଣ୍ଟର ସବିଶେଷ ଖେଳସୂଚୀ ଜାରି ହୋଇନଥିଲେ ବି ସୂଚନା ଅନୁସାରେ ଗୋଟିଏ ଗ୍ରୁପରେ ଦୁଇ ଚିରାଚରିତ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ରହିଥିବାର ସୂଚନା ମିଳିଛି। ଟୁର୍ଣ୍ଣାମେଣ୍ଟର ସବିଶେଷ ଖେଳସୂଚୀ ଜାରି ହୋଇନଥିଲେ ବି ସୂଚନା ଅନୁସାରେ ଗୋଟିଏ ଗ୍ରୁପରେ ଦୁଇ ଚିରାଚରିତ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ରହିଥିବାର ସୂଚନା ମିଳିଛି। ଏ ସଂପର୍କରେ ଘୋଷଣା କରି ଏସିସିର ସଭାପତି ମହସିନ ନକଭୀ କହିଛନ୍ତି '୨୦୨୫ର ଏସିଆ କପ୍ ୟୁଏଇରେ ଖେଳାଯିବ। ଏହା ସେପଟ୍ମେର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭଲ କ୍ରିକେଟ ଦେଖିବାକୁ ମିଳିବ ବୋଲି ମୁଁ ନିଶ୍ଚିତ। ସବିଶେଷ କ୍ରୀଡ଼ାସୂଚୀ ଖୁବଶୀଘ୍ର ପ୍ରକାଶ ପାଇବ।' ଏସିଆ



କପରେ ମୋଟ ୮ଟି ଦେଶ- ଭାରତ, ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶ, ହଂକଂ, ୟୁଏଇ ଏବଂ ଓମାନ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ଟି-୨୦ ଫର୍ମାଟରେ ଖେଳାଯିବ। ମୋଟ ୧୯ଟି ମ୍ୟାଚ ଖେଳାଯିବ।

ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯିବ ଏବଂ ୧୪ ସେପଟ୍ମେରରେ ଗ୍ରୁପ ଷ୍ଟେଜରେ ସେମାନଙ୍କ ମଧ୍ୟରେ ପ୍ରଥମ ମୁକାବିଲା ଖେଳାଯାଇପାରେ। ଯଦି ଭାରତ ଓ ପାକିସ୍ତାନ ଫାଇନାଲ ପର୍ଯ୍ୟନ୍ତ ପହଞ୍ଚନ୍ତି, ତେବେ ଦୁଇ ଦଳ ମଧ୍ୟରେ ୩ ଥର ମୁହାଁମୁହିଁ ହୋଇପାରେ। ଯଦି ଏହା ନ ହୁଏ, ତେବେ ମଧ୍ୟ ଗ୍ରୁପ ଷ୍ଟେଜ ଓ ସୁପର-୪ରେ ଦୁଇ ଥର ମୁକାବିଲା ହେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଏହି ମୁକାବିଲା ଏକ ଏପରି ସମୟରେ ହେଉଛି, ଯେତେବେଳେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଗତ କିଛି ବର୍ଷରେ ସବୁଠୁ ଖରାପ ସ୍ତରରେ ରହିଛି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୭ ମେ'ରେ ଅପରେସନ ସିନ୍ଦୁର ଆରମ୍ଭ କରିଥିଲା। ଏହାପରେ ପାକିସ୍ତାନ ଭାରତୀୟ ସେନା ଉପରେ ଆକ୍ରମଣ କରିଥିଲା, ଯାହାର ଜୋରଦାର ଜବାବ ମିଳିଥିଲା ଏବଂ ପାକିସ୍ତାନର ଅନେକ ସାମରିକ ଠିକଣା ଧ୍ୱଂସ ହୋଇଥିଲା। ଏହାପରେ ଅନ୍ତର୍ଜାତୀୟ କ୍ରିକେଟ ସ୍ତରରେ ପାକିସ୍ତାନର ସମ୍ପୂର୍ଣ୍ଣ ବଏକଟ୍ କରିବା ଦାବି ଉଠିଥିଲା। ଏତିକି ନୁହେଁ ବିରୋଧ ପରେ ୱାଲରଡ ଚାମ୍ପିୟନଶିପ ଅଫ୍ ଲେଜେଣ୍ଡସରେ ଭାରତ-ପାକିସ୍ତାନ ମ୍ୟାଚ୍ ମଧ୍ୟ ବାତିଲ ହୋଇଥିଲା। ଏହି ବିବାଦ ସତ୍ତ୍ୱେ,ଏସିଆ କପ ୨୦୨୫ ଭାରତ-ପାକିସ୍ତାନ କ୍ରିକେଟପ୍ରେମୀଙ୍କ ପାଇଁ ଏକ ରୋମାଞ୍ଚକର ମୁକାବିଲା ଆଣିବ ବୋଲି ଆଶା କରାଯାଉଛି।

## କନିଷ୍ଠ ଓ ଉପକନିଷ୍ଠ ସନ୍ତରଣ ଉଦ୍‌ଯାପିତ

# ଅଭିନବ ଓ ଅଂଶିକା ଶ୍ରେଷ୍ଠ; ଖୋର୍ଦ୍ଧା-ଭୁବନେଶ୍ୱର ବିଜେତା

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଇନ୍‌ଡୋର୍ ଆକ୍ୱାଟିକ୍ ସେଣ୍ଟର୍‌ରେ ଆୟୋଜିତ ୬୫ତମ ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ସନ୍ତରଣ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ୩ଦିନିଆ ସନ୍ତରଣ ପ୍ରତିଯୋଗିତାର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା ଦଳଗତ ବିଜେତା ହୋଇଥିଲା ବେଳେ କିଟ୍-କିସ୍ ଉପବିଜେତା ହୋଇଛି। ବ୍ୟକ୍ତିଗତର ବର୍ଗରେ ଖୋର୍ଦ୍ଧାର ଅଭିନବ କୁମାର



ସିଂହ, ଅଂଶିକା ଆରାଧନା ସାହୁ, ସାଇ ସ୍ୱରୂପ ସ୍ୱାଇଁ, ଧାନ୍‌ବୀ ଭୌମିକ, ସାଇ ଅକ୍ଷୟ ଓ ସହିତା ଘୋଷ ବିଜେତା ଟ୍ରଫି ହାତେଇଥିଲେ। ପୁରୁଷ ଓ ମହିଳାର ଶ୍ରେଷ୍ଠ ସନ୍ତରଣକାରୀ ହୋଇଛନ୍ତି ଖୋର୍ଦ୍ଧା- ଭୁବନେଶ୍ୱରର ଅଭିନବ କୁମାର ସିଂହ ଓ ଅଂଶିକା ଆରାଧାନା ସାହୁ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ସମ୍ମାନୀୟ ଅତିଥିଭାବେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଡ଼ିଶା ହକି ବିକାଶ ପରିଷଦ ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ।

# ଅବସର ନେଲେ ବେଦା କୃଷ୍ଣମୂର୍ତ୍ତି

ନୂଆଦିଲ୍ଲୀ: ଭାରତୀୟ ବ୍ୟାଟର ବେଦା କୃଷ୍ଣମୂର୍ତ୍ତି ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ୩୨ ବର୍ଷୀୟା ବେଦା ୧୦ ବର୍ଷର ଖେଳ ଜୀବନରେ ବିରାମ ଲଗାଇଥିଲା ବେଳେ କ୍ରିକେଟ୍ ସହିତ ଜଡ଼ିତ ରହିବେ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ପୋଷ୍ଟ୍ କରି ସେ ନିଜ ଅବସର ବିଷୟରେ ସୂଚନା ଦେଇଛନ୍ତି। 'ଏକ ଛୋଟ ସହରର ଝିଅର ସ୍ୱପ୍ନ ଥିଲା ଭାରତୀୟ ଜର୍ସି ପିନ୍ଧିବା। ଏହା ପୂରଣ ହୋଇଥିବାରୁ ଗର୍ବିତ। କ୍ରିକେଟ୍ ମୋତେ ସବୁକିଛି ଦେଇଛି।



ଏବେ ଖେଳାଳି ଜୀବନକୁ ଗୁଡ୍‌ବାଏ କରୁଛି, ହେଲେ ଖେଳକୁ ନୁହେଁ। ସର୍ବଦା ଭାରତ ଓ ଦଳ ପାଇଁ ରହିଛି' ବୋଲି କୃଷ୍ଣମୂର୍ତ୍ତି ଲେଖିଛନ୍ତି। ଭାରତ ପକ୍ଷରୁ ମିଡିଲ୍‌ଅର୍ଡର ବ୍ୟାଟର ବେଦା ୪୮ ଦିନିକିଆ ଓ ୭୬ ଟ୍ୱେଣ୍ଟି-୨୦ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ୍ କରିଛନ୍ତି। ଶେଷଥର ଲାଗି ୨୦୨୦ରେ ମେଲ୍‌ବର୍ଣ୍ଣରେ ଅଷ୍ଟ୍ରେଲିଆ ବିପକ୍ଷରେ ଟ୍ୱେଣ୍ଟି-୨୦ ଏବଂ ୨୦୧୮ରେ ଦିନିକିଆ ଖେଳିଥିଲେ। ୨୦୨୩ ଡବ୍ଲ୍ୟୁପିଏଲ୍‌ରେ ଗୁଜରାଟ ଜାଏଣ୍ଟସ୍ ପକ୍ଷରୁ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳିବା ଶେଷ ଘରୋଇ ମ୍ୟାଚ୍ ଥିଲା। ବେଦା ପୂର୍ବତନ କର୍ଣ୍ଣାଟକ କ୍ରିକେଟର ଅର୍ଜୁନ ହୟଶାଳଙ୍କୁ ବିବାହ କରିଛନ୍ତି।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୭ ଜୁଲାଇରୁ ୨ ଅଗଷ୍ଟ ୨୦୨୫

ହାରିଯାଇଥିବା ଝିଅ




ବାହୁନି ବାହୁନି କାନ୍ଦୁଛନ୍ତି ଇତିଶ୍ରୀ ପ୍ରଧାନ, ବେବିନା, ମମିତା ମେହର, କୁନ୍ଦୁଲି ପୀଡ଼ିତା। କାନ୍ଦୁଛି ପରୀ ପରି ଆହୁରି ଅନେକ କୁଆଁରୀ ଝିଅଙ୍କ ଆତ୍ମା। ଅକାଳରେ ଝଡ଼ିଯାଇଛନ୍ତି ସେମାନେ। ନିଜ ସ୍ୱପ୍ନର ଦୁନିଆ ଦେଖିବା ଆଗରୁ ସବୁଦିନ ପାଇଁ ବୁଜି ହୋଇଯାଇଛି ସେମାନଙ୍କର ଆଖି। ସେହି ଝିଅମାନଙ୍କ ସହିତ ଏବେ ଯୋଡ଼ି ହୋଇଯାଇଛି ଆଉ ଏକ ନାମ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି।

**ଜାତୀୟ:** ନିମିଷାଙ୍କୁ ଆଶ୍ୱସ୍ତ
**ଅନ୍ତର୍ଜାତୀୟ:** ମଜବୁତ ହେଉଛି ଭାରତ-ଆଫ୍ରିକା ସୈନ୍ୟ ସହଯୋଗ
**ବିଶେଷ ପ୍ରସଙ୍ଗ:** ଗରିବଙ୍କ ବନ୍ଧୁ ଗଗନ
**ନାରୀ:** : ତ୍ୱଚା ପାଇଁ ବରଫର ଉପକାରିତା
**କ୍ଷୁଦ୍ରଗଳ୍ପ:** ଦହିବରା-ଆଳୁଦମ.
**ଚଳଚ୍ଚିତ୍ର:** ଅକ୍ଷୟଙ୍କ ବଡ଼ପଣ, **ଚଳଚ୍ଚିତ୍ର:** ବଙ୍ଗଳା ବିକିଲେ ଭାଇଜାନ
**ଖେଳ:** ଜିତେଶଙ୍କୁ ମିଳି ନଥିଲା ଏଣ୍ଟ୍ରି, ଅବସର ନେଲେ ଷ୍ଟାର୍ ଖେଳାଳ
**ମୀନାବଜାର:** ମୀନାବଜାର: ଆକାଶ କାନ୍ଦୁଛି, ଚର୍ଚ୍ଚାରେ: ସବୁଠାରୁ ବଡ଼ ପ୍ରବାଳ, ବିଜ୍ଞାନ: ଆସିଲା ରୋବୋଟ ଭ୍ୟାକ୍ୟୁମ୍ କ୍ଲିନର, ପର୍ଯ୍ୟଟନ: କଳାହାଣ୍ଡି ଜିଲ୍ଲାର ଫୁର୍ଲିଝରନ୍, ବାସ୍ତୁ: ଜନ୍ମବାରରୁ ଜାଣନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସଭାବ, ଧର୍ମ: ପ୍ରଥମ ଥର ପାଇଁ ଶ୍ରାବଣ ସୋମବାର କରୁଛନ୍ତି କି ?, କବିତା: ଶ୍ରାବଣ ଝର, ଜାଣନ୍ତି କି ? : ଦଲାଇ ଲାମାଙ୍କ ପୁର୍ନଜନ, ସ୍ୱାସ୍ଥ୍ୟ: ଅମୃତଭଣ୍ଡା ରସ ପିଇବାର ଲାଭ। ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଯଶ ଦୟାଲଙ୍କ ନାମରେ ଆଉ ଜଣେ ଯୁବତୀ ଆଣିଲେ ଦୁଷ୍କର୍ମ ଅଭିଯୋଗ

ନୂଆଦିଲ୍ଲୀ: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଷ୍ଟ ବୋଲର କ୍ରିକେଟର ଯଶ ଦୟାଲଙ୍କ ବିରୋଧରେ ଆଉ ଜଣେ ଯୁବତୀ ଦୁଷ୍କର୍ମ ଅଭିଯୋଗ କରିଛି । ଗାଜିଆବାଦ ପରେ, ଜୟପୁରରେ ମଧ୍ୟ ଯଶ ଦୟାଲଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଛି। ଯୁବତୀ ଜଣକ କ୍ରିକେଟରଙ୍କ ନାମରେ କ୍ୟାରିୟରର ପ୍ରଲୋଭନ ଦେଖାଇ ଦୁଇ ବର୍ଷ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ କରିଛି।

ଯୁବତୀଙ୍କ ଅଭିଯୋଗ ପରେ, ଜୟପୁରରେ ଆଇପିଏଲ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଷ୍ଟ ବୋଲର ଯଶ ଦୟାଲଙ୍କ ବିରୋଧରେ ଦୁଷ୍କର୍ମ ଏବଂ ପକ୍ସୋ ଆଇନ ଅନୁଯାୟୀ ଏକ ଏଫଆଇଆର ରୁଜୁ ହୋଇଛି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ ଯଶ ଦୟାଲ ତାଙ୍କୁ କ୍ରିକେଟରେ କ୍ୟାରିୟରର ପ୍ରଲୋଭନ ଦେଖାଇ ଏବଂ ଭାବପ୍ରବଣ ବ୍ଲାକମେଲ୍ କରି ଦୁଇ ବର୍ଷ ଧରି ଦୁଷ୍କର୍ମ କରିଥିଲେ। ପୀଡିତା ଜୟପୁରର ସାଙ୍ଗାନେର ସଦର ପୋଲିସ ଷ୍ଟେସନରେ ଯଶ ଦୟାଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

ଯୁବତୀଜଣକ ଅଭିଯୋଗ କରିଛନ୍ତି ଯେ ସେ ଦୁଇ ବର୍ଷ ପୂର୍ବେ ଜୟପୁରରେ ଯଶ ଦୟାଲଙ୍କୁ ଭେଟିଥିଲେ ଯେତେବେଳେ ସେ ନାବାଳିକା ଥିଲେ। ସେହି ସମୟରେ ଯଶ ଦୟାଲ ଏକ ଆଇପିଏଲ ମ୍ୟାଚ୍ ଖେଳିବାକୁ ଜୟପୁର ଆସିଥିଲେ। ଅଭିଯୋଗ ଅନୁଯାୟୀ, ଯଶ ଦୟାଲ ତାଙ୍କୁ କ୍ରିକେଟରେ କ୍ୟାରିୟର ବିଷୟରେ ଟିପ୍ ଦେବା ବାହାନାରେ ଏକ ହୋଟେଲକୁ ଡାକି ଦୁଷ୍କର୍ମ କରିଥିଲେ। ଝିଅଟି ଅଭିଯୋଗ କରିଛି ଯେ ଯଶ ଦୟାଲ ତାଙ୍କୁ କ୍ୟାରିୟର ଗଢ଼ିବା ବାହାନାରେ ଗତ ଦୁଇ ବର୍ଷ ଧରି ଯୌନ ଶୋଷଣ କରୁଥିଲେ।

ଏହି ମାମଲାରେ ଏସଏଚଓ ଅନିଲ ଜୟମନ କହିଛନ୍ତି ଯେ ଅଭିଯୋଗ ଅନୁଯାୟୀ, ଆଇପିଏଲ-୨୦୨୫ ମ୍ୟାଚ୍ ସମୟରେ ଜୟପୁର ଆସିଥିବା ଯଶ ଦୟାଲ ପୀଡିତାଙ୍କୁ ସୀତାପୁରାର ଏକ ହୋଟେଲକୁ ଡକାଇ ପୁଣି ଦୁଷ୍କର୍ମ କରିଥିଲେ। ଏସଏଚଓ ଅନିଲ ଜୟମନ କହିଛନ୍ତି ଯେ ଝିଅଟି ୧୭ ବର୍ଷୀୟ ନାବାଳିକା ଥିବା ସମୟରେ ପ୍ରଥମ ଥର ଦୁଷ୍କର୍ମ ହୋଇଥିଲା। ଏପରି ପରିସ୍ଥିତିରେ, ପୋଲିସ ପକ୍ସୋ ଆଇନ ଅନୁଯାୟୀ ଯଶ ଦୟାଲଙ୍କ ବିରୋଧରେ ଏଫଆଇଆର ମଧ୍ୟ ପଞ୍ଜିକୃତ କରିଛି। ପୂର୍ବରୁ ୟୁପିର ଗାଜିଆବାଦର ଜଣେ ଝିଅ ମଧ୍ୟ ବିବାହ ବାହାନାରେ ଯଶ ଦୟାଲଙ୍କ ଉପରେ ଦୁଷ୍କର୍ମ କରିବାର ଅଭିଯୋଗ ଆଣିଥିଲେ। ତଥାପି, ସେହି ମାମଲାରେ ଯଶଙ୍କୁ ଆଲ୍ଲାହାବାଦ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଥିଲା।

# ଭାରତୀୟ ବୋଲରଙ୍କୁ ନିର୍ଦ୍ଧୁମ ପିଟିଲେ ରୁଟ୍ : ସଚିନ୍ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବେ

ମାଞ୍ଚେଷ୍ଟର : ମାଞ୍ଚେଷ୍ଟର୍ ଟେଷ୍ଟ୍ ସହିତ ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାକୁ ନିଜ ନିୟନ୍ତ୍ରଣରେ ରଖିଛି ଇଂଲଣ୍ଡ। ଜୋ ରୁଟ୍ ଭାରତୀୟ ବୋଲରଙ୍କୁ ରଗଡ଼ିବା ସହିତ ଭାରତର ସମ୍ଭାବନାର ମୂଳ ଓପାଡ଼ି ଦେଇଛନ୍ତି। ଭାରତ ବିପକ୍ଷରେ ରେକର୍ଡ ଦ୍ୱାଦଶ ଶତକ ସହିତ ରୁଟ୍ (୧୫୦ ରନ୍) ଇଂଲଣ୍ଡକୁ ପ୍ରଥମ ପାଳିରେ ବିଶାଳ ଅଗ୍ରଣୀ ଦେଇଛନ୍ତି। ଭାରତର ୩୫୮ ରନ୍ ଜବାବରେ ଘରୋଇ ଦଳ ତୃତୀୟ ଦିନ ଷ୍ଟମ୍ପ ସୁଦ୍ଧା ୭ ୱିକେଟ୍‌ରେ ୫୪୪ ରନ୍ ସଂଗ୍ରହ କରି ୧୮୬ ରନ୍‌ର ନିର୍ଣ୍ଣାୟକ ଅଗ୍ରଣୀ ନେଇଛି। ରିଟାୟାର୍ଡ ହର୍ଟରୁ ଫେରି ବେନ୍ ଷ୍ଟୋକ୍ସ ୭୭* ରନ୍‌ରେ ଅପରାଜିତ ରହିଛନ୍ତି।

ଶୁକ୍ରବାର ଇଂଲଣ୍ଡ ତୃତୀୟ ଦିନର ଖେଳକୁ ୨୨୫/ ୨ରୁ ଆରମ୍ଭ କରିଥିଲା। ଭାରତୀୟ ବୋଲରମାନେ ମଧ୍ୟାହ୍ନ ଭୋଜନ ପୂର୍ବରୁ ଗୋଟିଏ ବି ୱିକେଟ୍ ଦଖଲରେ ସକ୍ଷମ ହୋଇ ନଥିଲେ। ରନ୍ ଆଉଟ୍ ସୁଯୋଗ ଛାଡ଼ିବା ଏବଂ କ୍ୟାଚ୍ ହାତଛଡ଼ା କରିବା ଭଳି କିଛି ଦୁର୍ଭାଗ୍ୟ ବି ଭାରତ ସାଥିରେ ରହିଥିଲା। ଓଲି ପୋପ୍ (୭୧) ଏବଂ ରୁଟ୍ ତୃତୀୟ ୱିକେଟ୍ ପାଇଁ ୧୪୪ ରନ୍ ଯୋଡ଼ିଥିଲେ। ଭୋଜନ ବିରତି ପରେ ଭାରତ ଦ୍ୱିତୀୟ ନୂଆ ବଲ୍ ନେବା ସତ୍ତ୍ୱେ କୌଣସି ଦ୍ରୁତ ବୋଲର ପ୍ରଭାବୀ ରହି ନଥିଲେ। ବୁମ୍ରା ଓ ସିରାଜ ପ୍ରଥମରୁ ୱିକେଟ୍ ନପାଇବା ଇଂଲଣ୍ଡକୁ ଆଧିପତ୍ୟ ବିସ୍ତାର ସୁଯୋଗ ଦେଇଥିଲା। ଚା'ପାନ ବିରତି ପୂର୍ବରୁ ଓ ପରେ ଭାରତୀୟ ବୋଲର ଅବଶ୍ୟ ୨ ଲେଖାଏଁ ୱିକେଟ୍ ଅକ୍ତିଆର କରି ଟିକିଏ ସାନ୍ତ୍ୱନା ଆଣିଥିଲେ। କିନ୍ତୁ ଇଂଲଣ୍ଡ ଅଗ୍ରଣୀ ସେତେବେଳକୁ ୧୫୦ ଅତିକ୍ରମ କରିସାରିଥିଲା। ଇଂଲଣ୍ଡର ପ୍ରଥମ ୩ ଜଣ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ରୁଟ୍‌ଙ୍କ ରୁଟ୍ ଅତି ଗଭୀରକୁ ଚାଲିଯାଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ରିଟାୟର୍ଡ ହର୍ଟ ହେବା ପୂର୍ବରୁ ରୁଟ୍‌ଙ୍କ ସହ ଆଉ ଏକ ଶତକୀୟ (୧୪୨) ଭାଗୀଦାରି କରିଥିଲେ। ଶେଷରେ ରୁଟ୍‌ଙ୍କୁ ବଦଳ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ଗ୍ଲୋଭ୍‌ସରେ ଧରାଇ ସାର ଜାଡ଼େଜା କିଛିଟା ଆଙ୍କୁଶ ଲଗାଇଥିଲେ। ଜାମି ସ୍ମିଥ୍‌ଙ୍କୁ ନିଜ ଏକମାତ୍ର ଶିକାର କରିଥିଲେ ବୁମ୍ରା।



ସଂକ୍ଷିପ୍ତ ସ୍କୋର: ଭାରତ ପ୍ରଥମ ପାଳି: ୩୫୮ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ଋଷଭ ପନ୍ତ-୫୪, ବେନ୍ ଷ୍ଟୋକ୍ସ-୫/୭୨, ଜୋଫ୍ରା ଆର୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ପାଳି: ୧୩୫ ଓଭରରେ ୫୪୪/୭ (ଜୋ ରୁଟ୍-୧୫୦, ବେନ୍ ଡକେଟ୍-୯୪, ଜ୍ୟାକ୍ କ୍ରଲି-୮୪, ବେନ୍ ଷ୍ଟୋକ୍ସ-୭୭*, ଓଲି ? ପୋପ୍-୭୧, ଲିଆମ୍ ଡ'ସନ-୨୧*, ୱାସିଂଟନ୍ ସୁନ୍ଦର-୨/୫୭, ରବୀନ୍ଦ୍ର ଜାଡ଼େଜା-୨/୧୧୭, ଅଂଶୁଲ କମ୍ବୋଜ-୧/୮୯, ଯଶପ୍ରୀତ୍ ବୁମ୍ରା-୧/୯୫, ମହମ୍ମଦ ସିରାଜ-୧/୧୧୩)।

ସଚିନଙ୍କ ପଛରେ ପହଞ୍ଚିଲେ: ଯୋସେଫ୍ ଏଡୱାର୍ଡ ରୁଟ୍ ଅର୍ଥାତ୍ ଜୋ ରୁଟ୍ ଏବେ ଅଗ୍ରଣୀ ଟେଷ୍ଟ୍ ରନ୍ ସଂଗ୍ରହକାରୀ ତାଲିକାରେ ମାଷ୍ଟର୍ ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ତଳେ ପହଞ୍ଚି ଯାଇଛନ୍ତି। ସଚିନ ତାଙ୍କ ୨୦୦ ଟେଷ୍ଟ୍ ଜୀବନରେ ୧୫,୯୨୧ ରନ୍ ସହ ଶୀର୍ଷରେ ରହିଥିବାବେଳେ ରୁଟ୍ ମାଞ୍ଚେଷ୍ଟର୍ ଟେଷ୍ଟ୍‌ରେ ଶତକୀୟ ପାଳି ସହ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ରୁଟ୍ ୧୫୭* ଟେଷ୍ଟ୍‌ରୁ ୧୩, ୪୦୯* ରନ୍ ସଂଗ୍ରହ କରିସାରିଛନ୍ତି। ରୁଟ୍ ଶୁକ୍ରବାର ତାଙ୍କ ପାଳି ଅବସରରେ ୩ ମହାନ ବ୍ୟାଟର ରାହୁଲ ଦ୍ରାବିଡ଼ (୧୬୪ ଟେଷ୍ଟ୍, ୧୩,୨୮୮ ରନ୍), ଜ୍ୟାକ୍ କାଲିସ୍ (୧୬୬ ଟେଷ୍ଟ୍, ୧୩,୨୮୯ ରନ୍) ଏବଂ ରିକି ପଣ୍ଟିଂ (୧୬୮ ଟେଷ୍ଟ୍, ୧୩,୩୭୮ ରନ୍)ଙ୍କୁ ପଛରେ ପକାଇଛନ୍ତି। ପ୍ରଥମ ପଦାର୍ପଣ କରିଥିବା ଅଂଶୁଲ କମ୍ବୋଜଙ୍କୁ ଚୌକା ମାରି ଶତକ ପୂର୍ଣ୍ଣ କରିଥିଲେ। ଯାହାକି ରୁଟ୍‌ଙ୍କ ଟେଷ୍ଟ୍ ଜୀବନର ୩୮ତମ ଏବଂ ଭାରତ ବିପକ୍ଷରେ ୧୨ତମ ଶତକ ହୋଇଥିଲା। ଭାରତ ବିପକ୍ଷରେ ଏତେ ଶତକ ବି ଅନ୍ୟ କୌଣସି ବ୍ୟାଟର୍ ହାସଲ କରିନାହାନ୍ତି। ସେ ଷ୍ଟିଭେନ୍ ସ୍ମିଥ୍ (୧୧)ଙ୍କୁ ପଛରେ ପକାଇ ଏହି ରେକର୍ଡ କରିଛନ୍ତି। ସର୍ବାଧିକ ଟେଷ୍ଟ୍ ଶତକ ତାଲିକାରେ ରୁଟ୍ ମଧ୍ୟ ଶୁକ୍ରବାର ଚତୁର୍ଥ ସ୍ଥାନକୁ ଉଠି କୁମାର ସାଙ୍ଗାକାରାଙ୍କ ସହ ଯୁଗ୍ମ ଭାବେ ରହିଛନ୍ତି। ଉଭୟ ୩୮ ଶତକ ମାରିଥିବା ବେଳେ ତାଙ୍କଠାରୁ ଆଗରେ ରହିଛନ୍ତି ସଚିନ ତେନ୍ଦୁଲକର (୫୧), ଜ୍ୟାକ୍ କାଲିସ୍ (୪୫) ଓ ରିକି ପଣ୍ଟିଂ (୪୧)। କେବଳ ଇଂଲଣ୍ଡରେ ରୁଟ୍ ୨୩ ଶତକ ହାସଲ କରି ଘରୋଇ ମାଟିରେ ଯୁଗ୍ମ ସର୍ବାଧିକ ଭାବେ ରିକି ପଣ୍ଟିଂ, ଜ୍ୟାକ୍ କାଲିସ ଓ ମା'ହେଲା ଜୟବର୍ଦ୍ଧନେଙ୍କ ସହ ମିଳିତ ଶୀର୍ଷରେ ରହିଛନ୍ତି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583